# ସକାଳ
THE SAKALA

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-98 ♦THURSDAY ♦01 OCTOBER 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୪ ♦ସଂଖ୍ୟା-୯୮ ♦ଗୁରୁବାର ♦୦୧ ଅକ୍ଟୋବର ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




ବିସ୍ଫୋରକ ଗିଲ୍
୨୦୦/୧୧୭

▶ପୃଷ୍ଠା ୧୨ ଦେଖନ୍ତୁ...

## 'ଭୋଟ୍ ଚୋରି' ବିରୋଧରେ ଇଣ୍ଡିଆ ମେଣ୍ଟର ରଣନୀତି

# ଜ୍ଞାନେଶ ହଟାଅ, ବାଲଟ ଫେରାଅ

### ଅକ୍ଟୋବର ୨ରୁ ମିଳିତ ଆନ୍ଦୋଳନ

### ୬ରେ ନିର୍ବାଚନ କମିସନ ଅଫିସକୁ ବିରୋଧୀ ସାଂସଦଙ୍କ ପଦଯାତ୍ରା





■ ନୂଆଦିଲ୍ଲୀ, ୩୦।୯ (ଏଜେନ୍ସି): ଏସଆଇଆରକୁ ନେଇ ବିବାଦରେ ଥିବା ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ହଟାଇବା ଲାଗି ରଣନୀତି ପ୍ରସ୍ତୁତ କରିଛି ଇଣ୍ଡିଆ ମେଣ୍ଟ। ଆସନ୍ତା ଅକଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀରୁ ୬ ତାରିଖ ଯାଏଁ ଦେଶବ୍ୟାପୀ ମିଳିତ ଆନ୍ଦୋଳନ କରିବାକୁ ମେଣ୍ଟ ଘୋଷଣା କରିଛି। ଯୁବ ଗୋଷ୍ଠୀକୁ ନେଇ ଗଣତନ୍ତ୍ର ବଞ୍ଚାଅ ରାଲିର ଆୟୋଜନ କରାଯିବ। ନିର୍ବାଚନରେ ଇଭିଏମ୍ ବଦଳରେ ବାଲଟ ପେପର ବ୍ୟବହାର କରିବା ଉପରେ ନେତାମାନେ ଗୁରୁତ୍ୱ ଆରୋପ କରିଛନ୍ତି।

ବୁଧବାର ଇଣ୍ଡିଆ ମେଣ୍ଟ ନେତାମାନଙ୍କର ସାଢ଼େ ତିନି ଘଣ୍ଟା ଧରି ବୈଠକ ହୋଇଥିଲା। ବୈଠକ ପରେ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ କହିଲେ ଯେ ଆସନ୍ତା ୨ ତାରିଖରୁ ୮ ତରିଖ ପର୍ଯ୍ୟନ୍ତ ଦେଶବ୍ୟାପୀ ଆନ୍ଦୋଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ସମୟ ମଧ୍ୟରେ ସମସ୍ତ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ କରାଯିବ ଏବଂ ଗଣତନ୍ତ୍ର ବଞ୍ଚା ରାଲି ବାହାର କରାଯିବ। ଏହି ଆନ୍ଦୋଳନ କାର୍ଯ୍ୟକ୍ରମରେ ଯୁବ ଗୋଷ୍ଠୀ ଏବଂ ଏନଜିଓଙ୍କୁ ସାମିଲ କରାଯିବ। ଅକ୍ଟୋବର ୬ ତାରିଖରେ ସମସ୍ତ ବିରୋଧୀ ଦଳ ସାଂସଦ ନିର୍ବାଚନ କମିସନ ଅଫିସ ଆଗରେ ବିକ୍ଷୋଭ କରିବେ। ସେ ଆହୁରି କହିଲେ ଯେ ଅକ୍ଟୋବର ଦ୍ୱିତୀୟ ସପ୍ତାହରେ ରାଷ୍ଟ୍ରପତିଙ୍କୁ ଭେଟି ଭୋଟ ଚୋରି ସରକାର ବିରୋଧରେ ▶ପୃଷ୍ଠା-୭

# ତୁଟିବ କି ମହାନଦୀ କଳି ?

## ଆଜି ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ବୈଠକ

■ ଭୁବନେଶ୍ୱର, ୩୦।୯ (ସମିସ): ମହାନଦୀ ଜଳ ବିବାଦ ମାମଲାରେ ଗୁରବାର କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଗୁରୁତ୍ୱପୂର୍ଣ୍ଣ ବୈଠକ କରିବାକୁ ଯାଉଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ, କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି. ଆର୍ ପାଟିଲ, ସିଡବ୍ଲ୍ୟୁସି ତଥା ଉଭୟ ରାଜ୍ୟ ପକ୍ଷରୁ ଗଠିତ ବୈଷୟିକ ଟିମର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିବେ। ରାଜ୍ୟ ସ୍ୱାର୍ଥ ଦୃଷ୍ଟିରୁ ଏହି ବୈଠକ ବେଶ ଗୁରୁତ୍ୱ ବହନ କରୁଛି। ବିଶେଷକରି ଦୁଇ ରାଜ୍ୟ ମଧ୍ୟରେ ଜଳ ବଣ୍ଟନର କୌଣସି ନିର୍ଦ୍ଦିଷ୍ଟ ଫର୍ମୁଲା ଉପରେ ସହମତି ହେବ କି ନାହିଁ, ତାହା ଉପରେ ନଜର ରହିବ।



**ଆସିବ କି ଜଳ ବଣ୍ଟନ ଉପରେ ନିର୍ଦ୍ଦିଷ୍ଟ ଫର୍ମୁଲା**

**ଜଳ ବିଶେଷଜ୍ଞଙ୍କ ଚେତାବନୀ, ଓଡ଼ିଶାର ସ୍ୱାର୍ଥ ପ୍ରଭାବିତ ହେଲେ ସରକାରଙ୍କୁ ଜନତାଙ୍କ କାଠଗଡ଼ାକୁ ଟାଣିବୁ**

ସୂଚନାଯୋଗ୍ୟ ଯେ ଛତିଶଗଡ଼କୁ ନେଇ ଓଡ଼ିଶା ସରକାର, ଜଳ ବିଶେଷଜ୍ଞଙ୍କର ମୁଖ୍ୟତଃ ତିନୋଟି ଅଭିଯୋଗ ରହିଆସିଛି। ଅଣମୌସୁମୀ ସମୟରେ ଓଡ଼ିଶାକୁ ଦାବି ଅନୁଯାୟୀ ଛତିଶଗଡ଼ ଉପରମୁଣ୍ଡରୁ ଜଳ ଛାଡ଼ିନଥାଏ। ସେହିପରି ମୌସୁମୀ ସମୟରେ ବିନା ଆଗୁଆ ତଥ୍ୟରେ ଛତିଶଗଡ଼ ହଠାତ୍ ପାଣି ଛାଡୁଥିବା ବେଳେ ଏହା ରାଜ୍ୟରେ ବନ୍ୟା ସ୍ଥିତି ସୃଷ୍ଟି କରିଥାଏ। ତୃତୀୟ ତଥା ସବୁଠାରୁ ବଡ଼ ଉଦବେଗ ଉପରମୁଣ୍ଡରେ ଛତିଶଗଡ଼ର ବେଆଇନ ନିର୍ମାଣ ଅଟେ। ନିକଟ କିଛି ବର୍ଷରେ ବିନା ସିଡବ୍ଲ୍ୟୁସିଙ୍କ ଅନୁମତିରେ ଛତିଶଗଡ଼ ମହାନଦୀର ▶ପୃଷ୍ଠା-୭

# ଏସ୍‌ସିବିରେ ମାନସିକ ରୋଗୀଙ୍କୁ ପିଟିପିଟି ମାରିଦେଲେ !

■ କଟକ, ୩୦।୯ (ସମିସ): ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲ (ଏସସିବି)ର ମାନସିକ ରୋଗ ଚିକିତ୍ସା ପ୍ରତିଷ୍ଠାନରେ ଜଣେ ରୋଗୀଙ୍କ ମୃତ୍ୟୁକୁ ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଦୁଇ ଦିନ ପୂର୍ବରୁ ଚିକିତ୍ସା ପାଇଁ ମାନସିକ ରୋଗ ବିଭାଗରେ ଭର୍ତ୍ତି ହୋଇଥିବା ରୋଗୀଙ୍କୁ କେତେକ ସୁରକ୍ଷା କର୍ମୀ ନିର୍ମମ ମାଡ଼ ମାରିଥିବା କାରଣରୁ ତାଙ୍କର ମୃତ୍ୟୁ ହୋଇଯାଇଥିବା ନେଇ ପରିବାର ଲୋକ ସଂଗୀନ ଅଭିଯୋଗ ଆଣିଛନ୍ତି। ମଙ୍ଗଳାବାଗ ଥାନାରେ ସମ୍ପୃକ୍ତ ମୃତକଙ୍କ ପରିବାର ପକ୍ଷରୁ ଭାଇ ବିନୋଦ ବିହାରୀ ଦାସ ଏଭଳି ଅଭିଯୋଗ ଆଣିବା ପରେ ରାଜ୍ୟର ସର୍ବବୃହତ୍ତ ରେଫରାଲ ହସପିଟାଲ ଭାବେ ପରିଚିତ ଏସସିବିରେ ରୋଗୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମୃତ ରୋଗୀ ଜଣକ ହେଉଛନ୍ତି ଯାଜପୁର କୁଆଖିଆ ଅଞ୍ଚଳର ଶ୍ରୀକାନ୍ତ ଦାସ। ମାନସିକ ସମସ୍ୟା ଯୋଗୁଁ ତାଙ୍କୁ ଦୁଇ ଦିନ ତଳେ ଏସସିବିର ମାନସିକ ରୋଗ ବିଭାଗରେ ଭର୍ତ୍ତି କରାଯାଇଥିଲା। ଶ୍ରୀକାନ୍ତ ଗତକାଲି ରାତିରେ ଜୋରରେ ପାଟି ▶ପୃଷ୍ଠା-୭



**ମୃତକଙ୍କ ପରିବାର ପକ୍ଷରୁ ସଙ୍ଗୀନ ଅଭିଯୋଗ**

# ଚଳିତ ବର୍ଷ ୧ କୋଟି ଟନ୍ କମିବ ଚାଉଳ ଉତ୍ପାଦନ

■ ଭୁବନେଶ୍ୱର, ୩୦।୯ (ସମିସ): ଗତ ୧୭ ବର୍ଷରେ ପ୍ରଥମଥର ପାଇଁ ଦେଶରେ ଚାଉଳ ଉତ୍ପାଦନକୁ ଲାଗିଛି ବଡ଼ ଧକ୍କା। ୨୦୦୯ ମସିହା ପରେ ପ୍ରଥମଥର ପାଇ ଦେଶର ଚାଉଳ ଉତ୍ପାଦନ ଗୁରୁତର ପ୍ରଭାବିତ ହୋଇଛି। ଗତବର୍ଷ ଦେଶରେ ୧୫.୪ କୋଟି ଟନ୍ ଚାଉଳ ଉତ୍ପାଦନ ହୋଇଥିବାବେଳେ ଚଳିତ ବର୍ଷ ଏହା ୨ କୋଟି ଟନ୍ ହ୍ରାସ ପାଇ ୧୪.୪ କୋଟି ଟନ୍‌ରେ ପହଞ୍ଚିବ ବୋଲି ଆକଳନ କରାଯାଇଛି । ଚାଉଳ ଉତ୍ପାଦନ ହ୍ରାସ ଆଶଙ୍କାରେ ବ୍ୟବସାୟୀମାନେ ଏବେଠାରୁ ଚାଉଳର ମୂଲ୍ୟ ବୃଦ୍ଧି କରିଛନ୍ତି। ଭାରତୀୟମାନେ ସର୍ବାଧିକ ବ୍ୟବହାର କରୁଥିବା ସୋନା ମସୁରୀ, ସ୍ୱର୍ଣ୍ଣ ଓ ବାସୁମତୀ ଚାଉଳର ମୂଲ୍ୟ ୧୦%ରୁ ୩୦% ଯାଏ ବୃଦ୍ଧି ପାଇଛି। ୨୦୦୯ରେ ଖରାପ ପାଣିପାଗ ଓ ପ୍ରକୃତିର କୋପ ଯୋଗୁଁ ଚାଉଳ ଉତ୍ପାଦନ ପ୍ରାୟ୧୦% ହ୍ରାସ ପାଇଥିଲା; ଫଳରେ ଚାଉଳ ମୂଲ୍ୟ ୨୦% ପର୍ଯ୍ୟନ୍ତ ବୃଦ୍ଧି ପାଇଥିଲା।

କୃଷି ମନ୍ତ୍ରଣାଳୟର ତଥ୍ୟ ଅନୁସାରେ ଚଳିତବର୍ଷ ସେପ୍ଟେମ୍ବର ୨୫ ସୁଦ୍ଧା ୪.୩୧ କୋଟି ହେକ୍ଟର ଜମିରେ ଖରିଫ ଚାଷ ହୋଇଛି। ଗତବର୍ଷ ୪.୪୭ କୋଟି ହେକ୍ଟର ଜମିରେ ଧାନ ଚାଷ ▶ପୃଷ୍ଠା-୭



**୧୦ ପ୍ରତିଶତ ଯାଏ ବଢ଼ିଲା ସ୍ୱର୍ଣ୍ଣ ଚାଉଳ ମୂଲ୍ୟ**

**ସୋନା ମସୁରୀ ୨୫%, ବାସୁମତି ୩୦% ବୃଦ୍ଧି**

**ଇଥାନଲ ପାଇଁ ବ୍ୟବହାର ହୋଇଛି ୭୨ ଲକ୍ଷ ଟନ୍**


KALINGA INSTITUTE OF INDUSTRIAL TECHNOLOGY
KIIT Deemed to be University
(Established U/S 3 of UGC Act 1956), Bhubaneswar, Odisha, India
Organisation in Special Consultative Status with the United Nations Economic & Social Council (UN-ECOSOC)

PURPOSE TO PEARL 1997 - 2027

World University Rankings 2027

4th Best

Among All Universities in India

1st in Eastern India

501+ Cohort Globally





Every year, Times Higher Education (THE) publishes its World University Rankings. This year, THE has released the World University Rankings 2027. KIIT has emerged as one of the **best** and **most promising universities** in **India and across the globe**. KIIT ranks **4th** among both goverment and private universities in India and is placed in the **501–550 global cohort**. It has also maintained its **1st position** in **Eastern India** despite increased institutional participation worldwide.

- **Best Campus** — Outstanding infrastructure & world-class facilities
- **Best Placement** — Excellent Opportunities & Career Outcomes
- **Best Environment & Ambience** — Supportive learning environment with a vibrant campus atmosphere
- **Student Friendly Campus** — Student-centric approach with comprehensive support services
- **Parent-Friendly Institution** — Transparent communication & parent engagement
- **Modern Student Library** — 24×7 Study Space for Focused Learning

KIIT is an institute of 29 years (1997–2026) and a Deemed to be University of only 22 years (2004–2026)

KIIT-DU, Patia, Bhubaneswar, Odisha, India 751024 | kiit@kiit.ac.in | www.kiit.ac.in | KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.





ସକାଳ THE SAKALA
www.sakalaepaper.com


## ବିଶେଷ ଟିପ୍ପଣୀ



ଯଦି ପୂର୍ବତନ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପରି ଜଣେ ପ୍ରଭାବଶାଳୀ ବିଜେପି ନେତାଙ୍କୁ ଅଯୋଗ୍ୟ ବୋଲି ବିବେଚନା କରାଯାଇପାରିବ, ତେବେ ଜ୍ଞାନେଶ କୁମାରଙ୍କ ପରି ଜଣେ ଅବସରପ୍ରାପ୍ତ ଅମଲାଙ୍କୁ ଆହୁରି ସହଜରେ ବାଦ୍ ଦିଆଯାଇ ପାରିବ।

*- ଶଶି ଥରୁର୍*



ଜ୍ଞାନେଶଙ୍କ ଦୁଇ ସହଯୋଗୀ ୧୦ ମାସରେ ୧୪ ଥର ତାଙ୍କର ବିରୋଧ କରିଛନ୍ତି। ତେଣୁ, ତାଙ୍କୁ ପଦବୀରୁ ହଟାଇବା ଉଚିତ। ତାଙ୍କ ଭିତରେ ଟିକେ ବି ନୈତିକ ଲଜ୍ଜା ଥିଲେ ସେ ନିଜେ ଇସ୍ତଫା ଦେବା ଉଚିତ୍।

*- ମଲ୍ଲିକାର୍ଜୁନ ଖଡ୍‌ଗେ*




ବଞ୍ଚିବୁନି ଆମେ ଡରରେ,
ପୁରୁଷଙ୍କୁ ରଖ ଘର ଭିତରେ।

ପ୍ରିୟାଂଶୀ ମିଶ୍ର @Priyanshi4567

# ଦୁବାଇ-ଇସ୍ରାଏଲ ବିମାନ ଅପହରଣ ଉଦ୍ୟମ!









ଭାରତୀୟ ପାଇଲଟ ସ୍ମିତ୍ ମଚହାର

- କକ୍‌ପିଟ୍‌ରେ ପାଇଲଟଙ୍କୁ କୋ-ପାଇଲଟଙ୍କ ଛୁରାମାଡ଼
- ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି
- ଅପହରଣ ଉଦ୍ୟମ ବ୍ୟର୍ଥ କଲେ ଭାରତୀୟ ପାଇଲଟ
- ଦୁର୍ଘଟଣାରୁ ବର୍ତ୍ତିଲା ବିମାନ, ସାଉଦିରେ ଅବତରଣ

ଦୁବାଇ/ତେଲ୍ ଆଭିଭ, ୩୦।୯ (ଏଜେନ୍ସି): ଦୁବାଇରୁ ଇସ୍ରାଏଲ ଯାଉଥିବା ଫ୍ଲାଏ ଦୁବାଇ ବିମାନରେ ଆଜି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ମଝି ଆକାଶରେ ବିମାନ କକ୍‌ପିଟରେ ଦୁଇ ପାଇଲଟଙ୍କ ମଧ୍ୟରେ ମାରପିଟ୍ ହୋଇଛି। କୋପାଇଲଟଙ୍କ ଛୁରାମାଡ଼ରେ ପାଇଲଟ୍ ଆହତ ହୋଇଛନ୍ତି। କୁହାଯାଉଛି ଯେ କୋପାଇଲଟ୍ ବିମାନ ଅପହରଣ ପାଇଁ ଉଦ୍ୟମ କରୁଥିବା ବେଳେ ପାଇଲଟ୍ ଏହାକୁ ବିରୋଧ କରିବାରୁ ସେମାନଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା। ଏହି ସମୟରେ ବିମାନଟି ୧୭ ହଜାର ଫୁଟ୍ ତଳକୁ ଖସିଯାଇଥିଲା। ବିମାନରେ ଥିବା ଅନ୍ୟ ପାଇଲଟ୍ ଠିକ୍ ସମୟରେ ପରିସ୍ଥିତିକୁ ସମ୍ଭାଳିବା ଯୋଗୁଁ ବିମାନ ନିଶ୍ଚିତ ଦୁର୍ଘଟଣାରୁ ବର୍ତ୍ତିଯାଇଥିଲା। ପରେ ବିମାନକୁ ସାଉଦୀ ବିମାନବନ୍ଦରରେ ଜରୁରୀ ଅବତରଣ କରାଯାଇଥିଲା। ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି ଏବଂ ଦୁଇ ପାଇଲଟଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଯାଇଛି। ବିମାନ ସଂସ୍ଥା ପକ୍ଷରୁ ଏସଂପର୍କରେ ଅଧିକ ସୂଚନା ଦିଆଯାଇ ନାହିଁ। କିନ୍ତୁ ଇସ୍ରାଏଲ ଦାବି କରିଛି ଯେ ସୁଦାନ ନାଗରିକ ଥିବା କୋପାଇଲଟ ବିମାନ ଅପହରଣ କରି ଏହାକୁ ନ୍ୟୁୟର୍କ ଆକ୍ରମଣ ଭଳି ଇସ୍ରାଲଏଲରେ କୌଣସି ଟାୱାରରେ ଧକ୍କା ଦେବାକୁ ଯୋଜନା କରିଥିଲେ। ମାତ୍ର ଭାରତୀୟ ନାଗରିକ ଥିବା ପାଇଲଟ ଏହାକୁ ବ୍ୟର୍ଥ କରିଦେଇଛନ୍ତି ବୋଲି ଇସ୍ରାଏଲ ପ୍ରଧାନମନ୍ତ୍ରୀ କହିଛନ୍ତି। କିନ୍ତୁ ଏବେ ଠାରୁ ଏସଂପର୍କରେ କୌଣସି ଅନୁମାନ ନଲଗାଇବା ଲାଗି ବିମାନ ସଂସ୍ଥା ପକ୍ଷରୁ କୁହାଯାଇଛି।

ସ୍ଥାନୀୟ ସମୟ ମଧ୍ୟରାତିରେ ବିମାନ ଭିତରେ ଏଭଳି ଆତଙ୍କ ସୃଷ୍ଟି ହୋଇଥିଲା। କକପିଟ୍ ଭିତରୁ ମାରପିଟ୍ ଓ ଚିତ୍କାର ଶୁଣିଥିଲେ କେତେକ ଯାତ୍ରୀ। ଏହାପରେ କକପିଟ୍ ଖୋଲିଥିଲା ଏବଂ ଜଣେ ପାଇଲଟ୍ ରକ୍ତାକ୍ତ ଅବସ୍ଥାରେ ତଳେ ପଡ଼ିଥିବାର ଦେଖାଯାଇଥିଲା। ସିଟରେ ବସିଥିବା ଅନ୍ୟ ପାଇଲଟ ଜଣକ ମଧ୍ୟ ରକ୍ତାକ୍ତ ଅବସ୍ଥାରେ ଥିଲେ। କିଛି ଯାତ୍ରୀ ସେମାନଙ୍କୁ ଉଦ୍ଧାର କରିବା ସମୟରେ ସେମାନଙ୍କ ଦେହରେ ରକ୍ତ ଛିଟା ଲାଗିଥିଲା। ବିମାନରେ ୧୮୦ ଯାତ୍ରୀ ଥିଲେ।

ଏହାକୁ ନେଇ ଇସ୍ରାଏଲରେ ଆତଙ୍କ ସୃଷ୍ଟି ହୋଇଥିଲା। ସୁରକ୍ଷା ଦୃଷ୍ଟିରୁ ଇସ୍ରାଏଲର ଯୁଦ୍ଧବିମାନଗୁଡ଼ିକୁ ପ୍ରସ୍ତୁତ କରାଯାଇଥିଲା। ଇସ୍ରାଏଲ୍ ନିଜ ଆକାଶମାର୍ଗ ବନ୍ଦ କରିବା ସହ ଫାଇଟର ଜେଟ୍ ପଠାଇଥିଲା। ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏକ ଜରୁରୀକାଳୀନ ବୈଠକ ଡାକିଥିଲେ। ଗଣ୍ଡଗୋଳ ସମୟରେ ବିମାନଟି ୩୪, ୦୦୦ ଫୁଟ୍‌ରୁ ୧୭, ୪୦୦ ଫୁଟ୍ ତଳକୁ ଖସି ଆସିଥିଲା। ଯାତ୍ରୀ ଏବଂ କ୍ରିୟୁ ସଦସ୍ୟମାନେ କକପିଟ୍‌ରେ ପଶି ଆକ୍ରମଣକାରୀଙ୍କୁ କାବୁ କରିଥିଲେ। ବିମାନଟି ସାଉଦି ଆରବର ତାବୁକ୍ ବିମାନବନ୍ଦରେ ସୁରକ୍ଷିତ ଭାବେ ଅବତରଣ କରିଥିଲା।

ବିମାନରେ ଏଭଳି ମାରପିଟ୍ ଓ ଛୁରାମାଡ଼ କାହିଁକି ଘଟିଲା, ତାହାର ସଠିକ୍ କାରଣ ଜଣାପଡ଼ି ନାହିଁ। ଘଟଣାର ତଦନ୍ତ କରାଯାଉଛି ଏବଂ ତଦନ୍ତ ପରେ ପ୍ରକୃତ କାରଣ ଜଣାପଡ଼ିବ। ତେଣୁ ଏବେ ଠାରୁ କିଛି ଅନୁମାନ କରିବା ଠିକ୍ ହେବ ନାହିଁ ବୋଲି ଫ୍ଲାଏଦୁବାଇ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ଅନ୍ୟପକ୍ଷରେ ଇସ୍ରାଏଲ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ କୋପାଇଲଟ ବିମାନକୁ ନିଜ ନିୟନ୍ତ୍ରଣକୁ ନେଇ ଦୁର୍ଘଟଣା ଘଟାଇବାକୁ ଉଦ୍ୟମ କରିଥିଲେ। କିନ୍ତୁ ଏହାର ବିରୋଧ କରିଥିଲେ ଭାରତୀୟ ପାଇଲଟ ସ୍ମିତ୍ ମଚହାର। ଏହାକୁ ନେଇ ସେମାନଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା ଏବଂ ସ୍ମିତ୍‌ଙ୍କୁ ବାରମ୍ବାର ଛୁରାମାଡ଼ କରିଥିଲେ ସୁଦାନ ପାଇଲଟ। ସେ ରକ୍ତାକ୍ତ ଅବସ୍ଥାରେ ତଳେ ପଡ଼ିଯାଇଥିଲେ। ତେବେ ସ୍ମିତ୍‌ଙ୍କ ଯୋଗୁଁ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତିଗଲା ବିମାନ ବୋଲି କୁହାଯାଉଛି।

## ସୋମାଲିଆ ଜଳଦସ୍ୟୁ ଆକ୍ରମଣ ଭାରତୀୟ ନାବିକଙ୍କ ସହ ୫ ମୃତ

ମୋଗାଦିସୁ, ୩୦।୯ (ଏଜେନ୍ସି): ସୋମାଲିଆର ସୁରକ୍ଷା ବାହିନୀ ଅପହୃତ ତୈଳବାହୀ ଜାହାଜକୁ ଜଳଦସ୍ୟୁଙ୍କ କବଳରୁ ଉଦ୍ଧାର କରିଛି। ତେବେ ସେନା ଅଭିଯାନ ପୂର୍ବରୁ ଜଳଦସ୍ୟୁଙ୍କ ଆକ୍ରମଣରେ ଜଣେ ଭାରତୀୟ ନାବିକଙ୍କ ସମେତ ମୋଟ ୫ ଜଣ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ତିନି ଜଣ ପାକିସ୍ତାନୀ, ଜଣେ ଭାରତୀୟ ଓ ଜଣେ ମ୍ୟାଁମାର ନାଗରିକ ଅଛନ୍ତି। ଏହା ସହିତ ଅନ୍ୟ ଜଣେ ଭାରତୀୟ ଓ ତିନି ଜଣ ପାକିସ୍ତାନୀ ନାବିକ ଆହତ ହୋଇଛନ୍ତି। ଅଭିଯାନ ସମୟରେ ୧୬ ଜଣ ସନ୍ଦିଗ୍ଧ ଜଳଦସ୍ୟୁଙ୍କୁ ଗିରଫ କରାଯାଇଛି। ୧୮ ହଜାର ୫୦୦ ବ୍ୟାରେଲ ଜାଳେଣି ନେଇ ମୋଗାଦିସୁ ଯାଉଥିବା ଏହି ପାଲାଉ-ପତାକାଧାରୀ ଜାହାଜକୁ ଗତ ଏପ୍ରିଲ ୨୧ ରେ ଜଳଦସ୍ୟୁମାନେ ଅପହରଣ କରିନେଇଥିଲେ। ଏହି ଜାହାଜରେ ଭାରତ, ପାକିସ୍ତାନ, ଇଣ୍ଡୋନେସିଆ, ଶ୍ରୀଲଙ୍କା ଓ ମିଆଁମାରର ପ୍ରାୟ ୧୭ ଜଣ କର୍ମଚାରୀ ଥିଲେ।

## ଉମର ଖାଲିଦ, ଶର୍ଜିଲ ଇମାମଙ୍କ ଜାମିନ ଆବେଦନ ପୁଣି ଖାରଜ

ନୂଆଦିଲ୍ଲୀ, ୩୦।୯ (ଏଜେନ୍ସି): ୨୦୨୦ ଦିଲ୍ଲୀ ଦଙ୍ଗାର ଷଡ଼ଯନ୍ତ୍ର ମାମଲାରେ ଛାତ୍ର ନେତା ଉମର ଖାଲିଦ ଓ ଶର୍ଜିଲ ଇମାମଙ୍କ ତୃତୀୟ ଜାମିନ ଆବେଦନକୁ ଦିଲ୍ଲୀ ହାଇକୋର୍ଟ ବୁଧବାର ଖାରଜ କରିଦେଇଛନ୍ତି। ବିଚାରପତି ପ୍ରତିଭା ଏମ. ସିଂହ ଓ ବିଚାରପତି ଦିନେଶ ଭଟ୍ଟଙ୍କ ଖଣ୍ଡପୀଠ କହିଛନ୍ତି ଯେ ସେମାନେ ସୁପ୍ରିମକୋର୍ଟଙ୍କ ଜାନୁଆରୀ ୫ର ଆଦେଶକୁ ବଦଳାଇ ପାରିବେ ନାହିଁ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାନୁସାରେ, ସୁରକ୍ଷିତ ସାକ୍ଷୀଙ୍କ ବୟାନ ଗ୍ରହଣ ପ୍ରକ୍ରିୟା ଶେଷ ହେବା ପରେ କିମ୍ବା ଆଦେଶ ତାରିଖରୁ ଗୋଟିଏ ବର୍ଷ ପୂରଣ ହେବା ପରେ ନିମ୍ନ ଅଦାଲତରେ ଜାମିନ ଆବେଦନ କରାଯାଇପାରିବ। ସିଏଏ ଓ ଏନ୍‌ଆର୍‌ସି ବିରୋଧୀ ପ୍ରଦର୍ଶନ ସମୟରେ ଘଟିଥିବା ଏହି ହିଂସାରେ ୫୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୭୦୦ରୁ ଅଧିକ ଲୋକ ଆହତ ହୋଇଥିଲେ। ୨୦୨୦ରୁ ଇମାମ ଏବଂ ଖାଲିଦ ବିନା ବିଚାରେ ଜେଲରେ ରହିଛନ୍ତି।

## ବିହାର ଅଫିସର୍ ଦମ୍ପତିଙ୍କ ଘରୁ ୧ କୋଟି ନଗଦ ଟଙ୍କା ଜବତ

ପାଟନା, ୩୦।୯ (ଏଜେନ୍ସି): ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବିହାରର ଜଣେ ବରିଷ୍ଠ ଅଫିସର ଦମ୍ପତିଙ୍କ ଘରେ ଭିଜିଲାନ୍ସ ଚଢ଼ଉ କରି ବିପୁଳ ପରିମାଣର ଅଘୋଷିତ ସମ୍ପତ୍ତି ଜବତ କରିଛି। ପାଟନାର ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ (ସପ୍ଲାଇ) ରବୀନ୍ଦ୍ର କୁମାର ଦିବାକର ଏବଂ ତାଙ୍କ ପତ୍ନୀ ଦାନାପୁରର ଜିଲ୍ଲା ସବ୍-ରେଜିଷ୍ଟ୍ରାର କୁମାରୀ ସ୍ୱିଟିଙ୍କ ଘରେ ଚଢ଼ଉ ହୋଇଥିଲା। ଚଢ଼ାଉରେ ୧ କୋଟିରୁ ଅଧିକ ନଗଦ ଟଙ୍କା, ସୁନା-ରୂପା ଗହଣା, ୪୮ଟି ଦାମୀ ଘଣ୍ଟା ଏବଂ ଏକାଧିକ ଜମି ଓ ଫ୍ଲାଟ୍‌ର ଦଲିଲ୍ ଜବତ କରାଯାଇଛି। ପାଟନା ବାସଭବନରୁ ୭୦ ଲକ୍ଷ ଟଙ୍କା ନଗଦ ସହ ୬ ଲକ୍ଷ ଟଙ୍କା ମୂଲ୍ୟର ୪୮ଟି ଘଣ୍ଟା ମିଳିଥିବା ବେଳେ ବେଗୁସରାଇରୁ ୯ ଲକ୍ଷ ଟଙ୍କା ନଗଦ ଓ ଗହଣା ଜବତ ହୋଇଛି। ଏହାବ୍ୟତୀତ ପାଟନାରେ ୧.୦୭ କୋଟି ଟଙ୍କାର ଦୁଇଟି ଫ୍ଲାଟ୍ ଏବଂ ୧.୨୮ କୋଟି ଟଙ୍କାର ତିନୋଟି ଜମି ସମ୍ପର୍କିତ କାଗଜପତ୍ର ହସ୍ତଗତ ହୋଇଛି।

## ରାଜ୍ୟସଭା ନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି

ନୂଆଦିଲ୍ଲୀ, ୩୦।୯: ଉତ୍ତର ପ୍ରାଦେଶର ୧୦ଟି ଏବଂ ଉତ୍ତରାଖଣ୍ଡର ଗୋଟିଏ ରାଜ୍ୟସଭା ଆସନ ଲାଗି ଆସନ୍ତା ଅକଟୋବର ୧୬ ତାରିଖରେ ନିର୍ବାଚନ ହେବ। ଏଥିପାଇଁ ରାଷ୍ଟ୍ରପତିଙ୍କ ପକ୍ଷରୁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାସହିତ ନାମାଙ୍କନ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି। ପ୍ରାର୍ଥିପତ୍ର ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଦାଖଲ କରାଯାଇପାରିବ। ୭ ତାରିଖରେ ଯାଞ୍ଚ ହେବ ଏବଂ ୯ ତାରିଖକୁ ପ୍ରାର୍ଥିପତ୍ର ପତ୍ର ପ୍ରତ୍ୟାହାର ପାଇଁ ଶେଷ ଦିନ ଧାର୍ଯ୍ୟ କରାଯାଇଛି। ୧୬ ତାରିଖ ସକାଳ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ କରାଯିବ ଏବଂ ସନ୍ଧ୍ୟାରେ ଫଳାଫଳ ପ୍ରକାଶ ପାଇବ। ୧୯ ତାରିଖ ସୁଦ୍ଧା ସମଗ୍ର ନିର୍ବାଚନ ପ୍ରକ୍ରିୟା ସଂପନ୍ନ ହେବ ବୋଲି ବିଜ୍ଞପ୍ତିରେ କୁହାଯାଇଛି।

# ମାଡ଼ିଆସୁଛି ଖାଦ୍ୟ ସଙ୍କଟ



- ସତର୍କ କରାଇଲେ ଭାରତର ବୈଦେଶିକ ମନ୍ତ୍ରୀ
- ୫୦ ବର୍ଷରେ ୫ମ ଥର ଆହ୍ୱାନର ସମ୍ମୁଖୀନ ବିଶ୍ୱ

ନ୍ୟୁୟର୍କ, ୩୦।୯ (ଏଜେନ୍ସି): ଆଗାମୀ ମାସଗୁଡ଼ିକରେ ବିଶ୍ୱ ଏକ ଗମ୍ଭୀର ଖାଦ୍ୟ ସଙ୍କଟର ସମ୍ମୁଖୀନ ହୋଇପାରେ ବୋଲି ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ. ଜୟଶଙ୍କର ବିଶ୍ୱକୁ ସତର୍କ ସୂଚନା ଦେଇଛନ୍ତି। ନ୍ୟୁୟର୍କସ୍ଥିତ ଏସିଆ ସୋସାଇଟିରେ ବକ୍ତବ୍ୟ ରଖି ସେ କହିଛନ୍ତି ଯେ ୟୁକ୍ରେନ ଓ ଇରାନ ସଂଘର୍ଷ ଯୋଗୁଁ ଶସ୍ୟ ଯୋଗାଣ ବାଧାପ୍ରାପ୍ତ ହେବା ସହ ସାରର ପ୍ରବଳ ଅଭାବ ଦେଖାଦେଇଛି। ଏହା ସହିତ ସୁପର ଏଲ୍ ନିନୋର ସମ୍ଭାବ୍ୟ ପ୍ରଭାବ ବିଶ୍ୱ ଖାଦ୍ୟ ନିରାପତ୍ତା ପ୍ରତି ଆଶଙ୍କା ବୃଦ୍ଧି କରିଛି। ସମଗ୍ର ବିଶ୍ୱରେ ଫସଲ ହାନି, ମହାଯୁଦ୍ଧ, ଶକ୍ତି ସଙ୍କଟକୁ ଆନ୍ତର୍ଜାତୀୟ ଶକ୍ତି ସଂସ୍ଥା ଇତିହାସର ସବୁଠାରୁ ଭୟଙ୍କର ଶକ୍ତି ସଙ୍କଟ ଭାବେ ଘୋଷଣା କରିଛି। ଅନ୍ତର୍ଜାତୀୟ ବ୍ୟବସାୟ ଉପରେ ପ୍ରତିବନ୍ଧକ ଯୋଗୁଁ କଟକଣା ଯୋଗୁଁ ଚାଉଳ, ଗହମ ଓ ମକା ଦର ବୃଦ୍ଧି ପାଇଥିଲା। ଏହାଦ୍ୱାରା ୧୦୦ କୋଟିରୁ ଅଧିକ ଲୋକ ଅପପୁଷ୍ଟିର ଶିକାର ହୋଇଥିଲେ। ୨୦୧୦-୧୧ରେ ମଧ୍ୟ ମରୁଡ଼ି ଯୋଗୁଁ ରୁଷ ଗହମ ରପ୍ତାନି ବ୍ୟାନ କରିଥିଲା। ଏହାପରେ ଖାଦ୍ୟ ଓ କୃଷି ସଂଗଠନ (ଏଫଏଓ) ଖାଦ୍ୟ ମୂଲ୍ୟ ସୂଚକାଙ୍କ ୨୩୧ ପଏଣ୍ଟରେ ପହଞ୍ଚିଥିଲା।

ବିଗତ ଅର୍ଦ୍ଧ ଶତାବ୍ଦୀ ମଧ୍ୟରେ ବାରମ୍ବାର ମୂଲ୍ୟ ବୃଦ୍ଧି ଘଟିଛି। ଏହା ଲକ୍ଷ ଲକ୍ଷ ଲୋକଙ୍କୁ ଆର୍ଥିକ ଭାବେ ଅସମର୍ଥ କରିଦେଇଛି। ଏହି ଅବସରରେ ସେ ଗତ ୫୦ ବର୍ଷ ମଧ୍ୟରେ ବିଶ୍ୱ ପାଞ୍ଚଟି ବଡ଼ ଖାଦ୍ୟ ସଙ୍କଟର ସମ୍ମୁଖୀନ ହୋଇଥିବା ଦର୍ଶାଇଥିଲେ।

୧୯୭୨-୭୪ରେ ସୋଭିଏତ ୟୁନିଅନ, ଚୀନ, ଭାରତୀୟ ଉପମହାଦ୍ୱୀପ ଓ ଆଫ୍ରିକାର ସାହେଲ ଅଞ୍ଚଳରେ ଫସଲହାନି ଏବଂ ୧୯୭୩ର ତୈଳସଙ୍କଟ ଯୋଗୁଁ ବିଶ୍ୱରେ ଖାଦ୍ୟାଭାବ ଗୁରୁତର ହୋଇଥିଲା। ସେହିପରି ୨୦୦୭-୦୮ ରେ ମୂଲ୍ୟ ବୃଦ୍ଧି ହୋଇଥିଲା। ତୈଳ ଦର ବୃଦ୍ଧି, ବାୟୋଫ୍ୟୁଏଲ ଚାହିଦା ଓ ରପ୍ତାନି ୨୦୨୦ କୋଭିଡ଼ ସଙ୍କଟ ଯୋଗୁଁ ଲକଡାଉନ ହୋଇ ଲୋକେ ରୋଜଗାର ହରାଇଥିଲେ। ଏହାଫଳରେ ୧୫.୫ କୋଟିରୁ ଅଧିକ ଲୋକ ଖାଦ୍ୟ ଅଭାବର ସମ୍ମୁଖୀନ ହୋଇଥିଲେ। ଏବେ ୨୦୨୨ ୟୁକ୍ରେନ ଯୁଦ୍ଧ ଯୋଗୁଁ କୃଷ୍ଣ ସାଗର ଅଞ୍ଚଳରୁ ଶସ୍ୟ ଓ ସାର ଯୋଗାଣ ବାଧାପ୍ରାପ୍ତ ହୋଇଛି। ଏହାଦ୍ୱାରା ୨୫.୮ କୋଟି ଲୋକ ପ୍ରବଳ ଖାଦ୍ୟାଭାବର ଶିକାର ହୋଇଛନ୍ତି। ସମ୍ପ୍ରତି ବିଶ୍ୱ ସଂଘର୍ଷ, ଜଳବାୟୁ ପରିବର୍ତ୍ତନ ଓ ଯୋଗାଣ ଶୃଙ୍ଖଳା ବାଧାପ୍ରାପ୍ତ ହେବା ଯୋଗୁଁ ପୁଣି ଏକ ସଙ୍କଟର କଳାବାଦଲ ଦେଖାଦେଇଛି ବୋଲି ଜୟଶଙ୍କର କହିଥିଲେ।

## ନିର୍ବାଚନ ଆୟୋଗଙ୍କ ୟୁ-ଟର୍ଣ୍ଣ

## ଫର୍ମ-୬ରୁ ହଟିଲା ଅତିରିକ୍ତ ଘୋଷଣାନାମା

ନୂଆଦିଲ୍ଲୀ, ୩୦।୯ (ଏଜେନ୍ସି): ମୁଖ୍ୟ ନିର୍ବଚନ କମିସନ, ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଆଦିକୁ ନେଇ ଦେଶରେ ଭୀଷଣ ଅସନ୍ତୋଷ ପ୍ରକାଶ ପାଇଛି। ଏହାପରେ ନିର୍ବାଚନ କମିସନଙ୍କ ଆଭିମୁଖ୍ୟରେ କିଛିଟା ପରିବର୍ତ୍ତନ ଦେଖା ଦେଇଛି। ଏହି ପରିପ୍ରେକ୍ଷିରେ ଯେଉଁ ରାଜ୍ୟଗୁଡ଼ିକରେ ଏସ୍‌ଆଇଆର ପ୍ରକ୍ରିୟା ଶେଷ ହୋଇଛି, ସେଠାରେ ଭୋଟର ପଞ୍ଜୀକରଣ ପାଇଁ ଉଦ୍ଦିଷ୍ଟ ଅନଲାଇନ୍ ଫର୍ମ ୬ରୁ ଅତିରିକ୍ତ ଏସ୍‌ଆଇଆର୍ ଘୋଷଣାନାମାକୁ ଭାରତ ନିର୍ବାଚନ ଆୟୋଗ (ଇସିଆଇ) ପ୍ରତ୍ୟାହାର କରିନେଇଛନ୍ତି। ଏହିସବୁ ରାଜ୍ୟରେ ନୂତନ ଭୋଟର ଭାବେ ନାମ ପଞ୍ଜୀକରଣ ପାଇଁ ଆବେଦନକାରୀମାନଙ୍କୁ ଏବେ କେବଳ ନିର୍ଦ୍ଧାରିତ ମୂଳ ଫର୍ମ ୬ ପୂରଣ କରିବାକୁ ପଡ଼ିବ। ଗତ ସେପ୍ଟେମ୍ବର ୨୬ରେ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ଏବଂ ନିର୍ବାଚନ ଆୟୁକ୍ତ ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀଙ୍କ ମଧ୍ୟରେ ଅନୁଷ୍ଠିତ ବୈଠକ ପରେ ଆୟୋଗ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଆୟୋଗଙ୍କ ସ୍ପଷ୍ଟୀକରଣ ଅନୁଯାୟୀ, ଏହି ଅତିରିକ୍ତ ଘୋଷଣାନାମା କେବଳ ଏସ୍‌ଆଇଆର୍ ପ୍ରକ୍ରିୟା ପାଇଁ ହିଁ ଉଦ୍ଦିଷ୍ଟ ଥିଲା। ତେବେ ଯେଉଁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ଏବେ ବି ଏସ୍‌ଆଇଆର୍ ପ୍ରକ୍ରିୟା ଚାଲୁରହିଛି। ସେଠାରେ ନୂତନ ଆବେଦନକାରୀଙ୍କ ପାଇଁ ପୂର୍ବ ଭୋଟର ତାଲିକା ସହ ନିଜର କିମ୍ବା ପରିବାରର ସମ୍ପର୍କ ଦର୍ଶାଇବାର ଏହି ଘୋଷଣାନାମା ବଳବତ୍ତର ରହିବ। ଏହାପୂର୍ବରୁ ଫର୍ମ ୬ର ପରିବର୍ତ୍ତନକୁ ନେଇ ନିର୍ବାଚନ ଆୟୁକ୍ତ ସାନ୍ଧୁ ଓ ଯୋଶୀ ଆପତ୍ତି ଉଠାଇଥିଲେ ଏବଂ ସାନ୍ଧୁ ଏହାକୁ ବେଆଇନ ଦର୍ଶାଇ ହଟାଇବାକୁ ଦାବି କରିଥିଲେ। ତେବେ ଆୟୋଗ ସ୍ପଷ୍ଟ କରିଛନ୍ତି ଯେ ମୂଳ ଫର୍ମ ୬ରେ କୌଣସି ସଂଶୋଧନ କରାଯାଇନାହିଁ।

## ୟୁପି ପୁଲିସକୁ ଭର୍ତ୍ସନା



ନୂଆଦିଲ୍ଲୀ, ୩୦।୯ (ଏଜେନ୍ସି): ଉତ୍ତର ପ୍ରଦେଶ ପୁଲିସର କାର୍ଯ୍ୟାନୁଷ୍ଠାନ ଓ ତଦନ୍ତ ପ୍ରକ୍ରିୟାକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟ ଗଭୀର ଅସନ୍ତୋଷ ପ୍ରକାଶ କରି ଭର୍ତ୍ସନା କରିଛନ୍ତି। ଏକ ଏତଲାରେ ଅଭିଯୁକ୍ତଙ୍କ ନାମ ପ୍ରଥମେ ଫାଙ୍କା ରଖାଯାଇ ପରବର୍ତ୍ତୀ ସମୟରେ ଯୋଡ଼ାଯାଇଥିଲା। ଏହି ଅଭିଯୋଗକୁ ଭିତ୍ତିକରି କୋର୍ଟ ପୁଲିସର ନିରପେକ୍ଷତା ଉପରେ ପ୍ରଶ୍ନ ଉଠାଇଛନ୍ତି। ଏକ ମୋଟରସାଇକେଲ୍ ଦୁର୍ଘଟଣା ମାମଲାର ଶୁଣାଣି କରି ସୁପ୍ରିମ୍ କୋର୍ଟ କହିଛନ୍ତି ଯେ, ଏଭଳି କାର୍ଯ୍ୟଶୈଳୀ ଦ୍ୱାରା ପୁଲିସ ଉପରୁ ସାଧାରଣ ଜନତାଙ୍କ ଭରସା ତୁଟିଯିବ। ଆବେଦନକାରୀ ନିଜେ କୋର୍ଟରେ ହାଜର ହୋଇ ଅଭିଯୋଗ କରିଥିଲେ ଯେ, ଦୁର୍ଘଟଣା ଘଟାଇଥିବା ବାଇକ୍ ଚାଳକଙ୍କୁ ସେ ଘଟଣାସ୍ଥଳରୁ ଧରି ସ୍ଥାନୀୟ ପୁଲିସକୁ ହସ୍ତାନ୍ତର କରିଥିଲେ। ତଥାପି ପୁଲିସ ଅଜଣା ବ୍ୟକ୍ତିଙ୍କ ନାମରେ ଏଫ୍‌ଆଇଆର୍ ରୁଜୁ କରିଥିଲା। ଶୁଣାଣି ସମୟରେ କୋର୍ଟ କ୍ଷୋଭ ପ୍ରକାଶ କରି କରିଛନ୍ତି। ଘଟଣାସ୍ଥଳରୁ ଅଭିଯୁକ୍ତ ଧରାପଡ଼ିବା ସତ୍ତ୍ୱେ ଅଜଣା ବ୍ୟକ୍ତିଙ୍କ ନାମରେ ଏତଲା କାହିଁକି ହେଲା? ୟୁପି ପୁଲିସକୁ ଭଙ୍ଗ କରିଦେବା କିମ୍ବା ସମସ୍ତ ତଦନ୍ତ ଭାର ସିବିଆଇକୁ ଦେବା ଶ୍ରେୟସ୍କର ହେବ ବୋଲି କୋର୍ଟ କହିଛନ୍ତି। ଆବେଦନକାରୀଙ୍କ ଅଭିଯୋଗ ଅନୁଯାୟୀ, ଆହ୍ଲାବାଦ ହାଇକୋର୍ଟ ଷ୍ଟାଟସ୍ ରିପୋର୍ଟ ମାଗିବା ପରେ ପୁଲିସ ଏଫ୍‌ଆଇଆର୍‌ରେ ନାମ ଯୋଡ଼ିଥିଲା ଏବଂ ପରବର୍ତ୍ତୀ ସମୟରେ ଚାର୍ଜସିଟ୍‌ରୁ ଅଭିଯୁକ୍ତଙ୍କୁ ମୁକ୍ତ କରିଦେଇଥିଲା। ଏହାସହ ଜବତ ବାଇକ୍ ପ୍ରଥମେ ନମ୍ବର ପ୍ଲେଟ୍ ନଥିବା ବେଳେ ତଦନ୍ତ କାଗଜପତ୍ରରେ ପଞ୍ଜୀକରଣ ନମ୍ବର ଯୋଡ଼ାଯାଇଥିବା ଅଭିଯୋଗ ହୋଇଛି।

## ଘରୁ ବାହାରିବା କଷ୍ଟକର ହୋଇଛି: ମମତା



ନୂଆଦିଲ୍ଲୀ, ୩୦।୯ (ଏଜେନ୍ସି): ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବାନାର୍ଜୀ ବିଜେପି ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି। ରାଜ୍ୟରେ ନିର୍ବାଚନ ପରବର୍ତ୍ତୀ ରାଜନୈତିକ ହିଂସା ଓ ଉତ୍ତେଜନା ଏତେ ବୃଦ୍ଧି ପାଇଛି ଯେ ସେ ନିଜ ଘରୁ ବାହାରିବାକୁ ମଧ୍ୟ ଅସମର୍ଥ ବୋଲି ପ୍ରକାଶ କରିଛନ୍ତି। ଦିଲ୍ଲୀରେ ଅନୁଷ୍ଠିତ ଇଣ୍ଡିଆ ମେଣ୍ଟର ବୈଠକରେ ମମତା ଯୋଗ ଦେଇଥିଲେ। ସେଠାରେ ମମତା ଅଭିଯୋଗ କରିଛନ୍ତି ଯେ ବିଜେପି ରାଜ୍ୟରେ ଅରାଜକତା ଓ ସ୍ୱେଚ୍ଛାଚାରିତା ଚଳାଇଛି। ଟିଏମସି ନେତାମାନଙ୍କୁ କ୍ରମାଗତ ଭାବେ ଆକ୍ରମଣ ଓ ବିରୋଧ କରାଯାଉଛି। ନିକଟରେ ହୁଗୁଳିଠାରେ ଟିଏମସି ବିଧାୟକ କୁନାଲ ଘୋଷଙ୍କ ଗାଡ଼ି ଉପରକୁ ଅଣ୍ଡା ଓ ପଥର ମାଡ଼ କରାଯାଇଥିବା ଘଟଣା ସାମ୍ନାକୁ ଆସିଥିଲା। ଟିଏମ୍‌ସି ଏହାକୁ ବିଜେପିର ପ୍ରଯୋଜିତ ଷଡ଼ଯନ୍ତ୍ର ବୋଲି କହିଥିବା ବେଳେ ବିଜେପି ଏହାକୁ ଜନସାଧାରଣଙ୍କ ଆକ୍ରୋଶ ବୋଲି ଆଖ୍ୟା ଦେଇଛି। ଏହା ବ୍ୟତୀତ, ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟାକୁ ନେଇ ମମତା ବାନାର୍ଜୀ ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ଜ୍ଞାନେଶ କୁମାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ ଜ୍ଞାନେଶ କୁମାରଙ୍କୁ 'ଭ୍ୟାନିସ୍ କୁମାର' ବୋଲି କହି କଟାକ୍ଷ କରିଛନ୍ତି। ଏହାସହ ନିର୍ବାଚନ ଆୟୋଗ ଭୋଟରଙ୍କ ନାମ ତାଲିକାରୁ ହଟାଉଥିବା ଅଭିଯୋଗ କରିଛନ୍ତି। ଏସ୍‌ଆଇଆର୍ ପ୍ରକ୍ରିୟାରେ ବ୍ୟାପକ ତ୍ରୁଟି ଥିବା ଦର୍ଶାଇ ସେ ସିଇସିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏହି ବୈଠକରେ ଇଣ୍ଡିଆ ମେଣ୍ଟର ୨୦ରୁ ଅଧିକ ବିରୋଧୀ ଦଳ ଏକତ୍ରିତ ହୋଇ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟଶୈଳୀ ବିରୋଧରେ ରଣନୀତି ପ୍ରସ୍ତୁତ କରିଥିଲେ। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଭୋଟର ଅଧିକାର ସୁରକ୍ଷା, ନିର୍ବାଚନ ତାଲିକାରେ ସ୍ୱଚ୍ଛତା ଏବଂ ବାଲଟ ପେପର ଜରିଆରେ ନିର୍ବାଚନ କରାଇବା ପାଇଁ ଦାବି ରଖିଛନ୍ତି।

## ନାଟୋକୁ ରୁଷ୍‌ର ପରମାଣୁ ଧମକ



ମସ୍କୋ/ବ୍ରସେଲ, ୩୦।୯ (ଏଜେନ୍ସି): ରୁଷ୍-ୟୁକ୍ରେନ ଯୁଦ୍ଧ ୪ ବର୍ଷରୁ ଊର୍ଦ୍ଧ୍ୱ ହେବା ସତ୍ତ୍ୱେ ଥମିବାର ନା ନେଉ ନାହିଁ। ଯୁଦ୍ଧ ବନ୍ଦ ହେବା ପରିବର୍ତ୍ତେ ସମଗ୍ର ୟୁରୋପକୁ ବ୍ୟାପୀବାର ଆଶଙ୍କା ସୃଷ୍ଟି ହୋଇଛି। ଏହାରି ମଧ୍ୟରେ ରୁଷ୍‌ର ସାମରିକ ଭୂଖଣ୍ଡ କାଲିନିନ୍‌ଗ୍ରାଡ୍‌କୁ ବିଚ୍ଛିନ୍ନ କିମ୍ବା ଘେରିବାକୁ ଚେଷ୍ଟା କଲେ, ପରମାଣୁ ଅସ୍ତ୍ର ସମେତ ନିଜର ସମସ୍ତ ସାମରିକ କ୍ଷମତା ବ୍ୟବହାର କରାଯିବ ବୋଲି ରୁଷ୍ ନାଟୋ ମେଣ୍ଟକୁ ଚେତାବନୀ ଦେଇଛି। ପୋଲାଣ୍ଡ ଏବଂ ଲିଥୁଆନିଆ ମଧ୍ୟରେ ଅବସ୍ଥିତ ଅତ୍ୟନ୍ତ ସାମରିକ ଅଞ୍ଚଳ କାଲିନିନ୍‌ଗ୍ରାଡ୍ ଉପରେ କୌଣସି ଆକ୍ରମଣ ହେଲେ କଠୋର ଜବାବ ଦିଆଯିବ ବୋଲି ମସ୍କୋ ବାର୍ତ୍ତା ଦେଇଛି। ନାଟୋ ନିକଟକୁ ପଠାଯାଇଥିବା ଏକ କୂଟନୈତିକ ନଥିରେ ରୁଷ୍ ଅଭିଯୋଗ କରିଛି ଯେ, ପଶ୍ଚିମା ଦେଶର ମେଣ୍ଟର ସାମରିକ ଅଭ୍ୟାସ ଏବଂ କାର୍ଯ୍ୟକଳାପ ଯୁଦ୍ଧର ବିପଦକୁ ବୃଦ୍ଧି କରିଛି। ସଂଘର୍ଷ ଆରମ୍ଭ ହେବା ମାତ୍ରେ ନାଟୋ ସଦସ୍ୟ ଦେଶଗୁଡ଼ିକର ନିଷ୍ପତ୍ତି ଗ୍ରହଣ କେନ୍ଦ୍ରଗୁଡ଼ିକ ଉପରେ ସିଧାସଳଖ ଆକ୍ରମଣ କରାଯାଇପାରେ ବୋଲି ମଧ୍ୟ ଏଥିରେ ସାବଧାନ କରାଯାଇଛି। ତେବେ ନାଟୋ ସଦସ୍ୟ ଦେଶଗୁଡ଼ିକ ଉପରେ ପ୍ରଥମେ ଆକ୍ରମଣ କରିବ ନାହିଁ ବୋଲି ରୁଷ୍ ସ୍ପଷ୍ଟ କରିଛି। ଏହାର ଜବାବରେ ନାଟୋ ପ୍ରବକ୍ତା ଆଲିସନ୍ ହାର୍ଟ ପ୍ରକାଶ କରିଛନ୍ତି ଯେ, ନାଟୋ ଏକ ପ୍ରତିରକ୍ଷାମୂଳକ ସଂଗଠନ। ଏହାର କୌଣସି କାର୍ଯ୍ୟକଳାପ ରୁଷ୍ ପ୍ରତି ବିପଦ ସୃଷ୍ଟି କରେନାହିଁ। ରୁଷ୍‌ର ଏହି ଧମକକୁ ଦାୟିତ୍ୱହୀନ ପରମାଣୁ ମନୋଭାବ ବୋଲି କହି ନାଟୋ ନିନ୍ଦା କରିଛି। ଏହାସହ ୟୁକ୍ରେନରେ ଯୁଦ୍ଧ ବନ୍ଦ କରିବାକୁ ଆହ୍ୱାନ ଦେଇଛି। ଜଣେ ବରିଷ୍ଠ ୟୁରୋପୀୟ ପ୍ରତିରକ୍ଷା ଅଧିକାରୀ କହିଛନ୍ତି ଯେ, ଶୀତଳ ଯୁଦ୍ଧ ପରଠାରୁ ରୁଷ୍ ପକ୍ଷରୁ ଏପରି ପ୍ରତ୍ୟକ୍ଷ ଧମକ ପ୍ରଥମ ଥର ପାଇଁ ଦିଆଯାଇଛି। ଏହାକୁ ଅତ୍ୟନ୍ତ ଚିନ୍ତାର ବିଷୟ ବୋଲି ସେ କହିଛନ୍ତି। ସେପଟେ ଜଣେ ନାଟୋ କୂଟନୀତିଜ୍ଞ ଏହାକୁ ୟୁରୋପୀୟ ଦେଶଗୁଡ଼ିକୁ ଭୟଭୀତ କରିବା ଏବଂ ୟୁକ୍ରେନକୁ ସହାୟତାରୁ ଓହରିଯିବା ପାଇଁ ରୁଷ୍‌ର ଏକ ଚକ୍ରାନ୍ତ ବୋଲି କହିଛନ୍ତି।

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-98 ◆THURSDAY ◆01 OCTOBER 2026 ◆PAGE-12 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୯୮ ◆ଗୁରୁବାର ◆୦୧ ଅକ୍ଟୋବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ଏସୀୟ କ୍ରୀଡ଼ା: ତୀରନ୍ଦାଜୀରେ ହ୍ୟାଟ୍ରିକ୍ ସ୍ୱର୍ଣ୍ଣ




■ ଟୋକିଓ, ୩୦।୯ (ଏଜେନ୍ସି): ଜାପାନରେ ଚାଲିଥିବା ଏସିଆନ ଗେମ୍ସର ଦ୍ୱାଦଶ ଦିବସରେ ବୁଧବାର ଭାରତୀୟ ତୀରନ୍ଦାଜମାନେ ଉଲ୍ଲେଖନୀୟ ପ୍ରଦର୍ଶନ କରି ୩ଟି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ତିନୋଟିଯାକ ସ୍ୱର୍ଣ୍ଣ ଭାରତକୁ କମ୍ପାଉଣ୍ଡର ଦଳଗତ ଇଭେଣ୍ଟରୁ ମିଳିଥିଲା। କମ୍ପାଉଣ୍ଡ ବିଭାଗର ପୁରୁଷ ଓ ମହିଳା ଦଳ ସମେତ ମିକ୍ସଡ ଟିମ୍‌ରେ ସ୍ୱର୍ଣ୍ଣ ପଦକ ଜିତି ଭାରତର ତିନୋଟି ଯାକ ଦଳ ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସକୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛନ୍ତି। ଜ୍ୟୋତି ସୁରେଖା ଭେନ୍ନମ୍, ତନିପତ୍ରୀ ଚିକିତା ଓ ପ୍ରିତୀକା ପ୍ରଦୀପଙ୍କୁ ନେଇ ଗଠିତ ଭାରତୀୟ ମହିଳା ଦଳ ଫାଇନାଲରେ ୨୩୮-୨୩୪ ସ୍କୋରରେ ଚାଇନାକୁ ହରାଇ ଦିବସରେ ପ୍ରଥମ ସ୍ୱର୍ଣ୍ଣପଦକ ଜିତିଥିଲେ। ଏହାପରେ କମ୍ପାଉଣ୍ଡ ମିକ୍ସଡ ଟିମ୍ ଫାଇନାଲରେ ଚିକିତା ଓ ସାହିଲ ରାଜେଶ ଯାଦବ ଯୋଡ଼ି ମାତ୍ର ୧ ପଏଣ୍ଟ (୧୫୮-୧୫୭)ରେ କୋରିଆକୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ବାଜିମାତ୍ କରିନେଇଥିଲେ। ତୀରନ୍ଦାଜୀରେ ଅନ୍ତିମ ତଥା ତୃତୀୟ ସ୍ୱର୍ଣ୍ଣ ପଦକ ପୁରୁଷ କମ୍ପାଉଣ୍ଡ ଦଳକୁ ମିଳିଥିଲା। ସାହିଲ, କୁଶାଲ ଦଲାଲ ଓ ଗଣେଶ ମଣିରତ୍ନମ ତିରୁମୁରୁଙ୍କୁ ନେଇ ଗଠିତ ଭାରତୀୟ ପୁରୁଷ ଦଳ ରୋମାଞ୍ଚକର ଫାଇନାଲରେ ୨୩୮-୨୩୭ ସ୍କୋରରେ ଚାଇନାକୁ ହରାଇଥିଲା। ଫଳରେ ଆଜି ସାହିଲ ଓ ଚିକିତା ଡବଲ୍ ସ୍ୱର୍ଣ୍ଣ ପଦକ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ବୁଧବାର ସୁଦ୍ଧା ଭାରତ ମୋଟ୍ ୬୦ଟି ପଦକ ଜିତି ତାଲିକାର ୮ମ ସ୍ଥାନକୁ ଉନ୍ନୀତ ହୋଇଛି। ଯେଉଁଥିରେ ୧୦ ସ୍ୱର୍ଣ୍ଣ ୨୧ ରୌପ୍ୟ ଓ ୨୯ କାଂସ୍ୟ ପଦକ ରହିଛି।

## ଓଡ଼ିଶାରେ ଏଲ୍‌ନିନୋ ପ୍ରଭାବହୀନ: ଅଧିକ ୨୯% ବର୍ଷିଲା ମୌସୁମୀ

■ ୬୫ ବର୍ଷରେ ଦ୍ୱିତୀୟ ସର୍ବାଧିକ ମୌସୁମୀ ବର୍ଷା
■ ୩-୪ ଦିନରେ ରାଜ୍ୟରୁ ମୌସୁମୀ ଅପସାରଣ

■ ଭୁବନେଶ୍ୱର,୩୦।୯ (ସମିସ): ଚଳିତ ବର୍ଷର ମୌସୁମୀ ଋତୁ ଶେଷ ହୋଇଛି। ଦକ୍ଷିଣ-ପଶ୍ଚିମ ମୌସୁମୀ ଋତୁ ଭାବେ (ଜୁନ ୧ରୁ ସେପ୍ଟେମ୍ବର ୩୦) ପର୍ଯ୍ୟନ୍ତ ଧରାଯାଏ। ଏହି ମୌସୁମୀ ୪ ମାସ ମଧ୍ୟରେ ଭାରତରେ ସାମଗ୍ରିକ ଭାବେ ବର୍ଷା ୧୩ ପ୍ରତିଶତ କମ୍ ରହିଥିବା ବେଳେ ଓଡ଼ିଶାରେ ମୌସୁମୀ ବର୍ଷା ସ୍ୱାଭାବିକ ତୁଳନାରେ ୨୯ ପ୍ରତିଶତ ଏଧିକ ରହିଛି। ଏଲନିନୋ ପରିସ୍ଥିତି ସତ୍ତ୍ୱେ ଓଡ଼ିଶାରେ ଏଭଳି ପରିମାଣର ବର୍ଷା ହେବା, ପାଣିପାଗ ବିଜ୍ଞାନୀଙ୍କ ପାଇଁ ଏକ ଅପ୍ରତ୍ୟାଶିତ ଘଟଣା ସାଜିଛି। ଚଳିତ ବର୍ଷ ସମଗ୍ର ଦେଶରେ ସ୍ୱାଭାବିକ ବର୍ଷା ୮୬୮.୬ ମିମି ତୁଳନାରେ ୭୫୯.୪ ମିମି ବର୍ଷା ହୋଇଛି। ଏହା ସ୍ୱାଭାବିକ ତୁଳନାରେ ୧୩ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ ୨୦୦୧ ପରଠାରୁ ଚଳିତ ବର୍ଷ ଦେଶରେ ମୌସୁମୀ ଚତୁର୍ଥ ସବୁଠାରୁ ନିଅଣ୍ଟିଆ ରହିଛି। ଅପରପକ୍ଷେ ଓଡ଼ିଶାରେ ଏଥର ମୌସୁମୀ ସ୍ୱାଭାବିକ ବର୍ଷା ୧,୧୫୦ ମିମି ତୁଳନାରେ ୧,୪୮୨ ମିମି ବର୍ଷା ହୋଇଛି (୨୯% ଅଧିକ)। ଏହି ପରିମାଣର ବର୍ଷା ଗତ ଗତ ୬୫ ବର୍ଷ ଭିତରେ ୨୦୦୬ ସବୁଠୁ ଅଧିକ ମୌସୁମୀ ବର୍ଷା ହେବାରେ ଦ୍ୱିତୀୟ ସର୍ବାଧିକ ବର୍ଷା ଭାବେ ପରିଗଣିତ ହୋଇଛି। ୨୦୦୬ରେ ରାଜ୍ୟରେ ୧୪୮୪.୩ ମିମି ବର୍ଷା ରେକର୍ଡ ହୋଇଥିଲା। ଚଳିତ ବର୍ଷ ଏଲ୍‌ନିନୋ ସ୍ଥିତି ଯୋଗୁଁ ▶ପୃଷ୍ଠା-୭

### ବହି ଛାପା ତଥ୍ୟ ପ୍ରଦାନରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଟାଳଟୁଳ ନୀତି

# କାହାକୁ ବଞ୍ଚାଉଛନ୍ତି ସରକାର?

■ଭୁବନେଶ୍ୱର,୩୦।୯ (ସମିସ): ପାଠ୍ୟପୁସ୍ତକରେ ମାଳମାଳ ତ୍ରୁଟି ପଦାକୁ ଆସିବା ପରେ ବହି ଛାପାକୁ ନେଇ ବଡ଼ ଧରଣର ଦୁର୍ନିତି ଅଭିଯୋଗ ହୋଇଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ସରକାରୀ ପ୍ରିଣ୍ଟିଂ ପ୍ରେସ୍‌ରେ ଅବଶ୍ୟକ ପୁସ୍ତକ ପ୍ରିଣ୍ଟିଂ କ୍ଷମତା ନ ଥିବାରୁ ଘରୋଇ ପ୍ରେସ୍‌ରେ ବହି ଛାପାରେ ୩୮୦ କୋଟି ଟଙ୍କା ଅନିୟମିତତା ହୋଇଥିବା ବିରୋଧୀ ଅଭିଯୋଗ କରିଥିଲେ। ଏହି ପ୍ରସଙ୍ଗକୁ ନେଇ ସରକାର ବ୍ୟାକ୍‌ଫୁଟରେ ଅଛନ୍ତି ଓ ବିଭାଗୀୟ ମନ୍ତ୍ରୀ ବିରୋଧୀଙ୍କ ଆକ୍ରୋଶର ଶିକାର ହୋଇଛନ୍ତି । ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିଧାନସଭାରୁ ରାଜରାସ୍ତା ପର୍ଯ୍ୟନ୍ତ ବିରୋଧ ହୋଇଛି। ବିଧାନସଭା ଘେରାଉ କରାଯାଇଛି ଓ ଓଡ଼ିଶା ବନ୍ଦ ଡ଼କରା ବି ଦିଆଯାଇଛି। ଏହି ସମୟରେ ଏହି ଅଭିଯୋଗର ତଦନ୍ତ ନିମନ୍ତେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ନିର୍ଦ୍ଦେଶ ଦେଇଛି । ମାତ୍ର ଏହିସବୁ ଘଟଣା ଭିତରେ ସୂଚନା ଅଧିକାର ଆଇନରେ ମଗାଯାଇଥିବା ତଥ୍ୟ ଦେବାରେ ଗଣଶିକ୍ଷା ବିଭାଗ ଏବଂ ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ ନିର୍ଦ୍ଦେଶାଳୟର ଟାଳଟୁଳ ନୀତି ସାଧାରଣରେ ବିସ୍ମୟ ସୃଷ୍ଟି କରିଛି। କେଉଁ ରହସ୍ୟକୁ ଗୋପନ ରଖିବାକୁ ଓ କାହାକୁ ସୁରକ୍ଷା ଦେବା ପାଇଁ ସରକାର ଏପରି ନୀତି ଅବଲମ୍ବନ କରୁଛନ୍ତି; ତାହାକୁ ନେଇ ପ୍ରଶ୍ନ ଉଠିଛି ।

ପ୍ରିଣ୍ଟିଂ ପ୍ରେସ୍‌କୁ ସାମଗ୍ରୀ ଯୋଗାଣ ଓ ସେବା କ୍ରୟ ପାଇଁ ଗଠିତ ବିଭିନ୍ନ କ୍ରୟ କମିଟିର ବିବରଣୀ ସମେତ ଏଥିପାଇଁ ହୋଇଥିବା ଟେଣ୍ଡର ଓ ଚୟନ ହୋଇଥିବା ଫାର୍ମ ଓ ଏଜେନ୍ସି ବିବରଣୀ ଏବଂ ପାଠ୍ୟପୁସ୍ତକ ଛାପିବା ପାଇଁ ଠିକା ପାଇଥିବା ବେସରକାରୀ ପ୍ରିଣ୍ଟିଂ ପ୍ରେସ୍ ସମ୍ପର୍କରେ ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ ନିର୍ଦ୍ଦେଶାଳୟକୁ ଜଣେ ସୂଚନା ଅଧିକାର କର୍ମୀ ତଥ୍ୟ ମାଗିଥିଲେ। ଏହି ତଥ୍ୟ ପାଇଁ ୧୦,୯୮୬ ଟଙ୍କା ଦାଖଲ କରିବା ପାଇଁ ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ ନିର୍ଦ୍ଦେଶାଳୟ ପକ୍ଷରୁ ଗତ ଅଗଷ୍ଟ ୨୯ ତାରିଖରେ ସଂପୃକ୍ତ ବ୍ୟକ୍ତିଙ୍କୁ ଅବଗତ କରାଯାଇଥିଲା। ବିଭାଗ ପକ୍ଷରୁ ଦିଆଯାଇଥିବା ଦେୟ ଦାବି ଅନୁସାରେ ସେପ୍ଟେମ୍ବର ୩ ତାରିଖରେ ଏ ବାବଦ ଦେୟ ପଇଠ କରାଯାଇଥିଲା। ମାତ୍ର ମାସେ ବିତି ଯାଇଥିବା ସତ୍ତ୍ୱେ ବିଭାଗ ପକ୍ଷରୁ ଏଯାଏଁ ତଥ୍ୟ ପ୍ରଦାନ କରାଯାଇ ନାହିଁ। ମାସେ ହେବ ଅଧିକାରୀମାନେ ଏହି ତଥ୍ୟକୁ ଚାପି ରଖିଛନ୍ତି। ତଥ୍ୟ ପଦାକୁ ଆସିଲେ ସରକାରଙ୍କ ଦୁର୍ନୀତି ଗୁମର ଖୋଲିବା ଆଶଙ୍କା ଥିବାରୁ ତଥ୍ୟ ଦେଉ ନ ଥିବା ଅଭିଯୋଗ ହୋଇଛି।

ଅପରପକ୍ଷରେ ପାଠ୍ୟପୁସ୍ତକ ତ୍ରୁଟି ଓ ଦୁର୍ନୀତି ଅଭିଯୋଗରେ ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ଗଣଶିକ୍ଷା ▶ପୃଷ୍ଠା-୭

## ଗାନ୍ଧୀ ଜୟନ୍ତୀରୁ ବିଜେଡିର ଜନସମ୍ପର୍କ ପଦଯାତ୍ରା

### ଭୁବନେଶ୍ୱରରେ ପଦଯାତ୍ରା ଶୁଭାରମ୍ଭ କରିବେ ନବୀନ



■ ସାରା ରାଜ୍ୟରେ ଏକ ମାସ ଧରି ଚାଲିବ ପଦଯାତ୍ରା
■ ଡବଲ ଇଞ୍ଜିନ ସରକାରରେ ଓଡ଼ିଶାବାସୀ ଉପେକ୍ଷିତ
■ ଲୋକଙ୍କ ପାଖରେ ପହଞ୍ଚିବ ସରକାରଙ୍କ ବିଫଳତା

■ ଭୁବନେଶ୍ୱର,୩୦।୯ (ସମିସ): ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ଅକ୍ଟୋବର ୨ରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହେବ। ଗାନ୍ଧୀ ଜୟନ୍ତୀ ଠାରୁ ସବୁ ସାଂଗଠନିକ ଜିଲ୍ଲାରେ ଜନ ସମ୍ପର୍କ ପଦଯାତ୍ରା ଆରମ୍ଭ ହେବ। ଦଳୀୟ କର୍ମକର୍ତ୍ତା ଡବଲ ଇଞ୍ଜିନ ସରକାରଙ୍କ ବିଫଳତା ଓ ବିଜେଡି ଶାସନ ସମୟର ସଫଳତାକୁ ନେଇ ପ୍ରତି ଘରକୁ ଯିବେ । ଶଙ୍ଖ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର, ଭୁବନେଶ୍ୱର ସଭାପତି ତଥା ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ▶ପୃଷ୍ଠା-୭

## ଏନ୍‌ଡିପିଏସ୍ ମାମଲାରେ ବିଜେପି ମଣ୍ଡଳ ସଭାପତି ଗିରଫ

■ରାୟଗଡ଼/ପଦ୍ମପୁର,୩୦।୯ (ସମିସ): ଏନ୍‌ଡିପିଏସ ମାମଲାରେ ଗୁଣୁପୁର-ପଦ୍ମପୁର ବିଜେପି ମଣ୍ଡଳ ସଭାପତି ବାଙ୍କେଶ୍ୱର ପ୍ରଧାନଙ୍କୁ ଗିରଫ କରିଛି ଗଜପତି ଜିଲ୍ଲା ଆର.ଉଦୟଗିରି ପୁଲିସ। ପଦ୍ମପୁର 'କ' ଜୋନର ବିଜେପି ମଣ୍ଡଳ ସଭାପତି ଭାବେ କାର୍ଯ୍ୟରତ ବାଙ୍କେଶ୍ୱରଙ୍କୁ ଆଜି ସକାଳେ ତାଙ୍କ ଗ୍ୟାରେଜରୁ ପୁଲିସ ହେପାଜତକୁ ନେଇଛି। ସୂଚନା ଅନୁସାରେ ପଦ୍ମପୁର ଇନ୍ଦିରା ନଗରସ୍ଥିତ ସୁନାରୀ ସାହିର ବାସିନ୍ଦା ବାଙ୍କେଶ୍ୱର ପଦ୍ମପୁର ମୁଖ୍ୟ ରାସ୍ତାରେ ଏକ ଗ୍ୟାରେଜ କରିଛନ୍ତି। ଆଜି ସକାଳେ ସେ ଗ୍ୟାରେଜରେ ଥିବାବେଳେ ଆର. ଉଦୟଗିରି ଥାନାର ଚାରିଜଣିଆ ପୁଲିସ ଟିମ୍ ସେଠାରେ ପହଞ୍ଚିଥିଲା। ବାଙ୍କେଶ୍ୱରଙ୍କ ନାମରେ ଆର. ଉଦୟଗିରି ଥାନାରେ ୮୮/୨୦୨୧ ନମ୍ବରରେ ଏକ ଏନଡିପିଏସ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ତାଙ୍କ ନାମରେ ଗିରଫ ପରୱାନା ଜାରି ହୋଇଥିଲା। ଉକ୍ତ ୱାରେଣ୍ଟ ଆଧାରରେ



ପଦ୍ମପୁର ପୁଲିସର ସହାୟତାରେ ଆର.ଉଦୟଗିରି ପୁଲିସ ତାଙ୍କୁ ଗିରଫ କରିଛି। ଆର. ଉଦୟଗିରି ଥାନା ଅଧିକାରିଣୀ କଳ୍ପଲତା ପ୍ରଧାନଙ୍କ ସୂଚନା ଅନୁସାରେ, ବାଙ୍କେଶ୍ୱରଙ୍କୁ ଆଜି କୋର୍ଟ ଚାଲାଣ କରାଯିବ। ବିଜେପିର ଜଣେ ସକ୍ରିୟ ରାଜନେତା ଏନ୍‌ଡିପିଏସ ମାମଲାରେ ଗିରଫ ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

### ଓଲଟ ପାଲଟ



ଡବଲ ଇଞ୍ଜିନି ସର୍କାର ଅମଳେ
ଟଙ୍କାଗୁଡ଼ା ଗୋଡ଼ି ମାଟି,
ପଖାଳ ଖିଆରେ, ଭୁଲ୍ ବହି ଛପା
ସାରିଦେଲେ କୋଟି କୋଟି ।
ରାଜଧାନୀ-ଖୋର୍ଦ୍ଧା-ପୁରୀ-ଭଦ୍ରକରେ
ଗଢ଼ାହୁଏ କୋଠାବାଟି,
ଅଢ଼େଇ ବରଷ ପୂରଣ ହୋଇନି
ସବୁ ଖାଇଯିବେ ଚାଟି ।
ଆଉ ନେଫଡ଼ ଥିବଟି
ବିଶ୍ୱଗୁରୁ ନାମ ବଦନାମ କରି
ଲୋକଙ୍କୁ ମାରନ୍ତି ପଟି ।।

-ଯାଯାବର

### ସାନଖେମୁଣ୍ଡିରେ ଝାଡ଼ାବାନ୍ତି; ଜଣେ ମୃତ, ୪ ଗୁରୁତର

■ସାନଖେମୁଣ୍ଡି ୩୦।୯ (ସମିସ) : ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ପୋଡ଼ାମାରି ପଞ୍ଚାୟତ ମାର୍ଥାପୁର ଗ୍ରାମରେ ଝାଡ଼ାବାନ୍ତି ଆକ୍ରାନ୍ତ। ୪ ଜଣଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ ମେଡିକାଲ ଭର୍ତ୍ତି କରାଯାଇଥିବା ବେଳେ ଚିକିତ୍ସିତ ଅବସ୍ଥାରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ମାର୍ଥାପୁର ଗ୍ରାମର ସୁରେନ୍ଦ୍ର ମଲ୍ଲିକ। ଗୁରୁତର ଅସୁସ୍ଥମାନେ ହେଲେ ରଘୁନାଥ ମଲ୍ଲିକ, ରୁନି ମଲ୍ଲିକ, ଜାଇଲ ମଲ୍ଲିକ, ଅନନ୍ତ ମଲ୍ଲିକ। ଚାରିରୁ ପାଞ୍ଚ ଦିନ ଧରି ଗାଁ ୫ରୁ ଅଧିକ ଲୋକଙ୍କୁ ଝାଡ଼ାବାନ୍ତି ଲାଗି ରହିଛି। ବୁଧବାର ୫ ଜଣ ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଆଡ଼ପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଟିମ ପହଞ୍ଚି ଲୋକଙ୍କୁ ସଚେତନତା କରୁଥିବା ବେଳେ ଝାଡ଼ାବାନ୍ତିର କାରଣ ଖୋଜୁଛି ସ୍ୱାସ୍ଥ୍ୟ ବିଭାଗ। ଝାଡ଼ାବାନ୍ତି ଆକ୍ରାନ୍ତକୁ ନେଇ ଗାଁ ଭୟର ବାତାବରଣ ସୃଷ୍ଟି ହୋଇଛି। ଗାଁରେ ଥିବା ନଳକୂପ ପାଣି ପିଇବା ଫଳରେ ଝାଡ଼ା ବାନ୍ତି ବ୍ୟାପି ଥିବା ନେଇ ସ୍ୱାସ୍ଥ୍ୟ ବିଭାଗ ଅନୁମାନ କରୁଥିବା ବେଳେ ଗତ ୧୫ ଦିନ ତଳେ ଭୋଜି ଭାତ ଖାଇ ଝାଡ଼ାବାନ୍ତି ବ୍ୟାପି ଥିବା ସ୍ଥାନୀୟ ଲୋକ କହିଛନ୍ତି।

### ଦେବାଶିଷ ସିଂହ ସୁବର୍ଣ୍ଣପୁର ଜିଲ୍ଲାପାଳ ନିଯୁକ୍ତ

■ଭୁବନେଶ୍ୱର,୩୦।୯ (ସମିସ): ସୁବର୍ଣ୍ଣପୁର ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବେ ଆଇଏଏସ୍ ଅଧିକାରୀ ଦେବାଶିଷ ସିଂହଙ୍କୁ ନିଯୁକ୍ତ କରାଯାଇଛି।



ଶ୍ରୀ ସିଂହ ବର୍ତ୍ତମାନ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗରେ ଅତିରିକ୍ତ ସଚିବ ଭାବେ କାର୍ଯ୍ୟରତ ଅଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ଶ୍ରୀ ସିଂହଙ୍କୁ ଏହି ନୂତନ ନିଯୁକ୍ତି ମିଳିଛି। ସୁବର୍ଣ୍ଣପୁର ଜିଲ୍ଲାର ଜିଲ୍ଲାପାଳ ଭାବେ ନୃପରାଜ ସାହୁ ଅଗଷ୍ଟ ୩୧ ତାରିଖରେ ଅବସର ନେବା ପରେ ଏଠାରେ ଜିଲ୍ଲାପାଳ ପଦବୀରେ କୌଣସି ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇ ନ ଥିଲା। ମାତ୍ର ଆଜି ଶ୍ରୀ ସିଂହଙ୍କ ନିଯୁକ୍ତ ସହ ତୁରନ୍ତ ସୁବର୍ଣ୍ଣପୁର ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ନବନିର୍ମାଣ ଯୁବଛାତ୍ର ସଂଗଠନର ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ

### ଗଣଶିକ୍ଷା ମନ୍ତ୍ରୀ ଇସ୍ତଫା ନ ଦେଲେ ଆଗାମୀ ଦିନରେ ବଡ଼ ଲଢ଼େଇ: ଅକ୍ଷୟ କୁମାର




■ ଭୁବନେଶ୍ୱର, ୩୦।୯ (ସମିସ): ପିଲାଙ୍କ ପଢ଼ାବହିରେ ତ୍ରୁଟିକୁ ନେଇ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଏବଂ ସଂଶୋଧିତ ପାଠ୍ୟପୁସ୍ତକ ଯୋଗାଇଦେବା ଦାବିରେ ନବନିର୍ମାଣ ଯୁବଛାତ୍ର ସଂଗଠନ ପକ୍ଷରୁ ବୁଧବାର ସମଗ୍ର ଓଡ଼ିଶାରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲା ଓ ସହରରେ ଦୋକାନବଜାର ବନ୍ଦ ରହିବା ସହ ବନ୍ଦର ପ୍ରଭାବ ଜୋର୍‌ଦାର୍ ପଡ଼ିଛି ବୋଲି ସଂଗଠନ ପକ୍ଷରୁ ଦାବି କରାଯାଇଛି। କଳାହାଣ୍ଡିର ଭବାନୀପାଟଣା, ମୟୂରଭଞ୍ଜର ବାରିପଦା, ଯାଜପୁରର ଚଣ୍ଡିଖୋଲ, ଖୋର୍ଦ୍ଧାର ଜଟଣୀ ଓ ବାଘମାରୀ, ପୁରୀର ଗୋପ ଓ ନିମାପଡ଼ା, ବାଲେଶ୍ୱରର ସୋର ସମେତ ଜଗତସିଂହପୁର, ନୟାଗଡ଼, ଗଜପତି, କଟକ, ଭଦ୍ରକ, କେନ୍ଦ୍ରାପଡ଼ା, କେନ୍ଦୁଝର, ସୋନପୁର, ବଲାଙ୍ଗୀର ଓ ମାଲକାନଗିରି ଆଦି ଅଞ୍ଚଳରେ ବନ୍ଦର ପ୍ରଭାବ ପଡ଼ିଥିବା ସଂଗଠନ ପକ୍ଷରୁ କୁହାଯାଇଛି।

ରାଜଧାନୀରେ ସଂଗଠନର ରାଜ୍ୟ ସଂଯୋଜକ ମହମ୍ମଦ ମନ୍‌ୱର ଅଲ୍ଲୀଙ୍କ ନେତୃତ୍ୱରେ ଭୋର୍ ୬ଟାରୁ ଏକ ମୋଟରସାଇକଲ ▶ପୃଷ୍ଠା-୭




# ରାଉରକେଲା ରିଙ୍ଗ୍ ରୋଡ୍‌ର ଶୋଚନୀୟ ଅବସ୍ଥା; ପୂଜା ପୂର୍ବରୁ ମରାମତି ଦାବି

**ରାଉରକେଲା, ୩୦।୯ (ସମିସ)**

ଆଉ ମାତ୍ର କେଇଟା ଦିନ ପରେ ଶାରଦୀୟ ଦୁର୍ଗାପୂଜା। ଧରାବତରଣ କରିବେ ମାଆ ସିଂହବାହିନୀ। ପଲ୍ଲୀ ଠାରୁ ସହର ହେବ ଚଳଚଞ୍ଚଳ। ସ୍ମାର୍ଟ ସିଟି ରାଉରକେଲା ସହର ଦୁର୍ଗାପୂଜା ପାଇଁ ଉଠିବ ପଡ଼ିବ। କାରଣ ରାଉରକେଲାର ନିଆରା ଦୁର୍ଗାପୂଜାର ମଜ୍ଜା ନେବା ପାଇଁ ରାଜ୍ୟ ତଥା ବାହାରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥାଏ। ମାତ୍ର ବିଡମ୍ବନାର ବିଷୟ ଯେ ବିଗତ ଲଘୁଚାପଜନିତ ଲଗାଣ ବର୍ଷାରେ ରାଉରକେଲା ସହରର ରାସ୍ତାଘାଟ ଯେପରି ଭାବେ ଭାଙ୍ଗିରୁଜି ଶୋଚନୀୟ ହୋଇପଡ଼ିଛି, ତାହା କେବଳ ଜଣେ ଅନୁଭବୀ ହିଁ କହି ପାରିବ। ସହରଯାକ ମୁଖ୍ୟ ରାସ୍ତା ଠାରୁ ଆରମ୍ଭ କରି ରିଙ୍ଗରୋଡ ଓ ଗଳିକନ୍ଦିରେ ରାସ୍ତା ସବୁ ଆଡ଼େ ରାସ୍ତାର ଅବସ୍ଥା ଦୟନୀୟ ହୋଇ ବିପର୍ଯ୍ୟସ୍ତ ହୋଇପଡ଼ିଛି। ବିଶେଷ କରି ସହରର ପ୍ରମୁଖ ରିଙ୍ଗ୍ ରୋଡ୍‌ର ଦୁରବସ୍ଥା ଏବେ ସାଧାରଣ ଜନତାଙ୍କ ପାଇଁ ଏକ ବଡ଼ ଚିନ୍ତାର କାରଣ ପାଲଟିଛି। ପ୍ରତିବର୍ଷ ଦୁର୍ଗାପୂଜା ପୂର୍ବରୁ ସହରର ରାସ୍ତାଘାଟ ମରାମତି କରାଯାଉଥିବା ବେଳେ ଚଳିତ ବର୍ଷ ମରାମତି ନେଇ କୌଣସି ଗନ୍ଧ ବାସ୍ନା ମିଳୁନାହିଁ। ସହରର ବିଶ୍ରା ଛକ ଠାରୁ ଟ୍ରାଫିକ୍ ଛକ, ଫ୍ଲାସ୍‌ଲାଇଟ୍ ବଣିଆ ଗେଟ ଛକ, ସରନା ଛକ, ଆରଏମ୍‌ସି ଛକ ହୋଇ ହନୁମାନ ବାଟିକା ଛକ ପର୍ଯ୍ୟନ୍ତ ଯାଇଥିବା ରିଙ୍ଗ୍ ରୋଡ୍‌ର ଅବସ୍ଥା କହିଲେ ନ ସରେ। ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲଖମା ଗର୍ତ୍ତ ସୃଷ୍ଟି ହୋଇଛି। ଏବେ ଯଦିଓ ବର୍ଷା ଛାଡି ଯାଇଛି ତେଣୁ ଗର୍ତ୍ତଗୁଡ଼ିକ ସ୍ପଷ୍ଟ ଦେଖାଯାଉଛି। କାର୍ ଓ ବାଇକ ଚାଳକମାନେ ସତର୍କତାର ସହ ସର୍ପିଳ ଗତିରେ ଗାଡି ଚାଳକମାନେ ଯାତାୟାତ କରୁଥିବାର ପରିଲକ୍ଷିତ ହୋଇଛି। ଯାହାଫଳରେ କୌଣସି ବି ସମୟରେ ଦୁର୍ଘଟଣା ହେବାର ଯଥେଷ୍ଟ ଆଶଙ୍କା ରହିଛି। ତେବେ ଯଦି ଆସନ୍ତା ଦିନମାନଙ୍କରେ ପୁନର୍ବାର ଲଘୁଚାପ ଜନିତ ବର୍ଷା ହୁଏ, ତେବେ ରାସ୍ତାରେ ରହିଥିବା ଖାଲଖମାଣରେ ବର୍ଷା ଜଳ ଭର୍ତ୍ତି ହୋଇ ଚାଳକକୁ ଭ୍ରମିତ କରିବ ହେବ ଏବଂ ନିଶ୍ଚିତ ଦୁର୍ଘଟଣାକୁ ଏଡାଇ ଦିଆଯାଇ ପାରିବ ନାହିଁ। ବଣିଆ ଗେଟ୍ ଛକ ଏବଂ ସରନା ଛକ ନିକଟବର୍ତ୍ତୀ ରାସ୍ତାର ସ୍ଥିତି ଅତ୍ୟନ୍ତ ଭୟାବହ ରୂପ ଧାରଣ କରିଛି। ରାସ୍ତାର ଏଭଳି ଦୁର୍ବଳ ଭିତ୍ତିଭୂମି ଯୋଗୁଁ ଏଠାରେ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ନେଇ ସୂଚନା ମିଳିଛି। ସେହିଭଳି ଛେଣ୍ଡ କଲୋନୀ ସ୍ଥିତ ରିଙ୍ଗରୋଡ ନିକଟରୁ



ଭିଏସ୍‌ଏସ୍ ମାର୍କେଟ ଛକ, ଆହୁତି ଭବନ ଛକ, ଚିନ୍ମୟ ସ୍କୁଲ ଛକ, ରିମସ୍ କଲେଜ ଛକ ହୋଇ ବିଏସ୍‌ଏନ୍‌ଏଲ୍ ଛକ ପର୍ଯ୍ୟନ୍ତ ଯାଇଥିବା ରାସ୍ତାର ଅବସ୍ଥା ବି ଅନୁରୂପ ଭାବେ ଖାଲଖମାଣରେ ଭର୍ତ୍ତି ହୋଇଛି। ସେହିପରି ବାସନ୍ତୀ କଲୋନୀର ଡିଏଲ ଛକରୁ ମାଲଗୋଦାମ ପର୍ଯ୍ୟନ୍ତ ଯାଇଥିବା ମେନରୋଡର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ବିଶେଷ କରି ହସପିଟାଲ ଛକର ଅବସ୍ଥା କହିଲେ ନ ସରେ। ରାସ୍ତାରେ ବଡ ବଡ ଗର୍ତ୍ତ ଯୋଗୁଁ ଯାତାୟାତରେ ନାନା ଅସୁବିଧା ସୃଷ୍ଟି ହେଉଛି। ସେହିପରି ବାସନ୍ତୀ କଲୋନୀର ଲେବର ଛକରୁ କନ୍ୟକ ମନ୍ଦିର ଛକ ପର୍ଯ୍ୟନ୍ତ ରାସ୍ତା ସମେତ ଆଭ୍ୟନ୍ତରୀଣ ଗଳିକନ୍ଦି ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ସେହିପରି ସାରନଗରୀର ରଙ୍ଗିଲା ଛକରୁ ଆରମ୍ଭ କରି ମାଆ ମଙ୍ଗଳା ମନ୍ଦିର ଛକ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାରେ ଯାତାୟାତ ଏବେ ଦୁର୍ବିସହ ହୋଇପଡ଼ିଛି। ଉକ୍ତ ରାସ୍ତାର ଗଂଜୁ ମାର୍କେଟ, ଇ-ବ୍ଲକ, ଶକ୍ତି ମାର୍ବଲ ଛକ ଏବଂ ରଙ୍ଗିଲା ଛକଠାରେ ରାସ୍ତାରେ ବଡ ବଡଗର୍ତ୍ତ ସୃଷ୍ଟି ହୋଇ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ପାର୍ବଣ ଋତୁ ପୂର୍ବରୁ ସମ୍ଭାବ୍ୟ ଦୁର୍ଘଟଣା ଏବଂ ଜନସାଧାରଣଙ୍କ ଅସୁବିଧାକୁ ଏଡ଼ାଇବା ପାଇଁ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆରଏସପି) କର୍ତ୍ତୃପକ୍ଷ ତୁରନ୍ତ ରିଙ୍ଗ୍ ରୋଡ୍‌ର ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ହାତକୁ ନିଅନ୍ତୁ ବୋଲି ସାଧାରଣରେ ଦୃଢ଼ ଦାବି ପ୍ରକାଶ ପାଇଛି।

## ଚୋରି ମାମଲାର ପର୍ଦ୍ଦାଫାସ

# ୨ ଗିରଫ, ଚୋରି ସାମଗ୍ରୀ ଜବତ

**ରାଉରକେଲା, ୩୦।୯ (ସମିସ):** ରାଉରକେଲାର ଛେଣ୍ଡ ଥାନା ପୁଲିସ ଏକ ଘରୋଇ ଚୋରି ଘଟଣାର ପର୍ଦ୍ଦାଫାସ କରିବା ସହ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି। କଳିଙ୍ଗବିହାର ସ୍ଥିତ ଆରଡିଏ କଲୋନୀର ଏକ ନବନିର୍ମିତ ଘରେ ଲଗାଯାଇଥିବା ପିତଳ ଓ ଷ୍ଟିଲ୍ ପାଣିଟ୍ୟାପ୍, ଫିଟିଂସ୍ ଏବଂ ସାୱାର ସେଟ୍ ଚୋରି ଅଭିଯୋଗରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସୂଚନା ମିଳିଛି। ଗିରଫ ଅଭିଯୁକ୍ତ ହେଉଛନ୍ତି ରାଏବୋଗା ଥାନା ଅଧୀନ ଟେଟ୍ରାବାହାଲ ଗାଁର ମୂଳବାସିନ୍ଦା ତଥା ରଘୁନାଥପାଲି ଥାନା ଅଧୀନ ଟୁଙ୍ଗୁରିଟୋଲା ବସ୍ତିର ଡେଣ୍ଡୁ ଓରଫ୍ ଆକାଶ ବୁଡ୍ (୨୦) ଏବଂ ଉତ୍ତରପ୍ରଦେଶର ମୂଳ ବାସୀନ୍ଦା ତଥା ଟିସିଆଇ ନିକଟ ଦଣ୍ଡିଆପାଲ୍ଲୀ ନିବାସୀ ରାମ ମୁହରତ୍ ଗୁପ୍ତା(୬୫)। ଆକାଶ ଚୋରି ପରେ ସମସ୍ତ ଚୋରି ସାମଗ୍ରୀକୁ ରାମ ମୁହରତ୍ ଗୁପ୍ତାଙ୍କୁ ବିକ୍ରି କରିଥିଲା। ପୁଲିସ ସୂଚନା ଅନୁଯାୟୀ, ଗତ ସେପ୍ଟେମ୍ବର ୨୭ ତାରିଖରେ କଳିଙ୍ଗ ବିହାର ସ୍ଥିତ ଆରଡିଏ କଲୋନୀ ନିବାସୀ ରମାକାନ୍ତ ସ୍ୱାଇଁ ତାଙ୍କ ଘରୁ ଉପରୋକ୍ତ ସାମଗ୍ରୀ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଛେଣ୍ଡ ଥାନା ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଏହାପରେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ପୁଲିସ ଉକ୍ତ ଚୋରି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ଡେଣ୍ଡୁ ଓରଫ୍ ଆକାଶ ବୁଡ୍‌କୁ ଅଟକ ରଖି ପଚରାଉଚରା ବେଳେ ସେ ଚୋରି ସାମଗ୍ରୀ ବିକ୍ରି କରିଥିବା ରାମ ମୁହରତ୍ ଗୁପ୍ତା ବ୍ୟକ୍ତିଙ୍କ ନାମ ପ୍ରକାଶ କରିଥିଲା। ସେହି




ସୂଚନା ଆଧାରରେ ପୁଲିସ ଡାଣ୍ଡିଆପାଲିର ରାମ ମୁହରତ ଗୁପ୍ତାଙ୍କ ଘର ଓ ଗୋଦାମ ଉପରେ ଚଢ଼ଉ କରିଥିଲା। ତଲାସୀ ସମୟରେ ଚୋରି ହୋଇଥିବା ପାଣି ଟ୍ୟାପ୍, ଫିଟିଂସ୍ ଓ ସାୱାର ସେଟ୍ ସହ ୧୫ଟି ବାଥ ରୁମ ସାମଗ୍ରୀ ଏବଂ ଅନ୍ୟାନ୍ୟ ସନ୍ଦିଗ୍ଧ ଚୋରି ଲୁହା ସ୍କ୍ରାପ୍ ସାମଗ୍ରୀ ମଧ୍ୟ ଜବତ କରାଯାଇଥିଲା। ଏହି ଘଟଣାରେ ଅନ୍ୟ କାହାର ସମ୍ପୃକ୍ତି ରହିଛି କି ନାହିଁ ତାହା ଜାଣିବା ସହ ଚୋରିର ପୂର୍ଣ୍ଣାଙ୍ଗ ତଥ୍ୟ ହାସଲ କରିବା ପାଇଁ ପୁଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

# ଭତ୍ତା ବଣ୍ଟନରେ ମନମୁଖୀ ଅଭିଯୋଗ

**ବଣାଇଗଡ଼, ୩୦।୯(ସମିସ):** ସରକାରୀ ସାମାଜିକ ସୁରକ୍ଷା ଯୋଜନାର ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା ଅଧିକାରୀଙ୍କ ଉଭୟ ପଞ୍ଚାୟତରେ ଅସନ୍ତୋଷ ପ୍ରକାଶ ପାଇଛି। ବଣାଇଗଡ଼ ବ୍ଲକର କେନ୍ଦ୍ରିକଳା ଏବଂ ଗୁରୁଣ୍ଡିଆ ବ୍ଲକର ନରେନ୍ଦ୍ର ପଞ୍ଚାୟତର ନୂତନ ଭାବେ



ମଞ୍ଜୁର ହୋଇଥିବା ଭତ୍ତା ହିତାଧିକାରୀଙ୍କୁ ଆଧାର କାର୍ଡ ଓ ଫଟୋ ସହ ଏକ ନିର୍ଦ୍ଦିଷ୍ଟ ବେସରକାରୀ ଅନୁଷ୍ଠାନକୁ ଡକାଯାଇଥିଲା। ଏଠାରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ହୋଇଥିବା ଜଣାପଡ଼ିଛି। ସରକାରୀ କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠିଛି। ପଞ୍ଚାୟତ କାର୍ଯ୍ୟାଳୟ କିମ୍ବା ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟକ୍ରମ କରିବା ପରିବର୍ତ୍ତେ ଏକ ବେସରକାରୀ ଅନୁଷ୍ଠାନରେ ଭତ୍ତା ବଣ୍ଟନ କରାଯିବାକୁ ନେଇ କାର୍ଯ୍ୟକ୍ରମରେ ସ୍ଥାନୀୟ ଜନପ୍ରତିନିଧିଙ୍କ ସହଭାଗିତା ସୁନିଶ୍ଚିତ କରିବା ସହ ଘଟଣାର ତଥ୍ୟ ଯାଞ୍ଚକରି ଆବଶ୍ୟକ ପଦକ୍ଷେପ ନେବାକୁ ଜିଲ୍ଲା ପ୍ରଶାସନ ନିକଟରେ ଦାବି ହୋଇଛି।

# ରାଗା ଓ ରିଦମ ଫାଉଣ୍ଡେସନ ତରଫରୁ ସ୍ମୃତିରେ ପ୍ରଣବ

**ରାଉରକେଲା, ୩୦।୯(ସମିସ):** ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ସ୍ୱର୍ଗତ ପ୍ରଣବ କିଶୋର ପଟ୍ଟନାୟକଙ୍କ ତିରୋଧାନ ସମସ୍ତ ଓଡ଼ିଆଙ୍କୁ ବ୍ୟଥିତ କରିଥିଲାବେଳେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବାପାଇଁ ସୁନ୍ଦରଗଡ଼ ସରକାରୀ ସେବାନିବୃତ୍ତ କର୍ମଚାରୀ ସଂଘ ପରିସରରେ ରାଗା ଓ ରିଦମ ଫାଉଣ୍ଡେସନ ତରଫରୁ 'ସ୍ମୃତିରେ ପ୍ରଣବ' ଏକ ମନୋଜ୍ଞ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସୁନ୍ଦରଗଡ଼ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ସନ୍ତୋଷ ଅମାତ ଓ ସମ୍ମାନିତ ଅତିଥି ଭାବରେ ସୁନ୍ଦରଗଡ଼ ପୌରାଧ୍ୟକ୍ଷା ତନୟା ମିଶ୍ର ଯୋଗ ଦେଇଥିଲେ। ସୁନ୍ଦରଗଡ଼ର ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରମୋଦ କୁମାର ବେହେରାଙ୍କ କଣ୍ଠରେ ପ୍ରଣବ ପଟ୍ଟନାୟକଙ୍କ ଗୀତ ସମସ୍ତ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରି ରଖିଥିଲା। ଏହି ଅବସରରେ ପ୍ରମୋଦ ବେହେରାଙ୍କୁ ସଙ୍ଗୀତ ସାଧନା ସମ୍ମାନରେ ସମ୍ମାନିତ କରାଯାଇଅଛି। ସମ୍ମାନ ଗ୍ରହଣ ଅବସରରେ ସ୍ୱର୍ଗତ ପ୍ରଣବ ପଟ୍ଟନାୟକଙ୍କ ସହିତ ତାଙ୍କ ଅନୁଭୂତି ବର୍ଣ୍ଣନା କରି ଭାବବିହ୍ୱଳ ହୋଇପଡ଼ିଥିଲେ ପ୍ରମୋଦ। ଅନ୍ୟାନ୍ୟ କଣ୍ଠ ଶିଳ୍ପୀ ଶରଦେନ୍ଦୁ ମହାପାତ୍ର, ଲିପିକା ବେହେରା, ବାଳଗୋପାଳ ମିଶ୍ର, ଜୟଦେବ ତନ୍ତୀ, ଯୋଗମାୟା ମିଶ୍ର ଓ ଅମରେଶ ସାମଲ ମଧ୍ୟ କଣ୍ଠଦାନ କରି ଶ୍ରୋତାମଣ୍ଡଳୀଙ୍କୁ ବିମୋହିତ କରିରଖିଥିଲେ। ପ୍ରିୟଙ୍କା ଜେନା ଓ ଡ. ଚିରବ୍ରତ ଦତ୍ତଙ୍କ ମଞ୍ଚ ପରିଚାଳନା କରିଥିଲେ। ଶରଦେନ୍ଦୁ (ନିକୁ) ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# କେନ୍ଦ୍ରୀୟ ପୂଜା କମିଟି ନିର୍ବାଚନରେ ଅନିୟମିତତା ଅଭିଯୋଗ

**ରାଉରକେଲା, ୩୦।୯(ସମିସ):** କେନ୍ଦ୍ରୀୟ ପୂଜା କମିଟି ନିର୍ବାଚନରେ ବ୍ୟାପକ ଅନିୟମିତତା ଅଭିଯୋଗକୁ କେନ୍ଦ୍ର କରି ଆଜି ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତାମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ଉତ୍ତେଜନା ଦେଖାଯାଇଥିଲା। ସିପିସି ନିର୍ବାଚନ ପୂର୍ବରୁ ଅନେକ ଭୋଟରଙ୍କ ନାମ ତାଲିକାରୁ କାଟି ଦିଆଯାଇଥିବା ନେଇ ପୂଜା କମିଟିର ସଦସ୍ୟମାନେ ସଙ୍ଗିନ ଅଭିଯୋଗ ଆଣିଛନ୍ତି। ଏହିଭଳି ନାମ ବାଦ୍ ପଡ଼ିବା ଘଟଣା ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ତଥା ନିରପେକ୍ଷତା ଉପରେ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି କରିବା ସହ ସଦସ୍ୟଙ୍କ ମଧ୍ୟରେ ଘୋର ଅସନ୍ତୋଷ ସୃଷ୍ଟି କରିଛି। ଏହି ଅଭିଯୋଗ ପରେ କ୍ଷତିଗ୍ରସ୍ତ ପୂଜା କମିଟିର ପ୍ରତିନିଧିମାନେ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ହସ୍ତକ୍ଷେପ ଲୋଡ଼ି ଏକ ଲିଖିତ ଅଭିଯୋଗପତ୍ର ଦାଖଲ କରିଛନ୍ତି। କେଉଁ ପରିସ୍ଥିତିରେ ଭୋଟର ତାଲିକାରୁ ନାମ ହଟାଗଲା ଏବଂ ଭୋଟର ତାଲିକା ପ୍ରସ୍ତୁତିରେ କୌଣସି ଅନିୟମିତତା ଘଟିଛି କି ନାହିଁ, ତାହାର ସତ୍ୟାସତ୍ୟ ଜାଣିବା ପାଇଁ ଏହି ଘଟଣାର ତଦନ୍ତ ଆରମ୍ଭ କରାଯାଇଥିବା ସୂଚନା ମିଳିଛି। ଏହି ଘଟଣାକୁ ନେଇ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତାଙ୍କ ମଧ୍ୟରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ, ସମଗ୍ର ଘଟଣାର ଏକ ନିରପେକ୍ଷ ତଦନ୍ତ କରାଯାଇ ତଦନ୍ତ ରିପୋର୍ଟ ଆଧାରରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନାମ କଟିଥିବା ସଦସ୍ୟମାନେ ଦାବି କରିଛନ୍ତି।

# ହାତୀ-ମଣିଷ ଲଢ଼େଇର ଅବସାନ ପାଇଁ ସଚେତନତା

**ବଣାଇଗଡ଼, ୩୦।୯(ସମିସ):** ଜଙ୍ଗଲର ସୁରକ୍ଷା କେବଳ ବନ୍ୟଜନ୍ତୁଙ୍କ ସୁରକ୍ଷା ନୁହେଁ, ଏହା ମଣିଷର ଜୀବନ ଓ ଜୀବିକା ସହ ମଧ୍ୟ ଜଡ଼ିତ। ବିଶେଷକରି ହାତୀମଣିଷ ସଂଘର୍ଷ ବଢୁଥିବା ପରିପ୍ରେକ୍ଷୀରେ ଉଭୟଙ୍କ ଜୀବନ ରକ୍ଷା ଓ ସୁରକ୍ଷିତ ସହାବସ୍ଥାନ ପାଇଁ ଆବଶ୍ୟକ ସମନ୍ୱୟ ଉପରେ ଗୁରୁତ୍ୱ ଦେଇ ବଣାଇ ବନଖଣ୍ଡ ପକ୍ଷରୁ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ବନ୍ୟଜନ୍ତୁ ସପ୍ତାହ୨୦୨୬ ପାଳନ ପରିପ୍ରେକ୍ଷୀରେ ବଣାଇଗଡ଼ ବନଖଣ୍ଡ କାର୍ଯ୍ୟାଳୟର ସଭା କକ୍ଷରେ ମଙ୍ଗଳବାର ଏହି ପ୍ୟାନେଲ୍ ଆଲୋଚନା ଅନୁଷ୍ଠିତ ହୋଇଥିଲା। ବଣାଇଗଡ଼ ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବନ ବିଭାଗର ଅଧିକାରୀ ଓ ଏନଜିଓ ପ୍ରତିନିଧିମାନେ ଯୋଗ ଦେଇଥିଲେ। ବୈଠକରେ ବନ୍ୟଜନ୍ତୁ ଉଦ୍ଧାର ଓ ପୁନର୍ବାସ, ହାତୀ - ମଣିଷ ସଂଘର୍ଷ, ବନ୍ୟଜନ୍ତୁ ସୁରକ୍ଷା, ଉଦ୍ଧାର ସମୟରେ ଅନୁସରଣ କରାଯାଉଥିବା ନିୟମ, ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ଏବଂ ଗଣମାଧ୍ୟମର ଦାୟିତ୍ୱ ଭଳି ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ଏହି ବୈଠକରେ ସହକାରୀ ବନ ସଂରକ୍ଷକ ପି. ଆର୍ ସର୍ବଜିତ ଏବଂ ସୁମିତ ମହାନ୍ତି ସହିତ ବନାଞ୍ଚଳ ଅଧିକାରୀ ଦେବାଶିଷ ନାଏକ ଉପସ୍ଥିତ ଥିଲେ।

# ଉତ୍କଳ ସ୍ନେହୀ ମହିଳା ସମିତି ଆନୁକୂଲ୍ୟରେ ବିଶ୍ୱ ହୃଦୟ ଦିବସ

**ରାଉରକେଲା, ୩୦।୯ (ସମିସ):** ଉତ୍କଳ ସ୍ନେହୀ ମହିଳା ସମିତି ଆନୁକୂଲ୍ୟରେ ଗୋପବନ୍ଧୁ ପାଠାଗାର ପରିସରରେ ବିଶ୍ୱ ହୃଦୟ ଦିବସ ସମିତିର ଅଧ୍ୟକ୍ଷା ସବିତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ପାଠାଗାରର ସଭାପତି ନବଘନ ସାହୁ ଉଦ୍‌ଘାଟନ କରିଥିବାବେଳେ ଗୀତା ମିଶ୍ର ଏବଂ ଜ୍ୟୋତି ମହାପାତ୍ର ସଂଧ୍ୟାମନ୍ତ୍ର ପାଠ କରିଥିଲେ। ରାଉରକେଲାର ବିଶିଷ୍ଟ ଶଲ୍ୟଚିକିତ୍ସକ ଡାକ୍ତର ଗୋକୁଳାନନ୍ଦ ସାହୁ ଅତିଥିଙ୍କ ପରିଚୟ ପ୍ରଦାନ କରିବା ସହିତ ଏହି ଦିବସର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ହାଇଟେକ ମେଡିକାଲ କଲେଜର ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର ସୌମେନ ପ୍ରସାଦ ବେହେରା ହୃଦରୋଗର କାରଣ, ଏବଂ କିଭଳି ସାବଧାନତା ଅବଲମ୍ବନ କରି ଏଥିରୁ ଦୂରେଇ ରହିପାରିବା ସେ ବିଷୟରେ ବିଷଦ ଭାବେ ଆଲୋଚନା କରିବା ସହିତ ଉପସ୍ଥିତ ସଦସ୍ୟମାନଙ୍କର ହୃଦରୋଗ ସମ୍ବନ୍ଧିତ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ମଞ୍ଜୁ ମହାପାତ୍ର ମଞ୍ଚ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଗୀତା ସେନାପତି, ନନ୍ଦିତା ପାତ୍ର, ସୁପ୍ରିୟା ମହାନ୍ତି, ରାଜଶ୍ରୀ ପଣ୍ଡା, ଭାରତୀ କର, ସବିତା ମହାନ୍ତି, ସୂର୍ଯ୍ୟ ନାରାୟଣ ପଣ୍ଡା ଏବଂ ଅଜିତ ବରୱା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଡାକ୍ତର ମହେଶ ପ୍ରସାଦ ବେହେରା, ଏସ.ଏସ. ପଣ୍ଡା, ଅଜୟ ମହାନ୍ତି ସୁବାଷ ମହାପାତ୍ର, ନାରାୟଣ ଚନ୍ଦ୍ର ଜେନା, ଲକ୍ଷ୍ମଣ ନାଥ ଦାସ, ତ୍ରିଲୋଚନ ମିଶ୍ର, ଶ୍ରୀନିବାସ ରାୟ, ହରିହର ନାୟକ, ଗଦାଧର ରଥ ପ୍ରମୁଖ ପାଠାଗାରର ବହୁ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ।

# ସୁରକ୍ଷିତ ବ୍ଲାଷ୍ଟଫର୍ନେସ୍ କାଷ୍ଟହାଉସ୍ ପରିଚାଳନା ପାଇଁ ଥର୍ମାଲ୍ କ୍ୟାମେରା ପ୍ରଚଳନ



**ରାଉରକେଲା, ୩୦।୯(ସମିସ):** ରାଉରକେଲା ଇସ୍ପାତ କାରଖାନାର ବ୍ଲାଷ୍ଟ ଫର୍ନେସ୍ ଅପରେସନ୍ସ ବିଭାଗ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ବ୍ଲୋ ପାଇପ୍‌ର ପୃଷ୍ଠ ତାପମାତ୍ରା ନିରୀକ୍ଷଣ ପାଇଁ ଏକ ଥର୍ମାଲ୍ କ୍ୟାମେରା ପ୍ରଚଳନ କରାଯାଇଛି। ବିଭାଗର ଇଲେକ୍ଟ୍ରିକାଲ୍ ସେକ୍ସନ୍ ପକ୍ଷରୁ ଏହି ବ୍ୟବସ୍ଥା ଉପଲବ୍ଧ କରାଯାଇଛି। ଏହି ପଦକ୍ଷେପ ଆର୍‌ଏସ୍‌ପିର ପ୍ରତ୍ୟେକ କ୍ଷେତ୍ରରେ 'ଜିରୋ ହାର୍ମ' ଲକ୍ଷ୍ୟ ହାସଲ କରିବା ସହିତ କାର୍ଯ୍ୟସ୍ଥଳରେ ସମଗ୍ରିକ ସୁରକ୍ଷା ବ୍ୟବସ୍ଥାକୁ ପ୍ରୋତ୍ସାହନ ଦେବାର ଉଦ୍ଦେଶ୍ୟ ସହ ସମନ୍ୱିତ। ଥର୍ମାଲ୍ କ୍ୟାମେରା ମାଧ୍ୟମରେ ବ୍ଲୋ ପାଇପ ଓ ଟୁୟର ଅଞ୍ଚଳରେ ଅସ୍ୱାଭାବିକ ତାପମାତ୍ରା ବୃଦ୍ଧି, ହଟ୍‌ସ୍ପଟ୍ ଏବଂ ସମ୍ଭାବ୍ୟ ରିଫ୍ରାକ୍ଟରୀ କ୍ଷୟକୁ ପ୍ରାରମ୍ଭିକ ସ୍ତରରେ ଚିହ୍ନଟ କରାଯାଇ ପାରିବ। ଏହା ହଟ୍ ବ୍ଲାଷ୍ଟ କିମ୍ବା ତରଳ ଧାତୁ ଲିକେଜ୍ ଭଳି ଗୁରୁତର ଘଟଣା ତଥା ଉପକରଣ କ୍ଷତିକୁ ପ୍ରତିହତ କରିବାରେ ସହାୟକ ହେବ। ଏହାସହିତ, ଉଚ୍ଚ ତାପମାତ୍ରା ଅଞ୍ଚଳରେ କର୍ମଚାରୀଙ୍କ ସିଧାସଳଖ ସଂସ୍ପର୍ଶ କମାଇ ଦୂରରୁ ସୁରକ୍ଷିତ ଭାବେ ନିରୀକ୍ଷଣ କରିବା ସମ୍ଭବ ହେଉଛି। ବ୍ଲୋ ପାଇପ୍‌ର ସମଗ୍ର ପୃଷ୍ଠରେ ତାପମାତ୍ରାର ପରିବର୍ତ୍ତନକୁ ସ୍ପଷ୍ଟ ଥର୍ମାଲ୍ ମ୍ୟାପ୍ ମାଧ୍ୟମରେ ଦେଖିହେବ।

# ରାଜଭାଷା ପକ୍ଷ ପାଳନ ଅବସରରେ ଆରଏସ୍‌ପିରେ ପୁରସ୍କାର ବିତରଣ

**ରାଉରକେଲା, ୩୦।୯(ସମିସ):** ରାଜଭାଷା ପକ୍ଷ ପାଳନ ଅବସରରେ ଆରଏସ୍‌ପି ପକ୍ଷରୁ ଏଲ୍‌ଆଣ୍ଡଡି ସେଣ୍ଟର ସ୍ଥିତ ଗୋପବନ୍ଧୁ ଅଡିଟୋରିୟମ୍‌ରେ ଏକ ପୁରସ୍କାର ବିତରଣ ସମାରୋହ ଆୟୋଜିତ ହୋଇଥିଲା। ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲଚୌଧୁରୀ ଏବଂ ସିଜିଏମ୍ ତଥା ନିର୍ବାହୀ ନିର୍ଦ୍ଦେଶକ ଅତିରିକ୍ତ ଦାୟିତ୍ୱରେ ଥିବା ମାନସ ରଞ୍ଜନ ରଥ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏ ଅବସରରେ ଆଇଆଇଟି ଖଡ଼ଗପୁରର ବରିଷ୍ଠ ହିନ୍ଦୀ ଅଧିକାରୀ ଡ. ରାଜୀବ କୁମାର ରାଉତ ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ଉକ୍ତ ଉତ୍ସବରେ ବହୁ ସିଜିଏମ୍, ବରିଷ୍ଠ ଅଧିକାରୀ, କର୍ମଚାରୀ ଏବଂ ପୁରସ୍କାର ବିଜେତା ଉପସ୍ଥିତ ଥିଲେ। ନିଜ ଅଭିଭାଷଣରେ ଅନିଲ କୁମାର ରାଜଭାଷାର ଚିରନ୍ତନ ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଆରଏସପିର ସମସ୍ତ କାର୍ଯ୍ୟକ୍ଷେତ୍ରରେ ରାଜଭାଷାର ପ୍ରଚାର ଓ ପ୍ରସାର ପାଇଁ



ଥିବା ଦୃଢ଼ ପ୍ରତିବଦ୍ଧତାକୁ ଦୋହରାଇଥିଲେ। ଡ. ରାଜୀବ ରାଉତ ଅଭିଭାଷଣରେ ଉଦାହରଣ, କବିତା ଓ ହାସ୍ୟର ସମନ୍ୱୟରେ ପ୍ରଶାସନିକ କାର୍ଯ୍ୟରେ ରାଜଭାଷାର ବ୍ୟବହାରର ଗୁରୁତ୍ୱ ଏବଂ ଡିଜିଟାଲ୍ ଉପକରଣ ଦ୍ୱାରା ସୃଷ୍ଟ ସୁବିଧା ସମ୍ପର୍କରେ ଆଲୋକପାତ କରିଥିଲେ। ପୂର୍ବରୁ ମାନସ ରଞ୍ଜନ ରଥ ନିଜ ଅଭିଭାଷଣରେ ହିନ୍ଦୀକୁ ରାଜଭାଷା ଭାବେ ଘୋଷଣା କରାଯିବାର ଐତିହାସିକ ପୃଷ୍ଠଭୂମି ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ଭାଷାରେ ସମୃଦ୍ଧ ଭାରତ ଭଳି ଏକ ବିଶାଳ ଦେଶକୁ ଏକତାର ସୂତ୍ରରେ ବାନ୍ଧି ରଖିବାରେ ଏକ ସାଧାରଣ ଭାଷାର ଗୁରୁତ୍ୱ ଉପରେ ସେ ଜୋର ଦେଇଥିଲେ। ଏହି ଅବସରରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଏଚ୍. ଡି. କୁମାରସ୍ୱାମୀ ଏବଂ ସେଲ୍‌ର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଡ. ଅଶୋକ କୁମାର ପଣ୍ଡାଙ୍କ ବାର୍ତ୍ତା ପାଠ କରାଯାଇଥିଲା। ଏହାକୁ ପ୍ରଜ୍ଞା ପି. ନାଥ, ସହକାରୀ ପ୍ରବନ୍ଧକ (ସୁରକ୍ଷା) ଶମ୍ଭ ଗଜାଲି, ପ୍ରବନ୍ଧକ (ଏସପିପି) ଏବଂ ସୁସ୍ମିତା ତିର୍କୀ, ଏଜିଏମ୍ (ମାର୍କେଟିଂ) ପାଠ କରିଥିଲେ। ରାଜଭାଷା ପକ୍ଷ ଅବସରରେ କର୍ମଚାରୀ ଓ ଠିକା ଶ୍ରମିକମାନଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ଏହି ଅବସରରେ ବିଶିଷ୍ଟ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଅବସରରେ ପ୍ରାୟ ୧୫୦ ଜଣଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ରାଜଭାଷାର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଉତ୍କର୍ଷ ପାଇଁ 'ରାଜଭାଷା ଟ୍ରଫି' ଲର୍ଣ୍ଣିଂ ଆଣ୍ଡ ଡେଭଲପମେଣ୍ଟ ବିଭାଗକୁ ପ୍ରଦାନ କରାଯାଇଥିଲା। ଜିଏମ୍ ଇନ୍-ଚାର୍ଜ (ଏଚଆର୍-ଏଲ୍‌ଆଣ୍ଡ ଡି ଓ ଓଡି) ରାକେଶ ବର୍ମା ଏବଂ ତାଙ୍କ ଟିମ୍ ଏହି ଟ୍ରଫି ଗ୍ରହଣ କରିଥିଲେ। ସମାରୋହରେ ଅନୀଲ କୁମାର ୨୦୨୬ ବର୍ଷର 'ଇସ୍ପାତ ଦର୍ପଣ', ରାଉରକେଲା ଇସ୍ପାତ କାରଖାନାର ଓଡ଼ିଆ-ହିନ୍ଦୀ ଦ୍ୱିଭାଷୀ ପତ୍ରିକାକୁ ଉନ୍ମୋଚନ କରିଥିଲେ। ଏନପିଏମ୍‌ର ବରିଷ୍ଠ ପ୍ରବନ୍ଧକ ନିବେଦିତା ବେହେରା ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ଜିଏମ୍ (ପିଆର୍) ଆଣ୍ଡ ସିଓସି ଅର୍ଚ୍ଚନା ଶତପଥୀ ସ୍ୱାଗତଭାଷଣ ପ୍ରଦାନ କରିଥିଲେ। ଅଶୋକ କୁମାର ଜେନା ପୁରସ୍କାର ବିତରଣ ସମାରୋହର ପରିଚାଳନା କରିଥିବାବେଳେ ଅନିଲ କୁମାର ଝା ଡେପୁଟି ମ୍ୟାନେଜର ଧନ୍ୟବାଦ ଅର୍ପଣ କରିଥିଲେ। ଜୟଦେବ ମଜୁମଦାର ମଞ୍ଚ ପରିଚାଳନା କରିଥିଲେ। ଆରଏସପିର ଜନସମ୍ପର୍କ-ରାଜଭାଷା ଟିମ୍ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଅଙ୍ଗନବାଡ଼ି କେନ୍ଦ୍ରରେ 'ଅଙ୍ଗନ କା ଉତ୍ସବ' ଉଦ୍‌ଯାପିତ

**ବଣାଇଁଗଡ଼, ୩୦।୯(ସମିସ):** ବଣାଇଁଗଡ଼ ଶିଶୁ ବିକାଶ ପ୍ରକଳ୍ପ ଅଧୀନରେ 'ଅଙ୍ଗନ କା ଉତ୍ସବ' ପ୍ରକଳ୍ପସ୍ତରୀୟ ମୁଖ୍ୟ କାର୍ଯ୍ୟକ୍ରମ ତଥା ତ୍ରିରଙ୍ଗା ଥାଳି ଆଦି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରକଳ୍ପ ଅଧୀନରେ ଥିବା ବଣାଇଁ, କେନାଭେଟା, ସ. ବଲାଙ୍ଗ, ରୁଗୁଡ଼ା, ଟିକାୟତପାଲି ଓ ଭାଲୁପାଣିଏହି ୬ଟି ସେକ୍ଟରର ୧୬୮ଟି ଅଙ୍ଗନୱାଡି କେନ୍ଦ୍ରକୁ ନେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବୀଣାପାଣି ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମଣ୍ଡଳ ପରିଦର୍ଶିକା ଅରୁଣାବାଳା ମିଶ୍ର, ବିଳାସିନୀ ସାହୁ, ଅନୁସୟା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମହିଳା ଓ ଶିଶୁଙ୍କ ପାଇଁ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋଚନା ସହ ସଚେତନତା ସୃଷ୍ଟି କରାଯାଇଥିଲା। ଶିଶୁ ଓ ମା'ଙ୍କ ପୋଷଣ, ସ୍ୱାସ୍ଥ୍ୟ, ପରିଚ୍ଛନ୍ନତା ଓ ସନ୍ତୁଳିତ ଖାଦ୍ୟ ସମ୍ପର୍କରେ ମଧ୍ୟ ସଚେତନ କରାଯାଇଥିଲା।



# ଆର୍‌ଏସ୍‌ପିରେ ମଡେଲ୍ ସିଫ୍ଟ ଅଫିସ୍ 'କର୍ମଧାରା' ଉଦ୍‌ଘାଟିତ

**ରାଉରକେଲା, ୩୦।୯ (ସମିସ)**

କାରଖାନାର କର୍ମଚାରୀଙ୍କୁ ଉତ୍ତମ ସହାୟତା ପ୍ରଦାନ, ଅଧିକ ସୁରକ୍ଷିତ, ଉତ୍ପାଦନଶୀଳ ଏବଂ କର୍ମଚାରୀ-କେନ୍ଦ୍ରିକ କାର୍ଯ୍ୟ ପରିବେଶ ସୃଷ୍ଟି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ସେଲ୍‌ର, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ରେ 'କର୍ମଧାରା' ନାମରେ ଦୁଇଟି ଅତ୍ୟାଧୁନିକ ମଡେଲ୍ ସିଫ୍ଟ ଅଫିସ୍‌ରେ ଉଦ୍‌ଘାଟିତ ହୋଇଛି। ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଏହି କାର୍ଯ୍ୟାଳୟଗୁଡ଼ିକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଇଡି (ୱର୍କ୍ସ) ବିଶ୍ୱରଞ୍ଜନ ପଲାଇ ବିଭିନ୍ନ ବିଭାଗର ମୁଖ୍ୟ ମହାପ୍ରବନ୍ଧକ, ବରିଷ୍ଠ ଅଧିକାରୀ, ବହୁ ସଂଖ୍ୟକ କର୍ମଚାରୀ ଏବଂ ଠିକା ଶ୍ରମିକ ଉପସ୍ଥିତ ଥିଲେ। ଏହି ଦୁଇଟି ସିଫ୍ଟ ଅଫିସ୍ ମଧ୍ୟରୁ ଗୋଟିଏ ବ୍ଲାଷ୍ଟ ଫର୍ନେସ୍ ବିଭାଗର ପ୍ରଡକ୍ସନ୍ କଣ୍ଟ୍ରୋଲ୍ ରୁମ୍‌ରେ ଏବଂ ଅନ୍ୟଟି ଷ୍ଟିଲ୍ ମେଲ୍ଟିଂ ସପ୍-୨ (ଏସଏମଏସ୍-୨) ବିଭାଗର ସିସିଏମ୍ ମେକାନିକାଲ୍ କ୍ଷେତ୍ରରେ ଅବସ୍ଥିତ। ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକଙ୍କ ମାର୍ଗଦର୍ଶନରେ ଏହି ମଡେଲ୍ ସିଫ୍ଟ ଅଫିସ୍‌ଗୁଡ଼ିକର ପରିକଳ୍ପନା କରାଯାଇଛି। ସିଫ୍ଟରେ କାର୍ଯ୍ୟରତ କର୍ମଚାରୀ ଏବଂ ଫ୍ରଣ୍ଟଲାଇନ୍ ଟିମ୍‌ର ଆବଶ୍ୟକତା ପୂରଣ ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ। ସୁରକ୍ଷା କୌଣସି ପରିସ୍ଥିତିରେ ଅଣ-ସାଲିସ ଯୋଗ୍ୟ ରହିଲେ ହିଁ ନିରନ୍ତର ଉତ୍ପାଦନ ଉତ୍କର୍ଷ ହାସଲ କରାଯାଇପାରେ, ଏହି ନୀତିକୁ ଏହି ପଦକ୍ଷେପ ଆହୁରି ସୁଦୃଢ଼ କରିଛି। ମଡେଲ୍ ସିଫ୍ଟ ଅଫିସ୍‌ଗୁଡ଼ିକୁ 'କର୍ମଧାରା' ନାମ ଦିଆଯାଇଛି, ଯାହା ଆରଏସପିର କାର୍ଯ୍ୟପ୍ରବାହ, ଦାୟିତ୍ୱବୋଧ ଏବଂ ସାମୂହିକ ପ୍ରୟାସର ନିରନ୍ତର ଧାରାକୁ ପ୍ରତୀକାୟିତ କରେ। ମଡେଲ୍ ସିଫ୍ଟ ଅଫିସ୍‌ଗୁଡ଼ିକର ଏକ ପ୍ରମୁଖ ବିଶେଷତ୍ୱ ହେଉଛି ଏହାର ଆଇଟି-ସକ୍ଷମ ଭିତ୍ତିଭୂମି। କମ୍ପ୍ୟୁଟର ଏବଂ ଇଣ୍ଟରନେଟ୍ ସଂଯୋଗରେ ସଜ୍ଜିତ ଏହି ଅଫିସ୍‌ଗୁଡ଼ିକ ମାଧ୍ୟମରେ ଫ୍ରଣ୍ଟଲାଇନ୍ କର୍ମଚାରୀମାନେ ସିଧାସଳଖ ଶପ୍ ଫ୍ଲୋରରୁ ବିଭିନ୍ନ ଅପରେସନାଲ୍ ଏବଂ ଅନ୍ୟାନ୍ୟ ଅନଲାଇନ୍ ସିଷ୍ଟମ୍‌ରେ ପ୍ରବେଶ କରିପାରିବେ। ଏହି ଦୁଇଟି ମଡେଲ୍ ସିଫ୍ଟ ଅଫିସ୍‌ର ବିକାଶ ଏକ ସାମୂହିକ ପ୍ରୟାସର ଫଳ। ବ୍ଲାଷ୍ଟ ଫର୍ନେସ୍, ଏସଏମଏସ୍-୨, ମାନବ ସମ୍ବଳ, ସିଭିଲ୍ ଇଞ୍ଜିନିୟରିଂ ସର୍ଭିସେସ୍, ଏସି ବିଭାଗ ଏବଂ ସି ଆଣ୍ଡ ଆଇଟି ବିଭାଗର ମିଳିତ ପାରଦର୍ଶିତା, ସମନ୍ୱୟ ଓ ପ୍ରତିବଦ୍ଧତା ଏହି ପଦକ୍ଷେପର ସଫଳ ସମାପ୍ତିରେ ପ୍ରମୁଖ ଭୂମିକା ନିର୍ବାହ କରିଛି।



**PUBLIC NOTICE**

Notice is hereby given to the general public that M/s Dhanlaxmi Mining Associates, through its Proprietor Katakata Jangaya Narayana Prusty, in respect of Balanda Stone Quarry-16, has been accorded Environmental Clearance (EC) for extraction of 40,000 Cum of minor mineral at Plot Nos. 1893(P) & 2010(P), Balanda, Lathikata, Odisha, by SEIAA, Bhubaneswar, vide EC No. EC26C01080R556525N dated 31.08.2026. Copies of the clearance letter and its specific / general conditions are available for inspection with the OSPCB and on the Ministry's website at https://parivesh.nic.in (and/or [SEIAA Website URL]).

Sd/- Katakata Jangaya Narayana Prusty

## ଜାତୀୟ ରିଅଲିଟି ଶୋ'ରେ ଇଫ୍ରାତଙ୍କ ଚମକ



ବଲାଙ୍ଗିର,୩୦।୯(ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ମାଟିର ଆଉ ଏକ ପ୍ରତିଭା ଜାତୀୟ ସ୍ତରରେ ନିଜର ପରିଚୟ ସୃଷ୍ଟି କରିଛନ୍ତି। ଜାତୀୟ ରିଆଲିଟି ଶୋ' "ଇଣ୍ଡିଆ ଟ୍ୟାଲେଣ୍ଟ ଫାଇଟ୍ସ ଟପର ମଡେଲ୍'ର ଜୁନିୟର ବର୍ଗରେ ଲୋଇସିଂହାର କୁନି ଝିଅ ବି. ଜୁଏଲ ଇଫ୍ରାତ ଚାମ୍ପିୟନ୍ ହୋଇଛନ୍ତି। ଉତ୍ତରାଖଣ୍ଡର ରୁର୍କୀସ୍ଥିତ "ସେଫିଲ୍ଡ ଇଣ୍ଟରନ୍ୟାସନାଲ୍ ସ୍କୁଲ୍' ପରିସରରେ ମେଗା ଅଡିସନ୍ ଅନୁଷ୍ଠିତ ହୋଇଥିଲା। ଅଭିନୟ, ମଡେଲିଂ, ନୃତ୍ୟ ଓ ରାପିଂ ଭଳି ବିଭିନ୍ନ କ୍ଷେତ୍ରରୁ ହଜାର ହଜାର ପ୍ରତିଯୋଗୀ ଅଡିସନ୍‌ରେ ଭାଗ ନେଇଥିଲେ। କଠିନ ପ୍ରତିଯୋଗିତା ମଧ୍ୟରେ ନିଜର ପ୍ରତିଭା ଓ ଆତ୍ମବିଶ୍ୱାସର ପରିଚୟ ଦେଇ ଇଫ୍ରାତ ଶ୍ରେଷ୍ଠ ୫୦ ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ସ୍ଥାନ ପାଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ନିଜର ଦକ୍ଷତାକୁ ଆହୁରି ଶାଣିତ କରି ସେ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିଲେ। ଗ୍ରାଣ୍ଡ ଫାଇନାଲରେ ଇଫ୍ରାତ ନିଜର ପ୍ରତିଭା ପ୍ରଦର୍ଶନ କରି ଜୁନିୟର ବର୍ଗରେ ଚାମ୍ପିୟନ୍ ହୋଇଥିଲେ।

# ଦରମା ପାଇଁ ଦିନ ଗଣୁଛନ୍ତି ଧନ୍ଦାମୂଳକ ଶିକ୍ଷକ

ବଲାଙ୍ଗିର,୩୦।୯(ସମିସ)

ବଲାଙ୍ଗିର ଜିଲ୍ଲାରେ ଧନ୍ଦାମୂଳକ ଶିକ୍ଷା ପ୍ରହସନ ସାଜିଛି। ଏହି ଶିକ୍ଷାରେ ନିୟୋଜିତ ଶିକ୍ଷକମାନେ ଦରମା ପାଇଁ ଦିନ ଗଣୁଛନ୍ତି। ଜିଲ୍ଲାରେ କାର୍ଯ୍ୟରତ ଧନ୍ଦାମୂଳକ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ଦେଇଥିବା ସଂସ୍ଥା ମଧ୍ୟ ଭିନ୍ନ ଭିନ୍ନ। ଜିଲ୍ଲାରେ ବର୍ତ୍ତମାନ ପ୍ରାୟ ୧୬୫ରୁ ୧୭୦ ଜଣ ଧନ୍ଦାମୂଳକ ଶିକ୍ଷକ ବିଭିନ୍ନ ବିଦ୍ୟାଳୟରେ ନିୟୋଜିତ ଅଛନ୍ତି। ଏମାନେ ମୋଟ ୬ଟି ନିୟୋଜନ ସଂସ୍ଥା ମାଧ୍ୟମରେ କାର୍ଯ୍ୟ କରୁଛନ୍ତି। ତେବେ ସମସ୍ତେ ଏକ ସମୟରେ ଦରମା ପାଉ ନ ଥିବାରୁ ଏବେ ଏହି ପ୍ରସଙ୍ଗ ଗୁରୁତ୍ୱ ପାଇଛି। ଗ୍ରାମ ତରଙ୍ଗ କମ୍ପାନୀ ଅଧୀନରେ ୫ ଜଣ ଧନ୍ଦାମୂଳକ ଶିକ୍ଷକ, ଶିକ୍ଷୟିତ୍ରୀ କାର୍ଯ୍ୟରତ। ସେମାନଙ୍କୁ ପିଏମଶ୍ରୀ ଓ ସମଗ୍ର ଶିକ୍ଷା ଅଧୀନରେ ଅଗଷ୍ଟ ମାସ ପର୍ଯ୍ୟନ୍ତ ଦରମା ପ୍ରଦାନ କରାଯାଇଛି। ସେହିପରି ହାଇ ଲାଇନ କମ୍ପାନୀ ଅଧୀନରେ ୪୮ ଜଣ ଶିକ୍ଷକ, ଶିକ୍ଷୟିତ୍ରୀ କାର୍ଯ୍ୟରତ। ସେମାନଙ୍କୁ ମେ ମାସ ପର୍ଯ୍ୟନ୍ତ ଦରମା ମିଳିଛି। ଅମାସ୍କିଲ କମ୍ପାନୀ ଅଧୀନରେ ୧୮ ଜଣ ଶିକ୍ଷକ ଅଛନ୍ତି। ଏମାନଙ୍କ ମଧ୍ୟରୁ ସମଗ୍ର ଶିକ୍ଷାର ୧୦ ଜଣଙ୍କୁ ଅଗଷ୍ଟ ପର୍ଯ୍ୟନ୍ତ ଦରମା ମିଳିଛି। ପିଏମଶ୍ରୀରେ କାର୍ଯ୍ୟରତ ୮ ଜଣ ଶିକ୍ଷକଙ୍କୁ ଏପ୍ରିଲ୍ ପର୍ଯ୍ୟନ୍ତ ଦରମା ପ୍ରଦାନ ହୋଇଛି। ଏସେନସିଭ କମ୍ପାନୀ ଅଧୀନରେ କାର୍ଯ୍ୟରତ ୧୨ ଜଣ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଅଗଷ୍ଟ ପର୍ଯ୍ୟନ୍ତ ଦରମା ମିଳିଛି। ଅରିୟନ କମ୍ପାନୀ ଅଧୀନରେ ୧୪ ଜଣ ଧନ୍ଦମୂଳକ ଶିକ୍ଷକ, ଶିକ୍ଷୟିତ୍ରୀ କାର୍ଯ୍ୟରତ। ପିଏମଶ୍ରୀ ଓ ସମଗ୍ର ଶିକ୍ଷା ଅଧୀନରେ ସେମାନଙ୍କୁ ମେ ମାସ

**୧୭୦ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ପାଇଁ ୬ ନିୟୋଜନ ସଂସ୍ଥା**

ପର୍ଯ୍ୟନ୍ତ ଦରମା ମିଳିଛି। ସବୁଠାରୁ ଅଧିକ ୬୮ ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ଭାଲେଉର ଫେବଟେକ୍ସ କମ୍ପାନୀ ଅଧୀନରେ କାମ କରୁଛନ୍ତି। ସେମାନଙ୍କୁ ଜୁଲାଇ ମାସ ପର୍ଯ୍ୟନ୍ତ ଦରମା ପ୍ରଦାନ କରାଯାଇଛି। ଏହି ତଥ୍ୟରୁ ସ୍ପଷ୍ଟ ଯେ ଗୋଟିଏ ଜିଲ୍ଲାରେ ସମାନ ଶିକ୍ଷା ବ୍ୟବସ୍ଥା ଅଧୀନରେ କାର୍ଯ୍ୟରତ ଏହି ଧନ୍ଦାମୂଳକ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଦରମା ପ୍ରଦାନରେ ୨/୪ମାସ ପର୍ଯ୍ୟନ୍ତ ତାରତମ୍ୟ ରହିଛି। ଦରମା ପ୍ରଦାନର ଏହି ଅସମାନତା ଯୋଗୁଁ ବକେୟା ଦରମା ଉପରେ ନିର୍ଭର କରୁଥିବା ଶିକ୍ଷକମାନଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ବିଭିନ୍ନ କମ୍ପାନୀ ମାଧ୍ୟମରେ ନିୟୋଜନ ହୋଇଥିଲେ ମଧ୍ୟ ଶିକ୍ଷକମାନେ ସରକାରୀ ଶିକ୍ଷା ବ୍ୟବସ୍ଥାର ଅଂଶ ଭାବେ ବିଦ୍ୟାଳୟରେ ଦାୟିତ୍ୱ ତୁଲାଉଛନ୍ତି। ଏଣୁ ଦରମା ପ୍ରଦାନରେ ଏକ ସମାନ ଓ ସ୍ୱଚ୍ଛ ବ୍ୟବସ୍ଥା ରହିବା ଆବଶ୍ୟକ। ସେହିପରି ଏଠି ଆଉ ଏକ ବଡ଼ ପ୍ରଶ୍ନ ସାମ୍ନାକୁ ଆସିଛି। ଗୋଟିଏ ବିଭାଗରେ କର୍ମଚାରୀ ନିୟୋଜନ କରିବା ପାଇଁ ଏତେ ସଂଖ୍ୟାରେ ସଂସ୍ଥାକୁ କାହିଁକି ନିୟୋଜିତ କରାଯାଇଛି। ଗୋଟିଏ ସଂସ୍ଥା ଅଧୀନରେ କାର୍ଯ୍ୟକାରୀ ହେଲେ ଦରମା ପ୍ରଦାନରେ ଏହି ସମସ୍ୟା ସୃଷ୍ଟି ହୁଅନ୍ତା ନାହିଁ। ତେବେ ଦରମା ପ୍ରଦାନ ନେଇ ସଂସ୍ଥାଗୁଡ଼ିକ ପାଇଁ ଗାଇଡ଼ ଲାଇନ ରହିଛି। ତାହା ସେମାନେ ମାନୁନି। ବିଭାଗ ମଧ୍ୟ ସେମାନଙ୍କ ଉପର ହାଲୁକା ମନୋଭାବ ପୋଷଣ କରୁଛି। କମ୍ପାନୀ ଅଧୀନରେ କାର୍ଯରତ ଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀ ସେମାନଙ୍କ ଦରମା ନେଇ ମଧ୍ୟ ପ୍ରଶ୍ନ ଉଠାଇପାରୁନାହାନ୍ତି। ଯିଏ ମୁଁହ ଖୋଲିବ ତା ଉପରେ କମ୍ପାନୀ କାର୍ଯ୍ୟାନୁଷ୍ଠାନର ଭୟ ରହିଛି। ଏଣୁ ବାଧ୍ୟ ହୋଇ ସେମାନେ ଚୁପ୍ ରହୁଛନ୍ତି।

## ୧୬ରେ ମା' ସମଲେଶ୍ୱରୀଙ୍କ ଛତର ଯାତ୍ରା

ତୁଷୁରା,୩୦।୯(ସମିସ): ତୁଷୁରାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ଛତର ଯାତ୍ରା ଆସନ୍ତା ୧୬ ତାରିଖରେ ଅନୁଷ୍ଠିତ ହେବ। ମନ୍ଦିର ପୂଜକ ଝାଙ୍କରଙ୍କ ଘରୁ ଗୋଧୂଳି ଲଗ୍ନରେ ମା'ଙ୍କ ମନ୍ଦିରକୁ ଛତର ଯିବ। ଘଣ୍ଟ ବାଦ୍ୟ ସାଂସ୍କୃତିକ ଦଳ ସହ ଶହ ଶହ ଶ୍ରଦ୍ଧାଳୁଙ୍କ ମେଳରେ ମା'ଙ୍କ ଛତର ଯାତ୍ରା ମନ୍ଦିରକୁ ବିଜେ କରିବ। ୧୮ ତାରିଖ ମହାଷ୍ଟମୀରେ ମା' ସମଲେଶ୍ୱରୀଙ୍କ ନଗର ଭ୍ରମଣ ଓ ୧୯ ତାରିଖ ମହା ନବମୀ ମଧ୍ୟ ରାତ୍ରରେ ପୂର୍ଣ୍ଣାହୁତି ହେବ। ଆସନ୍ତା ୧୦ ତାରିଖରେ ମା'ଙ୍କ ଧବଳ ମୁଖୀ ବେଶ ଅନୁଷ୍ଠିତ ହେବ। ୧୧ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ମା'ଙ୍କ ନବ ଦୁର୍ଗା ବେଶ ଅନୁଷ୍ଠିତ ହେବ। ଏ ନେଇ ଚୂଡାନ୍ତ ପ୍ରସ୍ତୁତି ଶେଷ ହୋଇଛି। ବୈଠକରେ କମିଟି ସଭାପତି ଅଜୟ ଜୟଶ୍ୱାଳ, ଉପସଭାପତି ପ୍ରଭାସ ପ୍ରଧାନ, ସମ୍ପାଦକ ରାଜେଶ ସରାଫ, ଯୁଗ୍ମ ସମ୍ପାଦକ କଳାକାହ୍ନୁ ପାଣ୍ଡେ, ମନୀଷ ଅଗ୍ରୱାଲ, କୋଷାଧକ୍ଷ ସୁନୀଲ ଜୈନଙ୍କ ସମେତ ସମସ୍ତ କର୍ମ କର୍ତ୍ତା ଉପସ୍ଥିତ ରହି ଆଲୋଚନା କରିଥିଲେ। ତ୍ରିଦିନାତ୍ମକ ଚଣ୍ଡୀ ଯଜ୍ଞ ପାଇଁ କର୍ତ୍ତା ଭାବରେ ପୁନମ ଜୈନ ସପତ୍ନୀକ ଦାୟିତ୍ୱ ତୁଲାଇବେ। ୧, ୩, ୫ ଓ ୯ମ ଦିନାତ୍ମକ ଅଖଣ୍ଡ ଦୀପ ପ୍ରଜ୍ୱଳନ କରିବା ପାଇଁ କମିଟି ସହିତ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି। ମୂଖ୍ୟ ପୂଜକ ଭାବେ କୁଞ୍ଜ ବିହାରୀ ମିଶ୍ର ଚଣ୍ଡୀ ପାଠ କରିବା ପାଇଁ ବୈଠକରେ ସ୍ଥିର ହୋଇଛି।

**● ସଇଁତଲାକୁ ଏନ୍ଏସି ଦାବିରେ ମାସେ ହେଲା ଧାରଣା ଜାରି**

## କାଲି ବଲାଙ୍ଗିର ଅଭିମୁଖେ ପଦଯାତ୍ରା

ସଇଁତଲା, ୩୦।୯ (ସମିସ): ସଇଁତଲାକୁ ଏନ୍ଏସି ଘୋଷଣା କରିବା ଦାବିରେ ଚାଲିଥିବା ଗଣଧାରଣାକୁ ମାସେ ପୂରିବାକୁ ଯାଉଛି। ଏହି ଆନ୍ଦୋଳନକୁ ଆହୁରି ବ୍ୟାପକ କରିବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି। ସଇଁତଲା ସରପଞ୍ଚ ସୁବ୍ରତ ନାଗଙ୍କ ନେତୃତ୍ୱରେ ଗଣଧାରଣା ଜାରି ରହିଛି। ୨ ତାରିଖରେ ସଇଁତଲାରୁ ବଲାଙ୍ଗୀର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପଦଯାତ୍ରା କରାଯିବ ବୋଲି ସରପଞ୍ଚ ଶ୍ରୀ ନାଗ ସୂଚନା ଦେଇଛନ୍ତି। ସଇଁତଲାକୁ ଏନଏସି ଘୋଷଣା କରିବା ଦାବିରେ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନରେ ସ୍ଥାନୀୟ ଲୋକଙ୍କ ସମର୍ଥନ ମିଳୁଛି। ପ୍ରତିଦିନ ବିଭିନ୍ନ ବର୍ଗର ଲୋକ ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ସମର୍ଥନ ଜଣାଉଛନ୍ତି। ଦୀର୍ଘ ଏକ ମାସ ଧରି ଧାରଣା ଚାଲିଥିଲେ ମଧ୍ୟ ଦାବି ପୂରଣ ନେଇ ଏପର୍ଯ୍ୟନ୍ତ ସ୍ପଷ୍ଟ ସମାଧାନ ନ ମିଳିବାରୁ

**ସରପଞ୍ଚ ସୁବ୍ରତ ନାଗଙ୍କ ନେତୃତ୍ୱରେ ବଡ଼ ଆନ୍ଦୋଳନ ପାଇଁ ପ୍ରସ୍ତୁତି**

ଆନ୍ଦୋଳନକୁ ଆହୁରି ତୀବ୍ର କରିବା ପାଇଁ ପଦଯାତ୍ରାର ନିଷ୍ପତ୍ତି ନିଆଯାଇଥିବା ସରପଞ୍ଚ ଶ୍ରୀ ନାଗ କହିଛନ୍ତି। ପଦଯାତ୍ରାରେ ସଇଁତଲା ସରପଞ୍ଚଙ୍କ ସମର୍ଥକଙ୍କ ସମେତ ସଇଁତଲା ଅଞ୍ଚଳର ବିଭିନ୍ନ ଗାଁ ଓ ବର୍ଗର ଲୋକ ସାମିଲ ହେବେ। ଏହା ମାଧ୍ୟମରେ ଏନଏସି ଦାବିକୁ ଜିଲ୍ଲା ପ୍ରଶାସନ ନିକଟରେ ଆହୁରି ଦୃଢ଼ ଭାବରେ ଉପସ୍ଥାପନ କରାଯିବ ବୋଲି ସେ କହିଛନ୍ତି। ସଇଁତଲାକୁ ଏନଏସି ଘୋଷଣା ନ କରାଯିବା ପର୍ଯ୍ୟନ୍ତ ଦାବିକୁ ନେଇ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ ଜାରି ରହିବ। ଅକ୍ଟୋବର ୨ର ପଦଯାତ୍ରା ମାଧ୍ୟମରେ ଜିଲ୍ଲା ପ୍ରଶାସନ ନିକଟରେ ସଇଁତଲାବାସୀଙ୍କ ଦାବି ଓ ଭାବନାକୁ ପହଞ୍ଚାଇବା ଉଦ୍ଦେଶ୍ୟ ରହିଛି ବୋଲି ସେ କହିଛନ୍ତି। ପଦଯାତ୍ରାକୁ ସଫଳ କରିବା ପାଇଁ ଅଞ୍ଚଳବାସୀ, ସମର୍ଥକ ଓ ବିଭିନ୍ନ ବର୍ଗର ଲୋକଙ୍କୁ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି।

## ରକ୍ତଦାତାଙ୍କୁ ଚାରା ଉପହାର



ବଲାଙ୍ଗିର,୩୦।୯(ସମିସ): ହର୍ଡାଟାଲ ଗ୍ରାମର ଗୁରୁବାରୀ ଭୋଇ ଗୁରୁତର ଅସୁସ୍ଥ ହୋଇ ବଲାଙ୍ଗିରସ୍ଥିତ ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତାଙ୍କର ସ୍ୱାସ୍ଥ୍ୟବସ୍ଥା ବିଗିଡିବାରୁ ଡାକ୍ତର ତାଙ୍କୁ ତୁରନ୍ତ ଜରୁରୀକାଳୀନ ଭାବେ ରକ୍ତ ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ। ଏହି ଖବର ପାଇବା ପରେ ଗୁରୁବାରୀଙ୍କ ପୁଅ ପ୍ରକାଶ ଭୋଇ ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜର ସଭାପତି ଅସୀମ ଭୋଇଙ୍କୁ ଯୋଗାଯୋଗ କରିଥିଲେ। ଅସୀମଙ୍କ ନିବେଦନ କ୍ରମେ ଯୁବ କୁଲୁତା ସମାଜ ସଦସ୍ୟ ମହିମୁଣ୍ଡା ଗ୍ରାମର ଯୁବକ ଜଗନ୍ନାଥ ବିଶ୍ୱାଳ ତୁରନ୍ତ ଆସି ରକ୍ତଦାନ କରିଥିଲେ। ରକ୍ତଦାନ ପରେ ଜଗନ୍ନାଥଙ୍କୁ ଚାରା ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଛି।

## ଟିଟିଲାଗଡ ଷ୍ଟେସନରୁ ଗଞ୍ଜେଇ ଜବତ; ଜଣେ ଗିରଫ

ଟିଟିଲାଗଡ,୩୦।୯(ସମିସ): ଟିଟିଲାଗଡ଼ ରେଳ ଷ୍ଟେସନରୁ ୭ କେଜି ୧୦୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଏହି ଘଟଣାରେ କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା ଭେଜିପଦର ଗ୍ରାମର କ୍ଷୀରପତି ଚନ୍ଦ୍ର ନାୟକ (୪୬) ଗିରଫ ହୋଇଛି। ୫ ନମ୍ବର ପ୍ଲାଟଫର୍ମରେ ଜିଆରପି ଅଧିକାରୀ ସନ୍ତୋଷିନୀ ମହନ୍ତ ପାଟ୍ରୋଲିଂ କରୁଥିବା ସମୟରେ ତା ଉପରେ ସନ୍ଦେହ କରିଥିଲେ। ସେ ସନ୍ଦିଗ୍ଧ ଅବସ୍ଥାରେ ବୁଲୁଥିଲା। ତେବେ ଦୌଡ଼ି ପଳାଇବାକୁ ଉଦ୍ୟମ କରି ବିଫଳ ହୋଇଥିଲା। ଧରା ପଡ଼ିବା ପରେ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ପୁଲିସ ସନ୍ଦେହ କରି ବ୍ୟାଗ ଯାଞ୍ଚ କରିଥିଲା। ଜୁନାଗଡ଼ ପାସେଞ୍ଜର ଟ୍ରେନରେ ସେ ଏହା ରାୟପୁର ଚାଲାଣ କରିବାକୁ ଯୋଜନା କରିଥିଲା।

## ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

କଣ୍ଟାବାଞ୍ଜି,୩୦।୯(ସମିସ): ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା-ଖଡ଼ିଆଳ ୫୯ ନମ୍ବର ଜାତୀୟରାଜପଥ ବୋରୋବାହାଲ ଗାଁଠାରେ ଦୁର୍ଘଟଣା ଘଟିଛି। ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ବଙ୍ଗୋମୁଣ୍ଡା ଥାନା କପିଲାଭଟା ପଞ୍ଚାୟତ ବରତୁଣ୍ଡା ଗାଁର ଦୁଃଖୀ ଭୋଇ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଅଗ୍ନିଶମ ବିଭାଗ ଗାଡିରେ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତର କିନ୍ତୁ ମୃତ ଘୋଷଣା କରିଥିଲେ। ବଙ୍ଗୋମୁଣ୍ଡା ପୁଲିସ ବାଇକ୍ ଏବଂ ଟ୍ରକ୍ ଜବତ କରିଛି।

## ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ଶବ ସତ୍କାର

ଦେଓଗାଁ,୩୦।୯ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା କୁଡୁର୍ଲା ପଞ୍ଚାୟତରେ ଏକ କଲେଜ ପଛପଟୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି।



ମୃତ ବ୍ୟକ୍ତି ଜଣକ ହେଲେ ରାଜ ମୋହନ ବେମାଲ (୫୩)। ସେ ଧଣ୍ଡାମାଳ ପଞ୍ଚାୟତ ଡଙ୍ଗରପଡା ଗ୍ରାମରେ ବିବାହ କରିଥିଲେ। ୧୫ବର୍ଷ ହେଲା ସେ କୁଆଡେ ଚାଲିଯାଇଥିଲେ। କିଛିଦିନ ତଳେ ଗାଁ କୁ ଆସିଥିଲେ। ରାଜମୋହନଙ୍କ ପରିବାରରେ ସ୍ତ୍ରୀ ଓ ୩ଟି ଝିଅ ରହିଛନ୍ତି। ତେବେ ତାଙ୍କ ପରିବାର ଅତ୍ୟନ୍ତ ଗରିବ ଓ ଅସହାୟ ଶ୍ରେଣୀର ହୋଇଥିବାରୁ ମୃତଦେହର ସତ୍କାର ପାଇଁ ସେମାନଙ୍କ ନିକଟରେ ଆର୍ଥିକ ସମ୍ବଳ ନ ଥିଲା। ଦେଓଗାଁ ବ୍ଲକ୍ ଅଧ୍ୟକ୍ଷ ଦୟାନିଧି ଖମାରୀ ପହଞ୍ଚି ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ ସହିତ ଯୋଗାଯୋଗ କରିଥିଲେ। ସଂଗଠନର ସଦସ୍ୟମାନେ ଭୀମ ଭୋଇ ମେଡିକାଲ କଲେଜ୍ ହସ୍ପିଟାଲରେ ପହଞ୍ଚି ବ୍ୟବଚ୍ଛେଦ ପରେ ଗ୍ରହଣ କରିଥିଲେ। ପରେ ସ୍ୱର୍ଗ ରଥ ଯୋଗେ ଶବକୁ ସ୍ଥାନୀୟ ପଥରଚେପା ନିଆଯାଇ ଅନ୍ତିମ ସଂସ୍କାର ସମ୍ପନ୍ନ କରାଯାଇଥିଲା। ଗୋବିନ୍ଦ ଚନ୍ଦ୍ର ଶତପଥୀ, ସାଗର ଚନ୍ଦନ ଓ ସରୋଜ ଜାଲ ପ୍ରମୁଖ ଅନ୍ତିମ ସତ୍କାର କରିଥିଲେ।

## ତୁରେକେଲାରେ ବ୍ଲକ୍‌ସ୍ତରୀୟ କବାଡ଼ି ଚୟନ ଶିବିର



କଣ୍ଟାବାଞ୍ଜି,୩୦।୯(ସମିସ): ଖଗସା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟଠାରେ ତୁରେକେଲା ବ୍ଲକ ବିଦ୍ୟାଳୟ କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ବ୍ଲକସ୍ତରୀୟ ୧୪ ଓ ୧୭ ବର୍ଷରୁ କମ୍ ବାଳକ ଓ ବାଳିକା କବାଡ଼ି ଖେଳାଳି ଚୟନ ପରୀକ୍ଷଣ ଏବଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ତୁରେକେଲା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ବ୍ଲକର ୪ଟି ଜୋନରୁ ୧୭୦ ଜଣ କ୍ରୀଡ଼ାବିତ ଅଂଶଗ୍ରହଣ କରି ନିଜର କ୍ରୀଡ଼ା କୌଶଳ ପ୍ରଦର୍ଶନ କରିଥିଲେ। ଏବିଇଓ ତଥା ବ୍ଲକ କ୍ରୀଡ଼ା ଉପ ସଭାପତି ଫକୀର ଚରଣ ବିଶିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଗସା ସରପଞ୍ଚ ଶାନ୍ତି ତାଣ୍ଡି, ସମ୍ମାନୀତ ଅତିଥି ଭାବେ ସମାଜସେବୀ ମାୟାଧର ତାଣ୍ଡି, ଖଗସା ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ନନ୍ଦ, ଏସଏମସି ସଭାପତି ପରମାନନ୍ଦ ପୁଟେଲ, ଏସଏମସି ଉପ ସଭାପତି ହରିପ୍ରିୟା ଦାସ, ମାକରଚୁଆଁ ସିଆରସିସି ଗଜୟ ଦାସ, ହିଆଁଳ ସିଆରସିସି ବିରଞ୍ଚି ନାରାୟଣ ଦାଶ, ମାନ୍ଦଲା ସିଆରସିସି ଧନସିଂ ମାଝୀ, ପ୍ରଧାନଶିକ୍ଷକ ପ୍ରତାପ ଚନ୍ଦ୍ର କୁଅଁର, କ୍ରୀଡ଼ା ଶିକ୍ଷକ ବିନୋଦ ମହାପାତ୍ର ଏବଂ ବିଏସଏସଏ ସେକ୍ରେଟାରୀ ଶୁଭେନ୍ଦ୍ର ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷୟିତ୍ରୀ ନିତୁ ସିଂହା ମଞ୍ଚ ପରିଚାଳନା କରିଥିଲେ।

## ଇଞ୍ଜିନିୟରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ବଲାଙ୍ଗିର,୩୦।୯(ସମିସ): ବଲାଙ୍ଗିର ଉଠା ଜଳସେଚନ ବିଭାଜନର ଅଧୀକ୍ଷଣ ଯନ୍ତ୍ରୀ ଇଂ ସଚ୍ଚିଦାନନ୍ଦ ଦଳାଇ ଅବସର ଗ୍ରହଣ କରିଛନ୍ତି। ଏଡି ଅବସରରେ ତାଙ୍କ ଉଦ୍ଦେଶ୍ୟରେ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ସୁବାଷ ଚନ୍ଦ୍ର ମହାପାତ୍ର, ଦିଲ୍ଲୀପ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କିରଣବାଳା ସାହୁ ସଭାରେ ସଂଯୋଜନା କରିଥିଲେ।

## ନାରୀ ସ୍ୱାଭିମାନ କୃଷକ ଉତ୍ପାଦକ କମ୍ପାନୀର ବୈଠକ



କଣ୍ଟାବାଞ୍ଜି,୩୦।୯(ସମିସ): ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ହିଆଳ ପଞ୍ଚାୟତ ଖୁଣ୍ଟଲୁମୁଣ୍ଡା ଗାଁରେ ବୁଧବାର ନାରୀ ସ୍ୱାଭିମାନ କୃଷକ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍‌ର ଷଷ୍ଠ ବାର୍ଷିକ ସାଧାରଣ ବୈଠକ (ଆର୍ଥିକ ବର୍ଷ ୨୦୨୫-୨୬) ଅନୁଷ୍ଠିତ ହୋଇଯାଇଛି। ବିଓଡି ଜୟଶ୍ରୀ ସାହୁ ସଭାପତିତ୍ୱ କରିଥିଲେ। ଏପିସି ପ୍ରକଳ୍ପ ଅଧୀନ ତୁରେକେଲା ବ୍ଲକର ୧୬ଟି ପଞ୍ଚାୟତର କମ୍ପାନୀ ଅଂଶୀଦାର ଓ ବିଓଡିମାନଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ତୁରେକେଲା ବ୍ଲକ୍ ମିଶନ ଶକ୍ତି ବିପିଏମ ଚେୟାରମେନ ଶଶିଭୂଷଣ ପୁରୋହିତ, ଜୟନ୍ତ ବାଗ, ଭୂମିସୂତା ସମ୍ରଟ ପ୍ରମୁଖ ମଞ୍ଚାସୀନ ଥିଲେ। ସଦସ୍ୟା ଜୟଶ୍ରୀ ସାହୁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ହିସାବରକ୍ଷକ ନାମିତ କୁମ୍ଭାର ବାର୍ଷିକ ଆୟବ୍ୟୟ ବିବରଣୀ ପାଠ କରିଥିଲେ।

## ଅଣଶିକ୍ଷକ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ତୁଷୁରା,୩୦।୯(ସମିସ): ତୁଷୁରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଣ ଶିକ୍ଷକ କର୍ମଚାରୀ ସରୋଜ ପ୍ରଧାନ ନିଜ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଦୀର୍ଘ ୪୦ବର୍ଷ ଧରି ବିଦ୍ୟାଳୟରେ ସୁଚାରୁ ରୂପେ କାର୍ଯ୍ୟ ତୁଲାଉଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶ୍ରୀ ପ୍ରଧାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ବିଦ୍ୟାଳୟ ର ଇଂରାଜୀ ବିଭାଗ ଅଧ୍ୟାପକ ଦୀନବନ୍ଧୁ ପଣ୍ଡା, ଅର୍ଥନୀତି ବିଭାଗ ଅଧ୍ୟାପକ ଅର୍ଜୁନ ପ୍ରଧାନ, ସୁଜିତ ସାହୁ, ଅଧ୍ୟାପିକା ଅଞ୍ଜଳି ଭୋଇ, ରେଶମା ଛତ୍ରିଆ, ଖେଳ ଶିକ୍ଷକ ମେଘନାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସଂଜୀବ ମିଶ୍ର, ପ୍ରଭାସ ପ୍ରଧାନ, ବାସୁଦେବ ଭୋଇ, ଧରମ ରଣା, ଜୟ କୃଷ୍ଣ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଗଭୀର ନଳକୂପ ମୋଟର ଚୋରି



ଦେଓଗାଁ,୩୦।୯(ସମିସ): ଗାଇବାହାଲ ଗାଁ ନିକଟ ଏକ ଚାଷଜମିରେ ଥିବା ଗଭୀରନଳକୂପରେ ଲାଗିଥିବା ସୋଲାର ମୋଟର ପମ୍ପ ଚୋରି ହୋଇଯାଇଛି। ଏ ନେଇ ଗାଁର ଚାଷୀ ସତ୍ୟପ୍ରିୟ ଷଡଙ୍ଗୀ ଦେଓଗାଁ ଥାନାରେ ଅଭିଯୋଗ କରିଛନ୍ତି।

## ସଫେଇ କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର




ବଲାଙ୍ଗିର,୩୦।୯(ସମିସ): ବଲାଙ୍ଗିର ପୌରପାଳିକା ପକ୍ଷରୁ ସଫେଇ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। କଲେଜ ଛକସ୍ଥିତ କଲ୍ୟାଣ ମଣ୍ଡପଠାରେ ଏହି ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବଲାଙ୍ଗିର ପୌରପାଳିକାର ଅଧ୍ୟକ୍ଷା ଲିକା ସାହୁ, ଉପାଧ୍ୟକ୍ଷ ଏବଂ ସମସ୍ତ କାଉନସିଲର ଯୋଗ ଦେଇଥିଲେ।

## ଗୁଣ୍ଡା ସାହୁ ଅପହରଣ ମାମଲା | ସରିଲା ୨ ଦିନିଆ ରିମାଣ୍ଡ; ଜେଲ୍ ଫେରିଲା ମୁଖ୍ୟ ଅଭିଯୁକ୍ତ

ବଲାଙ୍ଗିର,୩୦।୯(ସମିସ)

ବହୁଚର୍ଚ୍ଚିତ ଗୁଣ୍ଡା ସାହୁ ଅପହରଣ ମାମଲାରେ ମୁଖ୍ୟ ଅଭିଯୁକ୍ତ କ୍ଷିତୀଶ ଚନ୍ଦ୍ର ସାହୁର ରିମାଣ୍ଡ ଅବଧି ଶେଷ ହୋଇଛି। ରିମାଣ୍ଡ ସମୟରେ ପୁଲିସ ତା'ଠାରୁ ଅପହରଣର ଯୋଜନା, ସହଯୋଗୀଙ୍କ ଭୂମିକା, ଟଙ୍କା କାରବାର ଏବଂ ଘଟଣା ପରବର୍ତ୍ତୀ ଷଡ଼ଯନ୍ତ୍ର ସମ୍ପର୍କରେ ଅଧିକ ତଥ୍ୟ ହାସଲ କରିଛି। ତେବେ ତଦନ୍ତ ସ୍ୱାର୍ଥରେ ପୁଲିସ ପକ୍ଷରୁ ସମସ୍ତ ତଥ୍ୟ ଏଯାଏ ସାର୍ବଜନୀନ କରାଯାଇନି। ଅଗଷ୍ଟ ୧୪ରେ ବଲାଙ୍ଗିରରୁ ନରେନ୍ଦ୍ର ସାହୁ ଓରଫ ଗୁଣ୍ଡା ସାହୁଙ୍କୁ ଅପହରଣ କରାଯାଇ ଭୁବନେଶ୍ୱର ନିଆଯାଇଥିଲା। ସେଠାରେ ତାଙ୍କୁ ଅଟକ ରଖି ଧମକ ଦିଆଯାଇଥିବା ଏବଂ ଭିଡିଓ ରେକର୍ଡ କରାଯାଇଥିବା ପୁଲିସ କହିଥିଲା। ପରେ ପୁଲିସ ତାଙ୍କୁ ଉଦ୍ଧାର କରିଥିଲା। ତଦନ୍ତ ସମୟରେ କ୍ଷିତୀଶ

**● ଏବେ ମିଳିଥିବା ତଥ୍ୟକୁ ନେଇ ଖୋଳତାଡ଼**
**● ପୁଲିସର ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଉପରେ ନଜର**

ମୋବାଇଲରୁ ୧୨ଟି ଭିଡିଓ ମିଳିଥିବା ପୁଲିସ ପ୍ରକାଶ କରିଥିଲା। ଭିଡିଓଗୁଡ଼ିକରେ ଗୁଣ୍ଡା ସାହୁଙ୍କୁ ଚାପରେ ରଖି କିଛି ଦୃଶ୍ୟ ରେକର୍ଡ କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ କ୍ଷିତୀଶ ସହ ତା' ଭଉଣୀ ସ୍ନେହା ମଞ୍ଜରୀ, ସହଯୋଗୀ ସାମ୍ବାଦିକ ସଞ୍ଜୟ ଜେନା, ସଂଜିତ ବେହେରାକୁ ପୁଲିସ ପୂର୍ବରୁ ଗିରଫ କରିଥିବା ବେଳେ ଅନ୍ୟ ୬ ଜଣ ଫେରାର ଅଛନ୍ତି। ତେବେ ମାମଲାର ଦେଢ଼ ମାସ ପରେ ପୁଲିସ କ୍ଷିତୀଶକୁ ରିମାଣ୍ଡରେ ଆଣିବା ପରେ ପୁଣି ଏହି ମାମଲା ଚର୍ଚ୍ଚାକୁ ଆସିଥିଲା। ଗୁରୁବାର ରିମାଣ୍ଡ ଅବଧି ଶେଷ ହୋଇଛି। ଏହି ରିମାଣ୍ଡ ସମୟରେ କ୍ଷିତୀଶଙ୍କୁ ଘଟଣାକ୍ରମ, ଅପହରଣ ପୂର୍ବରୁ କାହା ସହ ଯୋଗାଯୋଗ ହୋଇଥିଲା, କେଉଁମାନେ ଅପହରଣରେ ସାମିଲ ଥିଲେ, ଅପହୃତଙ୍କୁ କେଉଁ ପଥରେ ଭୁବନେଶ୍ୱର ନିଆଯାଇଥିଲା, ଏହି ଘଟଣାର ଅସଲ ପୃଷ୍ଠଭୂମି କଣ ଥିଲା, ଆଉ କିଛି ଯୋଜନା ଥିଲା କି ସେ ସମ୍ପର୍କରେ ପଚରାଉଚରା କରାଯାଇଥିବା ଆଲୋଚନା ହେଉଛି। ତଦନ୍ତରେ କ୍ଷିତୀଶର ମୋବାଇଲ୍ ଫୋନ୍ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ହୋଇଥିବା ବେଳେ ତାହା ପୂର୍ବରୁ ଯାଞ୍ଚ ହୋଇଛି; କିନ୍ତୁ ଆଜି ପର୍ଯ୍ୟନ୍ତ ଗୁଣ୍ଡା ସାହୁଙ୍କ ମୋବାଇଲ ଫୋନର କିଛି ଖୋଜ ଖବର ନ ଥିବା ଜଣାପଡ଼ିଛି। ଗୁଣ୍ଡା ସାହୁଙ୍କ ମୋବାଇଲ ଏକ ବଡ ପ୍ରମାଣ ହୋଇଥିବା ବେଳେ ପୁଲିସ ଏହାକୁ ଉଦ୍ଧାର କରିପାରିନାହିଁ। ଏନେଇ ମଧ୍ୟ ପୁଲିସ କ୍ଷିତୀଶକୁ ପ୍ରଶ୍ନ କରିଥାଇପାରେ ବୋଲି ଚର୍ଚ୍ଚା ହେଉଛି। ରିମାଣ୍ଡ ଶେଷ ପରେ କ୍ଷିତୀଶକୁ ନିୟମ ଅନୁଯାୟୀ କୋର୍ଟରେ ହାଜର କରିବା ପରେ ପୁଣି ଜେଲକୁ ପଠାଇ ଦିଆଯାଇଛି। ଆଗକୁ ତଦନ୍ତକାରୀ ଦଳ ମୁଖ୍ୟତଃ ୩ଟି ଦିଗ ଅପହରଣର ସମ୍ପୂର୍ଣ୍ଣ ଷଡ଼ଯନ୍ତ୍ରର ପ୍ରମାଣ ସଂଗ୍ରହ, ଆର୍ଥିକ କାରବାରର ଯାଞ୍ଚ ଏବଂ ମାମଲାରେ ଅନ୍ୟ କାହାର ଭୂମିକା ଥିଲା କି ନାହିଁ ତାହାର ଖୋଳତାଡ଼ ଉପର ଗୁରୁତ୍ୱ ଦେଇପାରେ ବୋଲି ଚର୍ଚ୍ଚା ହେଉଛି। ତେବେ ରିମାଣ୍ଡ ସମୟରେ କ୍ଷିତୀଶଠାରୁ ଠିକ୍ କେଉଁ ନୂଆ ତଥ୍ୟ ବା ପ୍ରମାଣ ମିଳିଛି, ଆଉ କାହାକୁ ରିମାଣ୍ଡ ରେ ଅଣାଯିବ ନା ନାହିଁ ସେ ସମ୍ପର୍କରେ ପୁଲିସର ଅଧିକାରୀ କୌଣସି ସ୍ପଷ୍ଟ ବିବୃତ୍ତି ରଖୁ ନ ଥିବା ବେଳେ କିଛି ସ୍ପଷ୍ଟ ସୂଚନା ମିଳିନାହିଁ। ତଥାପି କ୍ଷିତୀଶଠାରୁ ପୁଲିସ ବେଶ୍ କିଛି ତଥ୍ୟ ସଂଗ୍ରହ କରିଥିବା ଜଣାପଡିଛି। ଏହି ମାମଲାରେ ତଦନ୍ତ ଜାରି ରହିଥିବାରୁ ପୁଲିସର ପରବର୍ତ୍ତୀ ଚାର୍ଜଶିଟ୍ ଓ ଅଦାଲତ ପ୍ରକ୍ରିୟା ଉପରେ ଏବେ ନଜର ରହିଛି।

## ଦୁର୍ଗାପୂଜା ପାଇଁ କର୍ମକର୍ତ୍ତା ଚୟନ

ଦେଓଗାଁ,୩୦।୯(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ହାତୀସରାରେ ୧୮ତମ ସାର୍ବଜନୀନ ଦୂର୍ଗାପୂଜା ଓ ନବରାତ୍ର ପର୍ବ ପାଇଁ ପରିଚାଳନା କମିଟି ଗଠନ ହୋଇଛି। ସଭାପତି ଭାବେ ସୁଶାନ୍ତ ହରପାଲ, ସମ୍ପାଦକ ଭାବେ ବିଘ୍ନରାଜ କୁଅଁର, ଉପ-ସଭାପତି ଭାବେ ହେମନ୍ତ ବାଗ, ସହସମ୍ପାଦକ ଭାବେ ବୁଲୁ ନନ୍ଦ, କୋଷାଧ୍ୟକ୍ଷ ଭାବେ ଜଗଦୀଶ ନନ୍ଦ, ସହ-ସଂଯୋଜକ ଭାବେ ମଣ୍ଟୁ ସୁନା, ଅମରସିଂ ବାଗ, ରାଜ ସୁନା, ସେମିଙ୍କ ହରପାଲ ଓ ଶୁଭମ ନନ୍ଦ ପ୍ରମୁଖ ମନୋନିତ ହୋଇଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ଅନ୍ୟର ଜୀବନରେ ଦଖଲ ଦେଇ ତୁମ ଜୀବନର ମୂଲ୍ୟବାନ ସମୟ ନଷ୍ଟ କରନାହିଁ ।

-ଷ୍ଟିଭ୍ ଜବ୍ସ୍

## ଘା' ପଚିଯିବା ପରେ...

ଶେଷରେ ଭାରତର ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ କାର୍ଯ୍ୟଶୈଳୀ ସମ୍ପର୍କିତ ମାମଲାର ଶୁଣାଣି ପାଇଁ ଦେଶର ସର୍ବୋଚ୍ଚ ଅଦାଲତ ସମ୍ମତ ହୋଇଛନ୍ତି । କିନ୍ତୁ ଆମ ବିନମ୍ର ମତରେ ମାନ୍ୟବର ଅଦାଲତ ବିଳମ୍ବ କରିଦେଲେ । ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ସେଠାରେ ସମ୍ପନ୍ନ ହୋଇଥିବା ଏସ୍ଆଇଆର ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ଓ ଉଦ୍ଦେଶ୍ୟମୂଳକ ଯୋଗ-ବିୟୋଗ ଅଭିଯୋଗର ଶୁଣାଣି ବେଳେ ଏଭଳି ନ୍ୟାୟିକ ସମ୍ବେଦନଶୀଳତା ଦୃଷ୍ଟିଗୋଚର ହୋଇଥିଲେ ବୋଧହୁଏ ଆଜି ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରର ରକ୍ଷକ (ନିର୍ବାଚନ ଆୟୋଗ) ବିଶ୍ୱ ଦରବାରରେ ସନ୍ଦେହ-ଚକ୍ଷୁଶୂଳ ହୋଇ ନ ଥା'ନ୍ତା କି ଏହି ମର୍ଯ୍ୟାଦାଜନକ ଅନୁଷ୍ଠାନ ଗଣତାନ୍ତ୍ରିକ-ଏକଛତ୍ରବାଦ ବିବାଦରେ ଗରିମା ହରାଇବା ପରି ସ୍ଥିତି ସୃଷ୍ଟି ହୋଇ ନ ଥା'ନ୍ତା । ଯିଏ ଭୋଟରଙ୍କ ବୈଧତାକୁ କାଠଗଡ଼ାକୁ ଟାଣିଥିଲା ସେ ସ୍ୱୟଂ କାଠଗଡ଼ାକୁ ଟାଣି ହୋଇଯାଇଛି ।

ତିନିସଦସ୍ୟ ବିଶିଷ୍ଟ ନିର୍ବାଚନ ଆୟୋଗର ସମସ୍ତସଦସ୍ୟ ଶାସକ ଦଳର ଇଚ୍ଛାନୁସାରେ ନିଯୁକ୍ତି ପାଇଛନ୍ତି । ତଥାପି ଦୁଇ ଆୟୁକ୍ତଙ୍କ ମତ ଓ ପ୍ରସ୍ତାବ ଆଦିକୁ ଆଡ଼େଇ ଦେଇ ମୁଖ୍ୟ ଆୟୁକ୍ତ ଏକପାଖିଆ ନିଷ୍ପତ୍ତି ନେବା ଅଗଣତାନ୍ତ୍ରିକ । ଏଥିରୁ ପ୍ରଥମ ପ୍ରଶ୍ନ ଉଠୁଛି ଯେ ନିଷ୍ପତ୍ତି ନେବାରେ ଅନ୍ୟ ଦୁଇ ଆୟୁକ୍ତ ଦକ୍ଷତା ଓ ପାରିଦର୍ଶିତା ଉପରେ କିଛି ସନ୍ଦେହ ରହିଛି କି? ଦ୍ୱିତୀୟ ଅଥଚ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହେଉଛି ମୁଖ୍ୟଆୟୁକ୍ତଙ୍କ ଏପ୍ରକାର ଏକଚାଟିଆ କାରବାର ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ ନା ଅହଂକାର? ଏପ୍ରଶ୍ନର ଉତ୍ତର ଅଦାଲତ ଶୁଣାଣି ବେଳେ ମିଳିବ ନାହିଁ । କିନ୍ତୁ ଏହା ନିଶ୍ଚିତ ଯେ ମୁଖ୍ୟ ଆୟୁକ୍ତଙ୍କ ମନମୁଖି କାର୍ଯ୍ୟକଳାପକୁ ସହିବାର ଧୈର୍ଯ୍ୟ ଲଙ୍ଘନ କରିବା ପରେ ଅନ୍ୟ ଦୁଇ ଆୟୁକ୍ତ ବାଧ ହୋଇ ଲିଖିତ ସ୍ୱର ଉତ୍ତୋଳନ କରିଛନ୍ତି । ନିର୍ବାଚନ ରଣନୀତିକାର ଓ ରାଜନୈତିକ ବିଶାରଦଙ୍କ ଦୃଷ୍ଟିରେ ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ଆପତ୍ତିଜନକ ନିଷ୍ପତ୍ତି ସହିତ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଏଜେଣ୍ଡା ଓ ନିର୍ବାଚନ ଫଳାଫଳ ମେଳ ଖାଉଥିବାରୁ ଗଣତାନ୍ତ୍ରିକ ରାଷ୍ଟ୍ରରେ ସମ୍ପୃକ୍ତ ଗଣତାନ୍ତ୍ରିକ ଅନୁଷ୍ଠାନର କାର୍ଯ୍ୟପନ୍ଥା ଗର୍ହିତ ।

ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଆରମ୍ଭ ହୋଇଥିବା ଏସ୍ଆଇଆରର ସାମଗ୍ରିକ ବିବାଦସ୍ପଦ ପ୍ରକ୍ରିୟା ପାଇଁ କେବଳ ନିର୍ବାଚନ ଆୟୋଗ ଅଭିଯୁକ୍ତ ନୁହନ୍ତି । ବିରୋଧୀଦଳର ଅଭିଯୋଗ ଅନୁଯାୟୀ ଏଥିପାଇଁ ପ୍ରଚ୍ଛନ୍ନ ଚାପ ଓ ନିର୍ଦ୍ଦେଶ ଆସୁଥିଲା ଏବଂ ତାହାକୁ ନିର୍ବାହ କରୁଥିଲେ ମୁଖ୍ୟ ନିର୍ବାଚନ ଆୟୁକ୍ତ । ଏହି ଅଭିଯୋଗ ବିଧିବଦ୍ଧ ପ୍ରମାଣ ଅପେକ୍ଷାରେ ଥିବା ବେଳେ ଅନ୍ୟ ଦୁଇ ଆୟୁକ୍ତଙ୍କ ଅସନ୍ତୋଷଭରା ଚିଠି ସାର୍ବଜନିନ ହୋଇ ଆଉ ଅଧିକ ପ୍ରମାଣର ଆବଶ୍ୟକତାରେ ପୂର୍ଣ୍ଣଚ୍ଛେଦ ଟାଣିଛି ।

ପଶ୍ଚିମବଙ୍ଗ ଏସ୍ଆଇଆରରୁ ଯେଉଁ ୨୭ ଲକ୍ଷ ଭୋଟର ବାଦ୍ ପଡ଼ିଥିଲେ ସେଥିରୁ ୯୧% ପୁଣି ତାଲିକାଭୁକ୍ତ ହୋଇଛନ୍ତି । ଅର୍ଥାତ୍ ସେମାନେ ଅବୈଧ ନାଗରିକ ନ ଥିଲେ ବୋଲି ପ୍ରମାଣ ହୋଇଗଲା । କିନ୍ତୁ ସେମାନେ ଯେଉଁ ଭୋଟଦାନ ଅଧିକାର ହରାଇଲେ ତାହାର ଭରଣା କରିବ କିଏ? ସେତେବେଳେ ସମ୍ବିଧାନର ରକ୍ଷକ ଭାବରେ ଅଦାଲତ ନିରପେକ୍ଷ ରେଫରିର ଭୂମିକା ନିର୍ବାହ କରିବା ଭାରତର ଜନସାଧାରଣ ଆଶା କରିଥିଲେ । କିନ୍ତୁ ଅଦାଲତ ଆଶାନୁରୂପ ଗୁରୁତ୍ୱ ନ ଦେଲେ ନାହିଁ, ଅଧିକନ୍ତୁ ଏସ୍ଆଇଆରରେ ନିର୍ବାଚନ ଆୟୋଗର ସ୍ୱାଧୀନ ନିଷ୍ପତ୍ତିକୁ ସମର୍ଥନ କଲେ । କିନ୍ତୁ ତା' ଭିତରେ ଯେ ଏତେ କଥା ଥିଲା ତାହା ଏବେ ଯାଇ ସାମ୍ନାକୁ ଆସିଲା । ବିହାର ଏସ୍ଆଇଆରରେ ଭୋଟର ପରିଚୟପତ୍ରକୁ ପ୍ରମାଣ ରୂପେ ଗ୍ରହଣ କରିବାକୁ ନିର୍ବାଚନ ଆୟୋଗଙ୍କୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଥିବା ବେଳେ ପଶ୍ଚିମବଙ୍ଗରେ ରେକର୍ଡ ୨୭ ଲକ୍ଷ ଭୋଟର ବାଦ୍ ପଡ଼ିବା ପରେ 'ଆର ଥରକୁ ଭୋଟ ଦେବ' ଭଳି ହାଲ୍କା ରାୟ ଶୁଣିବାକୁ ମିଳିଲା । ତେଣୁ ସମୀକ୍ଷକଙ୍କ ମତରେ ଏବେ ଚେତିବା ବେଳକୁ ନେଡ଼ିଗୁଡ଼ କହୁଣୀକୁ ବୋହିସାରିଛି । କେହି ତାଗିଦ୍ କରିବାର ସମ୍ଭାବନା ଊଣା ଥିବାରୁ ଏସ୍ଆଇଆରରେ ଉଦ୍ଦେଶ୍ୟମୂଳକ ପାତରଅନ୍ତର ଏକ ଅଭ୍ୟାସରେ ପରିଣତ ହେଲା ଏବଂ ଗୋଟିଏ ପରେ ଗୋଟିଏ ରାଜ୍ୟକୁ ସଂକ୍ରମିତ ହୋଇଚାଲିଲା ।

ନିର୍ବାଚନକୁ ସ୍ୱଚ୍ଛ ଓ ଭୋଟର ତାଲିକାକୁ ତ୍ରୁଟିଶୂନ୍ୟ କରିବାରେ ଏସ୍ଆଇଆରର ଭୂମିକାକୁ ଅସ୍ୱୀକାର କରାଯାଇପାରିବ ନାହିଁ । କିନ୍ତୁ ତାହା ଯଦି ଉଦ୍ଦେଶ୍ୟମୂଳକ ବା ପାତରଅନ୍ତର ଭଳି ଗର୍ହିତ ଅଭିଯୋଗ ଜଡ଼ିତ ହୁଏ ଏବଂ ଏହାର ରକ୍ଷକମାନେ ଦେଖି ନ ଦେଖିବାର ଅଭିନୟ କରନ୍ତି ତେବେ ତାହା ସୁସ୍ଥ ଗଣତନ୍ତ୍ରର ପରିପନ୍ଥୀ । ଏଭଳି ଏକ ଅବାଞ୍ଛିତ ଘଟଣାକ୍ରମେ ଏସ୍ଆଇଆର ରୂପରେ ଗଣତନ୍ତ୍ର ପ୍ରକ୍ରିୟାରେ ସୃଷ୍ଟି ହୋଇଥିବା ଘା'ଟି କ୍ରମଶଃ ପଚିଯାଇ ସମଗ୍ର ଶରୀର (ଗଣତନ୍ତ୍ର) ର ୧୩ କୋଟି ସୁସ୍ଥ କୋଷ (ଭୋଟର) କୁ ମାରି ଅଲଗା କରିଦେଇଛି । ଘା' ଦେଇଥିବା ପୀଡ଼ାର ଉପଶମ ପାଇଁ କେବଳ ଅସ୍ତ୍ରୋପଚାର ହିଁ ଏକମାତ୍ର ବିକଳ୍ପ । କିନ୍ତୁ ଏହି ଅସ୍ତ୍ରୋପଚାର ଯେଉଁ ବିଭାଗ ଅଧୀନରେ ଆସୁଛି ସେ ତ ଘା'କୁ ଦେଖି ନ ଦେଖିବା ଭଳି ବା ଉଦ୍ଦେଶ୍ୟମୂଳକ ଭାବେ ନିରବ ସମର୍ଥନ କରୁଛି । ତେଣୁ ଗଣତନ୍ତ୍ର ରୂପକ ଶରୀରର ଚିକିତ୍ସା ପାଇଁ ବିକଳ୍ପ ଆୟୁର୍ବିଜ୍ଞାନ ବିଶେଷଜ୍ଞଙ୍କ ସନ୍ଧାନ ଅପରିହାର୍ଯ୍ୟ ।

## ସାହିତ୍ୟରେ ଅପହୃତ ସୁଯୋଗ

ଅବଶ ପରିଡ଼ା

ସଫଳତା କ'ଣ କେବଳ କଠିନ ପରିଶ୍ରମ ଉପରେ ନିର୍ଭର କରେ, ନା ଆରମ୍ଭରୁ ମିଳିଥିବା କୌଣସି ସୁବିଧା ଏହି ଯାତ୍ରାକୁ ସହଜ କରିଦିଏ? କାହିଁକି କିଛିଲୋକଙ୍କ ଉନ୍ନତି, ଲୋକପ୍ରିୟତା ବଢ଼ି ଚାଲିଥାଏ ଏବଂ ଅନ୍ୟପକ୍ଷେ ସମାନ ଭାବରେ କଠିନ ପରିଶ୍ରମ କରିବା ସତ୍ତ୍ୱେ ଆଉ କିଛି କାହିଁକି ପଛରେ ପଡ଼ିଯା'ନ୍ତି? ଏମିତି ପ୍ରଶ୍ନ ଆମ ମନକୁ ଆସିବା ସ୍ୱାଭାବିକ । ଉଦାହରଣ ସ୍ୱରୂପ, ଆପଣ ଦେଖିଥିବେ କିଛି ଜଣାଶୁଣା ବରିଷ୍ଠ ଲେଖକଙ୍କୁ ସଭା, ସମିତି, ଗଣମାଧ୍ୟମରେ ଅଧିକ ଗୁରୁତ୍ୱ ଦିଆଯାଏ । ବାରମ୍ବାର ସମ୍ବର୍ଦ୍ଧନା ଓ ପୁରସ୍କାର ବି ମିଳେ । ତାଙ୍କ ରଚିତ ବହିର ପ୍ରଚାର ଓ ପ୍ରସାର ମଧ୍ୟ ଅଧିକ ହୁଏ । ବିଡ଼ମ୍ବନା ଯେ ସମାନ ଜ୍ଞାନ ଓ ଲେଖନଶୈଳୀ ଥିବା ନୂଆ ଲେଖକଟି କିନ୍ତୁ ଏ ସବୁ ସୁଯୋଗ ହରାଏ । ଏହାର ଅର୍ଥ ନୁହେଁ ଯେ ସଫଳ ଲେଖକମାନେ ଏଥିପାଇଁ ଯୋଗ୍ୟ ନୁହନ୍ତି । ବରଂ ଏହାର ଅର୍ଥ ହେଉଛି ଯେ ପ୍ରତିଭା ଓ ବର୍ତ୍ତମାନର କାର୍ଯ୍ୟଦକ୍ଷତା ବ୍ୟତୀତ ଖ୍ୟାତି ମଧ୍ୟ ସୁଯୋଗ ଉପରେ ପ୍ରଭାବ ପକାଇପାରେ । ଚୁମ୍ବକରେ କହିଲେ ଯେଉଁମାନଙ୍କ ପାଖରେ ପୂର୍ବରୁ ଅଧିକ ସୁଯୋଗ ଅଛି ସେମାନେ ପ୍ରାୟତଃ ଆହୁରି ଅଧିକ ସୁଯୋଗ ପାଆନ୍ତି ଏବଂ ଯେଉଁମାନେ କମ୍ ସୁଯୋଗ ସହିତ ଆରମ୍ଭ କରନ୍ତି ସେମାନେ ପଛରେ ପଡ଼ିଯାନ୍ତି । ଏହାକୁ ସମାଜବିଜ୍ଞାନରେ 'ମାଥ୍ୟୁ ଇଫେକ୍ଟ' କୁହାଯାଏ । ଏହା ଏକ ସାଧାରଣ ସିଦ୍ଧାନ୍ତ ଉପରେ କାର୍ଯ୍ୟ କରେ । ତାହା ହେଉଛି ଧନୀ ଆହୁରି ଧନୀ ହୁଏ, ଗରିବ ଆହୁରି ଗରିବ ହୁଏ ଏବଂ ଲୋକପ୍ରିୟ ବ୍ୟକ୍ତି ଆହୁରି ଲୋକପ୍ରିୟ ହୁଏ ।

ଆମେରିକୀୟ ସମାଜଶାସ୍ତ୍ରୀ ରବର୍ଟ କେ. ମର୍ଟନ୍ 'ମାଥ୍ୟୁ ଇଫେକ୍ଟ' ଶବ୍ଦର ପ୍ରଚଳନ କରିଥିଲେ । ଶୈକ୍ଷିକ ଭାବରେ ଏହାର ଅର୍ଥ ହେଉଛି ଯେ ଆରମ୍ଭରେ ଏକ ଛୋଟ ସୁଯୋଗ ବା ସୁବିଧା ପରବର୍ତ୍ତୀ କାଳରେ ବଡ଼ ସୁବିଧା ଆଣିପାରେ । ସମାଜବିଜ୍ଞାନ ଦୃଷ୍ଟିରୁ ଏହା ଦର୍ଶାଏ ଯେ ସଫଳତା ସବୁବେଳେ କେବଳ ପ୍ରତିଭା କିମ୍ବା କଠିନ ପରିଶ୍ରମର ଫଳାଫଳ ନୁହେଁ । ଯେଉଁମାନେ ଭଲ ଶିକ୍ଷା, ଅର୍ଥ, ପରିବାରର ସମର୍ଥନ, ଉଚ୍ଚ ସମ୍ପର୍କ କିମ୍ବା ଅପ୍ରତ୍ୟାଶିତ ସୁଯୋଗ ସହିତ ଆରମ୍ଭ କରନ୍ତି ସେମାନେ ପ୍ରାୟତଃ ସଫଳ ହେବାର ଅଧିକ ସୁଯୋଗ ପାଆନ୍ତି । ଆନୁଷ୍ଠାନିକ ବ୍ୟବସ୍ଥା ଏବଂ ସାମାଜିକ ସଂଗଠନଗୁଡ଼ିକ ଏହି ଛୋଟ ଓ ପ୍ରାରମ୍ଭିକ ସୁବିଧାଗୁଡ଼ିକୁ ବିଶାଳ ତଥା ସ୍ଥାୟୀ ଅସମାନତାରେ ପରିଣତ କରିସାରିଛନ୍ତି । ତେଣୁ ଆମ ଚାରିପାଖରେ ଥିବା ସାମାଜିକ ପରିସ୍ଥିତି କିଛି ଲୋକଙ୍କୁ ଆରମ୍ଭରୁ ଅଗ୍ରଣୀ ସ୍ଥିତି ପ୍ରଦାନ କରି ଅଧିକ ସୁବିଧା ହାସଲ କରିବା ସହଜ କରିଦେଇଛି ।

ଉପରୋକ୍ତ ସାମାଜିକ ପରିବେଶକୁ 'ସଞ୍ଚିତ ସୁବିଧା' (କ୍ୟୁମୁଲେଟିଭ୍ ଆଡ୍‌ଭାଣ୍ଟେଜ୍) କୁହାଯାଏ । ଅତୀତରେ ହାସଲ କରିଥିବା ସଫଳତା, ସମ୍ପତ୍ତି କିମ୍ବା ସୁବିଧା ଆଧାରରେ ହିଁ ଜଣେ ବ୍ୟକ୍ତିକୁ ଭବିଷ୍ୟତରେ ଅଧିକ ସୁଯୋଗ ମିଳିଥାଏ । ଏହାର ସାମଗ୍ରିକ ଫଳାଫଳ ହେଉଛି ଯେ ଏହାଦ୍ୱାରା କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ପାଇଁ ସୁବିଧାସୁଯୋଗ ବୃଦ୍ଧି ପାଏ । ପରବର୍ତ୍ତୀ ସମୟରେ ଏହା ସ୍ୱୟଂ-ଦୃଢ଼ୀଭୂତ ଚକ୍ର (ସେଲ୍‌ଫ ରିଇନ୍‌ଫୋର୍ସିଂ ଲୁପ୍) ପରି ଏକ ଅବସ୍ଥା ସୃଷ୍ଟି କରେ । ସାହିତ୍ୟ ଜଗତରେ ମଧ୍ୟ ଏହାର ପ୍ରୟୋଗ ଦେଖାଯାଏ । ଏକ ବଡ଼ ପୁରସ୍କାର କେବଳ ସଫଳତାର ସ୍ୱୀକୃତି ନୁହେଁ, ବରଂ ଏହା ଏପରି ଏକ ସମ୍ବଳରେ ପରିଣତ ହୋଇଯାଏ ଯାହା ପରବର୍ତ୍ତୀ ସଫଳତା ହାସଲ କରିବାରେ ସହାୟକ ହୁଏ । ପୁରସ୍କାର ଉପରେ ହୋଇଥିବା ଏକ ଗବେଷଣା ଏହି ଧାରଣାକୁ ଆହୁରି ଦୃଢ଼ କରେ । କିନ୍ତୁ ଗବେଷକମାନେ ଏହା ମଧ୍ୟ ସତର୍କ କରାଇଦେଇଛନ୍ତି ଯେ କେବଳ ପୁରସ୍କାର ହିଁ ପରବର୍ତ୍ତୀ ସଫଳତାର କାରଣ ହେବ ବୋଲି ସେମିତି କୌଣସି ନିଶ୍ଚିତତା ନାହିଁ । ପୂର୍ବ ଦକ୍ଷତା, ଉତ୍ପାଦକତା ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ମଧ୍ୟ ଏହି ଢାଞ୍ଚାକୁ ପ୍ରଭାବିତ କରିପାରେ ।

ବିପରୀତ ଭାବରେ କ୍ରମବର୍ଦ୍ଧିତ ସୁଯୋଗର ଅଭାବ ଦ୍ୱାରା ଏକ ଦୁଷ୍ଟ ବୃତ୍ତ ସୃଷ୍ଟି କରେ । ଯଦି ଆରମ୍ଭରୁ କାହା ପାଖରେ ସମ୍ବଳ ବା ସୁବିଧା ସୁଯୋଗର ଅଭାବ ଥାଏ, ତେବେ ତାହା ଗୋଟିକ ପରେ ଗୋଟିଏ ଅନେକ ସାମାଜିକ କିମ୍ବା ବ୍ୟବସ୍ଥାଗତ ସମସ୍ୟା ଛିଡ଼ା କରିଦିଏ । ଯାହାଫଳରେ ସେହି ଚକ୍ରବ୍ୟୂହରୁ ବାହାରିବା କଷ୍ଟକର ହୋଇପଡ଼େ । ଉଦାହରଣ ସ୍ୱରୂପ, ଜଣେ ନୂତନ ଲେଖକ, ଯାହାଙ୍କ ସାହିତ୍ୟ ଜଗତରେ କୌଣସି ସମ୍ପର୍କ ନାହିଁ, ସେ ନିଶ୍ଚିତ ଭାବରେ ପ୍ରବେଶ ନିୟନ୍ତ୍ରଣ ବାଧକର ସମ୍ମୁଖୀନ ହେବାର ଆଶଙ୍କା ଅଧିକ ଥାଏ । ପ୍ରକାଶନ ସଂସ୍ଥା, ସାହିତ୍ୟିକ ସଂସ୍ଥା ବା ସରକାରୀ ସଂସ୍ଥାରେ ନୂଆ ପ୍ରତିଭାର ବିଶ୍ଳେଷଣ କରିବା ପାଇଁ ପ୍ରତିନିଧି ବା ମାଧ୍ୟମର ଆବଶ୍ୟକତା ପଡ଼େ । ଏହି ମାଧ୍ୟମ ସବୁ ନିର୍ଦ୍ଦିଷ୍ଟ ସାମାଜିକ ନେଟୱାର୍କ ଦ୍ୱାରା ପରିଚାଳିତ । ତେଣୁ ନୂଆବ୍ୟକ୍ତିଙ୍କୁ ସୁଯୋଗ ମିଳିବା କଷ୍ଟ ହୋଇପଡ଼େ । ସଂସ୍ଥାଗତ ସମର୍ଥନ ବିନା ଲେଖକଟି ସ୍ୱ-ପ୍ରକାଶନ କରେ, ନିଜ ପ୍ରଚାର ନିଜେ କରେ ଏବଂ ନିଜ କୃତି ବି ନିଜେ ବାଣ୍ଟେ । ଅପରପଟେ ମୁଖ୍ୟଧାରାର ସାହିତ୍ୟିକଙ୍କ ପରିସଂସ୍ଥା ଏହାକୁ ଗୁଣବତ୍ତାର ଅଭାବ ଭାବରେ ଭୁଲ ବ୍ୟାଖ୍ୟା କରନ୍ତି । ଏହାଦ୍ୱାରା ନୂଆ ଲେଖକଟି ସମୀକ୍ଷା, ପୁରସ୍କାର ଓ ପୁସ୍ତକର ପ୍ରସାରରୁ ବାଦ ପଡ଼ିଯାଏ । ଏହି ସାମାଜିକ ପୁଞ୍ଜିର ଅଭାବ ଯୋଗୁଁ ଅନେକ ସୃଜନଶୀଳ ଲେଖକଙ୍କ କୃତି ଅସଂଖ୍ୟ ଅପ୍ରାର୍ଥିତ ହାତଲେଖା ବା କବିତାର ଗଦାରେ ଅପଠିତ ହୋଇରହିଯାଇଛି । ଲେଖକ, ପ୍ରକାଶକ, ପାଠକ ଓ ସମୀକ୍ଷକମାନଙ୍କ ମଧ୍ୟରେ ଥିବା ପାରସ୍ପରିକ ସମ୍ପର୍କ ଭଲ ଥିଲେ ଜଣେ ଲେଖକର ବହି ସହଜରେ ବହୁତ ଲୋକଙ୍କ ପାଖରେ ପହଞ୍ଚିପାରେ ।

ସାହିତ୍ୟର 'ମାଥ୍ୟୁ ଇଫେକ୍ଟ' ଦୁଇଟି କ୍ଷେତ୍ରରେ ପ୍ରତିଫଳନ ହୁଏ । ଯଥା ପ୍ରତିଷ୍ଠାନିକ ପକ୍ଷପାତିତା ଓ ସଙ୍କେତ ପ୍ରଦାନ । ସାହିତ୍ୟ ଜଗତରେ ଏମିତି ଅନେକ ଉଦାହରଣ ଅଛି, ଯେଉଁଠି ବଡ଼ ବଡ଼ ସାହିତ୍ୟିକ ଅନୁଷ୍ଠାନ, ପ୍ରକାଶନ ସଂସ୍ଥା, ପୁରସ୍କାର କମିଟିଗୁଡ଼ିକର ନୀତିନିୟମ କୌଣସି ଏକ ନିର୍ଦ୍ଦିଷ୍ଟ ଶ୍ରେଣୀ, ଭାଷା କିମ୍ବା ଶୈଳୀର ଲେଖକମାନଙ୍କୁ ଅଧିକ ପ୍ରାଧାନ୍ୟ ଦିଅନ୍ତି । ଏହାକୁ ସାହିତ୍ୟରେ ପ୍ରତିଷ୍ଠାନିକ ପକ୍ଷପାତିତା କୁହାଯାଏ । ଏହି ପକ୍ଷପାତିତାର ଦୁଇଟି ରୂପ ଅଛି - ଭାଷାଗତ ପକ୍ଷପାତିତା ଓ ଲିଖନ ଶୈଳୀ । ବିଶ୍ୱସ୍ତରରେ ଇଂରାଜୀ ଭାଷାରେ ଲେଖୁଥିବା ଲେଖକମାନଙ୍କୁ ସହଜରେ ପ୍ରକାଶକ ଏବଂ ପାଠକ ମିଳିଯାଆନ୍ତି । କିନ୍ତୁ ଆଞ୍ଚଳିକ ଭାଷା ଯେପରିକି ଓଡ଼ିଆର ଭଲ ଲେଖକଙ୍କୁ ସେହିସ୍ତରର ମାନ୍ୟତା ମିଳିବା ପାଇଁ ବହୁତ ସଂଘର୍ଷ କରିବାକୁ ପଡ଼େ । ସେହିପରି ଉପନ୍ୟାସ, କବିତା ଓ ଗଳ୍ପ ତୁଳନାରେ ପ୍ରବନ୍ଧ ସାହିତ୍ୟକୁ କମ୍ ଗ୍ରହଣ କରାଯାଏ । ଦ୍ୱିତୀୟ ପକ୍ଷପାତିତା ହେଉଛି ପୁରସ୍କାର ଏବଂ ଚୟନ । ଅନେକ ସମୟରେ ବଡ଼ ସାହିତ୍ୟିକ ପୁରସ୍କାରଗୁଡ଼ିକରେ କେବଳ ଏକ ନିର୍ଦ୍ଦିଷ୍ଟ ଚିନ୍ତାଧାରା, ନିର୍ଦ୍ଦିଷ୍ଟ ସାମାଜିକ ପୃଷ୍ଠଭୂମିରୁ ଆସିଥିବା ଲେଖକମାନଙ୍କୁ ଗୁରୁତ୍ୱ ଦିଆଯାଏ । ଫଳସ୍ୱରୂପ ନୂଆ ଓ ସୀମିତ ସମ୍ବଳ ଥିବା ପ୍ରତିଭାମାନେ ପଛରେ ପଡ଼ିଯାଆନ୍ତି ।

ଏବେ ଆଲୋଚନା କରିବା ସାହିତ୍ୟରେ ସଙ୍କେତ ପ୍ରଦାନର ଭାବଧାରା ବିଷୟରେ । ସାହିତ୍ୟରେ ସଙ୍କେତ ହେଉଛି ଏକ ମାଧ୍ୟମ, ଯାହା ଦ୍ୱାରା ଜଣେ ଲେଖକ ବା ପୁସ୍ତକ ନିଜର ଗୁଣବତ୍ତା ବିଷୟରେ ପାଠକ ଓ ପ୍ରକାଶକମାନଙ୍କୁ ବିଶ୍ୱାସ ଦେଇଥାଏ । ସାହିତ୍ୟ ବଜାରରେ ହଜାର ହଜାର ବହି ଥିବାରୁ ପାଠକ କେଉଁ ବହିଟି ଭଲ ତାହା ଜାଣିବା ପାଇଁ କିଛି 'ସଙ୍କେତ' ଖୋଜିଥାଏ । ଯଦି ଏକ ବହି ବା ଲେଖକ ଏକାଡେମୀ ପୁରସ୍କାରପ୍ରାପ୍ତ କିମ୍ବା ବହିଟି ଏ ବର୍ଷର ଲୋକପ୍ରିୟ ବା ବେଷ୍ଟ ସେଲିଂ ବୋଲି ଲେଖାଥାଏ, ତେବେ ତାହା ପାଠକ ପାଇଁ ଏକ ସଙ୍କେତ ପାଲଟିଯାଏ । ପାଠକଟି ନ ପଢ଼ି ମଧ୍ୟ ଭାବିନିଏ ଯେ ବହିଟି ନିଶ୍ଚୟ ଉଚ୍ଚକୋଟୀର ହୋଇଥିବ । ସେହିପରି ବହିର ପ୍ରକାଶନ ସଂସ୍ଥାର ନାମ ମଧ୍ୟ ପାଠକଙ୍କ ପାଇଁ ଅନ୍ୟ ଏକ ସଙ୍କେତ । ଏହି ସୁଯୋଗ ବା ସୁବିଧା ସମସ୍ତ ପାଖରେ ନ ଥାଏ ।

ସମାଜବିଜ୍ଞାନୀମାନେ 'ମାଥ୍ୟୁ ଇଫେକ୍ଟ'ର ଉପସଂହାର କରିଛନ୍ତି ଯେ ସମାନ ପ୍ରତିଭା, ଶିକ୍ଷା ଓ ଦୃଢ଼ ନିଷ୍ପତ୍ତି ଥିବା ସତ୍ତ୍ୱେ ଯଦି ସୁଯୋଗ ଭିନ୍ନ ଅଛି, ତେବେ ଅସମାନତା ନିଶ୍ଚିତ ଆସିବ । ସର୍ବଦା ବ୍ୟକ୍ତିଗତ ପାର୍ଥକ୍ୟର ପରିଣାମ ନୁହେଁ ଏହି ଅସମାନତା; ବରଂ କିଏ ସୁଯୋଗ ପାଏ ଓ କିଏ ସଫଳ ହୁଏ - ଏସବୁ ସାମାଜିକ ପ୍ରତିଷ୍ଠାନ, ସମ୍ପର୍କ ଓ ସଂଗୃହୀତ ସୁବିଧା ମଧ୍ୟ ନିର୍ଣ୍ଣୟ କରିପାରେ । ଏହି ଦ୍ୱନ୍ଦ୍ୱପୂର୍ଣ୍ଣ ସାମାଜିକ ଗଠନ ଜାଣିଶୁଣି ଏକ ବଡ଼ ବ୍ୟବଧାନ ସୃଷ୍ଟି କରୁଛି । ଫଳସ୍ୱରୂପ ଅସମାନତା କୌଣସି ବ୍ୟକ୍ତିଗତ ବିଫଳତାରେ ସୀମିତ ନରହି ଆମ ବ୍ୟବସ୍ଥାର ଏକ ଅଂଶବିଶେଷ ହୋଇସାରିଛି ।

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

## କରମ ପର୍ବ ଓ ଜାତିସଂଘର ଚିରନ୍ତନ ବିକାଶ ଲକ୍ଷ୍ୟ

ଡ. ବସନ୍ତ କୁମାର ମହାନ୍ତ

ଶରତ ଋତୁର ଆଗମନ ସହିତ ଛୋଟାନାଗପୁର ମାଳଭୂମି, ଓଡ଼ିଶା, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ସୀମାନ୍ତ ଅଞ୍ଚଳରେ ପରିବେଶଗତ ପରିବର୍ତ୍ତନ ଦେଖାଦିଏ । ଅମଳର ସମ୍ଭାବନା ନେଇ ଭାରାକ୍ରାନ୍ତ ଧାନଶିଷଗୁଡ଼ିକ କ୍ଷେତରେ ଦୋହଲୁଥିବା ବେଳେ ଗ୍ରାମାଞ୍ଚଳରୁ ମାଦଳର ସ୍ୱର ଧୀରେ ଧୀରେ ଭାସିଆସେ । ଏହା 'କରମ ପର୍ବ' ଆଗମନର ସୂଚନା ଦିଏ, ଯାହା ପୂର୍ବଭାରତରେ ପ୍ରକୃତିପୂଜାର ଅନ୍ୟତମ ଜୀବନ୍ତ ପ୍ରତୀକ ।

ଆଦିବାସୀ କୁଡମି (କୁଡୁମି/କୁଡମି-ମାହତୋ) ସମ୍ପ୍ରଦାୟ ଏକ ଗର୍ବିତ କୃଷିଜୀବୀ ଗୋଷ୍ଠୀ, ଯାହାର ପରିଚୟ ଏହି ମାଳଭୂମିର ମାଟି ସହିତ ଗଭୀର ଭାବେ ଜଡ଼ିତ । କରମ କେବଳ ଏକ ଋତୁଭିତ୍ତିକ ଉତ୍ସବ ନୁହେଁ; ଏହା ପାରମ୍ପରିକ ଜ୍ଞାନର ଏକ ଅତ୍ୟନ୍ତ କାର୍ଯ୍ୟକ୍ଷମ ବ୍ୟବସ୍ଥା । ଆଧୁନିକ ପରିବେଶବାଦ ଏକ ସଂସ୍ଥାଗତ ରୂପ ନେବା ବହୁପୂର୍ବରୁ ଏହି ପ୍ରାଚୀନ ପର୍ବ ମାନବ-ପ୍ରକୃତି-ସଂସ୍କୃତି ମଧ୍ୟରେ ସମ୍ପର୍କକୁ ପୁନର୍ଗଠନ କରିବା ପାଇଁ ସମସାମୟିକ ବିଶ୍ୱକୁ ଏକ ମୌଳିକ ରୂପରେଖ ପ୍ରଦାନ କରିଆସିଛି ଏବଂ ମିଳିତ ଜାତିସଂଘର ଅନେକ 'ସ୍ଥାୟୀ ବିକାଶ ଲକ୍ଷ୍ୟ'କୁ ସିଧାସଳଖ ସମ୍ବୋଧିତ କରିଛି ।

ବିଶ୍ୱସ୍ତରୀୟ ଜଳବାୟୁ ରଣନୀତିଗୁଡ଼ିକ ଯେତେବେଳେ ମାନବକୈନ୍ଦ୍ରିକ ଦୃଷ୍ଟିକୋଣର ସୀମାବଦ୍ଧତା ସହ ସଂଘର୍ଷ କରୁଛି, ସେତେବେଳେ କୁଡମି-ମାହତୋ ସମ୍ପ୍ରଦାୟର ବିଶ୍ୱବୋଧ ଏକ ସମ୍ପୂର୍ଣ୍ଣ 'ପ୍ରକୃତିକୈନ୍ଦ୍ରିକ' ମଡେଲ୍ ଉପରେ ଆଧାରିତ । ସେମାନଙ୍କର ପ୍ରକୃତିପୂଜନ ବିଶ୍ୱାସ ଅନୁଯାୟୀ, ମାନବ ସଂସ୍କୃତି ପ୍ରକୃତିର ବ୍ୟବସ୍ଥା ମଧ୍ୟରେ କେବଳ ଏକ ଉପବ୍ୟବସ୍ଥା ମାତ୍ର । କରମ ପର୍ବ ସମୟରେ, ଦେବତ୍ୱକୁ କୌଣସି ମାର୍ବଲ୍ ପଥର କିମ୍ବା ଧାତୁ ନିର୍ମିତ ମୂର୍ତ୍ତି ମାଧ୍ୟମରେ ପ୍ରକାଶ କରାଯାଏ ନାହିଁ; ବରଂ 'କରମ ବୃକ୍ଷ' ହିଁ ଭକ୍ତିର ଜୀବନ୍ତ କେନ୍ଦ୍ରବିନ୍ଦୁ । ମୌଖିକ ପରମ୍ପରାରେ ଉଦ୍ଭିଦ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ଜ୍ଞାନ ଏବଂ ଋତୁଭିତ୍ତିକ କୃଷି କୌଶଳ ଯୁବପିଢ଼ି ନିକଟରେ ସହଜରେ ପହଞ୍ଚିଥାଏ । ଫଳସ୍ୱରୂପ ସମ୍ପ୍ରଦାୟର ପାରମ୍ପରିକ ସାଂସ୍କୃତିକ ଐତିହ୍ୟ ଜୀବନ୍ତ, ସୁଦୃଢ଼ ଓ ପରିବର୍ତ୍ତନଶୀଳ ପରିସ୍ଥିତି ସହ ଖାପ ଖୁଆଇ ଚାଲିବାର କ୍ଷମତା ବଜାୟ ରଖିଥାଏ ।

ଏହି ଉତ୍ସବ ଧାନ ରୁଆ ଶେଷ ହେବା ପରେ ପାଳନ କରାଯାଏ । 'ଜାୱା' ଅନୁଷ୍ଠାନ ମାଧ୍ୟମରେ ଏହା ଏକ କ୍ଷୁଦ୍ର କୃଷି ପରୀକ୍ଷଣ କ୍ଷେତ୍ର ଭାବରେ କାର୍ଯ୍ୟ କରେ ଏବଂ ମିଳିତ ଜାତିସଂଘର ଏସଡିଜି ୨ (କ୍ଷୁଧାମୁକ୍ତ ବିଶ୍ୱ) ଲକ୍ଷ୍ୟକୁ ଆଗକୁ ବଢ଼ାଏ । ମୁଖ୍ୟ ପୂଜାର ପାଞ୍ଚ/ସାତ ଦିନ ପୂର୍ବରୁ 'କରମାତି' ଭାବରେ ପରିଚିତ ଅବିବାହିତା ଯୁବତୀମାନେ ନଦୀ କୂଳରୁ ପବିତ୍ର ବାଲି ସଂଗ୍ରହ କରନ୍ତି ଏବଂ ବାଉଁଶ ତିଆରି ଟୋକେଇରେ ତାହାକୁ ଭର୍ତ୍ତି କରନ୍ତି । ସେମାନେ ସ୍ଥାନୀୟ ଅଞ୍ଚଳର ସାତ ପ୍ରକାରର ମୁଖ୍ୟ ଫସଲ - ଯେପରିକି ଧାନ, କଞ୍ଚା (ଏକ ପ୍ରକାର ଡାଲି ଜାତୀୟ ଶସ୍ୟ), କୋଳଥ, ବିରି ଓ ସୋରିଷ ବୁଣନ୍ତି ଏବଂ ପ୍ରାକୃତିକ ଉପାୟରେ ପ୍ରସ୍ତୁତ ହଳଦୀ ପାଣି ଦେଇ ସେଗୁଡ଼ିକର ଯତ୍ନ ନିଅନ୍ତି । ଏହି ମଞ୍ଜିରୁ ବାହାରୁଥିବା ସତେଜ ହଳଦିଆ-ସବୁଜ ଅଙ୍କୁର ବା 'ଜାୱା' (ଅଙ୍କୁରିତ ଫସଲ) ସେହି ଅଞ୍ଚଳର ମୃତ୍ତିକା ଉର୍ବରତାର ଏକ ପ୍ରତ୍ୟକ୍ଷ ଜୈବସୂଚକ ଭାବରେ କାର୍ଯ୍ୟ କରେ ଏବଂ ଆଗାମୀ ଶୀତକାଳୀନ ଫସଲଚକ୍ର ପାଇଁ ପୂର୍ବାନୁମାନ ହୁଏ ।

'କରମାତି'ମାନେ ଅନ୍ନଜଳ ତ୍ୟାଗ କରି କଠୋର 'କରମ' ବ୍ରତ ପାଳନ କରନ୍ତି । ସେମାନେ ମିଥ୍ୟା କହିପାରିବେ ନାହିଁ, ଲୋଭ କରିପାରିବେ ନାହିଁ କିମ୍ବା ହିଂସା ଆଚରଣ କରିପାରିବେ ନାହିଁ । ସମ୍ପ୍ରଦାୟର ବିଶ୍ୱାସ ଯେ ଯଦି କୌଣସି ଅଂଶଗ୍ରହଣକାରୀ ଏହି ନିୟମ ଭଙ୍ଗ କରନ୍ତି, ତେବେ 'ଜାୱା ଡାଲା' (ଅଙ୍କୁରିତ ଶସ୍ୟ ପାତ୍ର) ରେ ଥିବା ମଞ୍ଜିଗୁଡ଼ିକ ପଚିଯିବ । ବାଳିକାମାନଙ୍କୁ କେବଳ ନିଷ୍କ୍ରିୟ ଅଂଶଗ୍ରହଣକାରୀ ଭାବରେ ନୁହେଁ, ବରଂ ସାମାଜିକ ସଦ୍‌ଗୁଣ ଏବଂ କୃଷିଜନିତ ସଫଳତା ମଧ୍ୟରେ ଏକ ପ୍ରତ୍ୟକ୍ଷ ସଂଯୋଗକାରୀ ଭାବରେ ସ୍ୱୀକୃତି ଦେଇ କୁଡ୍ମି ସଂସ୍କୃତି ମହିଳାମାନଙ୍କୁ ସମ୍ପ୍ରଦାୟର ଅର୍ଥନୈତିକ ଓ ଆଧ୍ୟାତ୍ମିକ ବିକାଶର ମୂଳଦୁଆ ଭାବରେ ସମ୍ମାନ ପ୍ରଦାନ କରେ ।

'କରମ' ପର୍ବର ଉଲ୍ଲେଖନୀୟ ବୈଶିଷ୍ଟ୍ୟ ହେଉଛି ଏହାର ବାହ୍ୟ ସାମାଜିକ ଭେଦଭାବକୁ ଦୂର କରି ସମାଜର ସମସ୍ତ ବର୍ଗକୁ ଏକତ୍ରିତ କରିବାର କ୍ଷମତା । ସମଗ୍ର ଗ୍ରାମବାସୀ ପୋତାଯାଇଥିବା ଡାଳ ଚାରିପାଖରେ ଏକତ୍ରିତ ହୁଅନ୍ତି ଏବଂ 'କରମ' ଓ 'ଧରମ'ଙ୍କ ମୌଖିକ କାହାଣୀ ଶୁଣନ୍ତି । ଏହି କର୍ତ୍ତବ୍ୟଗୁଡ଼ିକ ମଧ୍ୟରେ ରହିଛି ଘରର ପରିଚ୍ଛନ୍ନତା ବଜାୟ ରଖିବା, ଅହଂକାର ତ୍ୟାଗ କରିବା ଏବଂ ବଜାରରେ କାରବାର ଶେଷରେ ଅତିରିକ୍ତ ମୁଠାଏ ଶସ୍ୟ ପ୍ରଦାନ କରି ସଚ୍ଚୋଟତା ପ୍ରଦର୍ଶନ କରିବା । ଭକ୍ତମାନେ ଡାଳଗୁଡ଼ିକୁ ସ୍ପର୍ଶ କରନ୍ତି ଏବଂ ସାମାଜିକ ଶପଥ ନିଅନ୍ତି: 'ରାଜରା କରମ, ହମାର ଧରମ' (କରମଙ୍କୁ ସୁରକ୍ଷା ଦେବା ହିଁ ମୋର ଧର୍ମପଥ) । ପୂଜାପାଠ ପରେ ସେମାନେ କରମ ନୃତ୍ୟ ପରିବେଷଣ କରନ୍ତି । ନୃତ୍ୟଶିଳ୍ପୀମାନେ କାନ୍ଧକୁ କାନ୍ଧ ମିଳାଇ, କହୁଣି ଯୋଡ଼ି ଏବଂ ପରସ୍ପରର ଅଣ୍ଟାରେ ହାତ ରଖି ଏକ ଅଖଣ୍ଡ ମାନବ ଶୃଙ୍ଖଳା ସୃଷ୍ଟି କରନ୍ତି ।

ତୀବ୍ର ଜଳବାୟୁ ସଙ୍କଟ, ହ୍ରାସ ପାଉଥିବା ପ୍ରାକୃତିକ ସମ୍ପଦ ଏବଂ ଜୈବବିବିଧତା ହ୍ରାସ ଭଳି ସମସ୍ୟା ସହ ସଂଘର୍ଷ କରୁଥିବା ଆଜିର ପରିବେଶରେ 'କରମ' ପର୍ବ ଏକ ଯୁଗାନ୍ତକାରୀ ବାର୍ତ୍ତା ପ୍ରଦାନ କରେ । ସମୃଦ୍ଧି ଲାଭ କରିବା ପାଇଁ ମାନବଜାତିକୁ ପ୍ରକୃତି ଉପରେ ବିଜୟ ହାସଲ କରିବାର ଆବଶ୍ୟକତା ନାହିଁ; ବରଂ ଏଥିପାଇଁ ପ୍ରକୃତି ନିକଟରେ ନମ୍ରତାର ସହ ଆତ୍ମସମର୍ପଣ ଏବଂ ଆନ୍ତରିକତା ପ୍ରଦର୍ଶନ କରିବା ହିଁ ଯଥେଷ୍ଟ ।

(ସହଯୋଗୀ ପ୍ରଫେସର ତଥା ବିଭାଗୀୟ ମୁଖ୍ୟ)
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ
ବିଶ୍ୱବିଦ୍ୟାଳୟ (ବାରିପଦା)

## ନିୟତି-ଉତ୍ତୀର୍ଣ୍ଣ-ପ୍ରଶାନ୍ତି: ସୁରେନ୍ଦ୍ର ମହାନ୍ତି

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ପୂର୍ବ ପ୍ରକାଶିତ ଉତ୍ତାରୁ...

ଜୀବନ ଓ ସାହିତ୍ୟ ଉଭୟକୁ ତନ୍ନ ତନ୍ନ କରି ପର୍ଯ୍ୟବେକ୍ଷଣ ଓ ଉପସ୍ଥାପନ କରିପାରିବାରେ କଥାଶିଳ୍ପୀ ସୁରେନ୍ଦ୍ର ମହାନ୍ତିଙ୍କ ଦକ୍ଷତା ଅନନ୍ୟ ଓ ଅତୁଳନୀୟ । ବିଶିଷ୍ଟ କବି, ଲେଖକ ମହାପୁରୁଷଙ୍କ ଜୀବନ-ଜ୍ୟୋତି ବିଚ୍ଛୁରଣ କରି ପାଠକର ଚେତନା ରାଜ୍ୟକୁ ଉଦ୍ଭାସିତ କରିଦେବାରେ କି ନିପୁଣ ସେ! ଦୀନକୃଷ୍ଣ ଦାସଙ୍କୁ କେନ୍ଦ୍ର କରି ଲେଖିଥିବା 'କବି' ଶୀର୍ଷକ ଗଳ୍ପଟି ମଧ୍ୟରେ କି ଅପୂର୍ବ ଭାବୋଚ୍ଛ୍ୱାସ ଭରିଦେଇପାରିଛନ୍ତି ସେ! ଜୀବନୀ ରଚନାରେ ତାଙ୍କ ଅନ୍ତଃଦୃଷ୍ଟି ଯେପରି ଉନ୍ମୋଚିତ, ଆତ୍ମଜୀବନୀ ରଚନା ବେଳେ ମଧ୍ୟ ସ୍ୱକୀୟ ପ୍ରଗାଢ଼ ଅନୁଭୂତି ବ୍ୟକ୍ତ କରିଦେବାରେ ସେ ଅକୁତୋଭୟ । ଆତ୍ମବିଶ୍ୱାସର ସୁଦୃଢ଼ ଭିତ୍ତି ଉପରେ ଦଣ୍ଡାୟମାନ ହୋଇଛି ତାଙ୍କ ଆତ୍ମକଥା 'ପଥ ଓ ପୃଥିବୀ' ।

ଅନେକେ ତାଙ୍କ ଶବ୍ଦ ସୃଜନ, ବାକ୍ୟଗଠନ, ଆତ୍ମାଭିବ୍ୟକ୍ତିରେ ଅନୁସନ୍ଧାନ କରନ୍ତି ଅହଂର ଅଭିଘାତ । ଯାହାର ଅହଂ ନାହିଁ, ତା'ର କିଛି ନାହିଁ ବୋଲି ସେ ନିଜେ ହିଁ ତ ସ୍ପଷ୍ଟ ଶବ୍ଦରେ ପ୍ରକାଶ କରିଦେଇଛନ୍ତି । ଅହଂ-ଚେତନା ମଣିଷର ବ୍ୟକ୍ତିତ୍ୱକୁ କିପରି ନିର୍ମାଣ କରିଥାଏ, ତାହା ଆଧ୍ୟାତ୍ମିକ ଜଗତର ସାଧକମାନେ ମଧ୍ୟ ପ୍ରମାଣିତ କରି ଦେଇଛନ୍ତି । ସୁରେନ୍ଦ୍ର ମହାନ୍ତିଙ୍କ ସାହିତ୍ୟ ଓ ବ୍ୟକ୍ତିତ୍ୱର ମହାଶକ୍ତି ହେଲା ତାଙ୍କର ଏହି ଅଟଳ ଆତ୍ମପ୍ରତ୍ୟୟ । ସାହିତ୍ୟର ଉପାସନା ନାମରେ ଯେଉଁମାନେ ଗୋଷ୍ଠୀ ଗଠନ କରନ୍ତି ସେମାନଙ୍କ ଉଦ୍ଦେଶ୍ୟରେ ସେ ଦେଇଥିବା ଅଭିମତ ଆଜି କେତେ ପ୍ରାସଙ୍ଗିକ ବାସ୍ତବରେ! ସେ କହିଥିଲେ 'ଗୋଠ' ଦରକାର ନିରୀହ ମିରିଗ, ସମ୍ବରମାନଙ୍କ ପାଇଁ । ବାଘ ପାଇଁ କିନ୍ତୁ ଗୋଠର ପ୍ରୟୋଜନ ନଥାଏ । ଗୋଠ ଗଢ଼ିବା ଆତ୍ମପ୍ରତ୍ୟୟହୀନ ଦୁର୍ବଳମାନଙ୍କ ଧନ୍ଦା ।' ତାଙ୍କ ରଚିତ 'ଶେଷସ୍ତମ୍ଭ' ବହିଟିରେ ସଂକଳିତ କ୍ଷୁଦ୍ରାକାର ବ୍ୟକ୍ତିନିଷ୍ଠ ରଚନା ସବୁ ପାଠକକୁ ଯେତିକି ବିଶ୍ୱ-ଅଭିମୁଖୀ କରିପାରିଛି ସେତିକି ମଧ୍ୟ କରିଦେଇଛି ଅନ୍ତର୍ମୁଖୀ ।

ତାଙ୍କର ଜୀବନ-ନିଷ୍ଠା ବ୍ୟାପକ । ତାଙ୍କୁ ସେଥିପାଇଁ କୌଣସି ମତବାଦ ମାଧ୍ୟମରେ ବିଚାର କରିହୁଏ ନାହିଁ । ବିଶ୍ୱସାହିତ୍ୟ ଜଗତର ସମସ୍ତ ଆଧୁନିକ ତତ୍ତ୍ୱ ମଧ୍ୟକୁ ତାଙ୍କର ପ୍ରବେଶ ଥିଲା ଅତ୍ୟନ୍ତ ଗଭୀର । ତତ୍ତ୍ୱ-ନିହିତ ସତ୍ୟ ଓ ସୌନ୍ଦର୍ଯ୍ୟକୁ ଶିଳ୍ପ ରୂପ ଦେବାରେ ସେ ଗ୍ରହଣ କରିଛନ୍ତି ଅଗ୍ରଣୀ ଭୂମିକା । ବାସ୍ତବତାବାଦ, ପ୍ରତୀକବାଦ, ଅସ୍ତିତ୍ୱବାଦ, ଗାନ୍ଧୀବାଦ ଆଦିରେ ସେ ଅବଗାହନ କରିଛନ୍ତି ନିବିଡ଼ ଭାବରେ । ତାଙ୍କ ଗଳ୍ପଗୁଡ଼ିକ ଏତେ ପ୍ରତୀକଧର୍ମୀ ଯେ ତାହାର ସନ୍ତୋଷଜନକ ବ୍ୟାଖ୍ୟା ବି ସମ୍ଭବ ନୁହେଁ । ସେ ପୁଣି ଯେତିକି ପ୍ରକାଶିତ, ସେତିକି ପ୍ରଚ୍ଛନ୍ନ । ତାଙ୍କ ରଚନାକୁ ସେ 'ଇଭୋକେଟିଭ' ବୋଲି ସ୍ପଷ୍ଟ କରିଦେବା ତେଣୁ ବହୁଦୃଷ୍ଟିରୁ ଅର୍ଥପୂର୍ଣ୍ଣ । 'ରେବତୀ' ଗଳ୍ପ ଲେଖିବା ସମୟରେ ଫକୀରମୋହନଙ୍କ ଚିନ୍ତାକୁ ଯାହା ହୁଏତ ଆଲୋଡ଼ିତ କରି ନଥିବ, ସେପରି ଏକ ଭାବ-ସ୍ଫୁଲିଙ୍ଗ ସୁରେନ୍ଦ୍ର ମହାନ୍ତିଙ୍କୁ ତୀବ୍ର ଭାବରେ ଉଦବେଳିତ କରିଦେଇଥାଇପାରେ ।

ନିଜ ସାହିତ୍ୟ ସୃଷ୍ଟିର ବୈଶିଷ୍ଟ୍ୟକୁ ଅନୁଭବ-ସିଦ୍ଧ ଶୈଳୀରେ ଆଲୋଚିତ ହେବା ଲକ୍ଷ୍ୟ କରି ସେ ଆହ୍ଲାଦିତ ହୋଇଛନ୍ତି । 'ଅନ୍ଧ ଦିଗନ୍ତ' ଉପନ୍ୟାସରେ ମୁଖ୍ୟ ଚରିତ୍ର ନିଧି ଦାସଙ୍କ ଚରିତ୍ର ଚିତ୍ରଣ ବେଳେ ଗାନ୍ଧୀଦର୍ଶନ ପ୍ରତି ଲେଖକଙ୍କ ପ୍ରତ୍ୟୟ ପ୍ରତିହତ ହୋଇଯିବା 'ବ୍ଲାସଫେମି' ଶୈଳୀର ସଂକେତ ବୋଲି ଦର୍ଶାଇଦିଆଯାଇଛି । ଅର୍ଥାତ ସମସ୍ତ ଆଦର୍ଶ ପ୍ରତି ଅନାସ୍ଥା ଭାବ । ସିନିକ ଦୃଷ୍ଟିଭଙ୍ଗୀ, ସଂଶୟାଚ୍ଛନ୍ନ ଚିତ୍ତାବସ୍ଥା । ତା' ହେଲେ ସୁରେନ୍ଦ୍ର ମହାନ୍ତିଙ୍କ କୌଣସି ଜୀବନ-ଦର୍ଶନ ପ୍ରତି ଆସ୍ଥାଶୀଳତା କ'ଣ ସୁଦୃଢ଼ ନ ଥିଲା? ସେହି ଦୃଷ୍ଟିରୁ ବିବେଚନା କଲେ ସେ ବୌଦ୍ଧ-ବିଚାରକୁ ଜୀବନ-ପରିପନ୍ଥୀ ବୋଲି ସୂଚିତ କରିବା କ'ଣ ତାଙ୍କର ସତ୍ୟସନ୍ଧାନର ଶେଷସୋପାନ? ସେ ବୁଦ୍ଧ-ପ୍ରଦର୍ଶିତ ନିର୍ବାଣ ପଥର ଯାତ୍ରୀ ନୁହନ୍ତି - ଏହା ହିଁ ଆମର ସୀମିତ ଉପଲବ୍ଧି ।

ମନରେ ପ୍ରଶ୍ନ ଉଠେ 'ସାରୀପୁତ୍ତ'ଓ 'ମହାନିର୍ବାଣ'ର ସ୍ରଷ୍ଟା ଓ 'ଅମ୍ବାପାଲୀ'ର ରଚୟିତା ସୁରେନ୍ଦ୍ର ମହାନ୍ତି କ'ଣ ସମାନ ଚେତନାର? ଅମ୍ବାପାଲୀ ଯେତେବେଳେ ବୁଦ୍ଧଦେବଙ୍କ ପାଦତଳେ ସମର୍ପିତା, ସେତେବେଳର ବର୍ଣ୍ଣନା ତା'ହେଲେ ଆମ ହୃଦୟକୁ ମନ୍ଥିତ କରିଦିଏ କାହିଁକି? ଗଳ୍ପର ଶେଷ ବାକ୍ୟଟି ହେଲା : 'ଏ ଯେମିତି ପ୍ରବୃତ୍ତି ସହିତ ନିବୃତ୍ତିର, ମହାକାଳ ସହିତ ମୁହୂର୍ତ୍ତର, ଜୀବନ ସହିତ ନିର୍ବାଣର ମହାମିଳନ ।' ଶବ୍ଦର ମହିମୋଜ୍ଜ୍ୱଳ ସ୍ଥାପତ୍ୟ ଓ ଅମ୍ବାପାଲୀର ସମର୍ପଣ ସଙ୍ଗୀତ ମଧ୍ୟରେ ସୁରେନ୍ଦ୍ରଙ୍କ ପ୍ରାଣ-ବୀଣାର କମ୍ପନ କ'ଣ ଅବର୍ତ୍ତମାନ? ସିଏ ପୁଣି ଆଜୀବକର ଅଟ୍ଟହାସରେ କହନ୍ତି 'ପ୍ରବୃତ୍ତି ନୁହେଁ, ନିବୃତ୍ତି ନୁହେଁ, ସବୁ ହେଉଛି ନିୟତି । ମନୁଷ୍ୟ ପାପ-ପୁଣ୍ୟର ବହୁ ଊର୍ଦ୍ଧ୍ୱରେ ।' ସୁରେନ୍ଦ୍ର ମହାନ୍ତିଙ୍କ ଶବ୍ଦ-ସ୍ଥାପତ୍ୟ ଯେତିକି ବର୍ଣ୍ଣନାତ୍ମକ, ତା'ଠାରୁ ଅଧିକ ବ୍ୟଞ୍ଜନାତ୍ମକ । ସେ ତେଣୁ ଏକ ଅକଳନୀୟ ସମୁଦ୍ର, ଠିକ ଜୀବନ ସଦୃଶ । ତାହାର ଗଭୀରତା ମାପିବା ପାଇଁ ଅଗ୍ରସର ହେଉଥିବା ଆମପରି ପାଠକ ଲବଣ-ପିତୁଳା ଠାରୁ ଆଉ କ'ଣ ଅଧିକ?

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ । ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ । ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର । ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ଅବଶିଷ୍ଟାଂଶ...

## ଜ୍ଞାନେଶ ହଟାଅ...

ସ୍ମାରକପତ୍ର ଦିଆଯିବ। ଏଥିପାଇଁ ରାଷ୍ଟ୍ରପତିଙ୍କୁ ଭେଟିବା ଲାଗି ସମୟ ଲୋଡ଼ାଯିବ। ଏହି ସମୟ ମଧ୍ୟରେ ୫ଟି ବଡ଼ ଧରଣର ରାଲି କରାଯିବ। ତେବେ ସମୟ ଓ ସ୍ଥାନ ସଂପର୍କରେ ଖୁବଶୀଘ୍ର ଘୋଷଣା କରାଯିବ। ଏସଂପର୍କରେ ଇଣ୍ଡି ମେଣ୍ଟର ନେତାମାନଙ୍କ ମଧ୍ୟରେ ବିଚାରବିମର୍ଶ ଜାରି ରହିଛି। ସେ କହିଲେ ଯେ ପ୍ରଧାନମନ୍ତ୍ରୀଙ୍କ ନୋଟବନ୍ଦୀ ଏବଂ ଭୋଟବନ୍ଦୀ ସଂପର୍କରେ ରାହୁଲ ଗାନ୍ଧୀ ଯାହା କହୁଥିଲେ, ତାହାକୁ ଲୋକମାନେ ଏବେ ହୃଦୟଙ୍ଗମ କରୁଛନ୍ତି।

ରାହୁଲ ଗାନ୍ଧୀ କହିଲେ ଯେ ମୁଖ୍ୟ ନିର୍ବାଚନ କମିସନ ଜ୍ଞାନେଶ କୁମାରଙ୍କୁ ମୋହରା କରି ପ୍ରଧାନମନ୍ତ୍ରୀ ଓ ଗୃହ ମନ୍ତ୍ରୀ ଭୋଟ ଚୋରି ସହିତ ସମଗ୍ର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଧ୍ୱଂସ କରିଦେବାକୁ ବସିଛନ୍ତି। ଗଣତନ୍ତ୍ରର ସୁରକ୍ଷା ଲାଗି ସମସ୍ତ ବିରୋଧୀ ଦଳ ଏକାଠି ହୋଇଛନ୍ତି। ଆଗାମୀ କିଛି ମାସ ମଧ୍ୟରେ ଦେଶରେ ପରିବର୍ତ୍ତନ ଘଟିବ ବୋଲି ସେ କହିଛନ୍ତି। ଏହି ଅବସରରେ ମମତା ବାନାର୍ଜୀ କହିଲେ ଯେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ହେଉଛନ୍ତି ମୁଖ୍ୟ ଦୋଷୀ। ତାଙ୍କୁ ହଟାଇବା ଲାଗି ଆନ୍ଦୋଳନକୁ ବ୍ୟାପକ କରାଯିବ।

ଆଜିର ମେଣ୍ଟ ବୈଠକରେ ଖଡ଼ଗେଙ୍କ ସମେତ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ଟିଏମସି ନେତ୍ରୀ ମମତା ବାନାର୍ଜୀ, ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା, ଆରଜେଡି ମୁଖ୍ୟ ତେଜସ୍ୱୀ ଯାଦବ, ଏନସିପି (ଶରଦ) ନେତ୍ରୀ ସୁପ୍ରିୟା ସୁଲେ ପ୍ରମୁଖ ଉପସ୍ଥିତ ଥିଲେ। ଶିବ ସେନା (ଉଦ୍ଧବ) ନେତା ଉଦ୍ଧବ ଠାକରେ ଏବଂ ଜେଏମଏମ ମୁଖ୍ୟ ତଥା ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଭିଡିଓ କନଫେରେନ୍ସିଂ ଜରିଆରେ ଯୋଡ଼ି ହୋଇଥିଲେ। ସିପିଆଇ, ସିପିଏମ୍, ମୁସଲିମ ଲିଗ୍, ଫରୱାର୍ଡ ବ୍ଲକ ଓ ଅନ୍ୟ ବିରୋଧୀ ଦଳର ନେତା ମଧ୍ୟ ସାମିଲ ହୋଇଥିଲେ।

## ତ୍ରୁଟିବ କି...

ଉପରମୁଣ୍ଡରେ ଏକାଧିକ ବ୍ୟାରେଜ, ଆନିକଟ ନିର୍ମାଣ କରିଛି। ସମାନ ସମୟରେ ସିଡବ୍ଲ୍ୟୁସିର ନିୟମାବଳୀର ଅନୁପାଳନ କରିବାକୁ ଯାଇ ଓଡ଼ିଶା ତଳମୁଣ୍ଡରେ କୌଣସି ନିର୍ମାଣ କାର୍ଯ୍ୟ କରିନାହିଁ। ଯାହାଫଳରେ ଓଡ଼ିଶା ହିଁ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ତେଣୁ ଗୃହମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଉଥିବା ଏହି ବୈଠକରେ ଓଡ଼ିଶାକୁ କେଉଁ ପ୍ରକାର ନ୍ୟାୟ ମିଳୁଛି, ତାହାକୁ ନେଇ ସାଧାରଣରେ ଉତ୍କଣ୍ଠା ପ୍ରକାଶ ପାଇଛି। ଅପରପକ୍ଷେ ଛତିଶଗଡ଼ ସହ ଆପୋଷ ସମାଧାନର ସୂତ୍ର କଣ ତାହା ରାଜ୍ୟ ସରକାର ଏଯାବତ୍ ସର୍ବସାଧାରଣରେ ପ୍ରକାଶ କରିନାହାନ୍ତି। ମହାନଦୀ ଜଳ ଉପରେ ଓଡ଼ିଶାର ଦେଢ଼ କୋଟି ଲୋକଙ୍କ ଜୀବନ, ଜୀବିକା ସିଧାସଳଖ ଭାବରେ ନିର୍ଭର କରିଥାଏ। ଏପରିସ୍ଥଳେ ରାଜ୍ୟର ସ୍ୱାର୍ଥ ଦୃଷ୍ଟିକୋଣରୁ ଏତେବଡ଼ ପ୍ରସଙ୍ଗରେ ନିରବତାକୁ ନେଇ ବିଭିନ୍ନ ମହଲ କ୍ଷୋଭ ପ୍ରକାଶ କରି ଆସୁଛି। ସରକାର ନିଜ ରାଜ୍ୟର ଲୋକଙ୍କୁ ବିଶ୍ୱାସକୁ ନନେଇ କେଉଁ ଉଦ୍ଦେଶ୍ୟରେ ସେମାନଙ୍କୁ ଅନ୍ଧାରରେ ରଖିଛନ୍ତି, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମହାନଦୀ ସହ ଜଡ଼ିତ ସଂଗଠନ ମହାନଦୀ ବଞ୍ଚାଅ ଆନ୍ଦୋଳନ ମଧ୍ୟ ଏନେଇ ପ୍ରତିକ୍ରିୟା ପ୍ରକାଶ କରିଛି। ସଂଗଠନ ଦାବି କରିବାକୁ ଯାଇ କହିଛି ଯେ ୧ ତାରିଖରେ ଅମିତ୍ ଶାହାଙ୍କ ଉପସ୍ଥିତିରେ ଯେଉଁ ବୈଠକ ବସିବ ସେଥିରେ ଓଡ଼ିଶାର କ'ଣ ପକ୍ଷ ରହିବ ତାହାକୁ ଓଡ଼ିଶାବାସୀଙ୍କ ପାଖରୁ ଲୁଚାଇ ରଖାଯାଇଛି ବୋଲି ଆମର ହୃଦବୋଧ ହେଉଛି। କାରଣ ଛତିଶଗଡ ମହାନଦୀକୁ କର୍ପୋରେଟ ସଂସ୍ଥାମାନଙ୍କ ପାଖରେ ବନ୍ଧା ପକାଇ ସାରିଛନ୍ତି। ସେହି କର୍ପୋରେଟ ହାଉସର ସ୍ୱାର୍ଥ ବିରୁଦ୍ଧରେ ଓଡ଼ିଶା ଏବଂ କେନ୍ଦ୍ର ସରକାର ନଯିବାର ସମ୍ଭାବନା ଅଧିକ ରହିଛି। ଯଦି ତାହା ହୁଏ ଏବଂ ଓଡ଼ିଶା ଓ ମହାନଦୀର ସ୍ୱାର୍ଥ ସହିତ ସାଲିସ କରାଯାଏ ତେବେ ଓଡ଼ିଶା ସରକାରଙ୍କୁ ଲୋକଙ୍କ କାଠଗଡାକୁ ଟଣାଯିବ ବୋଲି ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଚେତାବନୀ ଦିଆଯାଇଛି। ଅପରପକ୍ଷେ ସାଧାରଣ ଲୋକେ ମଧ୍ୟ ଏହାକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି। ଯଦି ଆପୋଷ ବୁଝାମଣାରେ ଓଡ଼ିଶାର ସ୍ୱାର୍ଥ ପ୍ରଭାବିତ ନହୁଏ, ତାହେଲେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନିଶ୍ଚିତ ଭାବେ ଧନ୍ୟବାଦର ପାତ୍ର। ମାତ୍ର ଓଡ଼ିଶାର ସ୍ୱାର୍ଥ ଯଦି କିଞ୍ଚିତ ମାତ୍ରରେ ପ୍ରଭାବିତ ହେବ, ତାହାକୁ ଦୃଢ଼ ଭାବରେ ବିରୋଧ କରାଯିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ଏସ୍‌ସିବିରେ ମାନସିକ...

କରିବାରୁ ତାଙ୍କୁ ସୁରକ୍ଷା କର୍ମୀ ଓ ୱାର୍ଡ ଆଟେଣ୍ଡାଣ୍ଟ ପ୍ଲାଷ୍ଟିକ ପାଇପରେ ମାଡ ମାରିଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତକଙ୍କ ଶରୀରରେ ଏକାଧିକ କ୍ଷତ ଓ ମାଡ଼ର ଚିହ୍ନ ରହିଥିବା ମଧ୍ୟ ସେମାନେ ଦାବି କରିଛନ୍ତି। ଏହି ଘଟଣା ପରେ ଆଜି ମୃତକଙ୍କ ପତ୍ନୀ ଏବଂ ପରିବାର ଲୋକେ ମଙ୍ଗଳାବାଗ ଥାନାରେ ଏକ ଲିଖିତ ଅଭିଯୋଗ ଦାୟର କରିଛନ୍ତି। ପୁଲିସ ଏହି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତଦେହର ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପୁଲିସ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବ। ତେବେ ଅଭିଯୋଗ ଆଧାରରେ ମାନସିକ ରୋଗ ବିଭାଗର ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଛି ବୋଲି ପୁଲିସ ସୂଚନା ଦେଇଛି। ଉକ୍ତ ରାତିରେ କେଉଁ ସୁରକ୍ଷା କର୍ମୀ ଓ ଆଟେଣ୍ଡାଣ୍ଟମାନେ ନିୟୋଜିତ ଥିଲେ ତାହାର ତଥ୍ୟ ଲୋଡାଯାଇଛି ବୋଲି ଥାନାଧିକାରୀ କହିଛନ୍ତି। ଆଜି ମୃତଦେହର ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏହାର ଭିଡିଓଗ୍ରାଫି କରାଯାଇଥିବା ଜଣାପଡିଛି।

ଅନ୍ୟପଟରେ ଏସସିବି ମେଡିକାଲ କଲେଜ ଓ ହସପିଟାଲ ଅଧୀକ୍ଷକ କହିଛନ୍ତି ଯେ ଏହି ଅଭିଯୋଗର ତଦନ୍ତ ପୁଲିସ କରୁଛି। ଏଣୁ ସେ ସମ୍ପର୍କରେ ଅଧିକ କିଛି କହିହେବ ନାହିଁ। ପୁଲିସ ତଦନ୍ତରେ ମେଡିକାଲ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ କରାଯିବ। ତେବେ ଏହାର ବିଭାଗୀୟ ତଦନ୍ତ ହେବ କି ନାହିଁ ବୋଲି ପଚାରିବାରୁ ସେ ଏହାକୁ ଏଡାଇ ଦେଇଛନ୍ତି। ସମ୍ପୃକ୍ତ ୱାର୍ଡରେ ଡ୍ୟୁଟିରେ ଥିବା ସୁରକ୍ଷା କର୍ମୀ ଏବଂ ୱାର୍ଡ ଆଟେଣ୍ଡାଣ୍ଟଙ୍କୁ ପୁଲିସ ପଚରାଉଚରା କରିଲେ ମେଡିକାଲ ପକ୍ଷରୁ ସହଯୋଗ କରାଯିବ। ହସ୍ପିଟାଲ ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ରୋଗୀଙ୍କ ସୁରକ୍ଷା ସେମାନଙ୍କର ପ୍ରାଥମିକତା। ରୋଗୀଙ୍କ ମୃତ୍ୟୁକୁ ନେଇ ହୋଇଥିବା ଏକ ଅଭିଯୋଗର ସତ୍ୟତା ଜଣାନପଡିବା ପର୍ଯ୍ୟନ୍ତ ଏ ସମ୍ପର୍କରେ କିଛି କହିବାକୁ ମେଡିକାଲ କର୍ତ୍ତୃପକ୍ଷ ମନା କରିଛନ୍ତି।

## ଚଳିତ ବର୍ଷ ୧ କୋଟି...

ହୋଇଥିବାବେଳେ ଚଳିତ ବର୍ଷ ୩.୬% କମ୍ ଜମିରେ ଧାନ ଚାଷ କରାଯାଇଛି। ସେହିପରି ଜଳବାୟୁ ପରିବର୍ତ୍ତନ ଓ ଏଲନିନୋ ପ୍ରଭାବରେ ଏକର ପିଛା ଫସଲ କମିବାର ଆଶଙ୍କା କରାଯାଇଛି। ଉତ୍ପାଦନ ହ୍ରାସର ପଛରେ ଦୁର୍ବଳ ମୌସୁମୀ, ଧାନ ଚାଷ ଅଞ୍ଚଳ କମିବା ଓ ଫସଲ ପାଚିବା ସମୟରେ ଜଳାଭାବ ପ୍ରମୁଖ କାରଣ। ଜୁନ୍-ସେପ୍ଟେମ୍ବର ମଧ୍ୟରେ ଦେଶରେ ସ୍ୱାଭାବିକଠାରୁ ପ୍ରାୟ ୧୨% କମ୍ ବର୍ଷା ହୋଇଥିବାବେଳେ ପଞ୍ଜାବ, ବିହାର, ଆନ୍ଧ୍ରପ୍ରଦେଶ, ହରିୟାଣା, କର୍ଣ୍ଣାଟକ, କେରଳ ଓ ତେଲଙ୍ଗାନା ଭଳି ପ୍ରମୁଖ ଧାନ ଉତ୍ପାଦନକାରୀ ରାଜ୍ୟରେ ବର୍ଷାଭାବ ପରିମାଣ ପ୍ରାୟ ୪୦% ହୋଇଥିବା କୁହାଯାଉଛି। ଅନ୍ୟପକ୍ଷରେ ଚାଉଳ ଉତ୍ପାଦନ ହ୍ରାସର ଚାପ ବଜାରରେ ଦେଖାଦେଇସାରିଲାଣି। ଉପଭୋକ୍ତା ବ୍ୟାପାର ବିଭାଗ ଅନୁସାରେ ଚାଉଳର ହାରାହାରି ଖୁଚୁରା ଦର ୭% ବଢ଼ି କିଲୋପିଛା ୪୫.୭୭ ଟଙ୍କାରେ ପହଞ୍ଚିଛି। ସୋନା ମସୁରୀର ଦର ପ୍ରାୟ ୨୫% ବଢ଼ି ୫୮ ଟଙ୍କା ହୋଇଥିବାବେଳେ 'ସ୍ୱର୍ଣ୍ଣ' ଚାଉଳ ୧୦% ବଢ଼ି ୩୫ ଟଙ୍କାରେ ପହଞ୍ଚିଛି। ବାସୁମତୀ ଧାନର ମଣ୍ଡି ଦର ମଧ୍ୟ ପ୍ରାୟ ୩୦% ବଢ଼ି କ୍ୱିଣ୍ଟାଲ ପିଛା ୪,୦୦୦ ଟଙ୍କା ହୋଇଛି।

ଅନ୍ୟପକ୍ଷରେ ସରକାରୀ ପଣ୍ୟାଗାରଗୁଡ଼ିକରେ ପ୍ରାୟ ୫.୯୬ କୋଟି ଟନ୍ ଚାଉଳ ଷ୍ଟକ୍ ଥିବା କେନ୍ଦ୍ର ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରଣାଳୟ ସୂଚନା ଦେଇଛି। ଅକ୍ଟୋବର ୧ ସୁଦ୍ଧା ନିର୍ଦ୍ଧାରିତ ବଫର ଷ୍ଟକ୍ ୧.୦୩ କୋଟି ଟନ୍ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ବର୍ତ୍ତମାନ ଏହାର ଛଅ ଗୁଣ ଚାଉଳ ଗଚ୍ଛିତ ରହିଛି। ମାତ୍ର ଏହି ବିଶାଳ ଷ୍ଟକର ସମ୍ପୂର୍ଣ୍ଣ ଅଂଶ ବଜାରକୁ ଛାଡ଼ିବା ସମ୍ଭବ ନୁହେଁ। ଖାଦ୍ୟ ସୁରକ୍ଷା ଯୋଜନା, ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଆଦି ନିମନ୍ତେ ବିପୁଳ ପରିମାଣର ଚାଉଳ ଆବଶ୍ୟକ। ଏହା ସହିତ ଏଫ୍‌ସିଆଇ ଚାଉଳର ଏକ ଅଂଶ ଇଥାନଲ ଉତ୍ପାଦନରେ ବ୍ୟବହୃତ ହେଉଛି। ୨୦୨୫-୨୬ରେ ଇଥାନଲ ପାଇଁ ୭୨ ଲକ୍ଷ ଟନ୍ ଚାଉଳ ଏଫ୍‌ସିଆଇ ଯୋଗାଇ ଦେଇଛି। ଚଳିତ ବର୍ଷ ଏହି ପରିମାଣ ପ୍ରାୟ ୧ କୋଟି ଟନ୍ ଛୁଇଁବ ବୋଲି ଆକଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଉତ୍ପାଦନ ହ୍ରାସ ଓ ଏକ ବଡ଼ ଅଂଶ ଇଥାନଲ ବ୍ୟବହାର ପାଇଁ ପ୍ରଦାନ କରାଯାଉଥିବାରୁ ଚାଉଳର ମୂଲ୍ୟ ଆହୁରି ବଢ଼ିବ ବୋଲି ଅର୍ଥନୀତିଜ୍ଞମାନେ ଆଶଙ୍କା କରିଛନ୍ତି।

## ଅଧିକ ୨୯%...

ଓଡ଼ିଶା ସମେତ ସାରା ଦେଶରେ ବର୍ଷାର ପରିମାଣ ଅପେକ୍ଷାକୃତ କମ୍ ରହିବ ବୋଲି ଆଶଙ୍କା ଥିଲା। ଜୁନ୍ ମାସରେ ସୃଷ୍ଟି ହୋଇଥିବା ନିଅଣ୍ଟିଆ ସ୍ଥିତି ଏହି ଆଶଙ୍କାକୁ ଆହୁରି ଖୋରାକ୍ ଯୋଗାଇଥିଲା। କାରଣ ଜୁନ୍ ମାସରେ ଓଡ଼ିଶାରେ ମାତ୍ର ୧୧୦ ମିମି ବର୍ଷା ହୋଇଥିଲା, ଯାହା ସ୍ୱାଭାବିକଠାରୁ ପ୍ରାୟ ୪୭ ପ୍ରତିଶତ କମ୍ ରହିଥିଲା। ଏହି ସମୟରେ ଏଲନିନୋ ଧୀରେଧୀରେ ସକ୍ରିୟ ହେଉଥିବାରୁ ମୌସୁମୀ ଦୁର୍ବଳ ରହିବ ବୋଲି ଆଶଙ୍କା ଥିଲା। କିନ୍ତୁ ଜୁଲାଇ ମାସରେ ସ୍ଥିତି ବଦଳିଥିଲା। ଜୁଲାଇ ମାସରେ ୩ ଟି ଲଘୁଚାପ ସୃଷ୍ଟି ହେବା ସହ ଘନୀଭୂତ ହୋଇ ଗୋଟିଏ ଗଭୀର ଅବପତା, ଗୋଟିଏ ଅବପାତ ଓ ଗୋଟିଏ ସଦୃଶ ଲଘୁଚାପରେ ପରିଣତ ହୋଇଥିଲା। ଏହାର ପରିଣାମ ସ୍ୱରୂପ ଜୁଲାଇରେ ରାଜ୍ୟରେ ୬୨୭.୬ ମିମି ବର୍ଷା ହୋଇଥିଲା। ଏହା ସ୍ୱାଭାବିକଠାରୁ ୮୪ ପ୍ରତିଶତ ଅଧିକ ସହ ଜୁନ୍‌ର ସମସ୍ତ ନିଅଣ୍ଟିଆକୁ ଭରଣା କରିବାରେ ସକ୍ଷମ ହୋଇଥିଲା। ଏହି ବର୍ଷା ୧୯୦୧ ପରଠାରୁ ୧୨୬ ବର୍ଷର ଇତିହାସରେ ଜୁଲାଇ ମାସରେ ସର୍ବାଧିକ ବର୍ଷା ଭାବେ ରେକର୍ଡ କରିଛି। ପ୍ରଥମ ଥର ପାଇଁ ରାଜ୍ୟରେ ଜୁଲାଇ ମାସରେ ୬୦୦ମିମି ବର୍ଷା ଅତିକ୍ରମ କରିଥିଲା। ସେହିପରି ଅଗଷ୍ଟରେ ମଧ୍ୟ ୧୫ ପ୍ରତିଶତ ଅଧିକ ବର୍ଷା ହେବା ସହ ସେପ୍ଟେମ୍ବରରେ ମଧ୍ୟ ଏହି ଧାରା ଜାରି ରହିଥିଲା। ଚଳିତ ମୌସୁମୀ ଋତୁରେ ରାଜ୍ୟ ଉପରେ ମୋଟ୍ ୧୦ ଲଘୁଚାପ ପ୍ରଭାବ ପକାଇଥିବା ବେଳେ ଏଥିରୁ ୨ ଗଭୀର ଅବପାତ, ୩ ଅବପାତ, ୨ ସଦୃଶ ଲଘୁଚାପ ଏବଂ ୩ ଲଘୁଚାପରେ ପରିଣତ ହୋଇଥିଲା। ଏହି ଲଘୁଚାପ ଦ୍ୱାରା ରାଜ୍ୟ ଉପରେ ପାଖାପାଖି ୪୨ ଦିନ ବର୍ଷାର ପ୍ରଭାବ ପଡ଼ିଥିଲା। ଏହି ୪୨ ଦିନ ମଧ୍ୟରେ ରାଜ୍ୟରେ ୧୦୫୭.୮ ମିମି ବର୍ଷା ଅନୁଭୂତ ହୋଇଛି। ସାଧାରଣତଃ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପଗୁଡ଼ିକ ଓଡ଼ିଶା ଉପରେ ଅଧିକ ପ୍ରଭାବ ପକାଇଥାଏ। ଏହି ଲଘୁଚାପଗୁଡ଼ିକ ଓଡ଼ିଶା ଉପରେ ଗତି କରି ଛତିଶଗଡ଼, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ ଓ ଉତ୍ତର ଭାରତ ଆଡ଼କୁ ଯାଇଥାଏ। ଫଳରେ ସାରା ରାଜ୍ୟରେ ଭଲ ବର୍ଷା କରାଇବାରେ ଲଘୁଚାପ ସଫଳ ହୋଇଥାଏ। ବାରମ୍ବାର ଭାରି ବର୍ଷା ଯୋଗୁଁ ଏଥିରେ ରାଜ୍ୟର ପ୍ରମୁଖ ନଦୀଗୁଡ଼ିକ (ବୈତରଣୀ, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା ଜଳକା) ଆଦି ନଦୀରେ ଏକାଧିକ ବାର ବନ୍ୟା ସ୍ଥିତି ସୃଷ୍ଟି ହୋଇଥିଲା। ଏବେ ମୌସୁମୀ ଋତୁ ଶେଷ ହେବା ସହ ଦେଶର ବିଭିନ୍ନ ରାଜ୍ୟରୁ ମୌସୁମୀ ଅପସାରଣ ଆରମ୍ଭ ହୋଇଛି। ଆଗାମୀ ୩-୪ ଦିନ ମଧ୍ୟରେ ଓଡ଼ିଶାରୁ ମଧ୍ୟ ମୌସୁମୀ ଅପସାରଣ ନେଇ ପାଗ ଅନୁକୂଳ ହୋଇଛି।

## କାହାକୁ ବଞ୍ଚାଉଛନ୍ତି...

ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବିରେ ଆନ୍ଦୋଳନ ଜାରି ରଖିଛନ୍ତି। ଆଜି ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ଦେଇଥିଲା। ମନ୍ତ୍ରୀ ଇସ୍ତଫା ନ ଦେଲା ପର୍ଯ୍ୟନ୍ତ ଆନ୍ଦୋଳନ ଓ ଧାରଣା ଜାରି ରହିବ ବୋଲି ସଂଗଠନଗୁଡ଼ିକ ରୋକଠୋକ୍ ଶୁଣାଉଥିବାରୁ ସରକାରଙ୍କ ଅଡୁଆ ବଢୁଛି। ଏପରି ସ୍ଥିତିରେ ପାଠ୍ୟପୁସ୍ତକ ଛାପା ତଥ୍ୟ ଲୋକଲୋଚନକୁ ଆସିଲେ ସରକାର ଅଧିକ ବିବାଦରେ ଛନ୍ଦି ହେବାର ଆଶଙ୍କା ରହିଛି। ଏଣୁ ତଥ୍ୟ ନ ଦେବା ପାଇଁ ବିଭାଗ ପକ୍ଷରୁ ଅଲିଖିତ ନିର୍ଦ୍ଦେଶନାମା ଜାରି ହୋଇଥିବା କୁହାଯାଉଛି।

## ଗାନ୍ଧୀ ଜୟନ୍ତୀରୁ ବିଜେଡିର...

ମେୟର ସୁଲୋଚନା ଦାସ ପ୍ରମୁଖ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

ଶ୍ରୀ ମିଶ୍ର କହିଛନ୍ତି ଯେ ବିଜେପି ନିର୍ବାଚନ ସମୟରେ ଲୋକମାନଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲା, ତାହାକୁ ଗତ ଅଢ଼େଇ ବର୍ଷ ମଧ୍ୟରେ ପୂରଣ କରନାହିଁ। ଚାଷୀ, ଯୁବ, ଛାତ୍ର, ନାରୀ, ଆଦିବାସୀ, ଦଳିତ, ସଂଖ୍ୟା ଲଘୁ ଆଦି ସମସ୍ତ ବର୍ଗର ଲୋକେ ପ୍ରତାରଣାର ଶିକାର ହୋଇଛନ୍ତି। ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ ନାରୀ ନିର୍ଯାତନା ବୃଦ୍ଧି ପାଉଛି। କେନ୍ଦ୍ର ସରକାର ଏମଏମଡିଆର ଆଇନ ଜରିଆରେ ସଂଘୀୟ ବ୍ୟବସ୍ଥାର ହତ୍ୟା କରି ଓଡ଼ିଶାର ଅର୍ଥନୈତିକ ଅଧିକାରକୁ କ୍ଷୁର୍ଣ୍ଣ କରିଛନ୍ତି। ରାଜ୍ୟବାସୀ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ ସମୟର ଓଡ଼ିଶାର ବିକାଶ ଧାରାକୁ ମନେ ପକାଉଛନ୍ତି। ବିଜେପି ସରକାରଙ୍କ ବିଫଳତାକୁ ନେଇ ଦଳ ଲୋକଙ୍କ ନିକଟକୁ ଯିବ। ମାସ ବ୍ୟାପୀ ସରକାରଙ୍କ ବିଫଳତାକୁ ବିଜେଡି ରାଜ୍ୟର ପ୍ରତ୍ୟେକ ଘରେ ପହଞ୍ଚାଇବ। ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ୩୪ଟି ସାଙ୍ଗଠନିକ ଜିଲ୍ଲାର ମୁଖ୍ୟାଳୟ, ପ୍ରତି ବ୍ଲକ୍, ପୌରପାଳିକା, ଏନ୍‌ଏସି, ମହାନଗର ନିଗମ ସବୁଠି ପଦଯାତ୍ରା ଅନୁଷ୍ଠିତ ହେବ।

ଅଶୋକ ପଣ୍ଡା କହିଛନ୍ତି ଯେ ଉକ୍ତ ପଦଯାତ୍ରା ଜରିଆରେ ବିଜେପି ସରକାରର ବିଫଳତା ନେଇ ଲୋକଙ୍କୁ ସଚେତନ କରାଯିବ। ଭୁବନେଶ୍ୱରରେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଏହାକୁ ଶୁଭାରମ୍ଭ କରିବେ। ପ୍ରଥମ ଦିନରେ ୱାର୍ଡ ନମ୍ବର ୫୨ରେ ଲୋକଙ୍କ ପଦଯାତ୍ରାରେ ସାମିଲ ହେବେ। ବିଜେପିର ପାଣିଫୋଟକା ସଦୃଶ ପ୍ରତିଶ୍ରୁତି ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି। ପୁସ୍ତକ ତ୍ରୁଟି, ଏସଆଇଆର ଓ ଏମଏମଡିଆର ଆଦି ସବୁ କ୍ଷେତ୍ରରେ ରାଜ୍ୟ ସରକାର ବିଫଳ। ଧାନ ମଣ୍ଡି, କୃଷି, ଭତ୍ତା, ପେନସନ ଆଦି ପ୍ରତିଶ୍ରୁତି ପୂରଣ ହୋଇନାହିଁ। ବିଜେଡି ଶାସନ କାଳର ସଫଳତା ଓ ବିଜେପି ସରକାରଙ୍କ ବିଫଳତାକୁ ଲୋକ ଲୋଚନକୁ ଆଣିବୁ ବୋଲି ସେ କହିଛନ୍ତି। ବିଧାୟକ ଶ୍ରୀ ଜେନା କହିଛନ୍ତି ଯେ ଗତ ଅଢେଇ ବର୍ଷ ମଧ୍ୟରେ ବିଜେପି ସରକାରଙ୍କ ମାଳ ମାଳ ବିଫଳତା ରହିଛି। ଆବାସ ଗୃହ ନାହିଁ, ଜୀବନ ଜୀବିକା ଉପେକ୍ଷିତ ହୋଇଛି। ଗମନା ଗମନ ପାଇଁ ମେଟ୍ରୋ ପ୍ରକଳ୍ପ କଥା କହିଥିଲେ ତାହା ମଧ୍ୟ ମିଥ୍ୟା ପ୍ରତିଶ୍ରୁତି ବୋଲି ପ୍ରମାଣିତ ହୋଇଛି। ନିର୍ବାଚନ ପ୍ରତିଶ୍ରୁତି ସବୁ ପ୍ରତାରଣା ସାଜିଛି। ବିଜେପି ସରକାରଙ୍କ ଅସଲ ମୁଖା ଲୋକଙ୍କ ସମ୍ମୁଖରେ ଉପସ୍ଥାପିତ କରାଯିବ। ମେୟର ଶ୍ରୀମତୀ ଦାସ କହିଛନ୍ତି ଯେ ଲୋକେ ତାଙ୍କ ପ୍ରିୟ ନେତା ନବୀନ ପଟ୍ଟନାୟକଙ୍କ ଶାସନ କାଳକୁ ଏବେ ମନେ ପକାଉଛନ୍ତି। ଡବଲ ଇଞ୍ଜିନ ସରକାରଙ୍କ ଗତ ୨୭ ମାସର ବିଫଳତା ଲୋକ ଲୋଚନକୁ ଆଣିବୁ। ବିଜୁ ଜନତା ଦଳର ଓଡ଼ିଶା ବାସୀଙ୍କ ବଳ ଓ ଓଡ଼ିଶା ବାସୀଙ୍କ ଦଳ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବଦା ଲୋକଙ୍କ ପାଇଁ ଲଢେଇ କରୁଥିଲେ। କିନ୍ତୁ ବିଜେପି ସରକାରରେ ଲୋକେ ପ୍ରତାରିତ ହେଉଛନ୍ତି। ନାରୀ ନିର୍ଯାତନା ବୃଦ୍ଧି ସହ ମହିଳା ଆଜି ଅସୁରକ୍ଷିତ। ଓଡ଼ିଶାବାସୀଙ୍କ ଭାଗ୍ୟ ଭବିଷ୍ୟତକୁ ବିଜେପି ସରକାର ଉପେକ୍ଷିତ କରିଛନ୍ତି। ସମସ୍ତ ଜନ ସମସ୍ୟାକୁ ପ୍ରତ୍ୟେକ ଲୋକଙ୍କ ପାଖକୁ ନେଇ ଦଳ ଯିବ ବୋଲି ସେ କହିଛନ୍ତି।

## ନବନିର୍ମାଣ ଯୁବଛାତ୍ର...

ଓ କାର୍ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ବରମୁଣ୍ଡାଠାରେ ପହଞ୍ଚିଥିଲା। ସଂଗଠନର କର୍ମକର୍ତ୍ତାମାନେ ଚକୋଲେଟ୍ ବଣ୍ଟନ କରିବା ସହ ଶାନ୍ତିପୂର୍ଣ୍ଣ ଭାବେ ଓଡ଼ିଶା ବନ୍ଦକୁ ସମର୍ଥନ କରିବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଅଧିକାଂଶ ଦୋକାନବଜାର ବନ୍ଦ ରହିଥିବା ବେଳେ ଖୋଲା ରଖିଥିବା ଦୋକାନୀଙ୍କୁ ମଧ୍ୟ ସଂଗଠନର କର୍ମୀମାନେ ବନ୍ଦ ପାଳନରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ।

ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର କହିଥିଲେ ଯେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକରେ ୧୬୭୮ଟି ତ୍ରୁଟି ରହିଛି। ଏହାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସ୍ୱୀକାର କରିଥିବା ସତ୍ତ୍ୱେ ବିଭାଗୀୟ ମନ୍ତ୍ରୀଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ ବୋଲି ସେ ପ୍ରଶ୍ନ କରିଥିଲେ। ମନ୍ତ୍ରୀ ନୈତିକତା ଦୃଷ୍ଟିରୁ ଇସ୍ତଫା ନ ଦେଲେ ଆଗାମୀ ଦିନରେ ସଂଗଠନ ପକ୍ଷରୁ ଆହୁରି ବଡ଼ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଥିଲେ। ଅନ୍ୟପକ୍ଷରେ ବହି ବିଭ୍ରାଟ ପ୍ରତିବାଦରେ ନବନିର୍ମାଣ ଯୁବଛାତ୍ର ସଂଗଠନ ପକ୍ଷରୁ ଗତ ମାସ ୨୦ ତାରିଖରୁ ଜାରି ରହିଥିବା ଅନିର୍ଦ୍ଦିଷ୍ଟକାଳୀନ ଅନଶନ ଓ ସତ୍ୟାଗ୍ରହ ବୁଧବାର ୪୨ ଦିନରେ ପହଞ୍ଚିଛି। ସେହିପରି ସଂଗଠନର ପ୍ରତିଷ୍ଠାତା ଅକ୍ଷୟ କୁମାରଙ୍କ ଅନଶନ ୨୫ ଦିନରେ ପହଞ୍ଚିଛି। ଏତେଦିନ ଧରି ଆନ୍ଦୋଳନ ଚାଲିଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ ଆଲୋଚନା ପାଇଁ କୌଣସି ପ୍ରୟାସ କରାଯାଇ ନ ଥିବା ସଂଗଠନ ଅଭିଯୋଗ କରିଛି। ମନୱର ଅଲ୍ଲୀ କହିଥିଲେ ଯେ ସଂଗଠନ ପକ୍ଷରୁ ଯେଉଁ ସତ୍ୟାଗ୍ରହ ଅନଶନ ଚାଲିଛି, ଏହା ଆମ ଶିକ୍ଷା ବ୍ୟବସ୍ଥାର ଉତ୍ତରଦାୟିତ୍ୱ। ଭୁଲ୍ ପାଠ୍ୟପୁସ୍ତକ କୋଟିଏ ଛାତ୍ରଛାତ୍ରୀଙ୍କ ଜ୍ଞାନ ଓ ଚିନ୍ତନଶକ୍ତି ଉପରେ ପ୍ରଭାବ ପକାଇପାରେ। ତେଣୁ ଶିକ୍ଷା କ୍ଷେତ୍ରରେ ଅବହେଳା ଓ ଦାୟିତ୍ୱହୀନତାକୁ ନିରବରେ ଗ୍ରହଣ କରାଯିବ ନାହିଁ। ସରକାର ଦାବି ଗ୍ରହଣ ନ କରିବା ପର୍ଯ୍ୟନ୍ତ ଗଣତାନ୍ତ୍ରିକ ଓ ଅହିଂସା ପଦ୍ଧତିରେ ଆନ୍ଦୋଳନ ଜାରି ରହିବ ବୋଲି ସେ କହିଥିଲେ। ଏହି ଅବସରରେ ବିଜୁ ଜନତା ଦଳର ନେତା ତଥା ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସତ୍ୟାଗ୍ରହସ୍ଥଳରେ ପହଞ୍ଚି ଅକ୍ଷୟ କୁମାରଙ୍କ ଅନଶନକୁ ନୈତିକ ସମର୍ଥନ ଜଣାଇବା ସହ ଆଗାମୀ ଆନ୍ଦୋଳନର କାର୍ଯ୍ୟପନ୍ଥା ନେଇ ଆଲୋଚନା କରିଥିଲେ। ଭୁବନେଶ୍ୱର ବନ୍ଦ ପାଳନ କାର୍ଯ୍ୟକ୍ରମରେ ନବନିର୍ମାଣ କୃଷକ ସଂଗଠନର ଉପଦେଷ୍ଟା ଡା. କୁଳମଣି, ରାଜ୍ୟ ମହିଳା ଆବାହକ ମଧୁମିତା ସାମଲ, ବରିଷ୍ଠ କୃଷକ ନେତା ସୁରେନ୍ଦ୍ର ମହାରଣାଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଆଜିଠୁ +୨ ଫର୍ମ ପୂରଣ

**ଭୁବନେଶ୍ୱର, ୩୦।୯ (ସମିସ):** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପରିଚାଳିତ +୨ ବାର୍ଷିକ ପରୀକ୍ଷା ଫର୍ମ ପୂରଣ ଆସନ୍ତାକାଲି ଅର୍ଥାତ୍ ଗୁରୁବାର ଠାରୁ ଆରମ୍ଭ ହେବ। ପ୍ରଥମେ ଏକ୍ସ-ରେଗୁଲାର୍ ଛାତ୍ରଛାତ୍ରୀଙ୍କ ଫର୍ମ ପୂରଣ ୯ ତାରିଖ ଯାଏଁ ଚାଲିବ। ଫର୍ମପୂରଣ କରିଥିବା ପିଲାମାନେ ୧୫ ତାରିଖ ମଧ୍ୟରେ ଫି' ଦାଖଲ କରିପାରିବେ। ଏହାପରେ ରେଗୁଲାର୍ ପିଲାଙ୍କ ଫର୍ମ ପୂରଣ ଅକ୍ଟୋବର ୨୬ ରୁ ନଭେମ୍ବର ୧୧ ତାରିଖ ଯାଏଁ ଚାଲିବ। ଏହାର ଫି' ୧୬ ତାରିଖ ମଧ୍ୟରେ ଦାଖଲ କରିପାରିବେ। ଏହି ପର୍ଯ୍ୟାୟରେ ଫର୍ମ ପୂରଣ କରି ନଥିବା ପିଲାଙ୍କୁ ଫର୍ମ ପୂରଣ ପାଇଁ ଦ୍ୱିତୀୟ ସୁଯୋଗ ମିଳିବ। ଉଭୟ ରେଗୁଲାର୍ ଓ ଏକ୍ସ-ରେଗୁଲାର୍ ପିଲାମାନେ ଅକ୍ଟୋବର ୧୭ରୁ ୧୯ ତାରିଖ ମଧ୍ୟରେ ୨୦୦ ଟଙ୍କା ଲେଖାଏଁ ଫାଇନ୍ ଦେଇ ଫର୍ମ ପୂରଣ କରିପାରିବେ। ଏହି ଦୁଇ ପର୍ଯ୍ୟାୟରେ ଫର୍ମ ପୂରଣ କରି ନ ଥିବା ପିଲାଙ୍କୁ ତୃତୀୟ ସୁଯୋଗ ମଧ୍ୟ ମିଳିବ। ୬୦୦ ଟଙ୍କା ଲେଖାଏଁ ଫାଇନ୍ ଦେଇ ନଭେମ୍ବର ୨୩ ରୁ ୨୬ ତାରିଖ ମଧ୍ୟରେ ଫର୍ମ ପୂରଣ କରିପାରିବେ। ଏହା ପରେ ଆଉ କୌଣସି ଅନୁରୋଧ ଗ୍ରହଣ କରାଯିବ ନାହିଁ ବା ଅବଧି ବୃଦ୍ଧି ପାଇବ ନାହିଁ ବୋଲି ସିଏଚ୍‌ଏସ୍‌ଇ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ପରୀକ୍ଷା ସମ୍ପର୍କରେ ଅଧିକ ସୂଚନା ଦେଇ ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା କହିଛନ୍ତି ଯେ ଚଳିତ ଥର ଏକ୍ସ ରେଗୁଲାର ପିଲାଙ୍କୁ ଫର୍ମ ପୂରଣ ପାଇଁ ଅଧିକ ସମୟ ଦିଆଯାଇଛି। କାରଣ କିଛି ପିଲା ରାଜ୍ୟ ବାହାରେ ଥିଲେ ମଧ୍ୟ ରାଜ୍ୟକୁ ଫେରିବା ପରେ ଫର୍ମପୂରଣ କରିପାରିବେ। ସେହିପରି ଡିସେମ୍ବର

**■ ଫେବୃଆରୀ ୨ୟ ସପ୍ତାହରୁ ପରୀକ୍ଷା; ଏପ୍ରିଲ ୧୫ ସୁଦ୍ଧା ସରିବ ମୂଲ୍ୟାୟନ**

୧୫ ସୁଦ୍ଧା ପିଲାଙ୍କୁ ଆଡମିଟ କାର୍ଡ ପ୍ରଦାନ କରିବା ପରେ ୨୨ ରୁ ଇଣ୍ଟେରନାଲ ପରୀକ୍ଷା ଆରମ୍ଭ ହେବ। ବନ୍ୟା ଓ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ପରୀକ୍ଷା ସୂଚୀ ପ୍ରସ୍ତୁତ ହେବ। ପଞ୍ଚାୟତ ନିର୍ବାଚନ ପୂର୍ବରୁ ପରୀକ୍ଷା ସାରି ଏପ୍ରିଲ ୧୫ ସୁଦ୍ଧା ମୂଲ୍ୟାୟନ ମଧ୍ୟ ସରିବ। ପ୍ରତିବର୍ଷ ଫେବୃଆରୀ ତୃତୀୟ ସପ୍ତାହରୁ ପରୀକ୍ଷା ଆରମ୍ଭ ହେଉଥିବାବେଳଏ ଚଳିତ ଥର ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଫେବୃଆରୀ ଦ୍ୱିତୀୟ ସପ୍ତାହରୁ ପରୀକ୍ଷା ଆରମ୍ଭ ହେବ ବୋଲି ଡ. ପରିଡ଼ା ସୂଚନା ଦେଇଛନ୍ତି।


**WORKS DEPARTMENT** 34001/907/2627
**OFFICE OF THE SUPERINTENDING ENGINEER, ROURKELA (R&B) DIVISION, UDITNAGAR, ROURKELA**
E-Mail Id – eepwdrkl@gmail.com
Government of Orissa "e" Procurement Notice
Bid Identification No.: 19/ 2026-27 Dated:24.09.2026

1. Number of works: 5 (Five) number of Work
2. Estimated cost: RS. 5.68 Lakhs to Rs.18.36 lakhs
3. Period of completion: 1(one) calendar months to 2(Two) calendar months
4. Date & Time of availability of bid document in the portal: Dt.01.10.2026 at 11.00 A.M.
5. Last date/ Time for receipt of bids in the portal: Dt 14.10.2026 up to 05.00 P.M.
6. Date of opening of Bid: Dt. 15.10.2026 at 11.00A.M.
7. Name and Address of the Officer Inviting Bid: Superintending Engineer, (R & B) Division, Rourkela, UditNagar.

Further details can be seen from the e-procurement portal http//tendersorissa.gov.in"

Superintending Engineer,
Rourkela (R&B) Division
OIPR-34001/34068/1/26-27/0012



**ODISHA MINING ADARSHA VIDYALAYA, KALIAPANI & SUAKATI**
AT-KALIAPANI, PO- KALIAPANI, VIA-KALARANGI ATTA
DIST-JAJPUR-755018 (ODISHA)
**TENDER CALL NOTICE**
Letter No:OMAVK /Tender/2026-27/ 1244 Date: 30.09.2026

Sealed tenders are invited from the registered and reputed firms for supply of the School **Grocery, Vegetables and Perishable items** to Odisha Mining Adarsha Vidyalaya, Kaliapani & Suakati (Currently functioning at OMAV Kaliapani Campus), District Jajpur, Odisha for a period of one year. The detailed notice, tender form along with other Particulars/ list of items must be downloaded from the web site https://oav.edu.in/OMAVKAL. Completed quotation forms along with EMD and downloaded tender form with a cost of **Rs. 200/-(Two Hundred Only)** for each item in the shape of Bank Draft in favour of **ODISHA MINING ADARSHA VIDYALAYA KALIAPANI** payable at **UNION BANK OF INDIA, KALIAPANI** must reach by Speed Post / Registered Post by **2 PM. on 21.10.2026. (Bank Draft for EMD and Tender form Cost must be made separately).** School shall not be responsible for any postal delay.

**Sd/- Principal**



**AFFIDAVIT**
By virtue of an Affidavit No.77 dtd.25.05.2026 Sworn Before Executive Magistrate, Bhubaneswar. I, Tasif Saha s/o Basuddin Saha Vill- Khajuripada Po/Ps- Nirakarpur, Dist- Khordha, Odisha, Pin- 752019. I have changed my name from "RAHUL SAHA" to "TASIF SAHA". Henceforth, I shall be known as" **TASIF SAHA**" for all future purposes



**AFFIDAVIT**
By the virtue an affidavit sworn before excutive magistrate, affidavit No -29111, dated -29.09.2026, Bhubaneswar.I Sohit Roshan,c/o-Sujit kumar Mohanty, resident of At -Ward no -19, Baghra Road, Baripada, Baripada Town, Mayurbhanj, Pin no -757001, Odisha, declare that I have changed my name from SOHIT ROSHAN MOHANTY to SOHIT ROSHAN, Henceforth, I shall be known as **SOHIT ROSHAN** for all future purposes



**AFFIDAVIT**
By virtue of an affidavit (CF No. 01, dtd- 29/09/2026) sworn before The Executive Magistrate, Padampur. I, **Sobit Sahu** (applicant name), S/o Bhojaraj Sahu, permanent resident of Vill- Buden, PO/PS- Buden, Dist- Bargarh, Odisha declare that I have changed my minor son's name from **Hasabanta Sahu** (old name) to **Jashabanta Sahu** (new name). Henceforth, he shall be known as **Jashabanta Sahu** (new name) for all purposes.
**Sobit Sahu**



OFFICE OF THE PRINCIPAL
**D.A.V.AUTONOMOUS COLLEGE,**
**DAYANAND VIHAR, BHATIPARA, TITILAGARH**
Dist- Bolangir, Odisha, Pin-767042
NAAC ACCREDITED 'B+'
Website: www.davcollegetitilagarh.org E-mail: principal.davcollege@gmail.com

**Tender No.: 03/2026**
**TENDER CALL NOTICE**

Sealed Tenders are invited from intending Manufacturers/Firms/ Suppliers/ Authorized Dealers having PAN & GST registration Number for supply, installation, testing and commissioning of Computer Laboratory equipment, furniture, networking and electrical works and NEP and AEDP Undergraduate (UG) Text Books and Reference Books for College by Speed Post/Registered Post/Courier on or before 15.10.2026. The above tender call notice as per finance and procurement guidelines of OGFR 2023, Govt. of Odisha. The undersigned reserves the right to reject/cancel any or all the quotations without specifying any reason thereof. The items shall be purchased from RUSA 2.0 Grant under D.H.E, Govt. of Odisha. The details of the requirements with specifications, terms and conditions are available in the college website - **www.davcollegetitilagarh.org.** In case of any doubt, you can contact Office of the Principal Mob-9078110060.

Principal
D.A.V. Autonomous College,
Titilagarh



13001/2011/2627
**OFFICE OF THE MUNICIPAL COUNCIL, KENDUJHARGADA**
At/P.O.-Kendujhargada, Dist.-Keonjhar, Odisha, Pin-758001
Phone/Fax: (06766) 255413, E-mail:-keonjharm.hud@rediffmail.com

**REQUEST FOR PROPOSAL (RPF)**
RPF NO.10275/KGM Date-09.09.2026

The Executive Officer, Keonjhargarh Municipality, Keonjhargarh, (Odisha) on behalf of Keonjhargarh Municipality invites Expression of Interest (EOI) for **"SELECTION OF AGENCY FOR S/R TO DD MEDICAL COLLEGE LECTURE THEATER MODIFICATION WORK IN Kendujhargada MUNICIPALITY"**

1. Intending bidders have to participate through "Off-Line" bidding only.
2. The bid documents will be available in the website- www.kendujhar.odisha.gov.in from 11.00 A.M of Dt. 01.10.2026 to 5.00 P.M. of Dt. 21.10.2026 for offline bidding.
3. Bids received will be opened at 11.30 A.M onwards on Dt. 22.10.2026.
4. Further details are available in this RFP.

Executive Officer
Kendujhargada Municipality
OIPR-13001/13115/1/26-27/0015



34001/911/2627
**GOVT OF ODISHA**
**OFFICE OF THE SUPERINTENDING ENGINEER, PANIKOILI (R&B) DIVISION, PANIKOILI**
**" e "- PROCUREMENT NOTICE**
Bid Identification No. S.E. PKL(R&B)- 04/2026-27
E-mail address- eepwd.pkl@rediffmail.com

1. Nature of the Work : Road Works
2. Numbers of Work : 12 (Twelve) Nos
3. Estimated Cost : Rs.11.74 Lakh to Rs.99.01 Lakh (Approx)
4. Period of Completion : 2 calendar months (As per TCN)
5. Date & Time of availability of bid document in the portal : From 11.00 A.M of dt.01.10.2026 to 1.00 P.M of dt.09.10.2026
6. Last Date/ Time for receipt of bids in the portal : 1:00 P.M of dt.09.10.2026
7. Date of opening of Bid : 5:00 P.M of dt.09.10.2026
8. Name and address of the officer inviting Bid : Superintending Engineer, Panikoili (R&B) Division, Panikoili.

Further details can be seen from the e-procurement portal https://tendersodisha.gov.in

Superintending Engineer
Panikoili (R&B) Division
OIPR-34001/34067/1/26-27/0002



25001/1238/2627
Email: rd_bgh@yahoo.co.in
Gmail: rwd.bgh@gmail.com

**OFFICE OF THE SUPERINTENDING ENGINEER**
**RURAL WORKS DIVISION, BARAGADA**
**e-Procurement Notice No. ONLINE-BGH- 06 OF 2026-27**

| | | | |
|---|---|---|---|
| 1 | Name of the Work | : | Road works during 2026-27 in the district of Baragada. |
| 2 | EMD | : | @ 1% of the estimated cost put to tender |
| 3 | Other details | : | As per DTCN |

| Procurement Officer | Bid Identification No. | Availability of Tender online for bidding | | Last Date & Time of Seeking tender clarification | Date & Time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Baragada | ONLINE-BGH-06 OF 2026-27 | 03.10.2026 at 11.00 A.M. | 23.10.2026 upto 5.00 P.M. | 23.10.2026 upto 4.00 PM | 26.10.2026 at 11.00 A.M. |

Further details can be seen from the website www.tendersorissa.gov.in.

Superintending Engineer
R.W. Division, Baragada
OIPR-25001/25062/1/26-27/0009



25001/1241/2627
**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, TITILAGRH**
Letter No.7786 /Date. 28.09.2026

**1st CORRIGENDUM**
**TCN EETIG-ONLINE-05/2026-27 LETTER NO. 7637 DATED. 19.09.2026**

1st Corrigendum Notice vide this office Bid No. EETIG-online-05/2026-27 office letter No. 7637 Dated. 19.09.2026 regarding revised extension of time as per follows.

1. **Period of availability of tenders (Online)**

| Sl No | Item | Time schedule as per NIT | Time schedule as per corrigendum notice |
|---|---|---|---|
| 1 | Bid start date and time | 29.09.2026 at 11.00 AM | 06.10.2026 at 11.00 AM |
| 2 | Bid due date and time | 08.10.2026 up to 5.00PM | 14.10.2026 up to 05.00PM |
| 3 | Tender seeking clarification date and time | 07.10.2026 at 11.00 AM | 13.10.2026 at 11.00 AM |
| 4 | Date & time of opening | 09.10.2026 at 11.00 AM | 15.10.2026 at 11.00 AM |

**Rest items are remained Unchanged**
**Further details can be seen from the website : www.tendersorissa.gov.in**

Executive Engineer
R.W Division, Titilagarh
OIPR-25001/25078/1/26-27/0007

### ସଡ଼କ ସୁରକ୍ଷା କମିଟି ସମୀକ୍ଷା ବୈଠକ

# ୧୫ ଦିନ ଭିତରେ ରାସ୍ତା ମରାମତି ନିର୍ଦ୍ଦେଶ

ବୌଦ୍ଧ, ୩୦।୯ (ସମିସ)



ବୌଦ୍ଧ ଜିଲ୍ଲା ସଡ଼କ ସୁରକ୍ଷା କମିଟି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୋଟର ଭେହିକିଲ୍ ଆଇନ୍ ଅନୁଯାୟୀ ଜୋରିମାନା ସଂଗ୍ରହ, ଜିଲ୍ଲାରେ ଘଟୁଥିବା ସଡ଼କ ଦୁର୍ଘଟଣା ଓ ମୃତ୍ୟୁହାର ସମ୍ପର୍କିତ ସମୀକ୍ଷା, ଟାସ୍କ ଫୋର୍ସ କାର୍ଯ୍ୟ, ପୂର୍ବ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକର କାର୍ଯ୍ୟବିବରଣୀ ଏବଂ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା। ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଅଧ୍ୟକ୍ଷତା କରି ଅକ୍ଟୋବର ମାସକୁ ଦୁର୍ଘଟଣା ମୃତ୍ୟୁ ଶୂନ୍ୟ ମାସ କରିବା ପାଇଁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ବୈଠକରେ ବାଧ୍ୟତାମୂଳକ ହେଲମେଟ ପରିଧାନ, ମଦ୍ୟପ ଡ୍ରାଇଭରଙ୍କୁ ନିୟମିତ ଯାଞ୍ଚ କରି ଜରିମାନା ଆଦାୟ, ରାସ୍ତାରେ ବାଲି, ମେଟାଲ ଜମା ହେବା, ଭାରିଯାନ ପାର୍କିଂ, ଗୋରୁଗାଈ ନିୟନ୍ତ୍ରଣ ଓ ରାସ୍ତାରୁ ଜବର ଦଖଲ ଉଚ୍ଛେଦ ପାଇଁ ଆଲୋଚନା ହୋଇଥିଲା। ଏଥିପାଇଁ ପରିବହନ, ପୁଲିସ, ଅବକାରୀ ବିଭାଗ, ପୌର ପରିଷଦ ଓ ତହସିଲଦାର ମିଳିତ ଭାବରେ ପଦକ୍ଷେପ ଗ୍ରହଣ କରିବେ। ଆଗକୁ ପାର୍ବଣ ଋତୁ ଆସୁଥିବାରୁ ସମସ୍ତ ରାସ୍ତା ୧୫ ଦିନ ମଧ୍ୟରେ ମରାମତି କରିବା ପାଇଁ ଆର୍‌ଡି, ପୂର୍ତ୍ତ ଓ ଏନ୍‌ଏଚ ବିଭାଗକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଦେଇଥିଲେ। ଚଳିତ ବର୍ଷ ପ୍ରଥମ ୮ ମାସ ମଧ୍ୟରେ ଜିଲ୍ଲାରେ ମୋଟ ୭୮୬୮ଟି ଚାଲାଣ କଟାଯାଇଥିବା ବେଳେ ୨ କୋଟି ୫ ଲକ୍ଷ ୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଆରଟିଓଙ୍କ ପକ୍ଷରୁ ସିଟ୍ ବେଲ୍ଟ ନ ପିନ୍ଧିବା ପାଇଁ ୧୨୫ଟି, ହେଲମେଟ୍ ନ ପିନ୍ଧିବା ପାଇଁ ୨୯୫୫ଟି, ଅତ୍ୟଧିକ ବେଗରେ ଗାଡ଼ି ଚଳାଇବା ପାଇଁ ୩୦୩୮ଟି ଏବଂ ମଦ୍ୟପାନ କରି ଗାଡ଼ି ଚଳାଇବା ପାଇଁ ୧୮୫ଟି ମାମଲା ରୁଜୁ ହେବା ସହ ୯୪୦ଟି ଡ୍ରାଇଭିଂ ଲାଇସେନ୍ସ କେନସେଲ କରାଯାଇଛି। ସେହିପରି ପୁଲିସ ପକ୍ଷରୁ ଇ-ଚାଲାଣ ମାଧ୍ୟମରେ ହେଲମେଟ୍ ନ ପିନ୍ଧିବା ପାଇଁ ୧୪୪୨ଟି ଓ ସିଟ୍ ବେଲ୍ଟ ନ ପିନ୍ଧିବା ପାଇଁ ୧୧୩, ମଦ୍ୟପ ଗାଡ଼ି ଚାଳନା ପାଇଁ ୧୨୨ ଟି ଚଲାଣ କରାଯାଇଥିବା ସୂଚନା ଦିଆଯାଇଥିଲା। ଏ ବର୍ଷର ପ୍ରଥମ ୮ ମାସରେ ସଡ଼କ ଦୁର୍ଘଟଣାରେ ୫୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୫୪ ଜଣ ଗୁରୁତର ହୋଇଛନ୍ତି। ଏହି ଅବସରରେ ଦୁର୍ଘଟଣାରୁ ଜୀବନରକ୍ଷା କରିଥିବାରୁ ପିପଲକଟାର ଅଟୋ ଚାଳକ ସୁଦର୍ଶନ ଦେହେରିଙ୍କୁ ୨ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ସମୀକ୍ଷା ବୈଠକରେ ଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ସୁଷମା ସାହୁ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ତହସିଲଦାର ଅନିତା ସାହୁ, ଆର୍ ଆଣ୍ଡ ବି ଯନ୍ତ୍ରୀ କୁନା ଚରଣ ସିଂ, ଜିଲ୍ଲା ଅବକାରୀ ଅଧିକ୍ଷକ ଶାନ୍ତି ମାରାଣ୍ଡି, ଜିଲ୍ଲା ଏମ୍‌ଭିଆଇ ସଞ୍ଜୟ ବେହେରା, ଟ୍ରାଫିକ ଇନ୍ସପେକ୍ଟର ଦେବାଶିଷ ନାୟକ, ଟ୍ରକ୍ ମାଲିକ ସଂଘ ସଭାପତି ଶିବ ପ୍ରସାଦ ମିଶ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ୭ ଜବରଦଖଲକାରୀଙ୍କ ଘର ଭାଙ୍ଗିଲା

କଣ୍ଟାମାଳ,୩୦।୯ (ସମିସ): ବୌଦ୍ଧ ବ୍ଲକ୍ କସୁରବନ୍ଧ ପଞ୍ଚାୟତ ଅଧୀନ ୫୭ ନମ୍ବର ଜାତୀୟ ରାଜପଥ କଡରେ ବୁଧବାର ଜବଦରଖଲ ଉଚ୍ଛେଦ ହୋଇଛି। ସରକାରୀ ଜାଗାରେ ଘର କରିଥିବା କୁରୁମପଦର ଗ୍ରାମର ଦିଲ୍ଲୀପ ସାହୁ, ଶେଷଦେବ ସାହୁ, କ୍ଷୀର ମେହେର, ଦୋଳମଣୀ ମେହେର, ତିରୁମାଳୀ ନାଇଡୁ, ଧର୍ମୁ ଲିଙ୍ଗମ ସେଟିଆର, ମୋଟୁସ୍ୱାମୀ ସେଟିଆଙ୍କ ଘରକୁ ଭାଙ୍ଗି ମାଟିରେ ମିଶାଇ ଦିଆଯାଇଛି। ଏଣୁ ୭ ପରିବାର ବାସହୀନ ହୋଇ ପଡିଛନ୍ତି। ଏମାନେ ସରକାରୀ ଜାଗାରେ ଘର ନିର୍ମାଣ କରିଥିବା ଅଭିଯୋଗ ହୋଇଥିଲା। ତାହାକୁ ଭିତ୍ତି କରି ବୌଦ୍ଧ ତହସିଲଦାରଙ୍କ ପକ୍ଷରୁ ଏଲମାନଙ୍କୁ ନୋଟିସ ହୋଇଥିଲା; ହେଲେ ଏମାନେ ଛାଡି ନ ଥିଲେ। ଶେଷରେ ତହସିଲଦା ପକ୍ଷରୁ ପୁଲିସ ଉପସ୍ଥିତିରେ ଏମାନଙ୍କ ଘର ଭାଙ୍ଗି ଦିଆଯାଇଛି। ତେବେ କ୍ଷତିଗ୍ରସ୍ତ ପରିବାରଙ୍କ କହିବା ପ୍ରକାରେ ସେମାନଙ୍କ ଘର ମୁଖ୍ୟ ରାସ୍ତାରୁ ଖାଲରେ ଥିଲା। ଲୋକଙ୍କ ଯିବା ଆସିବାରେ ସେମାନଙ୍କ ଘର କୌଣସି ଅସୁବିଧା କରୁ ନ ଥିଲା। ରାସ୍ତା ଚଉଡା ଲାଗି ଭଙ୍ଗା ଯାଇଥିଲେ ତାହା ସ୍ୱାଗତ ଯୋଗ୍ୟ; କିନ୍ତୁ କୌଣସି ବ୍ୟକ୍ତିଙ୍କ ଅଭିଯୋଗ ପ୍ରକାରେ ଭଙ୍ଗାଯିବା କୌଣସି ଯଥାର୍ଥତା ନ ଥିଲା ବୋଲି କ୍ଷୋଭର ସହ ସେମାନେ କହିଛନ୍ତି।



## ହିମାଂଶୁ ତ୍ରିପାଠୀଙ୍କ ବିୟୋଗ

ତରଭା,୩୦।୯ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକର ବରିଷ୍ଠ ବିଜେଡି ନେତା ହିମାଂଶୁ ତ୍ରିପାଠୀଙ୍କ ବିୟୋଗ ଘଟିଛି। ସେ ଜଣେ ଶାନ୍ତ, ସରଳ, ସଚ୍ଚୋଟ ଓ ନିଷ୍କପଟ ମଣିଷ ଭାବେ ପରିଚିତ। ରାଜନୈତିକ ଓ ଅଧ୍ୟାତ୍ମିକ କ୍ଷେତ୍ରରେ ସେ ଉଲୁଣ୍ଡା ଅଞ୍ଚଳର ବହୁ ବିକାଶ କରିଥିଲେ। ଗରିବ, ଅସହାୟ ଓ ସାଧାରଣ ଲୋକଙ୍କୁ ସେ ସବୁବେଳେ ସହଯୋଗ କରି ଆସୁଥିଲେ। ଶ୍ରୀ ତ୍ରିପାଠୀ ଉଲୁଣ୍ଡା ପଞ୍ଚାୟତର ସରପଞ୍ଚ ଭାବେ ଥରେ ନିର୍ବାଚିତ ହୋଇଥଲେ। ଦୀର୍ଘ ବର୍ଷ ଧରି ଉଲୁଣ୍ଡା ପଞ୍ଚାୟତ ସମିତି କଲେଜର ପରିଚାଳନା କମିଟିର ସଭାପତି, ଧନୁଯାତ୍ରା ମହୋତ୍ସବ କମିଟିର ସଭାପତି ଓ ବିଜୁ ଜନତା ଦଳ ସଭାପତି ଭାବେ ଦୀର୍ଘ ବର୍ଷ ଧରି ଶୃଙ୍ଖଳା ଓ ଦକ୍ଷତାର ସହିତ ନିଷ୍କପଟ ତଥା ବିନା ବ୍ୟକ୍ତିଗତ ସ୍ୱାର୍ଥରେ କାର୍ଯ୍ୟ ନିର୍ବାହ କରୁଥିଲେ। ଏହି ଦୁଃଖଦ ଖବର ଆସିବା ପରେ ଉଲୁଣ୍ଡା ବ୍ଲକ ତଥା ସାରା ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି। ବୀରମହାରାଜପୁର ପ୍ରାକ୍ତନ ବିଧାୟକ ପଦ୍ମନାଭ ବେହେରା, ବିଜେଡି ନେତା ବିହାରୀ ଲାଲ ମିଶ୍ର, ଗୌର ଚରଣ ପଧାନ ପ୍ରମୁଖଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ଗଭୀର ଶୋକ ପ୍ରକାଶ କରିବା ସହ ଅନ୍ତିମ୍ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ଶ୍ରୀ ତ୍ରିପାଠୀଙ୍କ ମରଶରୀର ଉଲୁଣ୍ଡା ପହଞ୍ଚିବା ପରେ ପ୍ରଥମେ ଉଲୁଣ୍ଡା ନିକଟସ୍ଥ ନିଜ ମାତୃଭୂମି ମାଉଲିମାଲ ଗାଁ ଓ ପରେ ଉଲୁଣ୍ଡା ସହରଠାରେ ଏକ ଶୋଭାଯାତ୍ରାରେ ପରିକ୍ରମା କରାଯାଇଥିଲା। ହଜାର ହଜାର ଲୋକ, ଶୁଭେଚ୍ଛୁ ଶ୍ରୀ ତ୍ରିପାଠୀଙ୍କ ଅନ୍ତିମ ଦର୍ଶନ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଶେଷ ବିଦାୟ ଦେଇଥିଲେ। ଉଲୁଣ୍ଡା ଶ୍ମଶାନଘାଟରେ ଶ୍ରୀ ତ୍ରିପାଠୀଙ୍କ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ ପୁଅ ଅମୂଲ୍ୟ ତ୍ରିପାଠୀ ମୁଖାଗ୍ନି ଦେଇଥିଲେ।



## ୭ ବର୍ଷର ଶିଶୁପୁତ୍ର ସହ ଅସହାୟ ମହିଳା ଉଦ୍ଧାର

ଇବଥର୍ମାଲ,୩୦।୯ (ସମିସ): ବେଲପାହାଡ଼ ପୌରପାଳିକା ଅଧୀନ ଯୋଡ଼ାବାଗା ଅଞ୍ଚଳରେ ଜଣେ ଅସହାୟ ମହିଳାଙ୍କୁ ତାଙ୍କ ୭ ବର୍ଷର ଶିଶୁପୁତ୍ର ସହ ବେଲପାହାଡ଼ ପୁଲିସ ଉଦ୍ଧାର କରିଛି। ରାଧା

**ପୁଅ ଦେହ ସାରା କାମୁଡ଼ା ଚିହ୍ନ**

ମହାରଣା ନାମ୍ନୀ ଏହି ମହିଳା ଜଣକ ତାଙ୍କ ଶିଶୁପୁତ୍ର ସାହିଲ ସହ ରହୁଥିଲେ। ୬ ବର୍ଷ ତଳେ ରାଧା ତାଙ୍କ ସ୍ୱାମୀଙ୍କୁ ହରାଇଛନ୍ତି। ମାଁ, ପୁଅଙ୍କୁ ଦୁଇଓଳି ଖାଦ୍ୟ ବି ମିଳୁ ନ ଥିଲା। ଗତ ୪ ମାସ ହେଲା ଘରେ ରୋଷେଇ ହୋଇ ନ ଥିଲା। ଗାଁ ଲୋକ ଖାଇବାକୁ ଦେଲେ ଏମାନେ ଖାଉଥିଲେ। ବାକି ସମୟ ଉପବାସ। ତେବେ ଏକଥା ଯେତେ କଷ୍ଟ ଦାୟକ ନୁହେଁ; ମାଁ ନିଜ ଜନ୍ମକଲା ପୁଅକୁ କାମୁଡି କ୍ଷତବିକ୍ଷତ କରିବା ଆନ୍ଦୋଳିତ କରିଥିଲା। ରାଧା ଭୋକ ବିକଳରେ ହେଉ ବା ମାନସିକ ବିକୃତି ଯୋଗୁ ପୁଅ ସାହିଲର ଶରୀରର ଅନେକ ସ୍ଥାନକୁ କାମୁଡିଥିବା ଜଣାପଡ଼ିବା ପରେ ଘଟଣାର ଛାନଭିନ ଆରମ୍ଭ ହୋଇଥିଲା। ଶିଶୁଟିର ଉଚିତ ଯତ୍ନ, ସୁରକ୍ଷା ଓ ପୁନର୍ବାସ ନିମନ୍ତେ ଝାରସୁଗୁଡ଼ା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ)ଙ୍କୁ ହସ୍ତାନ୍ତର କରାଯାଇଛି। ସେହିପରି ମା'ଙ୍କ ଆବଶ୍ୟକ ଚିକିତ୍ସା, ମାନସିକ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ପୁନର୍ବାସ ପାଇଁ ତାଙ୍କୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ (ଡିଏସଏସଓ)ଙ୍କ ଜିମା ଦିଆଯାଇଛି।

## ସୂଚନା ଓ ଲୋକସମ୍ପର୍କ ବିଭାଗ କର୍ମଚାରୀଙ୍କ ଅବସର



ତରଭା,୩୦।୬ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଭାଗର ବରିଷ୍ଠ କିରାଣି ମାନଭଞ୍ଜନ ପଟ୍ଟନାୟକ ୩୦ ବର୍ଷ ୯ ମାସର ସରକାରୀ ଚାକିରି ପରେ ଆଜି ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରୀତି ସୁନା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାସ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବୀଣାପାଣି ମିଶ୍ର, ଡେପୁଟି କଲେକ୍ଟର (ନିର୍ବାଚନ) କ୍ଲିଷ୍ଟନ ସାହୁ, ଡେପୁଟି କଲେକ୍ଟର ମନୋରଞ୍ଜନ ବଘାର, ସହକାରୀ କଲେକ୍ଟର ପ୍ରିୟଦର୍ଶିନୀ ସାହୁ, ଜ୍ୟୋତି ମଲ୍ଲିକ, ସତ୍ୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଭିବିରାମ ଜି ସ୍ୱତନ୍ତ୍ର ତାଲିମ

କଣ୍ଟାମାଳ,୩୦।୯ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ କାର୍ଯ୍ୟାଳୟରେ ଭିବି ରାମଜି ଯୋଜନା ଉପରେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କଣ୍ଟାମାଳ ଏପିଓ ସଞ୍ଜୀବ ମିଶ୍ର ଓ କଣ୍ଟାମାଳ ଗାଁ ସାଥି ସଂଘ ସଭାପତି ଠାକୁର ଚରଣ ନାଏକ ଉପସ୍ଥିତ ଥିଲେ। କଣ୍ଟାମାଳ ପଞ୍ଚାୟତ ସମିତିର ୨୪ଟି ପଞ୍ଚାୟତ ସମସ୍ତ ଗାଁ ସାଥି (ମେଟ୍) ଉପସ୍ଥିତ ଥିଲେ। କଣ୍ଟାମାଳ ବ୍ଲକର ସମସ୍ତ ଜବକାର୍ଡ ହାତାଧିକାରୀଙ୍କୁ କିପରି କାମ ଯୋଗାଇ ହେବ ଓ କିପରି ଭାବେ ସେମାନେ ମଜୁରି ପାଇ ପାରିବେ ସେ ବିଷୟରେ ଆଲୋଚନା ହୋଇଥିଲା। ସମସ୍ତ ଗାଁ ସଥି ସହଯୋଗ କରିବା ପାଇଁ ଶ୍ରୀ ମିଶ୍ର କହିଥିଲେ।

## ମହାନଦୀ ବନ୍ୟା ପରେ ବେହାଲ ୧୯ ଖଣ୍ଡ ମୌଜା

ଇବଥର୍ମାଲ,୩୦।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ଅଧୀନ ୧୯ ମୌଜାର ଅନେକ ଗ୍ରାମ ମହାନଦୀ ବନ୍ୟାଜଳ ଯୋଗୁଁ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛି। ବିଶେଷକରି ଗୁଡୁମ, ଚିପିଲି, ସରଧା, ମୁହୁଦି, ସୁଖାସୁଡା, ସେମିଲିଆ ଗ୍ରାମରେ ସଙ୍ଗିନ ସ୍ଥିତି ଦେଖା ଦେଇଛି। ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ୧ କୋଟି ସହାୟତା ରାଶି ଯୋଗାଇ ଦେଇ ତୁରନ୍ତ ଲୋକଙ୍କୁ ଚିହ୍ନଟକରି କ୍ଷତିପୂରଣ ପ୍ରଦାନ କରିବାକୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି। ଲଗାଣ ବର୍ଷା ଓ ଉପର ମୁଣ୍ଡରୁ ବ୍ୟାପକ ଗେଟ୍ ଖୋଲି ପାଣି ଛାଡିବା ଏବଂ ହୀରାକୁଦ ନଦୀବନ୍ଧରୁ କମ୍ ପାଣି ନିଷ୍କାସନ ହେବା ଫଳରେ ଏ ଅଞ୍ଚଳରେ ବନ୍ୟା ସ୍ଥିତି ଗମ୍ଭିର ରୂପ ନେଇଛି। ବନ୍ୟା ପାଣି ପଶି ଅନେକ ମାଟି ଘର ଭାଙ୍ଗିରୁଜି ଯାଇଛି। ବ୍ୟାପକ ଫସଲ ନଷ୍ଟ ହୋଇଛି। ବହୁ ପରିବାର ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ବନ୍ୟା ଓ କ୍ଷୟକ୍ଷତି ସ୍ଥିତି ଉପରେ ରାଜସ୍ୱ ତଥା ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ପ୍ରତିକ୍ରିୟା ରଖି କହିଛନ୍ତି ଯେ, ବିପନ୍ନଙ୍କ ସୁରକ୍ଷା ଓ ଥଇଥାନ ସରକାରଙ୍କ ପ୍ରଥମ ପ୍ରାଥମିକତା। ପ୍ରଭାବିତ ଅଞ୍ଚଳରେ କୌଣସି ପରିବାର ଯେପରି ସହାୟତାରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ସ୍ୱତନ୍ତ୍ର ନଜର ରଖାଯାଇଛି। ଘରଭଙ୍ଗା ସହାୟତା, ଫସଲହାନି କ୍ଷତିପୂରଣ ତଥା ରିଲିଫ୍ କ୍ୟାମ୍ପ ପରିଚାଳନା ପାଇଁ ରାଜ୍ୟ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ଜରିଆରେ ଝାରସୁଗୁଡ଼ା ଜିଲ୍ଲାକୁ ୧ କୋଟି ଟଙ୍କା ପ୍ରଦାନ କରାଯାଇ ଜିଲ୍ଲା ପ୍ରଶାସନ ସ୍ୱଚ୍ଛତାର ସହ ଆକଳନ କରି ପ୍ରକୃତ ଯୋଗ୍ୟ ହିତାଧିକାରୀଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ କ୍ଷତିପୂରଣ ବଣ୍ଟନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ, ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ଯୁବନେତା ବିଶ୍ୱଜିତ ଷଡ଼ଙ୍ଗୀ ପାଣି ଘେରରେ ଥିବା ପ୍ରଭାବିତ ପରିବାରଙ୍କ ପାଖରେ ପହଞ୍ଚିଛନ୍ତି। ସେ ଲୋକଙ୍କ ଭଙ୍ଗା ଘରଦ୍ୱାର ପରିଦର୍ଶନ କରିବା ସହ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ଏଥିସହିତ ଘଟଣାସ୍ଥଳରୁ ସେ ଉପଜିଲ୍ଲାପାଳ, ବିଡିଓ, ତହସିଲଦାର, ଗୋ-ପାଳନ ଅଧିକାରୀ, ଆର୍‌ଡବ୍ଲୁଏସ୍‌ଏସ୍ କନିଷ୍ଠ ଯନ୍ତ୍ରୀ ଏବଂ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ସହ ଫୋନ୍ ଯୋଗେ କଥା ହୋଇ ବିପନ୍ନଙ୍କୁ ପାନୀୟ ଜଳ, ଚିକିତ୍ସା ସୁବିଧା, ଶୁଖିଲା ଖାଦ୍ୟ ଯୋଗାଇବା ଏବଂ ମଞ୍ଜୁର ହୋଇଥିବା ସରକାରୀ ସହାୟତା ତୁରନ୍ତ ପହଞ୍ଚାଇବାକୁ ଦୃଢ଼ ଦାବି କରିଛନ୍ତି।

## ୩୮ତମ ଶ୍ୟାମାକାଳି ପୂଜା ପାଇଁ ପ୍ରସ୍ତୁତି

କଣ୍ଟାମାଳ,୩୦।୯ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଅଧୀନ କରାକୋଠାରେ ୩୮ତମ ଶ୍ୟାମାକାଳୀ ପୂଜା ଲାଗି ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କଣ୍ଟାମାଳ ସଦର ୟୁଥ୍ ଫ୍ରେଣ୍ଡ ଆସୋସିଏସନ୍‌ର ସଭାପତି ପ୍ରଫୁଲ୍ଲ ସାହୁ ଓ ସମ୍ପାଦକ ପ୍ରକାଶ ଚନ୍ଦ୍ର ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କମିଟିର ବରିଷ୍ଠ ଉପଦେଷ୍ଟା ଶକ୍ତି ପ୍ରସାଦ ନାୟକ, କୋଷାଧ୍ୟକ୍ଷ ତରଣୀ ସେନ୍ ସାହୁ ଓ ସଂଯୋଜକ ଧରଣୀ ସେନ୍ ସାହୁଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ଦୁର୍ଗାପୂଜା ପାଇଁ ଶୁଭ ଖୁଣ୍ଟି ସ୍ଥାପନ



ବୌଦ୍ଧ, ୩୦।୯ (ସମିସ): ବୌଦ୍ଧ ସହରର କେଉଟସାହି ଦୁର୍ଗାପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ ହୋଇଛି। ଲାଲା ପଣ୍ଡା ଏବଂ ଆୟୁଷ ପଣ୍ଡା ପୂଜାକାର୍ଯ୍ୟ ତୁଲାଇ ଥିଲେ। ଅଜିତ ବାରିକ ସପତ୍ନୀକ କର୍ତ୍ତା ଥିଲେ। ବିରେନ୍ଦ୍ର ସାହୁ ଓ ସଞ୍ଜିବ ବାରିକ ପ୍ରମୁଖ ସହଯୋଗ କରିଥିଲେ।

## ବୌଦ୍ଧରେ ୧୨ ଘଣ୍ଟିଆ ବନ୍ଦ ପ୍ରଭାବ ଶୂନ୍ୟ



ବୌଦ୍ଧ, ୩୦।୯ (ସମିସ): ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ବୁଧବାର ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରାର ପ୍ରଭାବ ବୌଦ୍ଧ ସହରେ କୌଣସି ପ୍ରଭାବ ପରିଲକ୍ଷିତ ହୋଇନାହିଁ। ସହରର ଜନଜୀବନ ସ୍ୱାଭାବିକ ରହିଥିଥିଲା। ବୌଦ୍ଧ ସହର ଦେଇ ଚଳାଚଳ କରୁଥିବା ଯାତ୍ରୀବାହୀ ବସ୍‌ଗୁଡ଼ିକ ସ୍ୱାଭାବିକ ଭାବେ ଚଳାଚଳ କରିଥିଲା। ବିଭିନ୍ନ ରୁଟ୍‌ରେ ସରକାରୀ ଓ ଘରୋଇ ବସ୍‌ଗୁଡ଼ିକ ଚଳାଚଳ କରିଥିଲା। ବସ୍‌ଷ୍ଟାଣ୍ଡ ଓ ରାସ୍ତାଘାଟରେ ମଧ୍ୟ ସାଧାରଣ ଦିନ ଭଳି ଯାତାୟାତ ଜାରି ରହିଥିଲା। ସେହିପରି ବୌଦ୍ଧ ସହରର ବିଭିନ୍ନ ଦୋକାନ, ବଜାର ଓ ବ୍ୟବସାୟିକ ପ୍ରତିଷ୍ଠାନ ଖୋଲା ରହିଥିଲା। ସ୍କୁଲ ଓ କଲେଜ୍‌ଗୁଡ଼ିକ ମଧ୍ୟ ସ୍ୱାଭାବିକ ଭାବେ ଚାଲିଥିଲା। ସେହିପରି ବ୍ୟାଙ୍କ, ପୋଷ୍ଟ ଅଫିସ, ସମସ୍ତ ସରକାରୀ ବେସରକାରୀ କାର୍ଯ୍ୟାଳୟ, କୋର୍ଟ କାର୍ଯ୍ୟ ମଧ୍ୟ ସ୍ୱାଭାବିକ ଭାବେ ଚାଲିଥିଲା।

## ମାତୃଶକ୍ତି କୃଷକ ଉତ୍ପାଦକ କମ୍ପାନୀର ସଭା





କଣ୍ଟାମାଳ,୩୦।୯ (ସମିସ): କଣ୍ଟାମାଳ ବ୍ଲକ୍ କୁଲୁତାଜୋର ପଞ୍ଚାୟତର ଟପର୍ଣ୍ଣାସ୍ଥିତ କଲ୍ୟାଣ ମଣ୍ଡପଠାରେ ମାତୃଶକ୍ତି ମହିଳା କୃଷକ ଉତ୍ପାଦକ କମ୍ପାନୀର ଷଷ୍ଠ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଶୁଭେନ୍ଦୁ ବିଶ୍ୱାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କଣ୍ଟାମାଳ ସହକାରୀ ଉଦ୍ୟାନ କୃଷି ଅଧିକାରୀ ତ୍ରିଲୋଚନ ପାଢ଼ୀ, ଓଭରସିଅର କୌଶଲ୍ୟା ତରିଆ, ବୌଦ୍ଧ କୃଷି ବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ସସ୍ମିତା ପାଲ, କୃଷି ବିଶେଷଜ୍ଞ ମୟୂରୀ ସିଂ ସର୍ଦ୍ଦାର, ହାଇଦ୍ରାବାଦ ଇକ୍ରିପଟ୍‌ର ବରିଷ୍ଠ ବୈଜ୍ଞାନିକ ସାବା ଆଫରିନ୍, ପ୍ରଦୀପ ସେଠି, ପ୍ରଦାନର ସଂଯୋଜକ ଗୋପାଳକୃଷ୍ଣ ପଟେଲ, ସମାଜସେବୀ ପ୍ରେମରାଜ ରଣା, କୁଲୁତାଜୋର ସରପଞ୍ଚ ଚୁମକି ଭୋଇ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। କଣ୍ଟାମାଳ ୱାସିଡିଏ ପ୍ରୋଗ୍ରାମ ମ୍ୟାନେଜର ପୂର୍ଣ୍ଣଚନ୍ଦ୍ର ଖଟୁଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦୁହିତା ମନହିରା କମ୍ପାନୀ ବିଷୟରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ। ତୋଫାନ ମେହେର ବାର୍ଷିକ ଯୋଜନା ଉପସ୍ଥାପନା କରିଥିଲେ। ସୌରଭ ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଦୁଲଣୀ ମାଝୀ, ରଶ୍ମିତା ମଲିକ, ପ୍ରଭାସିନୀ ରଣା, ଆରତୀ ରଣା, ସୁନିତା ଅମାତ, ଚନ୍ଦ୍ରକାନ୍ତି ଚାଉଳିଆ ପ୍ରମୁଖ ଉପସ୍ଥିତ ଥିଲେ।

## ହୃଦ୍‌ଘାତରେ ଯୁବ ସମାଜସେବୀ ଶୁଭେନ୍ଦୁଙ୍କ ପରଲୋକ

ବୌଦ୍ଧ, ୩୦।୯ (ସମିସ): ଜୀବନ ବୀମା ନିଗମ ଜାତୀୟସ୍ତରରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ, ରୋଟାରୀ କ୍ଲବ ବୌଦ୍ଧର ପୂର୍ବତନ ସଭାପତି/ସମ୍ପାଦକ ତଥା ଯୁବ ସମାଜସେବୀ ଶୁଭେନ୍ଦୁ ପଟ୍ଟନାୟକ (ଲକି)ଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୫୦ ବର୍ଷ ବୟସ ହୋଇଥିଲା। ସେ ତାଙ୍କ ଘରେ ବାପାଙ୍କ ଶ୍ରାଦ୍ଧକର୍ମ ସାରି ଶ୍ରୀଜଗନ୍ନାଥ ମନ୍ଦିରରେ ଏକ କାର୍ଯ୍ୟକର୍ମରେ ଯୋଗଦେଇ ଘରକୁ ଫେରି ଖାଇବାକୁ ବସିଥିଲେ। ଏହି ସମୟରେ ହଠାତ୍ ଅସୁସ୍ଥ ହୋଇପଡିଥିଲେ। ସଙ୍ଗେସଙ୍ଗେ ତାଙ୍କୁ ବୌଦ୍ଧ ମେଡିକାଲକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୌଦ୍ଧସ୍ଥିତ ରାଜଘାଟରେ ଅନ୍ତିମ ସତ୍କାର କରାଯାଇଥିଲା। ପୁତ୍ର ଆଶିଷ ମୁଖାଗ୍ନି ଦେଇଥିଲେ।



## ସିରିଜ୍ ଚୋରି ଘଟଣାର ଅଭିଯୁକ୍ତ ଗିରଫ

ବୌଦ୍ଧ, ୩୦।୯ (ସମିସ): ବୌଦ୍ଧ ଆଦର୍ଶ ଥାନା ଅଧୀନ ଗାନ୍ଧୀ ଛକ ଓ ବୁଟୁପାଲି ଅଞ୍ଚଳର ବିଭିନ୍ନ ଦୋକାନରୁ ସିରିଜ୍ ଚୋରି ଘଟଣାରେ ବୌଦ୍ଧ ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ରଞ୍ଜନ ନାଏକ। ସେ ବୌଦ୍ଧ ସହରର ବାପୁଜୀନଗର ବୋଲି ପୁଲିସ ପକ୍ଷରୁ ଜଣାପଡ଼ିଛି। ବିଭିନ୍ନ ଦୋକାନରେ ଘଟିଥିବା ଚୋରି ଘଟଣା ସମ୍ପର୍କରେ ତଦନ୍ତ କରି ପୁଲିସ ତାଙ୍କୁ କରିଛି।

## ଓଏସ୍‌ଏସ୍‌ଟିଇଟି ପରୀକ୍ଷାଦେଲେ ୬୫୨ ପରୀକ୍ଷାର୍ଥୀ

ବୌଦ୍ଧ, ୩୦।୯ (ସମିସ): ବୌଦ୍ଧ ଜିଲ୍ଲାରେ ଆଜି ୩ଟି ପରୀକ୍ଷା କେନ୍ଦ୍ରରେ ଓଡ଼ିଶା ସେକେଣ୍ଡାରୀ ସ୍କୁଲ ଟିଚର ଏଲିଜିବିଲିଟି ଟେଷ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ କେନ୍ଦ୍ରରେ ମୋଟ ୬୫୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ଯୋଗୀନ୍ଦ୍ର ଦେବ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ପେପର-୧ ପାଇଁ ୨୧୫ ଜଣ ପରୀକ୍ଷାର୍ଥୀ ପଞ୍ଜିକୃତ ହୋଇଥିବାବେଳେ ୨୦୩ ଜଣ ପରୀକ୍ଷା ଦେଇଥିଲେ। ୧୨ ଜଣ ଅନୁପସ୍ଥିତ ରହିଥିଲେ। ସେହିପରି ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୨୩୦ ଜଣଙ୍କ ମଧ୍ୟରୁ ୨୨୬ ଜଣ ପରୀକ୍ଷା ଦେଇଥିବାବେଳେ ୪ ଜଣ ଅନୁପସ୍ଥିତ ଥିଲେ। ଅନ୍ୟପକ୍ଷରେ ପିଏମ୍‌ଶ୍ରୀ ବାବା ବୈଦ୍ୟନାଥ ନୋଡାଲ ହାଇସ୍କୁଲ (ସରସରା) ପରୀକ୍ଷା କେନ୍ଦ୍ରରେ ପେପର-୧ ପାଇଁ ୧୭୦ ଜଣଙ୍କ ମଧ୍ୟରୁ ୧୬୧ ଜଣ ପରୀକ୍ଷା ଦେଇଥିବା ବେଳେ ୯ ଜଣ ଅନୁପସ୍ଥିତ ରହିଥିଲେ। ପେପର-୨ରେ ୬୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬୨ ଜଣ ପରୀକ୍ଷା ଦେଇଥିବା ବେଳେ ୩ ଜଣ ଅନୁପସ୍ଥିତ ଥିଲେ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ ସୂଚନା ଦେଇଛନ୍ତି।

## ଫୁଟବଲ୍ ପ୍ରତିଯୋଗିତା ଉଦ୍‌ଯାପିତ

ବୌଦ୍ଧ, ୩୦।୯ (ସମିସ)

ବୌଦ୍ଧ ବ୍ଲକ ପଦ୍ମନପୁର ପଞ୍ଚାୟତ ବୁଢ଼ୀପଦର ପୂର୍ଣ୍ଣଚନ୍ଦ୍ର ହାଇସ୍କୁଲ ଖେଳ ପଡ଼ିଆରେ ଚାଲିଥିବା ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ ଦୌଡ଼କୁଦ ଓ ଫୁଟବଲ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏଡିଇଓ ଚୂଡ଼ାମଣି ବାରିକ, ସମ୍ମାନୀତ ଅତିଥି ଭାବେ ଏଡିଇଓ ଭାସ୍କର ଲେଙ୍କା, ସ୍ଥାନୀୟ ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରଶାନ୍ତ ପରିଡ଼ା ଯୋଗ ଦେଇଥିଲେ। ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଆନନ୍ଦ ବେହେରା ସ୍ୱାଗତ ଭାଷଣ ଦେଇ ମଞ୍ଚ ପରିଚାଳନା କରିଥିଲେ। ବୌଦ୍ଧ ବ୍ଲକ କ୍ରୀଡ଼ା ସଂପାଦକ ମନୋଜ ଗାଇଗୌରିଆ ଧନ୍ୟବାଦ ଅର୍ପଣ କରିଥିଲେ। ୧୪ ବର୍ଷରୁ କମ୍ ବାଳିକା ବିଭାଗରେ ଅନିତା ମଲ୍ଲିକ, ବାଳକ ବିଭାଗରେ ଚିକୁ ବେହେରା, ୧୭ ବର୍ଷରୁ କମ୍ ବର୍ଗ ବାଳକ ବିଭାଗରେ ନିରାକାର ବେହେରା ଓ ବାଳିକା ବର୍ଗରେ ଅଲିଭା ରଣା ଚାମ୍ପିଅନ ହୋଇଥିଲେ। ସେହିପରି ଫୁଟବଲ୍ ପ୍ରତିଯୋଗିତାର ବାଳିକା ବିଭାଗରେ ବୌଦ୍ଧ ଓ ହରଭଙ୍ଗା ମଧ୍ୟରେ ଖେଳ ହୋଇଥିଲା। ଏଥିରେ ହରଭଙ୍ଗା ବିଜୟୀ ହୋଇଥିଲା। ୧୭ ବର୍ଷରୁ କମ୍ ବାଳକ ବର୍ଗରେ ବୌଦ୍ଧ ବିଜୟୀ ହୋଇଥିଲା। ଫୁଟବଲ ଖେଳକୁ ପ୍ରହ୍ଲାଦ ଭୋକ୍ତା, ଅମରେଶ ପ୍ରଧାନ, ରଞ୍ଜିତ ରଞ୍ଜନ ଚାନ୍ଦ, ସୁରେନ୍ଦ୍ର ନାଥ ସାହୁ ପରିଚାଳନା କରିଥିଲେ। ହରଭଙ୍ଗା ବ୍ଲକ କ୍ରୀଡା ସଂପାଦକ ସୁଧୀର ଭୋଇ, କଣ୍ଟାମାଳ ବ୍ଲକର କ୍ରୀଡା ସଂପାଦକ ସୁଦାମ ଚରଣ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।



■ ଟ୍ରାକ୍ଟର-ବାଇକ୍ ମଧ୍ୟରେ ଧକ୍କା; ଜଣେ ମୃତ

# କ୍ଷତିପୂରଣ ଦାବିରେ ଶବରଖି ରାସ୍ତା ଅବରୋଧ



**କୋକସରା, ୩୦।୯ (ସମିସ):** କୋକସରା ଥାନା ଅଧୀନ ମୋଟେର ନିକଟରେ ୨୬ ନମ୍ବର ଜାତୀୟ ରାଜପଥରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବାଲି ବୋଝେଇ ଟ୍ରାକ୍ଟର ଏବଂ ବାଇକ ମଧ୍ୟରେ ହୋଇଥିବା ଏହି ଦୁର୍ଘଟଣାରେ ଜଣେ ମହିଳାଙ୍କ ଘଟଣାସ୍ଥଳରେ ପ୍ରାଣହାନୀ ଘଟିଛି। ମୃତ ମହିଳାଜଣକ ବାଟିଗୁଡ଼ା ଗ୍ରାମର ନରେନ୍ଦ୍ର ନାଗଙ୍କ ସ୍ତ୍ରୀ ଦେବନ୍ତୀ ନାଗ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଦେବନ୍ତୀ ତାଙ୍କ ସ୍ୱାମୀ ଏବଂ ପୁଅଙ୍କ ସହିତ ବାଇକରେ କୌଣସି କାର୍ଯ୍ୟରେ ଯାଉଥିଲେ। ଏହି ସମୟରେ ମୋଟେର ଛକ ନିକଟରେ ଏକ ବାଲି ବୋଝେଇ ଟ୍ରାକ୍ଟର ସହିତ ଦୁର୍ଘଟଣା ହୋଇଥିଲା। ଫଳରେ ତିନିଜଣାଯାକ ବାଇକ୍‌ରୁ ରାସ୍ତା ଉପରକୁ ଛିଟିକି ପଡ଼ିଥିଲେ। ଫଳରେ ଦେବନ୍ତୀଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଘଟଣାସ୍ଥଳରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ମୋଟେର ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲା। ମାତ୍ର ମୃତକଙ୍କ ପରିବାରବର୍ଗ ଓ ସମ୍ପର୍କୀୟ ମାନେ କ୍ଷତିପୂରଣ ଦେବା ଦାବିରେ ମୃତଦେହକୁ ରାସ୍ତା ଉପରେ ରଖି ୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଛନ୍ତି। ଏହି ଖବର ଲେଖାଯିବା ପର୍ଯ୍ୟନ୍ତ ରାସ୍ତାରୋକ ଜାରି ରହିଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ସମାଧାନ ହୋଇପାରି ନାହିଁ।

## ବିଶ୍ୱନାଥପୁରରେ ବେତାଳ ଭୈରବଙ୍କ ଝାମୁଯାତ୍ରା

# ନିଆଁରେ ଚାଲି ଭକ୍ତଙ୍କୁ ପରିଚୟ ଦେଲେ କାଳୀସି

**ଲାଞ୍ଜିଗଡ଼, ୩୦।୯ (ସମିସ)**



ପ୍ରାଚୀନ ଧର୍ମଧାରା ଓ ଲୋକ ଚେତନାର ଅନନ୍ୟ ପ୍ରତୀକ ବେତାଳ ଭୈରବଙ୍କ ପାରମ୍ପାରିକ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ସ୍ଥିତ ବେତାଳ ଭୈରବଙ୍କ ପୀଠରେ ଏନେଇ ଉତ୍ସବମୁଖର ପରିବେଶ ଦେଖିବାକୁ ମିଳିଥିଲା। ପ୍ରଥମେ ଭୈରବ ମନ୍ଦିରରୁ ବାହାରି ନିକଟସ୍ଥ ନଦୀରୁ ବାଲି କଢାଯାଇଥିଲା। ପରେ ୭ଟି ନୂଆ ଟାଙ୍ଗୁଡିରେ ନଦୀରୁ ବାଲି ଆଣି ସେଥିରେ ଗାଁରୁ ସଂଗୃହୀତ ବିଭିନ୍ନ ପ୍ରକାର ଶସ୍ୟ ଯେପରି ଧାନ, ମକା, ବିରି, କୋଳଥ ଇତ୍ୟାଦି ବିହନ ଗଜା ହେବା ପାଇଁ ପକାଯାଇଥିଲା। ଗଜା ହୋଇଥିବା ବିହନ ସପ୍ତମ ଦିନ ପର୍ଯ୍ୟନ୍ତ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା ଓ ଦେବତା କଞ୍ଚା ମାଟିରେ ବସି ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ସପ୍ତମ ଦିନରେ ପୂଜକମାନେ ନିକଟସ୍ଥ ଖଏସଗୁଡ଼ା ଜଙ୍ଗଲକୁ ଯାଇ ଝାମେରା କଣ୍ଟା ଆଣି ଦୋଳି ପ୍ରସ୍ତୁତ କରିଥିଲେ। ପାଟଖଣ୍ଡା ଓ ବେତାଳ ଭୈରବ ନିଆଁରେ ତିଆରି ଖଣ୍ଡା (ଝାମି)କୁ ତିନିଥର ପ୍ରଦକ୍ଷିଣ କରିବା ପରେ ଝାମେରା କଣ୍ଟାରେ ତିଆରି ଦୋଳିରେ ବସି ଭକ୍ତଙ୍କୁ ଦର୍ଶନ ଦେଇଥିଲେ। କାଳୀସି ନିଆଁ ଉପରେ ଚାଲି ଭକ୍ତଙ୍କୁ ତାଙ୍କର ପରିଚୟ ଦେଇଥିଲେ। ଏହି ଅବସରରେ ଗାଁ ଗୌନ୍ତିଆ ପ୍ରଦୀପ ଘଡେଇ ସମସ୍ତ ଦେବନୀତି ସମୟରେ ଉପସ୍ଥିତ ରହିଥିଲେ। ଏହି ଯାତ୍ରାରେ ଅତିଥି ଭାବେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ, ପୂର୍ବତନ ମନ୍ତ୍ରୀ ଡ଼ ବଳଭଦ୍ର ମାଝୀ, ବିଜେପି ରାଜ୍ୟ ଅନୁସୂଚିତ ଜନଜାତି ମୁର୍ଚ୍ଛା ଉପସଭାପତି ରମେଶ ମାଝୀ, ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ, ରେଞ୍ଜର ନରୋତ୍ତମ ମାଝୀ, ଶ୍ରୀଧର ନନ୍ଦ, ରଘୁବିର ନାଗ, ଫରେଷ୍ଟର ଚିନ୍ତାମଣି ମାଝୀ, ସୁରେଶ ଚନ୍ଦ୍ର ରାଉତ, ଗୋବିନ୍ଦ ପ୍ରଧାନୀ, ତୁଳସୀ ମାଝୀ, ନରେନ୍ଦ୍ର ବେହେରା, ଅଜିତ ପ୍ରଧାନୀ, ଅନନ୍ତ ପ୍ରଧାନୀ, ମନୋହର ହରପାଳପ୍ରମୁଖ ଯୋଗଦେଇ ଥିଲେ। ଝାମୁଯାତ୍ରା କମିଟି ସଭାପତି ମିନକେତନ ଦଳେଇଙ୍କ ନେତୃତ୍ୱରେ ମାଁ ଭୈରବୀ ଯୁବ କେନ୍ଦ୍ର ସଂଘ, ଜୟ ଜଗନ୍ନାଥ ଯୁବକ ସଂଘ, ବଣିକ ସଂଘ ତଥା ବିଶ୍ୱନାଥପୁର ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା। ଏହି ଯାତ୍ରାରେ କଳାହାଣ୍ଡି ଓ ରାୟଗଡ଼ା ଜିଲ୍ଲାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ସେହିପରି ଲାଞ୍ଜିଗଡ଼, ବଳଭଦ୍ରପୁର ଓ ବନ୍ଦପାରୀରେ ମଧ୍ୟ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି।

## ୧୧ରୁ ଗୌରୀଶଙ୍କର ଓ ମା' ଅମ୍ବାଜି ମନ୍ଦିରରେ ନବରାତ୍ର

**କେସିଙ୍ଗା, ୩୦।୯ (ସମିସ):** କଳାହାଣ୍ଡି ଜିଲ୍ଲାର କେସିଙ୍ଗାରେ ସ୍ଥାନୀୟ ଗୌରୀଶଙ୍କର ମନ୍ଦିର ଓ ପ୍ରସିଦ୍ଧ ମା' ଅମ୍ବେ ମନ୍ଦିରରେ ୧୧ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ନବରାତ୍ରି ଉତ୍ସବ ଅନୁଷ୍ଠିତ ହେବ ବୋଲି ଗୌରୀଶଙ୍କର ମନ୍ଦିର କମିଟିର ମହାସଚିବ ଏକ ପ୍ରେସ୍‌ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି। ଉତ୍ସବ ପାଳନ ନେଇ ଗତ ୨୮ ତାରିଖରେ ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇ ଆୟବ୍ୟୟ ସମେତ କାର୍ଯ୍ୟଖସଡ଼ାକୁ ଅନ୍ତିମ ରୂପ ଦିଆଯାଇଥିଲା। ଉକ୍ତ ବୈଠକରେ ମନ୍ଦିର କମିଟିର ସଭାପତି ସୁନ୍ଦରଲାଲ ଅଗ୍ରୱାଲ, ମହାସଚିବ ବଣ୍ଟି ଅଗ୍ରୱାଲ, କୋଷାଧ୍ୟକ୍ଷ ରାଜକୁମାର ଅଗ୍ରୱାଲଙ୍କ ସମେତ ସମସ୍ତ ସଦସ୍ୟ ଓ କମିଟି ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ଢେପଗୁଡ଼ା ପୋଲରେ ଓଲଟିଲା କଣ୍ଟେନର

**ଲାଞ୍ଜିଗଡ଼, ୩୦।୯ (ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣାରୁ ବିଶାଖାପାଟଣାକୁ ସଂଯୋଗ କରୁଥିବା ୬ ନମ୍ବର ରାଜ୍ୟ ରାଜପଥର ବଞ୍ଜାରୀ ଘାଟିରୁ ଢେପଗୁଡ଼ା ଘାଟି ପର୍ଯ୍ୟନ୍ତ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ସୋମବାର ବିଳମ୍ବିତ ରାତିରେ ପୁଣି ଏକ ଦୁର୍ଘଟଣା ଘଟିଛି। ଲାଞ୍ଜିଗଡ଼ ବେଦାନ୍ତରୁ ଆଲୁମିନିୟମ ବୋଝେଇ କରି ଝାରସୁଗୁଡ଼ା ଅଭିମୁଖେ ଯାଉଥିବା କଣ୍ଟେନରଟି ଢେପଗୁଡ଼ା ନିକଟରେ ଥିବା ଅଣଓସାରିଆ ଓ ଜରାଜୀର୍ଣ୍ଣ ପୋଲ ଉପରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ଚାଳକ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଏହି ପୋଲଟି ବହୁ ଦିନ ହେଲା ଅଣଓସାରିଆ ଓ ଭାଙ୍ଗିରୁଜି ଅବସ୍ଥାରେ ରହିଛି। ଦୁଇଟି ବଡ଼ ଗାଡି ଏକାସାଙ୍ଗେ ଯାଇ ପାରୁନାହିଁ। ଏହି କାରଣରୁ ପୂର୍ବରୁ ଏଠାରେ ଅନେକ ଦୁର୍ଘଟଣାରେ ବହୁ ଅମୂଲ୍ୟ ଜୀବନ ଯାଇଛି।

## ବୁଢ଼ୀପଦର ବନ୍ୟାଞ୍ଚଳ ପରିଦର୍ଶନ କଲେ ଭିଏଲଡବ୍ଲୁ ଓ ଆର୍‌ଆଇ

**ଭବାନୀପାଟଣା, ୩୦।୯ (ସମିସ):** ଭବାନୀପାଟଣା ବ୍ଲକ ଅଧୀନ ଚହଗାଁ ପଞ୍ଚାୟତ ସ୍ଥିତ ବୁଢ଼ୀପଦର ଗ୍ରାମର ବନ୍ୟା ପ୍ରଭାବିତ ଅଞ୍ଚଳ ଆଜି ଭିଏଲଡବ୍ଲୁ ଗ୍ରୀସ୍ ସାହୁ ଏବଂ କର୍ଲାପଡ଼ା ଆରଆଇ ଚୌବନ ନାଏକ ପରିଦର୍ଶନ କରିଛନ୍ତି। ଗତ କିଛି ଦିନ ହେବ ଲଗାଣ ବର୍ଷା ଯୋଗୁଁ ରେତ ନଦୀ ଓ ତେଲ ନଦୀର ଜଳସ୍ତର ବୃଦ୍ଧି ପାଇ ଚାଷ ଜମିରେ ପଶିଯାଇଛି। ଫଳରେ ଧାନଫସଲ ଜଳମଗ୍ନ ହୋଇ ନଷ୍ଟ ହୋଇଯାଇଛି। ଅଧିକାରୀ ଦ୍ୱୟ କ୍ଷେତ ପରିଦର୍ଶନ କରି କ୍ଷୟକ୍ଷତିର ଆକଳନ କରିଛନ୍ତି। ରିପୋର୍ଟ ଉପରିସ୍ଥ ଅଧିକାରୀଙ୍କୁ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି।

## ବିବେକାନନ୍ଦ ବକ୍ତୃତାମାଳା ଓ ସବୁଜାୟନ କାର୍ଯ୍ୟକ୍ରମ

**ଖଡ଼ିଆଳ, ୩୦।୯ (ସମିସ):** ଖଡ଼ିଆଳସ୍ଥିତ ସରକାରୀ ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସବୁଜାୟନ କାର୍ଯ୍ୟକ୍ରମ ସହ ବିବେକାନନ୍ଦ ବକ୍ତୃତାମାଳା ଅନୁଷ୍ଠିତ ହୋଇଯାଇଛି। ସବିତା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉତ୍କଳ କଳା ବିକାଶର ସେକ୍ରେଟାରୀ ବିଭୂତି ଭୂଷଣ ବିଶି ଓ ବଲାଙ୍ଗିର ଜୋନ୍ ସେକ୍ରେଟାରୀ ଡ଼. ତରୁଣ କୁମାର ପ୍ରଧାନ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ବନ୍ଦନା ପଣ୍ଡା, ସବିତା ସୁନାନୀ, ସ୍ୱାଗତିକା ଖମାରୀ ଓ ଅର୍ଚ୍ଚନା ପଣ୍ଡା ସହଯୋଗ କରିଥିଲେ। ପରେ ଆୟୋଜିତ ଉଦ୍‌ବୋଧନୀ କାର୍ଯ୍ୟକ୍ରମରେ ବିଭୂତି ଭୂଷଣ ବିଶି ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୮୦ ଜଣ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ବନ୍ଦନା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋଲାମୁଣ୍ଡାରେ 'ଆଙ୍ଗନ କା ଉତ୍ସବ' ଉଦ୍‌ଯାପିତ

**ଗୋଲାମୁଣ୍ଡା, ୩୦। ୯ (ସମିସ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ଦେଶବ୍ୟାପୀ ୯ମ ପୋଷଣ ମାସ ପାଳନ ହୋଇଛି। ଏହି ଅବସରରେ ସେପ୍ଟେମ୍ବର ୨୭ ରୁ ୨୯ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ଦେଶର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ 'ଆଙ୍ଗନ କା ଉତ୍ସବ' ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଗୋଲାମୁଣ୍ଡା ଶିଶୁ ବିକାଶ ପ୍ରକଳ୍ପ ଅଧୀନରେ ଥିବା ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ ଏହି ଉତ୍ସବ ଉଦ୍‌ଯାପିତ ହୋଇଛି। ଏହି ଅବସରରେ ସିଡିପିଓ, ମହିଳା ପରିଦର୍ଶିକା ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ପ୍ରତ୍ୟେକ କେନ୍ଦ୍ର ପରିଦର୍ଶନ କରି ତଦାରଖ କରିଥିଲେ। ଉକ୍ତ ଉତ୍ସବରେ ଗ୍ରାମର ଭଦ୍ର ବ୍ୟକ୍ତି, ସୁଭଦ୍ରା ମା', ଗର୍ଭବତୀ ଓ ପ୍ରସୂତି ମା', ମାତୃ କମିଟି, ଯାଞ୍ଚ କମିଟିର ସଦସ୍ୟ, ୭ ମାସରୁ ୬ ବର୍ଷ ଶିଶୁମାନଙ୍କ ପିତା-ମାତା, କିଶୋରୀ ବାଳିକା ସମେତ ଶତାଧିକ ଲୋକ ଯୋଗଦାନ କରିଥିଲେ।

## ଅଙ୍ଗନବାଡି କର୍ମୀଙ୍କ ଦାବିପୂରଣ ପାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ



**ଧର୍ମଗଡ଼, ୩୦।୯ (ସମିସ):** ଅଙ୍ଗନବାଡ଼ି କର୍ମୀ ଓ ସହାୟିକାମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦାବି ନେଇ ଭାରତୀୟ ମଜଦୁର ସଂଘ ସହବନ୍ଧିତ ଅଲ୍ ଓଡ଼ିଶା ଅଙ୍ଗନବାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏସନ୍ ପକ୍ଷରୁ ଧର୍ମଗଡ଼ ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିଗୁଡ଼ିକ ମଧ୍ୟରେ ଅଙ୍ଗନବାଡ଼ି ସହାୟିକାଙ୍କ ପଦୋନ୍ନତି ପାଇଁ ଥିବା ବୟସ ସୀମାକୁ ୪୫ ବର୍ଷକୁ ବୃଦ୍ଧି କରିବା, ପ୍ରତିବର୍ଷ ନିୟମିତ ଭାବେ ସୁପରଭାଇଜର ପଦୋନ୍ନତି ପ୍ରଦାନ କରିବା ଏବଂ ଗତ ୩ ବର୍ଷ ଧରି ବକେୟା ରହିଥିବା ୟୁନିଫର୍ମ ରାଶି ତୁରନ୍ତ ପ୍ରଦାନ କରିବା ପ୍ରମୁଖ ରହିଛି। ସେହିପରି ବର୍ଷ ବର୍ଷ ଧରି ବକେୟା ଥିବା ମୋବାଇଲ୍ ନେଟ୍ ପ୍ୟାକ୍ ରାଶି ପ୍ରଦାନ, ୫ ମାସ ଧରି ବକେୟା ଥିବା ପୋଷଣ ଇନସେଣ୍ଟିଭ୍ ତୁରନ୍ତ ପ୍ରଦାନ ଏବଂ ଜଏଣ୍ଟ ଆକାଉଣ୍ଟକୁ ଆସୁଥିବା ଅର୍ଥର ସମ୍ପୂର୍ଣ୍ଣ ବିବରଣୀ ଅଙ୍ଗନୱାଡି କର୍ମୀମାନଙ୍କୁ ପ୍ରଦାନ କରିବାକୁ ଦାବି କରାଯାଇଛି। ଦାବିଗୁଡ଼ିକ ପ୍ରତି ସରକାର ଓ ସମ୍ପୃକ୍ତ ବିଭାଗ ଗୁରୁତ୍ୱ ନଦେଇ ତୁରନ୍ତ ସମାଧାନ ନକଲେ ଆଗାମୀ ଦିନରେ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ଆନ୍ଦୋଳନାନକ ପନ୍ଥା ଅବଲମ୍ବନ କରିବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**କେସିଙ୍ଗା, ୩୦।୯ (ସମିସ):** କେସିଙ୍ଗା ବ୍ଲକ ବୋରିଆ ପଞ୍ଚାୟତ ଚିର୍ଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ନାୟକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଆଜି ସ୍କୁଲ ପରିସରରେ ଆୟୋଜିତ ସଭାରେ ସ୍କୁଲ ପରିଚାଳନା କମିଟି ସଭାପତି ସମେତ ହରସୁନା, ଲାବନ୍ୟ ମହଲା, ଡୋଲାମଣୀ ମାଝୀ, ବୈଦେହୀ ମାଝୀ, ସବିତା ବାଗ, ଭାରତୀ ବାଗ, ଏବଂ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକଙ୍କୁ ନେଇ ଏକ ବିଶାଳ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରଥିଲା। ଉପସ୍ଥିତ ଅତିଥି ମାନେ ବିଦାୟୀ ପ୍ରଧାନ ଶିକ୍ଷକଙ୍କ ବିଷୟରେ ଆଲୋକପାତ କରି ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ।

## ଜିଲ୍ଲାସ୍ତରୀୟ ଦୌଡ଼କୁଦ ଓ ଫୁଟବଲ୍ ପ୍ରତିଯୋଗିତା ଉଦ୍‌ଯାପିତ

**କୋମନା, ୩୦।୯ (ସମିସ):** ନୂଆପଡ଼ା ଜିଲ୍ଲା କୋମନା ସ୍ଥିତ ଜିତାମିତ୍ର ହାଇସ୍କୁଲ ପଡ଼ିଆଠାରେ ଆୟୋଜିତ ୧୩ ତମ ଜିଲ୍ଲାସ୍ତରୀୟ ଦୌଡ଼କୁଦ ଓ ଫୁଟବଲ୍ ପ୍ରତିଯୋଗିତା ଆଜି ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ପ୍ରଶାନ୍ତ କୁମାର ମହାନ୍ତି ଯୋଗଦେଇ ଥିଲେ। ଜିଲ୍ଲାସ୍ତରୀୟ କ୍ରୀଡ଼ାରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ଦୌଡ଼କୁଦ ଓ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରୁ କୃତୀ ପ୍ରତିଯୋଗୀମାନେ ଆଗାମୀ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ନୂଆପଡ଼ା ଜିଲ୍ଲାକୁ ପ୍ରତିନିଧିତ୍ୱ କରିବେ। ଉଦ୍‌ଯାପନୀ ସନ୍ଧ୍ୟାରେ ଅନ୍ୟତମ ଅତିଥି ଭାବେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ବୋର୍ଡ ସଦସ୍ୟ ଡ. ଶିବ ପ୍ରସାଦ ବେହେରା, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା, କୋମନା ବ୍ଲକ ଅଧକ୍ଷା ଅନୁସୂୟା କୁମ୍ଭାର, ବ୍ଲକ ଉପାଧ୍ୟକ୍ଷ ଜୟଦେବ ପ୍ରଧାନ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ, ଜିଲ୍ଲା କ୍ରୀଡ଼ା ନିରୀକ୍ଷକ ରତନ ବାରିକ, ମହେଶ ଦଣ୍ଡସେନା ସମେତ ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ, ଶିକ୍ଷୟିତ୍ରୀ ଓ ସ୍ଥାନୀୟ କ୍ରୀଡ଼ାପ୍ରେମୀ ଉପସ୍ଥିତ ଥିଲେ।

## ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଲେ ରାଜ୍ୟସଭା ସାଂସଦ

**କର୍ଲାମୁଣ୍ଡା, ୩୦।୯ (ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକକୁ ମଙ୍ଗଳବାର ଦିନିକିଆ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଲେ ରାଜ୍ୟ ସଭା ସାଂସଦ ସୁଜିତ୍ କୁମାର। ତାଙ୍କ ସହ କଳାହାଣ୍ଡି ଜିଲ୍ଲାପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ ମଧ୍ୟ ଗସ୍ତରେ ସାମିଲ ହୋଇଥିଲେ। ଏହି ଅବସରରେ ସେମାନେ ରିଷିଡା ବସ୍ ଷ୍ଟାଣ୍ଡରେ ସୋଲାର ହାଇମାଷ୍ଟ ଲାଇଟ ଉଦ୍‌ଘାଟନ କରିଥିଲେ। ଏଥିରେ ସରପଞ୍ଚ ସେବତୀ ରଣା, ନାଏବ ସରପଞ୍ଚ ନରେଶ ଦାସ ସାମିଲ ହୋଇଥିବାବେଳେ ଜିଲ୍ଲା ସଦସ୍ୟ ସଞ୍ଜୟ ଜୈନ ସଂଯୋଜନା କରିଥିଲେ। ସେହିପରି ରେଗଡ଼ା ଅଙ୍ଗନବାଡ଼ି କେନ୍ଦ୍ରଠାରେ ଆୟୋଜିତ 'ଆଙ୍ଗନ ମିଳନ ସେବା' ତଥା 'ସେବା ସଂକଳ୍ପ ଅଭିଯାନ'ରେ ଯୋଗଦେଇ ଥିଲେ। ପରେ ରେଗଡ଼ା ଆଦର୍ଶ ବିଦ୍ୟାଳୟ ଓ କର୍ଲାମୁଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିଦର୍ଶନ କରିବା ସହ ବୃକ୍ଷରୋପଣ କରିଥିଲେ। ଏହାପରେ କର୍ଲାମୁଣ୍ଡା ଯୁକ୍ତ ଦୁଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏମ୍‌ପିଙ୍କ ଗସ୍ତ ଓ ଚାରାରୋପଣ କାର୍ଯ୍ୟକ୍ରମ ସମୟରେ ଜିଲ୍ଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ବ୍ଲକ ଅଧକ୍ଷା କୁନି ସାହୁ, ବିଡିଓ ସୁଚରିତା ମୁଗ୍ରୀ, ଜିଲ୍ଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା, ରେଗଡ଼ା ସରପଞ୍ଚ ଦୀପ୍ତିରାଣୀ ସାହୁ, ଯୋରାଡବରା ସରପଞ୍ଚ କ୍ଷିତିସୂତା ସାହୁ, ଗଜବାହାଲ ସରପଞ୍ଚ ଅରବିନ୍ଦ ଗହୀର, ଆଦିବାସୀ ଯୁବନେତା ନନ୍ଦୀକିଶୋର ଭୋଇ, ଚିନ୍ମୟ ମିଶ୍ର, ରାଧେ ବାଗ, ତ୍ରିଗତ ସାହୁ, ପ୍ରଦୀପ ସାହୁ, ଲୋକେଶ ସାହୁ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସଭାପତି ମାର୍କଣ୍ଡ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

## ନୂଆପଡ଼ାରେ ଗଡ଼ିଲା 'ସୋଲାର ରଥ



**ନୂଆପଡ଼ା, ୩୦।୯ (ସମିସ):** ପିଏମ୍ ସୂର୍ଯ୍ୟଘର ବିଜୁଳି ଯୋଜନା ସମ୍ପର୍କରେ ଲୋକଙ୍କୁ ଅଧିକ ସଚେତନ କରିବା ସହ ରୁଫ୍‌ଟପ୍ ସୋଲାର ଗ୍ରହଣ ପାଇଁ ଉତ୍ସାହିତ କରିବା ଲକ୍ଷ୍ୟରେ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ପକ୍ଷରୁ ଆଜି ନୂଆପଡ଼ା ଜିଲ୍ଲାରେ 'ସୋଲାର ରଥ' ମାଧ୍ୟମରେ ସଚେତନତା ଅଭିଯାନର ଶୁଭାରମ୍ଭ ହୋଇଯାଇଛି। ଆଜି ନୂଆପଡ଼ା ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ମଧୁସୂଦନ ଦାଶ ଏହି ସୋଲାର ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜିଲ୍ଲା ପ୍ରଶାସନ ତଥା ଟିପିଡବ୍ଲୁଓଡ଼ିଏଲର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରଥମେ ସମ୍ବଲପୁରରେ ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଏହି ସୋଲାର ରଥର ଉଦ୍‌ଘାଟନ କରାଯାଇଥିଲା। ପରେ ବରଗଡ଼, ଝାରସୁଗୁଡ଼ା, ସୋନପୁର, କଳାହାଣ୍ଡି ଜିଲ୍ଲାରେ ଏହି ସୋଲାର ରଥ ପହଞ୍ଚି ସାରିଥିବା ବେଳେ ଏବେ ନୂଆପଡ଼ା ଜିଲ୍ଲାରେ ଯାତ୍ରା ଆରମ୍ଭ କରିଛି। ଏହି ସଚେତନତା ରଥ ଦ୍ୱାରା ପଶ୍ଚିମ ଓଡ଼ିଶାର ଅଧିକ ଅଞ୍ଚଳରେ ରୁଫ୍‌ଟପ୍ ସୋଲାର ଓ ପିଏମ୍ ସୂର୍ଯ୍ୟଘର ଯୋଜନା ସମ୍ପର୍କରେ ସୂଚନା ପହଞ୍ଚିବ ବୋଲି ଆଶା କରାଯାଉଛି।

## ନୂଆପଡ଼ାରେ ଜିଲ୍ଲା ଉନ୍ନୟନ ସମିତି ବୈଠକ

**ସିନାପାଲି, ୩୦।୯ (ସମିସ):** ଜିଲ୍ଲାର ସାମଗ୍ରିକ ଉନ୍ନୟନକୁ ତ୍ୱରାନ୍ୱିତ କରିବା ସହ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ସ୍ଥାନୀୟ ସଦ୍‌ଭାବନା ସଭାଗୃହଠାରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଜିଲ୍ଲା ଉନ୍ନୟନ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ ସିଂ, ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ, ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମୀ ସୋରେନ, ବନଖଣ୍ଡ ଅଧିକାରୀ ଅଜିଜ୍ ଖାନ, ବନଖଣ୍ଡ ଅଧିକାରୀ ସମୀର ସାହୁ, ଭାରପ୍ରାପ୍ତ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ଦ୍ୱାରିକାନାଥ ଶତପଥୀଙ୍କ ସମେତ ସମସ୍ତ ବିଡିଓ, ତହସିଲଦାର ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଉପ-ନିର୍ଦ୍ଦେଶକ ଦିଲେଶ୍ୱର ଧରୁଆ ପୂର୍ବ ବୈଠକର କାର୍ଯ୍ୟବିବରଣୀ ଓ ଅନୁପାଳନ ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଥିଲେ। ପରେ ଜିଲ୍ଲାପାଳ ବିଭିନ୍ନ ବିଭାଗର ଯୋଜନା ଓ ପ୍ରକଳ୍ପର ଅଗ୍ରଗତି, ରହିଥିବା ସମସ୍ୟା ଏବଂ ତାହାର ସମାଧାନ ସମ୍ପର୍କରେ ବିଭାଗୱାରୀ ସମୀକ୍ଷା କରିଥିଲେ। "ଜମି ଅଧିଗ୍ରହଣ/ଏଲିଏନେସନ୍ ପ୍ରସ୍ତାବଗୁଡ଼ିକର ତ୍ୱରିତ ଅନୁମୋଦନ ଓ ଅନୁପାଳନ ପାଇଁ ସମସ୍ତ ତହସିଲଦାରଙ୍କୁ ଆବଶ୍ୟକୀୟ ପଦକ୍ଷେପ ନେଇ ଅବଶିଷ୍ଟ ଏଲିଏନେସନ୍ ପ୍ରସ୍ତାବଗୁଡ଼ିକର କାର୍ଯ୍ୟ ସମାପ୍ତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସହରାଞ୍ଚଳରେ ଥିବା ସରକାରୀ କାର୍ଯ୍ୟାଳୟଗୁଡ଼ିକର ଛାତରୁ ବର୍ଷାଜଳ ଲିକ୍ ହେବା ସମସ୍ୟାର ଆବଶ୍ୟକ ମରାମତି ଓ ରୁଫିଂ କାର୍ଯ୍ୟର ସ୍ଥିତି ଅନୁଧ୍ୟାନ କରିବାକୁ ଆରଆଣ୍ଡବି ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ସମ୍ପୃକ୍ତ କାର୍ଯ୍ୟାଳୟଗୁଡ଼ିକ ପରିଦର୍ଶନ କରିବାକୁ କୁହାଯାଇଥିଲା। ବିଭିନ୍ନ ବିଭାଗ ମଧ୍ୟରେ ନିରନ୍ତର ସମନ୍ୱୟ ରଖି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଉନ୍ନୟନ ପ୍ରକଳ୍ପଗୁଡ଼ିକର କାର୍ଯ୍ୟସମାପ୍ତ କରିବା ସହ ସମସ୍ୟାଗୁଡ଼ିକର ତ୍ୱରିତ ସମାଧାନ ପାଇଁ ଜିଲ୍ଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଥୁଆମୂଳ ରାମପୁର ବ୍ଲକ୍‌ରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

# ଗୋଟିଏ କୋଠରିରେ ପ୍ରଥମରୁ ଅଷ୍ଟମଶ୍ରେଣୀ ପିଲା

**ଥୁଆମୂଳ ରାମପୁର, ୩୦।୯ (ସମିସ)**

କଳାହାଣ୍ଡି ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ତଥା ବଣପାହାଡ଼ ଘେରା ଥୁଆମୂଳ ରାମପୁର ବ୍ଲକରେ ଶିକ୍ଷା ବ୍ୟବସ୍ଥାର ବାସ୍ତବ ଚିତ୍ର ପୁଣିଥରେ ପଦାକୁ ଆସିଛି। କେଉଁଠି ଶ୍ରେଣୀକୋଠରିର ଅଭାବ, ତ ଆଉ କେଉଁଠି ଶିକ୍ଷକଙ୍କ ଅନୁପସ୍ଥିତି। କାଣିଗୁମା

### ପାଳିକରି ଶିକ୍ଷକ ଆସୁଥିବା ଅଭିଯୋଗ

ପଞ୍ଚାୟତ ଅଧୀନ ଝୁବାଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଚିତ୍ର ଏହି ସମସ୍ୟାକୁ ଆହୁରି ସ୍ପଷ୍ଟ କରିଛି। ବିଦ୍ୟାଳୟରେ ଶିଶୁ ବାଟିକାକୁ ମିଶାଇ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୪୩ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାବେଳେ ଶ୍ରେଣୀକୋଠରୀ ଅଭାବ ଯୋଗୁଁ ଗୋଟିଏ ମାତ୍ର କୋଠରିରେ ପାଠପଢ଼ା ଚାଲୁଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟରେ ଦୁଇଜଣ ଶିକ୍ଷକ ନିଯୁକ୍ତ ଥିବା ସତ୍ତ୍ୱେ ଉଭୟ ନିୟମିତ ଭାବେ ବିଦ୍ୟାଳୟକୁ ଆସୁନଥିବା ନେଇ ଅଭିଭାବକ ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଶିକ୍ଷକ ଦୁଇଜଣ ପାଳି କରି ସପ୍ତାହରେ ପ୍ରାୟ ତିନିଦିନ ଲେଖାଏଁ ବିଦ୍ୟାଳୟକୁ ଆସୁଛନ୍ତି। ଏପରିକି ମଧ୍ୟାହ୍ନଭୋଜନ ପରେ ବିଦ୍ୟାଳୟ ଖୋଲା ରହୁଥିଲେ ମଧ୍ୟ ଶିକ୍ଷକଙ୍କ ଦେଖା ମିଳୁ ନ ଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମଙ୍ଗଳବାର ଗଣମାଧ୍ୟମ ପ୍ରତିନିଧିମାନେ ବିଦ୍ୟାଳୟରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିବାବେଳେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମଧ୍ୟ ଅନୁପସ୍ଥିତ ଥିବା ଜଣାପଡ଼ିଥିଲା। ଅନ୍ୟପଟେ ଥୁଆମୂଳ ପଞ୍ଚାୟତ ଅଧୀନ ପୋଖରେସ୍ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ମଙ୍ଗଳବାର ଏକ ଭିନ୍ନଚିତ୍ର ଦେଖିବାକୁ ମିଳିଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟଟି ସମ୍ପୂର୍ଣ୍ଣ ବନ୍ଦ ଥିବା ବେଳେ ନିଯୁକ୍ତ ଦୁଇ ଶିକ୍ଷକଙ୍କ ଦେଖା ମିଳି ନ ଥିବା କୁହାଯାଇଛି। ସେହିପରି ଗୋକଲମା ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ



ଦୁଇଜଣ ଶିକ୍ଷକ ନିଯୁକ୍ତ ଅଛନ୍ତି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଏବଂ ଜଣେ ସହକାରୀ ଶିକ୍ଷକ କାର୍ଯ୍ୟରତ ଥିବା ଜଣାପଡ଼ିଛି। ପ୍ରଧାନଶିକ୍ଷକ ଜଣକ ବିନା ଛୁଟି ଦରଖାସ୍ତ ଆଧାରରେ ଅନୁପସ୍ଥିତ ଥିବା ସୂଚନା ମିଳିଥିଲେ ମଧ୍ୟ ଉଭୟ ଶିକ୍ଷକ ପାଳି କରି ଜଣେ ଲେଖାଏଁ ବିଦ୍ୟାଳୟରେ ଉପସ୍ଥିତ ରହୁଥିବା ଏବଂ ଏଭଳି ବ୍ୟବସ୍ଥା ଦୀର୍ଘଦିନ ଧରି ଚାଲିଆସୁଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ସିଆଳିପଦର ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିନବନ୍ଧୁ ନାଏକ ଉପସ୍ଥିତ ଥିବାବେଳେ ସହକାରୀ ଶିକ୍ଷକ ରମାକାନ୍ତ ମାଝୀ ଅନୁପସ୍ଥିତ ଥିବା ଜଣାପଡ଼ିଥିବା କୁହାଯାଇଛି। ତାଙ୍କ ଅନୁପସ୍ଥିତିର କାରଣ ସମ୍ପର୍କରେ ତତ୍କାଳ ସ୍ପଷ୍ଟ ସୂଚନା ମିଳିପାରିନାହିଁ। ଦୁର୍ଗମ ଅଞ୍ଚଳର ଏହି ବିଦ୍ୟାଳୟଗୁଡ଼ିକ ଉପରେ ଶିକ୍ଷା ବିଭାଗ ନିୟମିତ ନଜର ରଖିବା ସହ ଶିକ୍ଷକଙ୍କ ଉପସ୍ଥାନ, ପାଠପଢ଼ାର ଗୁଣବତ୍ତା ଏବଂ ବିଦ୍ୟାଳୟ ପରିଚାଳନା ବ୍ୟବସ୍ଥାର ଯାଞ୍ଚ କରିବାକୁ ଅଭିଭାବକ ଓ ଗ୍ରାମବାସୀ ଦାବି କରିଛନ୍ତି। ଦୁର୍ଗମ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ଶିକ୍ଷା ଯେପରି ଶିକ୍ଷକଙ୍କ ଅନିୟମିତ ଉପସ୍ଥିତି କିମ୍ବା ଭିତ୍ତିଭୂମିର ଅଭାବ ଯୋଗୁଁ ପ୍ରଭାବିତ ନହୁଏ, ସେଥିପାଇଁ ଶିକ୍ଷା ବିଭାଗ ପକ୍ଷରୁ ତୁରନ୍ତ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନିଆଯିବା ନେଇ ଦାବି ଜୋର ଧରିଛି।

## ୧୯୨ ଜଣ ତୀର୍ଥଯାତ୍ରୀଙ୍କ ଅଯୋଧ୍ୟା ଓ ବାରାଣସୀ ଯାତ୍ରା

**ଭବାନୀପାଟଣା, ୩୦।୯ (ସମିସ):** ଆଜି ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ୧୯୨ ଜଣ ତୀର୍ଥଯାତ୍ରୀ ୫ ଟି ବସ୍‌ରେ ଅଯୋଧ୍ୟା ଓ ବାରାଣସୀକୁ ଯିବା ପାଇଁ ରାୟଗଡ଼ା ରେଳଷ୍ଟେସନ ଅଭିମୁଖେ ଯାତ୍ରା କରିଛନ୍ତି। ଆସନ୍ତା କାଲି ୫ ଟି ଜିଲ୍ଲା ରାୟଗଡ଼ା, କଳାହାଣ୍ଡି, ନୂଆପଡ଼ା, କୋରାପୁଟ, ମାଲକାନଗିରି ତୀର୍ଥଯାତ୍ରୀ ଗୁରୁବାର ରାୟଗଡ଼ା ରେଳ ଷ୍ଟେସନରୁ ସ୍ୱତନ୍ତ୍ର ଟ୍ରେନରେ ଅଯୋଧ୍ୟା ଓ ବାରାଣସୀ ଅଭିମୁଖେ ଗସ୍ତ କରିବେ। ଏହି ଅବସରରେ ଆଜି ମଧ୍ୟ ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନାରେ ଜିଲ୍ଲାରୁ ୫୭୦ ଜଣ ତୀର୍ଥଯାତ୍ରୀ ପୁରୀ ଶ୍ରୀକ୍ଷେତ୍ର ଅଭିମୁଖେ ୧୭ ଟି ଶୀତତାପ ନିୟନ୍ତ୍ରିତ ବସରେ ଯାତ୍ରା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ତହସିଲଦାର କଳାହାଣ୍ଡି କ୍ଷୀରୋଦ ନାଗ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଳାହାଣ୍ଡି ମନୋଜ ବେହେରା, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପ ସିଂ ରାଉତ ପ୍ରମୁଖ ଯୋଗଦେଇଥିଲେ।

# ନବୀନଙ୍କୁ ଭେଟିଲେ ଶେରଗଡ଼ ବ୍ଲକର ପଞ୍ଚାୟତ ପ୍ରତିନିଧି ଓ ନେତୃବୃନ୍ଦ

## ଆଗାମୀ ପଞ୍ଚାୟତ ନିର୍ବାଚନ ରଣନୀତି ନେଇ ଆଲୋଚନା



ଭୁବନେଶ୍ୱର,୩୦।୯ (ସମିସ): ବୁଧବାର ହିଞ୍ଜିଳି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଶେରଗଡ଼ ବ୍ଲକର ପଞ୍ଚାୟତ ପ୍ରତିନିଧି ଓ ନେତୃବୃନ୍ଦ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ନବୀନ ସେମାନଙ୍କ ସହ ଆସନ୍ତା ପଞ୍ଚାୟତ ନିର୍ବାଚନ ପ୍ରରିପେକ୍ଷୀରେ ଦଳୀୟ ସଂଗଠନ, ରଣନୀତି ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏହି ଅବସରରେ ୫୦୦ରୁ ଅଧିକ ନେତା ଓ ଶୁଭେଚ୍ଛୁ ଉପସ୍ଥିତ ଥିଲେ।

# ବିଜେପି ଖଣି ମାଲିକଙ୍କ ପାଇଁ ଓକିଲାତି କରୁଛି : ବିଜେଡି

## ଏମ୍‌ଏମଡିଆର ପ୍ରସଙ୍ଗରୁ ଲୋକଙ୍କ ଦୃଷ୍ଟି ହଟାଇବା ପାଇଁ ନାଟକ

ଭୁବନେଶ୍ୱର,୩୦।୯ (ସମିସ): ଡିଏମଏଫ ପାଣ୍ଠିକୁ ନେଇ ଡବଲ ଇଞ୍ଜିନ ସରକାର କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ବିଜେପି ମୁଖପାତ୍ର ଓ ସାଂସଦମାନେ ମନଗଢ଼ା କଥା କହି ଲୋକ ମାନଙ୍କୁ ଭ୍ରମିତ କରୁଛନ୍ତି। ଏମଏମଡିଆର ଭଳି ପ୍ରସଙ୍ଗକୁ ଏଡାଇ ଦେବାକୁ ବିଜେପି ଚକ୍ରାନ୍ତ କରି ମିଛ କହି ଲୋକଙ୍କୁ ଭ୍ରମିତ କରୁଛି। ଏନେଇ ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ଡବଲ ଇଞ୍ଜିନ ସରକାର ଉପରେ ବର୍ଷିଛନ୍ତି।

ଡ. ସାମନ୍ତସିଂହାର କହିଛନ୍ତି ଯେ ବିଜେଡି ସରକାର ଶାସନ କାଳରେ ଡିଏମଏଫ ପାଣ୍ଠିରୁ ୨୬,୦୦୦ କୋଟି ଟଙ୍କାର ଦୁର୍ନୀତି ହୋଇଛି ବୋଲି ସିଏଜି ରିପୋର୍ଟରେ ଜଣା ପଡ଼ିଛି ବୋଲି ବିଜେପି ମୁଖପାତ୍ର କହିଛନ୍ତି । ଲୋକଙ୍କୁ ଭ୍ରମିତ କରିବା ପାଇଁ ଡବଲ ଇଞ୍ଜିନ ସରକାର ମିଛ ପରେ ମିଛ କହି ଚାଲିଛି। ବିଜେପି ମୁଖପାତ୍ର ଗଣମାଧ୍ୟମ ସମ୍ମୁଖରେ ମିଛ କଥା କହିଛନ୍ତି । ବିଜେଡି ଶାସନ ସମୟରେ ୨୦୨୪ ମାର୍ଚ୍ଚ ସୁଦ୍ଧା ୨୬,୦୦୦ କୋଟି ଟଙ୍କାର ଦୁର୍ନୀତି ହୋଇଛି ବୋଲି ବିଜେପି ଅଭିଯୋଗ କରିଛି। କିନ୍ତୁ ବାସ୍ତବରେ ୨୦୨୪ ମାର୍ଚ୍ଚ ସୁଦ୍ଧା ୧୦,୦୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି ବୋଲି ରିପୋର୍ଟରେ



ସିଏଜି ଦର୍ଶାଯାଇଛି । ତେବେ ୨୬,୦୦୦ କୋଟି ଦୁର୍ନୀତି କେମିତି ହେଲା । ଡିଏମଏଫ ପାଣ୍ଠିରେ ୨୬,୦୦୦ କୋଟି ଟଙ୍କା ଆଦାୟ ହୋଇଛି । ୨୦୨୪ ସୁଦ୍ଧା ପାଣ୍ଠିରେ ୧୬,୦୦୦ କୋଟି ଟଙ୍କା ଗଚ୍ଛିତ ହୋଇ ରହିଥିଲା। ଏବେ ତାହା ଆହୁରି ବୃଦ୍ଧି ପାଇଥିବ ; ସେଥିରୁ କେତେ ଖର୍ଚ୍ଚ କରିଛ ସେ ନେଇ ବିଜେପି ସରକାର ସ୍ପଷ୍ଟୀକରଣ ପ୍ରଦାନ କରୁ। ବିନା ପ୍ରମାଣରେ ମିଛ କଥା କହି ଚାଲିଛି। ଉକ୍ତ ପାଣ୍ଠି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଦ୍ୱାରା ମନିଟରିଂ ହୋଇଥାଏ। ଜିଲ୍ଲାପାଳ ମାନେ ଏହାର ମୁଖ୍ୟ। ତେବେ ଦୁର୍ନୀତି ନେଇ ବିଜେପି ଅଭିଯୋଗ କରିବା

**ଡିଏମ୍‌ଏଫ୍ ପାଣ୍ଠିକୁ ନେଇ ବିଜେପି ମିଛ କହି ଲୋକଙ୍କୁ ଭ୍ରମିତ କରୁଛି**

ଅର୍ଥ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ମଧ୍ୟ ଏହି ଦୁର୍ନୀତିରେ ସଂପୃକ୍ତ ଅଛି। ସ୍ୱାସ୍ଥ୍ୟ, ପାନୀୟ ଜଳ, କୋଭିଡ ପରିଚାଳନା, ସ୍ୱଚ୍ଛତା, ବିଦ୍ୟୁତ୍, ଶିକ୍ଷା ଆଦି ଜରୁରୀ କାଳୀନ କ୍ଷେତ୍ରରେ ଉକ୍ତ ପାଣ୍ଠି ଖର୍ଚ୍ଚ ହୋଇଛି । କୋଭିଡ୍ ଭଳି ଜରୁରୀକାଳୀନ ପରିସ୍ଥିତିରେ ଟଙ୍କା ଖର୍ଚ୍ଚ କରିବା କଣ ଭୁଲ ବୋଲି ପ୍ରଶ୍ନ କରିଛି ବିଜେଡି। ଏମଏମଡିଆର ପ୍ରସଙ୍ଗରେ ଲୋକେ ବିଜେପି ସରକାରଙ୍କୁ ପ୍ରଶ୍ନ କରୁଥିବା ବେଳେ ସେଥିରୁ ନଜର ହଟାଇବା ପାଇଁ ବିଜେପି ସରକାର ବଡ ଷଡ଼ଯନ୍ତ୍ର କରୁଛି । ପିଏମ୍ କେୟାର, ଆୟୁଷ୍ମାନ ଭାରତ ଆଦି ଅନେକ ଯୋଜନାରେ ଅନିୟମିତତା ହୋଇଛି ବୋଲି ସିଏଜି ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି। ଏହାକୁ ନେଇ ବିଜେପି ସରକାର ଚୁପ । ବିଜେଡି ଶାସନ କାଳରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୋଭିଡରୁ ଲୋକଙ୍କୁ ରକ୍ଷା କରିବା ପାଇଁ କେନ୍ଦୁଝର ଜିଲ୍ଲାରେ ଡିଏମ୍‌ଏଫ୍ ପାଣ୍ଠିରୁ ଭାରତର ପ୍ରଥମ କୋଭିଡ ହସପିଟାଲ ପ୍ରତିଷ୍ଠା କରିଥିଲେ। ଲୋକଙ୍କ ସେବା ପାଇଁ ବିଜେଡି ଡିଏମଏଫ ପାଣ୍ଠିକୁ ବ୍ୟବହାର କରିଛି। କିନ୍ତୁ ବିଜେପି ସରକାର ତାହା ନ କରି ଖଣି ମାଲିକ ଓ ପୁଞ୍ଜିପତି ମାନଙ୍କ ପାଇଁ ଓକିଲାତି କରୁଛନ୍ତି। ଏମ୍‌ଏମଡିଆର ଆଇନ ଆଣି ବିଜେପି ସରକାର ଓଡ଼ିଶାବାସୀଙ୍କ ହକକୁ ଛଡାଇ ନେଇଛି। ଓଡ଼ିଶାବାସୀଙ୍କୁ ତାଙ୍କ ନ୍ୟାଯ୍ୟ ଦାବି ନମିଳିବା ପର୍ଯ୍ୟନ୍ତ ବିଜେଡି ଲଢ଼େଇ ଜାରି ରଖିବ ବୋଲି ସେ କହିଛନ୍ତି।

# ଖୋଲିଲା ଶ୍ରୀଗୁଣ୍ଡିଚା ମନ୍ଦିର; ଜନ୍ମବେଦୀ ଦର୍ଶନ କଲେ ଭକ୍ତ

ପୁରୀ,୩୦।୯ (ସମିସ): ଭକ୍ତଙ୍କ ପାଇଁ ଉନ୍ମୁକ୍ତ ହୋଇଛି ଶ୍ରୀଗୁଣ୍ଡିଚା ମନ୍ଦିର। ମନ୍ଦିର ଦ୍ୱାର ଖୋଲିବା ପରେ ଭକ୍ତମାନେ ଶୃଙ୍ଖଳିତ ଭାବେ ଧାଡ଼ିରେ ଯାଇ ଜନ୍ମବେଦୀ ଦର୍ଶନ କରିଥିଲେ। ସୋମବାର ସକାଳ ୭ଟା ୪୫ରେ




ଶୁଭ ମୁହୂର୍ତ୍ତରେ ପୂଜାର୍ଚ୍ଚନା ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସିଂହଦ୍ୱାରରେ ନଡ଼ିଆ ବାଡେଇ ଗୁଣ୍ଡିଚା ମନ୍ଦିର ଦ୍ୱାର ଖୋଲିଥିଲେ।
୨୦୨୦ ମାର୍ଚ୍ଚରେ କୋଭିଡ୍ ମହାମାରୀ ଯୋଗୁଁ ଗୁଣ୍ଡିଚା ମନ୍ଦିରରେ ଭକ୍ତଙ୍କ ପ୍ରବେଶ ବନ୍ଦ କରାଯାଇଥିଲା। ମହାପ୍ରଭୁଙ୍କ ରଥଯାତ୍ରା ସମୟର ଜନ୍ମବେଦୀ ଓ ଶ୍ରୀଗୁଣ୍ଡିଚା ମନ୍ଦିର ସହ ଭକ୍ତଙ୍କ ଭାବନା ଗଭୀର ଭାବେ ଜଡ଼ିତ ଥିବାରୁ ଏହି ଦର୍ଶନର ସୁଯୋଗ ସେମାନଙ୍କ ପାଇଁ ବିଶେଷ ଆନନ୍ଦ ଆଣିଛି। ପ୍ରଥମ ୩ ଦିନ ଭକ୍ତମାନଙ୍କୁ ମାଗଣା ପ୍ରବେଶ ଅନୁମତି ମିଳିବ। ଏହାପରେ ପ୍ରବେଶ ପାଇଁ ୧୦ ଟଙ୍କା ଟିକଟ୍ ବ୍ୟବସ୍ଥା ରହିଛି। ତେବେ ୮୦ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ, ୫ ବର୍ଷରୁ କମ୍ ଶିଶୁ ଏବଂ ଦିବ୍ୟାଙ୍ଗଙ୍କ ପାଇଁ ପ୍ରବେଶ ଶୁଳ୍କ ଲାଗୁ ହେବ ନାହିଁ। ଭକ୍ତଙ୍କ ସୁବିଧା ପାଇଁ ମାଗଣା ଜୋତା ଓ ମୋବାଇଲ୍ ଷ୍ଟାଣ୍ଡର ବ୍ୟବସ୍ଥା କରାଯାଇଛି। ଦିବ୍ୟାଙ୍ଗ, ମହିଳା ଓ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଧାଡ଼ି ବ୍ୟବସ୍ଥା ରହିବ। ଦିବ୍ୟାଙ୍ଗ ଭକ୍ତଙ୍କ ଯାତାୟାତ ପାଇଁ ରାମ୍ପ୍ ବ୍ୟବସ୍ଥା ସହ ଏହାର ପରିଚାଳନା ଦାୟିତ୍ୱ ଜଣେ ଅଧିକାରୀଙ୍କୁ ଦିଆଯାଇଛି। ଭକ୍ତମାନେ ସିଂହଦ୍ୱାର ଦେଇ ମନ୍ଦିରକୁ ପ୍ରବେଶ କରିବେ। ଭିତର କାଠ ପର୍ଯ୍ୟନ୍ତ ଯାଇ ସେଠାରୁ ଜଗମୋହନରେ ମହାପ୍ରଭୁଙ୍କ ଜନ୍ମବେଦୀ ଦର୍ଶନ କରିପାରିବେ। ବର୍ତ୍ତମାନ ପାଇଁ ନାକଚଣା ଦ୍ୱାର ଦେଇ ପ୍ରସ୍ଥାନ ବ୍ୟବସ୍ଥା ନ ଥିବାରୁ ପ୍ରବେଶ ଓ ପ୍ରସ୍ଥାନ ସିଂହଦ୍ୱାର ଦେଇ ହେବ। ମନ୍ଦିର ପରିସରରେ ରଥର ତିନୋଟି ଚକ ମଧ୍ୟ ରଖାଯାଇଛି। ଭକ୍ତଙ୍କ ଅନୁଭୂତିକୁ ଆହୁରି ସୁଖଦ କରିବା ପାଇଁ ଜଗମୋହନ ଓ ନାଟମଣ୍ଡପକୁ ବାତାନୁକୂଳିତ କରାଯାଇଛି। ମନ୍ଦିରର ଇତିହାସ ଓ ଐତିହ୍ୟ ସମ୍ପର୍କରେ ଭକ୍ତଙ୍କୁ ସୂଚନା ଦେବା ପାଇଁ ଓଡ଼ିଆ, ହିନ୍ଦୀ ଓ ଇଂରାଜୀ ଭାଷାରେ ବିଭିନ୍ନ ସ୍ଥାନରେ ସୂଚନାଫଳକ ଲଗାଯାଇଛି।

ଶ୍ରୀଗୁଣ୍ଡିଚା ମନ୍ଦିର ପରିସରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ମନ୍ଦିର ଭିତରକୁ ମୋବାଇଲ୍ ଫୋନ୍ ନେବାକୁ ବାରଣ କରାଯାଇଛି।

# ପିସିସି କାର୍ଯ୍ୟକର୍ତ୍ତାଙ୍କୁ ଦାୟିତ୍ୱ ବାଣ୍ଟିଲେ ସଭାପତି

ଭୁବନେଶ୍ୱର,୩୦।୯ (ସମିସ): ରାଜ୍ୟ କଂଗ୍ରେସର ବିଭିନ୍ନ ଛାମୁଆଁ ସଂଗଠନ, ବିଭାଗ, ପ୍ରକୋଷ୍ଠ ତଥା ଲୋକସଭା ନିର୍ବାଚନମଣ୍ଡଳୀ ପାଇଁ ନିଯୁକ୍ତି ଦିଆଯାଇଛି। ପିସିସି ସଭାପତି ଭକ୍ତ ଚରଣ ଦାସ ଦଳର ସାଂଗଠନିକ କାର୍ଯ୍ୟକୁ ବିସ୍ତାର କରିବା ପାଇଁ ଏହି ଦାୟିତ୍ୱ ବଣ୍ଟନ କରିଛନ୍ତି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସାଂଗଠନିକ ଚିନ୍ତାଧାରା, ଗାନ୍ଧୀବାଦୀ ଆଦର୍ଶ ଓ କଂଗ୍ରେସର ମୂଳ ନୀତିକୁ ତୃଣମୂଳ ସ୍ତରରେ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଲୋକସଭା କ୍ଷେତ୍ର, ଜିଲ୍ଲା ଏବଂ ବିଧାନସଭା ନିର୍ବାଚନମଣ୍ଡଳୀର ଦାୟିତ୍ୱ ପ୍ରଦାନ କରାଯାଉଛି ବୋଲି ପିସିସି ସଭାପତି କହିଛନ୍ତି। ଏହାସହିତ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଦୃଷ୍ଟିରୁ କଂଗ୍ରେସ ସଂଗଠନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ରହିଛି। ଏହି ନିର୍ବାଚନକୁ ଦୃଷ୍ଟିରେ ରଖି ଗାଁ, ପଞ୍ଚାୟତ, ବ୍ଲକ୍ ଓ ଜିଲ୍ଲା ସ୍ତରରେ କଂଗ୍ରେସ ସଂଗଠନକୁ ଅଧିକ ସକ୍ରିୟ, ସୁଦୃଢ଼ ଓ ଜନମୁଖୀ କରିବା ଲକ୍ଷ୍ୟରେ ଏହି ଦାୟିତ୍ୱ ବଣ୍ଟନ ହୋଇଛି ବୋଲି କଂଗ୍ରେସ କହିଛି। କଂଗ୍ରେସ କେବଳ ଏକ ରାଜନୈତିକ ଦଳ ନୁହେଁ, ବରଂ ଏହା ଜନସାଧାରଣଙ୍କ ଅଧିକାର, ସାମାଜିକ ନ୍ୟାୟ, ସମାନତା ଓ ଗଣତାନ୍ତ୍ରିକ ମୂଲ୍ୟବୋଧର ଏକ ଐତିହାସିକ ଆନ୍ଦୋଳନ। ଏହି ପରିପ୍ରେକ୍ଷୀରେ ନିଜ ନିଜ ଦାୟିତ୍ୱପ୍ରାପ୍ତ ଅଞ୍ଚଳରେ ଯଥେଷ୍ଟ ସମୟ ଦେଇ ନିୟମିତ ସାଂଗଠନିକ କାର୍ଯ୍ୟକ୍ରମ କରିବାକୁ ନବନିଯୁକ୍ତ କାର୍ଯ୍ୟକର୍ତ୍ତାଙ୍କୁ ଶ୍ରୀ ଦାସ ନିର୍ଦ୍ଦେଶ ଦେଇଛନ୍ତି। ନୂତନ ନିଯୁକ୍ତିରେ ୧୭ଟି ସେଲ୍ ଓ ବିଭାଗ ପାଇଁ ଇନ୍‌ଚାର୍ଜ ନିଯୁକ୍ତ ସହ ୧୧ ଜଣ ପଦାଧିକାରୀ, ୨୧ ଲୋକସଭା କ୍ଷେତ୍ର ପାଇଁ ଇନଚାର୍ଜ ଓ ୩୫ ଟି ସାଂଗଠନିକ ଜିଲ୍ଲା ପାଇଁ ମଧ୍ୟ ଇନ୍‌ଚାର୍ଜ ନିଯୁକ୍ତ ହୋଇଛନ୍ତି।

# ଅକ୍ଟୋବର ୮ ଓଡ଼ିଶା ବନ୍ଦ ପାଇଁ ଇଣ୍ଡିଆ ମେଣ୍ଟର ପ୍ରସ୍ତୁତି

ଭୁବନେଶ୍ୱର,୩୦।୯ (ସମିସ): ସଂଶୋଧିତ ଏମ୍‌ଏମ୍‌ଡିଆର୍ ଆଇନ୍ ବିରୋଧରେ ଆସନ୍ତା ୮ ଅକ୍ଟୋବରରେ ଓଡ଼ିଶା ବନ୍ଦ କରାଯିବ। ଇଣ୍ଡିଆ ମେଣ୍ଟ ପକ୍ଷରୁ ଦିଆଯାଇଥିବା ବନ୍ଦ ଡ଼କରାକୁ ପ୍ରଭାବୀ କରିବା ପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି। ଏହି କ୍ରମରେ ବୁଧବାର କଂଗ୍ରେସ ଭବନଠାରେ ଇଣ୍ଡିଆ ମେଣ୍ଟର ଏକ

**ସମର୍ଥନ ପାଇଁ ରାଜ୍ୟବାସୀଙ୍କୁ ନିବେଦନ**

ଜରୁରୀ ବୈଠକ ବସିଥିବା ବେଳେ ପିସିସି ସଭାପତିଙ୍କ ସମେତ ଇଣ୍ଡିଆ ମେଣ୍ଟର ପ୍ରତିନିଧିମାନେ ବୈଠକରେ ବନ୍ଦକୁ ସଫଳ କରିବା ପାଇଁ ରଣନୀତି ପ୍ରସ୍ତୁତ କରିଛନ୍ତି।

ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଯେ ପାଠ୍ୟପୁସ୍ତକ ତ୍ରୁଟି ପାଇଁ ବିଗତ ମାସରେ ଅନେକ ରାଜନୈତିକ ଦଳ ସାମାଜିକ ସଂଗଠନ ଆଦି ଶିକ୍ଷକ୍ଷମନ୍ତ୍ରୀଙ୍କ ଇସ୍ତଫା ପାଇଁ ଆନ୍ଦୋଳନ ଚଳାଇ ଆସିଥିଲେ। କିନ୍ତୁ ସରକାର ଜନସାଧାରଣଙ୍କ ଭାବନା ବିଚାର କଲେ ନାହିଁ ଓ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ନେଲେ ନାହିଁ। ଏହାସହିତ ଏମ୍‌ଏମ୍‌ଡିଆର ଆଇନକୁ ସଂଶୋଧିତ କରାଯିବା ଦ୍ୱାରା ରାଜ୍ୟକୁ ବାର୍ଷିକ ୧୨/୧୭ ହଜାର କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିବ। ଏହାସହ ବକେୟା ୧ଲକ୍ଷ କୋଟି ଟଙ୍କା ମଧ୍ୟ ମିଳିଲା ନାହିଁ। ବର୍ତ୍ତମାନ ରାଜ୍ୟର ଭାଗ୍ୟ କେନ୍ଦ୍ର ନିର୍ଦ୍ଧାରଣ କରିବ। ଏହି ଅନ୍ୟାୟ



ପାଇଁ ଓଡିଶା କେବେ ପ୍ରଗତି ପଥରେ ଯାଇ ପାରିବନାହିଁ। ସାମ୍ବିଧାନିକ ପଦରେ ଅଧିଷ୍ଠିତ ନିର୍ବାଚନ କମିଶନ ବିଜେପିର ହାତବାରିସୀ ହୋଇ ଏସ୍‌ଆଇଆର୍ ଜରିଆରେ ୧୫ କୋଟିରୁ ଊର୍ଦ୍ଧ୍ୱ ଭୋଟରଙ୍କ ନାମ କାଟିବା ଗଣତନ୍ତ୍ରର ଖୋଲାଖୋଲି ଉଲ୍ଲଙ୍ଘନ। ଏହି ପ୍ରମୁଖ ୩ ଘଟଣାକୁ ନେଇ ଅକ୍ଟୋବର ୮ ତାରିଖ ଦିନ ଶାନ୍ତିପୂର୍ଣ୍ଣ ଭାବରେ ଓଡ଼ିଶା ବନ୍ଦ କରାଯିବ ବୋଲି ସେ କହିଛନ୍ତି। ଏହି ଅବସରରେ ସେ ଓଡିଶାର ସମସ୍ତ ଜନସାଧାରଣ, କୃଷକ, ଶ୍ରମିକ, ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ, କର୍ମଚାରୀ ସଙ୍ଘ, ସମସ୍ତ ସାମାଜିକ ସଂଗଠନଙ୍କୁ ସମର୍ଥନ ପାଇଁ ଅନୁରୋଧ କରିଛନ୍ତି । କଂଗ୍ରେସ ଭବନଠାରେ ଆୟୋଜିତ ଇଣ୍ଡିଆ ମେଣ୍ଟର ବୈଠକରେ ସିପିଆଇ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସିପିଆଇ(ଏମ୍‌ଏଲ୍) ଲିବରେସନ୍ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଫରୱାର୍ଡ ବ୍ଲକ୍ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର, ଏନ୍‌ସିପି ଶରଦ ପାୱାର ରାଜ୍ୟ ସଭାପତି ବିକ୍ରମ ସ୍ୱାଇଁ, ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ଶିବ ହାତୀ ଯାଦବ ଏବଂ ଆର୍‌ଜେଡି ରାଜ୍ୟ ସାଧାରଣ ସମ୍ପାଦକ ହେମନ୍ତ କୁମାର ଯୋଗ ଦେଇଥିଲେ।

# ହୀରାକୁଦରୁ ୧୭ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ

ସମ୍ବଲପୁର, ୩୦।୯ (ସମିସ) : ଉପରମୁଣ୍ଡରୁ ହୀରାକୁଦକୁ ପ୍ରବେଶ ଜଳ ପରିମାଣ ହ୍ରାସ ପାଇବା ପରେ ଆଜି ଆଉ ୨ଟି ଗେଟ୍ ବନ୍ଦ କରିଦିଆଯାଇଛି। ଆଜି ଅପରାହ୍ଣ ୧୨ଟା ୨୦ ମିନିଟ୍‌ରେ ୨ଟି ଗେଟ୍ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ସମ୍ପ୍ରତି ୧୭ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳସ୍ତର ସର୍ବୋଚ୍ଚ କ୍ଷମତା ୬୩୦ ଫୁଟ୍ ପାଖାପାଖି ହୀରାକୁଦ ଜଳସ୍ତର ରହିଛି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ବୁଧବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୧.୩୩ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ତଳମୁଣ୍ଡରେ ୨.୭୦ ମିମି ବର୍ଷା ହୋଇଛି। ରାତି ୮ଟାରେ ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷ ଆଉ ୨ଟି ଗେଟ୍ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି।

ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୮୩ ଫୁଟ୍ ରହିଛି। ନଦୀବନ୍ଧର ବାମ ପାର୍ଶ୍ୱର ୧୧ଟି ଏବଂ ଡାହାଣ ପାର୍ଶ୍ୱର ୬ଟି ସ୍ଲୁଇସ୍ ଗେଟ୍ ଖୋଲା ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୩,୨୭,୧୫୭ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩,୧୪,୪୫୨ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୨,୭୯,୨୪୨ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୦୭୨୩ କ୍ୟୁସେକ୍, ଜଳସେଚନ ସକାଶେ ୨୨୧ କ୍ୟୁସେକ୍ ଓ କେନାଲ ପାଇଁ ୪୨୬୬ କ୍ୟୁସେକ୍ ଜଳ ନିଷ୍କାସିତ ହେଉଥିବା ନଦୀବନ୍ଧ କର୍ତ୍ତୃପକ୍ଷ ସୂତ୍ରରୁ ପ୍ରକାଶ। ଅନ୍ୟପକ୍ଷରେ ବେଲଗାଁଠାରେ ୨୫,୦୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପର୍ଥଲାଠାରେ ୫୧,୨୧୮ କ୍ୟୁସେକ୍, ଖଇରମାଲଠାରେ ୪,୩୦,୦୦୦ କ୍ୟୁସେକ୍, ବାରମୁଲଠାରେ ୪,୫୨,୦୦୦ କ୍ୟୁସେକ୍ ଓ ମୁଣ୍ଡଳୀଠାରେ ୭,୩୬,୭୫୪ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ନଦୀବନ୍ଧ ସୂତ୍ରରୁ ପ୍ରକାଶ।

## ଗୁଳିମାଡ଼ କରି ଗଞ୍ଜେଇ ଅଭିଯୁକ୍ତକୁ ଛଡ଼ାଇ ନେବା ଘଟଣା

# କେଉଁ ଆଧାରରେ ମଧ୍ୟପ୍ରଦେଶ ପାଇଁ ଏସ୍କର୍ଟ ନିଷ୍ପତ୍ତି?

ଭୁବନେଶ୍ୱର,୩୦।୯ (ସମିସ): ମଧ୍ୟପ୍ରଦେଶରେ ଗୁଳିମାଡ଼ କରି ଓଡ଼ିଶା ପୁଲିସ ଠାରୁ ଗଞ୍ଜେଇ ମାମଲାର ଅଭିଯୁକ୍ତକୁ ଛଡ଼ାଇ ନେଇଛନ୍ତି ମାଫିଆ। ଘଟଣାରେ ଓଡ଼ିଶା ପୁଲିସର କର୍ମଚାରୀ ଅକ୍ତକେ ବର୍ତ୍ତି ଯାଇଥିବା ବେଳେ ଏହାକୁ ୩୬ ଘଣ୍ଟା ବିତି ସାରିଲାଣି। ଏଯାଏଁ ଅଭିଯୁକ୍ତ ଧରାପଡ଼ି ନଥିବା ବେଳେ ଏହି ଘଟଣା ନୂଆ ମୋଡ଼ ନେଇଛି। ମଧ୍ୟପ୍ରଦେଶ ପୁଲିସ ବଦଳରେ ଓଡ଼ିଶା ପୁଲିସ ଏସ୍କର୍ଟ ଦେବା କଥା ପଦାକୁ ଆସିବା ପରେ ଏହା ପଛରେ ଷଡ଼ଯନ୍ତ୍ରର ଗନ୍ଧ ବାରି ହୋଇ ପଡ଼ିଛି। ମଧ୍ୟପ୍ରଦେଶ ପୁଲିସ ପାଇଁ ଓଡ଼ିଶାରୁ ଏସ୍କର୍ଟ ଯୋଗାଇବାକୁ କିଏ ଓ କେଉଁ ଆଧାରରେ ନିଷ୍ପତ୍ତି ନେଇଥିଲେ, ତାହାକୁ ନେଇ ପ୍ରଶ୍ନ ଉଠିଛି ।

ଗତ ଜୁନ୍ ମାସ ୨ ତାରିଖ ଦିନ କନ୍ଧମାଳ ଜିଲ୍ଲା ଗୋଛାପଡ଼ା ଥାନା ପୁଲିସ ଗଞ୍ଜେଇ ଭର୍ତ୍ତି ଟ୍ରକ୍ ଧରିଥିଲା। ସେଥିରୁ ୧୪୭୦ କିଲୋ ଗଞ୍ଜେଇ ଜବତ ସହ ଡ୍ରାଇଭର ଯୋଗେଶ ମୀନାକୁ ଗିରଫ କରିଥିଲା। ମଧ୍ୟପ୍ରଦେଶ ମଉଗଞ୍ଜର ଆଦିତ୍ୟ ମିଶ୍ର ଓରଫ୍ ରାକେଶ ହିଁ ମାଷ୍ଟର ମାଇଣ୍ଡ ଓ ସେ ଯୋଗେଶକୁ ଗଞ୍ଜେଇ ଚାଲାଣରେ ନିୟୋଜିତ କରିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ଏହାପରେ ଗତ ଜୁନ୍ ୨୭ ତାରିଖ ଦିନ ଗୋଛାପଡ଼ା ଥାନାର ସ୍ୱତନ୍ତ୍ର ଟିମ୍ ମଧ୍ୟପ୍ରଦେଶରୁ ଆଦିତ୍ୟକୁ ଗିରଫ କରିଥିଲା। ସ୍ଥାନୀୟ କୋର୍ଟରେ ହାଜର କରି ୪ ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣିଥିଲା। ଜୁଲାଇ ୧ ତାରିଖ ଦିନ ଆଦିତ୍ୟକୁ ଫୁଲବାଣୀ କୋର୍ଟରେ ହାଜର କରିଥିଲା। ସେବେଠାରୁ ଆଦିତ୍ୟ ଫୁଲବାଣୀ ମଣ୍ଡଳ କାରାଗାରରେ ଥିଲା। ତେବେ ମଧ୍ୟପ୍ରଦେଶ ରିୱା ଜିଲ୍ଲା ସମାନ ଥାନା କେସ୍ ନଂ - ୩୧୮/୨୩ ରେ ଆଦିତ୍ୟର ସଂପୃକ୍ତି ରହିଥିଲା। ତେଣୁ ତାକୁ ସେହି ମାମଲାରେ ରିମାଣ୍ଡରେ (ସ୍ୱୋୟରିଂ) କରିବାକୁ ସମାନ ଥାନା ପକ୍ଷରୁ ଫୁଲବାଣୀ କୋର୍ଟରେ ଆବେଦନ କରାଯାଇଥିଲା। ମଧ୍ୟପ୍ରଦେଶର ରିୱା ଜିଲ୍ଲା ଏନଡିପିଏସ୍ କୋର୍ଟରେ ଆଦିତ୍ୟକୁ ୩ ଦିନ ଅର୍ଥାତ୍ ୨୯ ତାରିଖ ଦିନ ହାଜର କରିବାକୁ ଗତ ୨୪ ତାରିଖ ଦିନ ଫୁଲବାଣୀ କୋର୍ଟ ଅନୁମତି ଦେଇଥିଲେ।

ପ୍ରଚଳିତ ନିୟମ ଅନୁସାରେ ଓଡ଼ିଶା ଜେଲରେ ବନ୍ଦୀ ଥିବା କୌଣସି ଅଭିଯୁକ୍ତକୁ ରାଜ୍ୟ ବାହାରର ଥାନା ରିମାଣ୍ଡରେ ନେବାକୁ ହେଲେ ପ୍ରଥମେ ସେ ଚାଲାଣ ହୋଇଥିବା କୋର୍ଟରେ ଆବେଦନ କରିବେ। ଅନୁମତି ମିଳିବା ପରେ ନିଜ ଏସ୍କର୍ଟ (ପୁଲିସ ଟିମ୍) ଦ୍ୱାରା ସୁରକ୍ଷା ବ୍ୟବସ୍ଥା କରି ସଂପୃକ୍ତ ଅଭିଯୁକ୍ତକୁ ଜେଲରୁ ନେବେ। ବର୍ତ୍ତମାନର ଘଟଣାରେ ଅଭିଯୁକ୍ତ ଆଦିତ୍ୟ ମଧ୍ୟପ୍ରଦେଶ ସମାନ ଥାନା ମାମଲାରେ ରିମାଣ୍ଡରେ ଯିବାକୁ ଅନୁମତି ଥିଲା। କିନ୍ତୁ ତାକୁ ମଧ୍ୟପ୍ରଦେଶ ବଦଳରେ କନ୍ଧମାଳ ପୁଲିସ ଏସ୍କର୍ଟ ଦେଇ ନେଇଥିଲା। ଗତକାଲି ପୂର୍ବାହ୍ନରେ ପୁଲିସ ଟିମ୍ ସିଦ୍ଧି ଜିଲ୍ଲା ଅତିକ୍ରମ କରୁଥିବା ବେଳେ ମାଫିଆମାନେ ପୁଲିସ ଗାଡ଼ି ଉପରକୁ ଗୁଳିମାଡ଼ କରି ଆଦିତ୍ୟକୁ ଛଡ଼ାଇ ନେଇଥିଲେ।

ଏହି ଘଟଣା ପରେ ନୂଆ ତଥ୍ୟ ପଦାକୁ ଆସିଛି। ମଧ୍ୟପ୍ରଦେଶ ବଦଳରେ ପୁଲିସ କାହିଁକି ଏସ୍କର୍ଟ ଦେଇଥିଲା, ତାକୁ ନେଇ ପ୍ରଶ୍ନ ଉଠିଛି। ଆଦିତ୍ୟକୁ ମଧ୍ୟପ୍ରଦେଶ ରିୱା କୋର୍ଟରେ ହାଜର କରିବାକୁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ପାଇଁ ଫୁଲବାଣୀ ମଣ୍ଡଳ କାରାଗାରର ଅଧୀକ୍ଷକ ହିଁ କନ୍ଧମାଳ ଏସପିଙ୍କୁ ନିବେଦନ କରିଥିଲେ। କନ୍ଧମାଳ ଏସପି ଦକ୍ଷିଣାଞ୍ଚଳ ଆଇଜିଙ୍କ ଠାରୁ ଅନୁମତି ନେବାପରେ ଯାଇ ନିଜ ପୁଲିସକୁ ପଠାଇଥିଲେ। ଜେଲ୍ ଅଧିକ୍ଷକ କାହିଁକି ଆଦିତ୍ୟର ସୁରକ୍ଷା ବ୍ୟବସ୍ଥାକୁ ନେଇ ତତ୍ପରତା ପ୍ରକାଶ କଲେ, ସେହି ପ୍ରଶ୍ନ ଏବେ ସମସ୍ତଙ୍କ ମନରେ ଉଙ୍କି ମାରୁଛି। ଏହାଛଡ଼ା ନିଜ ମାମଲା ନ ହୋଇ ମଧ୍ୟ କନ୍ଧମାଳ ପୁଲିସ କାହିଁକି ବାହାର ରାଜ୍ୟକୁ ନିଜ ପୁଲିସ ପଠାଇଥିଲା, ତାହା ଏବେ ସନ୍ଦେହ ଘେରରେ। ଏପରି ଘଟଣା ଏବେ ଜେଲ୍ ବିଭାଗ ଠାରୁ ଆରମ୍ଭ କରି ପୁଲିସ ବିଭାଗର ଅଧିକାରୀଙ୍କ ଭୂମିକାକୁ ସନ୍ଦେହ ଘେରକୁ ଠେଲି ଦେଇଛି।

**ଏସିଏଫ୍ ସୌମ୍ୟରଞ୍ଜନ ମୃତ୍ୟୁ ଘଟଣା**

# ସୁପ୍ରିମକୋର୍ଟରେ ବିଦ୍ୟାଭାରତୀଙ୍କ ଜାମିନ ଖାରଜ; ରୋଷେୟା ଗିରଫ

ପାରଳାଖେମୁଣ୍ଡି, ୩୦।୯ (ସମିସ) : ବହୁ ଚର୍ଚ୍ଚିତ ଏସିଏଫ ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ମାମଲାରେ ବୁଧବାର ପୁଲିସକୁ ଏକ ବଡ଼ ସଫଳତା ମିଳିଛି । ଘଟଣାର ପ୍ରାୟ ୫ ବର୍ଷ ପରେ ଏହି ମାମଲାରେ ସୌମ୍ୟରଞ୍ଜନଙ୍କ ପତ୍ନୀ ବିଦ୍ୟାଭାରତୀଙ୍କ ଜାମିନ ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିବା ସହ ହାଇକୋର୍ଟ ଦେଇଥିବା ପୂର୍ବ ଆଦେଶକୁ କାଏମ ରଖିଛନ୍ତି। ସେହିଭଳି ମାଲାରେ ଅଭିଯୁକ୍ତ ତତ୍କାଳୀନ ରୋଷେୟା ମନ୍ମଥ କୁମ୍ଭଙ୍କୁ ପାରଳାଖେମୁଣ୍ଡି ପୁଲିସ ଗିରଫ କରିଛି। ପାରଳାଖେମୁଣ୍ଡି ଏସଡିଜେଏମ୍‌ଙ୍କ ଅଦାଲତ ଦ୍ୱାରା ଜାରି ହୋଇଥିବା ଜାମିନ ବିହୀନ ଗିରଫ ପରୱାନା ବଳରେ ବହୁ ଚର୍ଚ୍ଚିତ ଏସିଏଫ ସୌମ୍ୟରଞ୍ଜନ ମହାପାତ୍ର ମୃତ୍ୟୁ ଘଟଣାରେ ଅଭିଯୁକ୍ତକୁ ମନ୍ମଥ କୁମ୍ଭଙ୍କୁ ପାରଳାଖେମୁଣ୍ଡି ଆଦର୍ଶ ଥାନା ପୁଲିସ ଆଜି ଭୋର ସମୟରେ ତାଙ୍କ ନିଜ ଗ୍ରାମ ଗୁମ୍ମା ବ୍ଲକ ଅନ୍ତର୍ଗତ କୁଜାସିଂରୁ ଗିରଫ କରିଛି। ଅଭିଯୁକ୍ତ ମନ୍ମଥ କୁମ୍ଭଙ୍କୁ ଭାରତୀୟ ଦଣ୍ଡ ସଂହିତାର ଧାରା ୩୦୨/୧୨୦-ବି ସମ୍ପର୍କିତ ମାମଲାରେ ଗିରଫ କରି ଅଦାଲତରେ ହାଜର କରିବା ପାଇଁ ଅଦାଲତ ଏହି ପରୱାନା ଜାରି କରିଥିଲେ। ଅଭିଯୁକ୍ତ ନିଜ ଗ୍ରାମରେ ଥିବା ସମ୍ପର୍କରେ ବିଶ୍ୱସ୍ତ ସୂଚନା ପାଇ ପୁଲିସ ଟିମ୍ ଆଜି ଭୋର ସମୟରେ ଚଢ଼ଉ କରି ତାଙ୍କୁ ଧରିଥିଲା। ଜାମିନ ବିହୀନ ଗିରଫ ପରୱାନା ଅନୁଯାୟୀ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ତାଙ୍କୁ ଆଜି ହିଁ ଏସ୍‌ଡିଜେଏମ୍ ପାରଳାଖେମୁଣ୍ଡିଙ୍କ ଅଦାଲତରେ ହାଜର କରାଯାଇଥିବାର ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ ଭୂପତିଙ୍କ ସୂଚନା ପ୍ରକାରେ ଜଣାପଡିଛି।

ସେପଟେ କୋର୍ଟରେ ମଧ ତାଙ୍କର ବେଲ୍ ପିଟିସନ ଖାରଜ ହୋଇଯାଇଥିବା ବେଳେ ତାଙ୍କୁ ନ୍ୟାୟିକ ହେପାଜତକୁ ପଠାଇ ଦିଆଯାଇଥିବାର ଜଣାଯାଇଛି। ଏବେ ଏହି ଘଟଣାରେ ତିନିଙ୍କ ମଧ୍ୟରୁ ନ୍ୟାୟିକ ହେପାଜତରେ ଦୁଇଜଣ ରହିଛନ୍ତି। ପ୍ରକାଶ ଯେ, ପାରଳାଖେମୁଣ୍ଡି ଏସଡିଜେଏମ୍ ଅଦାଲତଙ୍କ ପକ୍ଷରୁ ଜାରି କରାଯାଇଥିବା ଜାମିନ ବିହୀନ ଗିରଫ ପରୱାନା (ଏନବିଡବ୍ଲ୍ୟୁ) ଆଧାରରେ ପୁଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ବୁଧବାର ଭୋର ସମୟରେ ଏକ ସ୍ୱତନ୍ତ୍ର ପୁଲିସ ଟିମ୍ କୌଣସି ସୂତ୍ରରୁ ଖବର ପାଇ ମନ୍ମଥ କୁମ୍ଭଙ୍କୁ ତାଙ୍କ ନିଜ ଗାଁରୁ ଗିରଫ କରିଥିଲା। ଗିରଫ ପରେ ମନ୍ମଥ କୁମ୍ଭଙ୍କୁ ଡାକ୍ତରୀ ମାଇନା ପାଇଁ ନିଆଯାଇଥିଲା। ଏହାପରେ ତାଙ୍କୁ ପାରଳାଖେମୁଣ୍ଡି ଏସଡିଜେଏମ୍ ଅଦାଲତରେ ହାଜର କରାଯାଇଥିଲା ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଯେ, ୨୦୨୧ ମସିହା ଜୁଲାଇ ମାସ ୧୨ ତାରିଖରେ ପାରଳାଖେମୁଣ୍ଡି ସ୍ଥିତ ନିଜ ସରକାରୀ ବାସଭବନରେ ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ର ଗୁରୁତର ଭାବେ ପୋଡ଼ି ହୋଇଯାଇଥିଲେ। ପ୍ରଥମେ ତାଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା ଏବଂ ପରେ ଉନ୍ନତ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ତହିଁ ପରଦିନ ଅର୍ଥାତ ଜୁଲାଇ ୧୩ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣା ସେତେବେଳେ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା। ସୌମ୍ୟଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଲୋକେ ଏହାକୁ ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଥିଲେ। ଏହି



ଘଟଣାରେ ପତ୍ନୀ ବିଦ୍ୟାଭାରତୀ ପଣ୍ଡା, ତତ୍କାଳୀନ ଡିଏଫଓ ସଂଗ୍ରାମ କେଶରୀ ବେହେରା ଏବଂ ରୋଷେୟା ମନ୍ମଥ କୁମ୍ଭଙ୍କୁ ଅଭିଯୁକ୍ତ ଭାବେ ଦର୍ଶାଯାଇଥିଲା। ପରବର୍ତ୍ତୀ ସମୟରେ ରାଜ୍ୟ ସରକାର ଏହି ବହୁଚର୍ଚ୍ଚିତ ମାମଲାର ତଦନ୍ତ ଭାର କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଥିଲେ। ତେବେ ଯେଉଁ ଚାର୍ଜ ଫ୍ରେମ କ୍ରାଇମ୍ ବ୍ରାଞ୍ଚ ଦାଖଲ କରିଥିଲା ସେଥିରେ ଆଇପିସିର ୨୮୫ ଓ ୩୦୪(କ) ଧାରା ଲଗାଇଥିଲେ। ଏଥିରେ ଅସନ୍ତୋଷ ପ୍ରକାଶ କରି ମୃତ ସୌମ୍ୟଙ୍କ ବାପା ଅଭିରାମ ମହାପାତ୍ର ୧୬.୦୫.୨୦୨୩ ତାରିଖରେ ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍. ଅଦାଲତରେ ଏକ ୱାନ୍ ସିସି ମାମଲା ପାଇଁ ପ୍ରାର୍ଥନା କରିଥିଲେ। ଉକ୍ତ ମାମଲାକୁ ଅଦାଲତ ଗ୍ରହଣ କରି ୨୨/୨୦୨୨ରେ ହତ୍ୟା ମାମଲା ଚାଲିବ ବୋଲି ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଆଇନର ଗଳାବାଟ ଖୋଜୁଥିଲେ ତିନି ଅଭିଯୁକ୍ତ। ଏହି ତିନି ପୃଥକ ପୃଥକ ଭାବେ ଉଚ୍ଚତମ ଓ ସର୍ବୋଚ୍ଚତମ ନ୍ୟାୟାଳୟର ଦ୍ୱାରସ୍ଥ ମଧ୍ୟ ହୋଇଥିଲେ। ତେବେ ଶେଷରେ ଉଚ୍ଚତମ ନ୍ୟାୟାଳୟରେ ଜଣକ ପରେ ଜଣର ଆବେଦନ ଖାରଜ ହୋଇଯାଇଥିଲା। ଶେଷରେ ତିନି ଅଭିଯୁକ୍ତଙ୍କ ମଧ୍ୟରୁ ତତ୍କାଳୀନ ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା ୨୭.୦୭.୨୦୨୬ରେ ପାରଳାଖେମୁଣ୍ଡି ଏସଡିଜେଏମଙ୍କ କୋର୍ଟରେ ଆତ୍ମସମର୍ପଣ କରି ବେଲ୍ ପାଇଁ ଆବେଦନ କରିଥିଲେ ହେଁ ତାକୁ ଜିଲ୍ଲା ନ୍ୟାୟାଳୟ ଖାରଜ କରି ନ୍ୟାୟିକ ହେପାଜତକୁ ପଠାଇଦେଇଥିଲେ। ଏବେ ସେ ପାରଳାଖେମୁଣ୍ଡି ଉପକାରାଗାରରେ ଜଣେ ବିଚାରାଧୀନ କଏଦି ଭାବେ ଦିନ କାଟୁଛନ୍ତି। ସେହିଭଳି ମୃତ ସୌମ୍ୟ ରଞ୍ଜନଙ୍କ ପତ୍ନୀ ବିଦ୍ୟାଭାରତୀ ପଣ୍ଡାଙ୍କ କୋର୍ଟରେ ବ୍ୟକ୍ତିଗତ ଉପସ୍ଥିତିରୁ ଛାଡ଼ ଓ ତଳ କୋର୍ଟଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ସେ ଦାଖଲ କରିଥିବା ସିଆରଏଲ୍‌ଏମସି ଆବେଦନକୁ ମଧ୍ୟ ଖାରଜ କରିଦେଇଛନ୍ତି ମାନ୍ୟବର ଉଚ୍ଚନ୍ୟାୟାଳୟ। ଏଥିସହ ଆସନ୍ତା ଅକ୍ଟୋବର ୧ ତାରିଖ ସୁଦ୍ଧା ପାରଳାଖେମୁଣ୍ଡି ଏସଡିଜେଏମ୍ କୋର୍ଟରେ ହାଜର ହେବାକୁ ବିଦ୍ୟାଭାରତୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଚାଲେଞ୍ଜ କରି ବିଦ୍ୟାଭାରତୀ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ତେବେ ବିଦ୍ୟାଭାରତୀ ପଣ୍ଡାଙ୍କୁ ସୁପ୍ରିମକୋର୍ଟରୁ ମଧ୍ୟ ଏକ ବଡ଼ ଝଟକା ଲାଗିଥିବାର ଜଣାପଡିଛି। ବୁଧବାର ଦିନ ସୁପ୍ରିମକୋର୍ଟ ବିଦ୍ୟାଭାରତୀଙ୍କ ଦ୍ୱାରା ଦାଖଲ ହୋଇଥିବା ଆବେଦନକୁ ଖାରଜ କରିଦେଇଛନ୍ତି। ଯେଉଁଥିରେ ସେ ଓଡ଼ିଶା ହାଇକୋର୍ଟଙ୍କ ଆଦେଶକୁ ଚ୍ୟାଲେଞ୍ଜ କରିଥିଲେ। ପୂର୍ବରୁ ହାଇକୋର୍ଟ ବିଦ୍ୟାଭାରତୀଙ୍କୁ ମିଳିଥିବା ଅନ୍ତରୀଣ ସୁରକ୍ଷା ହଟାଇବା ସହ ପ୍ରୋଟେଷ୍ଟ ପିଟିସନକୁ ମଧ୍ୟ ଖାରଜ କରିଥିଲେ। ଯଦି ସେ ମଧ୍ୟ ତଳ କୋର୍ଟରେ ହାଜର ନହୁଅନ୍ତି ତେବେ ତାଙ୍କର ମଧ୍ୟ ଅଡୁଆ ବଢିପାରେ ବୋଲି ଚର୍ଚ୍ଚା ହେଉଛି।



## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ । ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ । ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ । ଆର୍ଥିକ ସମସ୍ୟା ଦେଖା ଦେବ ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ । ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ । ଗୁରୁଜନଙ୍କ ଆଶୀର୍ବାଦ ନେବେ । ଆର୍ଥିକ କାରବାରରେ ଲାଭ ମିଳିବ । ଦୀର୍ଘଦିନର ସମସ୍ୟା ସମାଧାନ ହେବ ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ । ପରିଶ୍ରମ ଅନୁସାରେ ଫଳ ମିଳିବ । ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ । ଜୀବନସାଥୀଙ୍କୁ ସମୟ ଦେବେ ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ । ଇଷ୍ଟ ଦେବଙ୍କୁ ସ୍ମରଣ କରିବେ । ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ । କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ । ଜମି କିଣିବା ଯୋଗ ଅଛି ।

**ସିଂହ:** ଦିନଟି ହସଖୁସିରେ କଟିବ । ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ । ପ୍ରେମ ମାମଲାରେ ଦିନଟି ଭଲ । ବନ୍ଧୁଙ୍କ କଥା ଆଘାତ ଦେବ । ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ । ରୋଗମୁକ୍ତ ହେବେ । ପରିବାର ସଦସ୍ୟଙ୍କ ମନ ଜିଣିବେ । ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ତୁଳା:** ବ୍ୟବସାୟରେ ଲାଭ ହେବ । ପାରିବାରିକ ବିବାଦ ଦେଖା ଦେବ । ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ । ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ । ଯାତ୍ରା ଲାଭଦାୟକ ହେବ ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ । ସନ୍ତାନଙ୍କ ସହ ବୁଲିବାକୁ ଯିବେ । ସ୍ୱାଦିଷ୍ଟ ଖାଦ୍ୟ ଖାଇବେ । ବନ୍ଧୁମିଳନ ଯୋଗ ଅଛି । ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ । ଚିନ୍ତାଗ୍ରସ୍ତ ରହିବେ । ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ । ବିରୋଧୀଙ୍କଠାରୁ ଦୂରେଇ ରହିବେ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ । ସମୟର ସଠିକ ଉପଯୋଗ କରିବେ । ସମ୍ପର୍କୀୟଙ୍କ ସହଯୋଗ ମିଳିବ । ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ । ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ । ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ । ବୈବାହିକ ଜୀବନ ମଜଭୁତ୍ ହେବ ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ । ବନ୍ଧୁ ମିଳନ ଯୋଗ ଅଛି । ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ । ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ ।

## ଆଜିର ଇତିହାସ

- ୧୮୫୪- ଭାରତରେ ଡାକ ଟିକେଟ ପ୍ରଚଳନ ଆରମ୍ଭ ହେଲା ।
- ୧୯୪୯- ଚୀନ୍‌ରେ କମ୍ୟୁନିଷ୍ଟ ପାର୍ଟିର ଶାସନ ଆରମ୍ଭ ହେଲା ।
- ୧୯୫୩- ଆନ୍ଧ୍ର ପ୍ରଦେଶ ରାଜ୍ୟ ହେଲା ।
- ୧୯୬୭- ଭାରତୀୟ ପର୍ଯ୍ୟଟନ ବିକାଶ ନିଗମର ସ୍ଥାପନା ହେଲା ।
- ୨୦୦୦- ସିଡ୍‌ନୀରେ ୨୭ତମ ଅଲିମ୍ପିକ୍ ଖେଳ ସମ୍ପନ୍ନ ।

# ବରିଷ୍ଠଙ୍କ ପାଇଁ ଦିନଟିଏ



ବରିଷ୍ଠ ନାଗରିକମାନଙ୍କ ଅବଦାନକୁ ସମ୍ମାନ ଜଣାଇବା ଏବଂ ସେମାନଙ୍କ ସମସ୍ୟା ଓ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅକ୍ଟୋବର ୧ ତାରିଖକୁ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ଭାବରେ ପାଳନ କରାଯାଏ । ଜାତିସଂଘ ପକ୍ଷରୁ ୧୯୯୦ ମସିହାରେ ଏହି ଦିନଟିକୁ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ଏବଂ ୧୯୯୧ ମସିହା ଅକ୍ଟୋବର ୧ରେ ପ୍ରଥମ ଥର ପାଇଁ ଏହା ପାଳିତ ହୋଇଥିଲା । ବରିଷ୍ଠ ନାଗରିକମାନେ ସେମାନଙ୍କ ଜୀବନର ଅଧିକାଂଶ ସମୟ ପରିବାର, ସମାଜ ଏବଂ ଦେଶର ଗଠନ ପାଇଁ ଉତ୍ସର୍ଗ କରିଥାନ୍ତି । ଆମେ ଆଜି ଯେଉଁ ସମାଜରେ ବଞ୍ଚୁଛୁ, ତାର ମୂଳଦୁଆ ସେମାନେ ହିଁ ପକାଇଛନ୍ତି । ସେମାନଙ୍କର ସେହି ଅବଦାନ, ଅଭିଜ୍ଞତା ଓ ଜ୍ଞାନକୁ ସମ୍ମାନ ଜଣାଇବା ଏବଂ ସେମାନଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିବା ଏହି ଦିବସର ପ୍ରଥମ ଲକ୍ଷ୍ୟ । ଭାରତୀୟ ପରମ୍ପରାରେ ଘରର ବୟସ୍କ ବ୍ୟକ୍ତିମାନଙ୍କୁ ସମ୍ମାନ ଦେବାର ପରମ୍ପରା ରହିଛି । ବୟସ ବଢ଼ିବା ସହ ମଣିଷର ଅଭିଜ୍ଞତା ବି ବଢ଼େ । ଆଉ ସେହି ଅଭିଜ୍ଞ ଲୋକଙ୍କ ମେଳରେ ରହିଲେ କିଛି ନୂଆ, ଅଜଣା ଓ ଶିକ୍ଷଣୀୟ ବିଷୟ ଜାଣିବାକୁ ମିଳେ । ଯାହା ଇଣ୍ଟରନେଟ କିମ୍ବା କୌଣସି ସ୍ମାର୍ଟ ଡିଭାଇସ୍‌ରୁ ମିଳି ନ ଥାଏ । ଏହି ସତ୍ୟତା ଉପରୁ ମୁହଁ ଫେରାଇ ନେଇଛି ସ୍ୱାର୍ଥପର ମଣିଷ । ଏଥପାଇଁ ତ ବଢ଼ିଚାଲିଛି ବୃଦ୍ଧାଶ୍ରମ ଓ ସେବାଶ୍ରମ ଭଳି ସଂସ୍ଥା । ଯୌଥ ପରିବାରର ଗଡ଼ ବୋଲାଉଥିବା ଆମ ଭାରତରେ ବି ଏବେ ବୟସ୍କମାନେ ଅଲୋଡ଼ା । ଅନେକ ପରିବାରରେ ବାପା, ମାଆ ଯେତେବେଳେ ବୟସ୍କ ହୋଇଯାଉଛନ୍ତି, ସେତେବେଳେ ପୁଅଝିଅ ସେମାନଙ୍କୁ କୌଣସି ବୃଦ୍ଧାଶ୍ରମ ବା ମଠ, ମନ୍ଦିରରେ ଛାଡ଼ି ଦେଉଛନ୍ତି । ଆଉ ଯିଏ ଦୁର୍ଭାଗ୍ୟବଶତଃ ଘରେ ରହିଲେ, ସେ ପରିବାର ଲୋକଙ୍କ ଦ୍ୱାରା ମାନସିକ ଓ ଶାରିରୀକ ନିର୍ଯାତନା ଶିକାର ହେଉଛନ୍ତି । ବିଶେଷକରି ସହରଗୁଡ଼ିକରେ ଏପରି ଦେଖାଯାଉଛି । ବରିଷ୍ଠ ନାଗରିକମାନେ ହିଁ ଦେଶର ସମ୍ପତ୍ତି, ବୟସ୍କମାନେ ପରବର୍ତ୍ତୀ ପିଢ଼ିର ମାର୍ଗଦର୍ଶନ କରିଥାନ୍ତି । ସେମାନେ ଯେପରି ମର୍ଯ୍ୟାଦା ଓ ମାନସିକ ଶାନ୍ତି ସହ ଜୀବନଯାପନ କରିବେ ସେଥିପାଇଁ ସମସ୍ତେ ଯତ୍ନବାନ ହେବା ଦରକାର । ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସରେ ସେମାନଙ୍କୁ ସମ୍ମାନ ଜଣାଇ ସାରା ବିଶ୍ୱରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ । ଏହି ଅବସରରେ ବିଭିନ୍ନ ରାଜ୍ୟ ତଥା ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ସଚେତନତା ଶୋଭାଯାତ୍ରା, ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା ଦିଆଯିବା ସହ ସେମାନଙ୍କ ନିମନ୍ତେ ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଏ । ଅନେକ ସମୟରେ ବୟସ୍କମାନଙ୍କୁ 'ସମାଜ ପାଇଁ ଏକ ବୋଝ' ଭାବେ ଦେଖାଯାଏ, ଯାହା ସମ୍ପୂର୍ଣ୍ଣ ଭୁଲ୍ । ବରିଷ୍ଠ ନାଗରିକଙ୍କ ପାଖରେ ଥିବା ପ୍ରଚୁର ଜ୍ଞାନ ଓ ଅନୁଭୂତି ଆଜିର ଯୁବପିଢ଼ି ପାଇଁ ମାର୍ଗଦର୍ଶକ ସଦୃଶ । ସମାଜର ବିଭିନ୍ନ ନିଷ୍ପତ୍ତି ପ୍ରକ୍ରିୟା, ସାମାଜିକ କାର୍ଯ୍ୟ ଏବଂ ପରିବାରରେ ସେମାନଙ୍କର ମତାମତକୁ ଗୁରୁତ୍ୱ ଦେଇ ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ଏହି ଦିବସର ଅନ୍ୟତମ ବଡ଼ ଉଦ୍ଦେଶ୍ୟ । ଏହି ଦିବସ ଆମକୁ ମନେ ପକାଇଦିଏ ଯେ, ବୃଦ୍ଧାବସ୍ଥା ଜୀବନର ଶେଷ ନୁହେଁ, ବରଂ ଏକ ସମ୍ମାନଜନକ ପର୍ଯ୍ୟାୟ । ସେମାନଙ୍କୁ କେବଳ ସାହାଯ୍ୟ ନୁହେଁ, ବରଂ ସେମାନଙ୍କର ଅଧିକାର ଓ ସମ୍ମାନ ଫେରାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଚଳିତ ବର୍ଷ ଏହି ଦିବସର ମୁଖ୍ୟ ବିଷୟବସ୍ତୁ ରହିଛି "ଦୀର୍ଘାୟୁର ଯୁଗ: ଦୀର୍ଘ ଜୀବନ ପାଇଁ ବ୍ୟବସ୍ଥାର ପୁନର୍ବିଚାର ।"

# ନଭେମ୍ବର ୬ରେ 'ରାମାୟଣ'



ଭାରତୀୟ ସିନେମା ଜଗତର ସବୁଠାରୁ ଚର୍ଚ୍ଚିତ ଚଳଚ୍ଚିତ୍ର 'ରାମାୟଣ'କୁ ନେଇ ଦୀର୍ଘ ଦିନର ପ୍ରତୀକ୍ଷାର ଅନ୍ତ ଘଟିଛି । ବିଦେଶରେ ଏହି ମେଗା ଚଳଚ୍ଚିତ୍ରର ବିତରଣ ଦାୟିତ୍ୱ ନେଇଥିବା ବିଶ୍ୱପ୍ରସିଦ୍ଧ ପ୍ରଯୋଜନା ସଂସ୍ଥା ସୋନି ପିକ୍ଚର୍ସ ନିକଟରେ ଫିଲ୍ମର ପ୍ରଥମ ଭାଗର ଟାଇଟଲ୍ ଏବଂ ମୁକ୍ତିଲାଭ ଦିନ ଘୋଷଣା କରି ସିନେପ୍ରେମୀଙ୍କ ଉତ୍କଣ୍ଠାକୁ ଦ୍ୱିଗୁଣିତ କରିଦେଇଛି । ଏହି ଚଳଚ୍ଚିତ୍ରର ପ୍ରଥମ ଭାଗକୁ 'ରାମାୟଣ: ରାଇଜ୍ ଅଫ୍ ଏ ଲିଜେଣ୍ଡ' ନାମ ଦିଆଯାଇଛି । ନମିତ ମଲହୋତ୍ରାଙ୍କ ଦ୍ୱାରା ନିର୍ମିତ ଏହି ଭବ୍ୟ ଚଳଚ୍ଚିତ୍ରରେ ରଣବୀର କପୁର ପ୍ରଭୁ ଶ୍ରୀରାମଙ୍କ ଭୂମିକାରେ ନଜର ଆସିବେ । ସେହିଭଳି ସାଇ ପଲ୍ଲବୀ ମାତା ସୀତା, କନ୍ନଡ଼ ସୁପରଷ୍ଟାର୍ ଯଶ୍ ରାବଣ ଏବଂ ସନ୍ନି ଦେଓ୍ୱଲ ହନୁମାନଙ୍କ ଭୂମିକାରେ ଅଭିନୟ କରୁଛନ୍ତି । ତାଙ୍କ ସହ ଲକ୍ଷ୍ମଣ ଭୂମିକାରେ ରବି ଦୁବେ ନଜର ଆସିବେ । ଫିଲ୍ମଟି କେବଳ ଏକ ସାଧାରଣ ପୌରାଣିକ କାହାଣୀ ହେବ ନାହିଁ, ବରଂ ଏହା ବିଶ୍ୱସ୍ତରୀୟ ସିନେମାର ଅନୁଭୂତି ପ୍ରଦାନ କରିବ । ସୋନି ପିକ୍ଚର୍ସ ପକ୍ଷରୁ କୁହାଯାଇଛି ଯେ, "ମାନବ ଜାତିର ସବୁଠାରୁ ମହାନ କାହାଣୀ ଏବେ ବଡ଼ ପରଦାରେ ଜୀବନ୍ତ ହୋଇଉଠିବ ।" ଫିଲ୍ମର ରିଲିଜ୍ ତାରିଖ ମଧ୍ୟ ଚଳିତ ବର୍ଷର ଦୀପାବଳି ସମୟକୁ ଧାର୍ଯ୍ୟ କରାଯାଇଛି । ଆସନ୍ତା ୬ ନଭେମ୍ବରରେ ଏହି ଚଳଚ୍ଚିତ୍ର ସିନେମା ହଲ୍‌ରେ ମୁକ୍ତିଲାଭ କରିବ । ଏହା ହିନ୍ଦୀ ଏବଂ ଇଂରାଜୀ ସମେତ ବିଭିନ୍ନ ଆନ୍ତର୍ଜାତୀୟ ଭାଷାରେ ଆଇମାକ୍ସ ଥ୍ରୀଡି ଏବଂ ପ୍ରିମିୟମ ଲାର୍ଜ ଫର୍ମାଟରେ ରିଲିଜ୍ ହେବ ।

# ଭଡ଼ାରେ ପରିବାର

ଜାପାନରେ ଆଜିର ସମୟରେ ଏକଲାପଣ ସବୁଠୁ ବଡ଼ ସମସ୍ୟା ଭାବେ ଉଭା ହୋଇଛି । ବହୁ ସଂଖ୍ୟାରେ ବୃଦ୍ଧବୃଦ୍ଧା ଏବଂ ଯୁବପିଢ଼ି ଏକାକୀ ଜୀବନ ବିତାଉଛନ୍ତି । ଏହି ଏକଲାପଣକୁ ଦୂର କରିବା ପାଇଁ ଲୋକେ ଏଜେନ୍ସି ମାଧ୍ୟମରେ କିଛି ଘଣ୍ଟା ପାଇଁ ନକଲି ପରିବାର ଭଡ଼ାରେ ଆଣୁଛନ୍ତି, ଯେଉଁମାନେ ସେମାନଙ୍କ ସହ ସମୟ ବିତାନ୍ତି, ପାର୍କ ବୁଲିବାକୁ ଯାଆନ୍ତି ଏବଂ ସାଂସାରିକ ଜୀବନର ଅଭାବକୁ କିଛି ମାତ୍ରାରେ ପୂରଣ କରନ୍ତି । ଜାପାନୀ ସମାଜରେ ସାମାଜିକ ପ୍ରତିଷ୍ଠା ଏବଂ ପରମ୍ପରାକୁ ବହୁତ ଗୁରୁତ୍ୱ ଦିଆଯାଏ । ଯଦି କାହାର ବିବାହ ଉତ୍ସବରେ ଯୋଗଦେବା ପାଇଁ ପର୍ଯ୍ୟାପ୍ତ ବନ୍ଧୁ କିମ୍ବା ସମ୍ପର୍କୀୟ ନ ଥାନ୍ତି, ତେବେ ଲୋକଲଜ୍ଜାରୁ ବଞ୍ଚିବା ପାଇଁ ସେମାନେ ନକଲି ଅତିଥି ଭଡ଼ାରେ ଆଣନ୍ତି । ସେହିପରି, ସ୍କୁଲରେ ପିଲାଙ୍କ ନାମଲେଖା ପାଇଁ ସିଙ୍ଗଲ୍ ମଦର ବା ଫାଦରମାନେ ନକଲି ସ୍ୱାମୀ/ସ୍ତ୍ରୀ ଭଡ଼ାରେ ନେଇଥାନ୍ତି, ଯଦ୍ଦ୍ୱାରା ସମାଜ ସେମାନଙ୍କୁ ଦୁର୍ବଳ ବୋଲି ନ ଭାବୁ । ଜାପାନରେ ଏଥିପାଇଁ ଅନେକ ବଡ଼ ବଡ଼ କମ୍ପାନି କାମ କରୁଛନ୍ତି । ଏହି କମ୍ପାନିଗୁଡ଼ିକ ପାଖରେ ହଜାର ହଜାର ପ୍ରଫେସନାଲ୍ ଅଭିନେତା ଥାଆନ୍ତି । ଗ୍ରାହକମାନେ ନିଜର ଆବଶ୍ୟକତା, ବୟସ ଏବଂ ପସନ୍ଦ ଅନୁସାରେ ଏଜେନ୍ସି ମାଧ୍ୟମରେ ଅଭିନେତା ଚୟନ କରିପାରନ୍ତି । ସାକ୍ଷାତକାର ପୂର୍ବରୁ ଏଜେନ୍ସି ପକ୍ଷରୁ ଅଭିନେତାଙ୍କୁ ସମ୍ପୂର୍ଣ୍ଣ କାହାଣୀ, ଗ୍ରାହକଙ୍କ ସହ ସମ୍ପର୍କ ଏବଂ ବ୍ୟବହାର ବିଷୟରେ ଭଲ ଭାବେ ବୁଝାଇ ଦିଆଯାଏ । ୧୯୯୦ ଦଶକରୁ ଜାପାନରେ ଚାଲିଆସୁଥିବା ଏହି ସେବାର ମୂଲ୍ୟ ଘଣ୍ଟା ପ୍ରତି ୩,୦୦୦ ଟଙ୍କାରୁ ଆରମ୍ଭ କରି ୧୨,୦୦୦ ଟଙ୍କା ପର୍ଯ୍ୟନ୍ତ ରହିଥାଏ । ଏହି ଅଭିନେତାମାନେ ଏଭଳି ଅଭିନୟ କରନ୍ତି, ଯେମିତି କେହି ଜାଣିପାରିବେ ନାହିଁ ଯେ ସେମାନେ ପରିବାରର ସଦସ୍ୟ ନୁହନ୍ତି । ଏହା ବ୍ୟତୀତ ସେମାନଙ୍କ ଖାଇବା ଏବଂ ବୁଲିବା ଖର୍ଚ୍ଚ ମଧ୍ୟ ଗ୍ରାହକଙ୍କୁ ବହନ କରିବାକୁ ହୁଏ । ଏହି ବ୍ୟବସାୟ ଜାପାନରେ ଖୁବ୍ ସଫଳ ହେଉଥିଲେ ମଧ୍ୟ ଏହାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ମାନସିକ ରୋଗ ବିଶେଷଜ୍ଞଙ୍କ ମତରେ, ଏଭଳି ମିଛିମିଛିକା ସମ୍ପର୍କ ଲୋକଙ୍କୁ କିଛି ସମୟ ପାଇଁ ଆଶ୍ୱାସନା ଦେଇଥାଏ ସତ କିନ୍ତୁ ଦୀର୍ଘ ଅବଧିରେ ଏହା ମଣିଷକୁ ଆହୁରି ଏକାକୀ କରିଦିଏ ।

## ସୁଶ୍ରୀ

# ତ୍ୱଚା ପାଇଁ କୋକୋନଟ୍ ମିଷ୍ଟ



**ଶୁଷ୍କ ଏବଂ ରୁକ୍ଷ ତ୍ୱଚାକୁ ନେଇ ଅଧିକାଂଶ ମହିଳା ଚିନ୍ତିତ ଥାନ୍ତି । ଏଥିପାଇଁ ଅନେକ ମହିଳା ଦାମୀ ପ୍ରସାଧନ ସାମଗ୍ରୀ ଲଗାଇଥାନ୍ତି । ହେଲେ ପ୍ରାକୃତିକ ଉପାୟରେ ଏହାର ସମାଧାନ କରିବାକୁ ଚାହୁଁଥିଲେ ଏଥିପାଇଁ ଘରେ କୋକୋନଟ୍ ମିଷ୍ଟ ପ୍ରସ୍ତୁତ କରି ଲଗାଇପାରିବେ । ଏହା ତ୍ୱଚାକୁ ପୋଷଣ ଦେବା ସହ ଚମକ ଆଣିଥାଏ ।**

- ଏକ ପାତ୍ରରେ ନଡ଼ିଆ ପାଣି ନେଇ ଏଥିରେ ଗୋଲାପଜଳ ଏବଂ ଆଲୋଭେରା ଜେଲ ପକାଇ ଭଲରେ ଗୋଳାନ୍ତୁ ।
- ମିଶ୍ରଣ ହୋଇଯିବା ପରେ ଏଥିରେ ଭିଟାମିନ୍ ଇ- ଅଏଲ୍ ଏବଂ ଟି -ଟ୍ରି ଅଏଲ୍ ମିଶାନ୍ତୁ ।
- ଏହି ମିଶ୍ରଣକୁ ଛାଣି ଏକ ବୋତଲରେ ଷ୍ଟୋର କରନ୍ତୁ ।
- ଚାହିଁଲେ ଏହାକୁ ଏକ ବାୟୁରୋଧୀ ବୋତଲରେ ଭର୍ତ୍ତି କରିପାରିବେ ।
- ଏହାପରେ ଏହାକୁ କିଛି ସମୟ ଫ୍ରିଜ୍‌ରେ ଥଣ୍ଡା ହେବା ପାଇଁ ଛାଡ଼ି ଦିଅନ୍ତୁ ।
- ଏହାପରେ ଆବଶ୍ୟକ ଅନୁସାରେ ଏହାକୁ ତ୍ୱଚାରେ ସ୍ପ୍ରେ କରିପାରିବେ ।

## ରୋଷେଇଘର

# ଜହ୍ନି ଆଳୁ ତାଟିଆ ବସା



**ଆବଶ୍ୟକ ସାମଗ୍ରୀ**

ଜହ୍ନି – ୨୫୦ ଗ୍ରାମ୍, ଆଳୁ- ଦୁଇଟି, କଟା ପିଆଜ – ଅଧା କପ୍, କଟା ଟମାଟୋ – ଏକ କପ୍, ଧଳା ସୋରିଷ – ଏକ ଚାମଚ, କଳା ସୋରିଷ– ଏକ ଚାମଚ, କଞ୍ଚା ଲଙ୍କା – ଦୁଇଟି, ରସୁଣ ଛେଚା – ଅଧା ଚାମଚ, ହଳଦୀଗୁଣ୍ଡ – ଅଧା ଚାମଚ, ଲଙ୍କା ଗୁଣ୍ଡ – ଅଧା ଚାମଚ, ଗରମ ମସଲା ଗୁଣ୍ଡ – ଅଧା ଚାମଚ,ଚିନାବାଦାମ – ଅଧା କପ୍, ଲୁଣ –ସ୍ୱାଦ ଅନୁସାରେ ତେଲ – ଆବଶ୍ୟକତା ଅନୁସାରେ ।

**ପ୍ରସ୍ତୁତି ପ୍ରଣାଳି**

ଜହ୍ନିରୁ ଶିରାଗୁଡ଼ିକୁ କାଢ଼ି ଛୋଟ ଖଣ୍ଡରେ କାଟି ଧୋଇ ରଖନ୍ତୁ । ଏହାପରେ ଆଳୁକୁ କାଟି ଧୁଅନ୍ତୁ । ଗ୍ରାଇଣ୍ଡିଂ ଜାର୍‌ରେ କଳା ଧଳା ସୋରିଷ ସହ ଚିନାବାଦାମ ଦେଇ ଗ୍ରାଇଣ୍ଡ କରନ୍ତୁ । ଏହାପରେ ଏକ ପାତ୍ର ନେଇ ସେଥିରେ ଜହ୍ନି ଆଳୁ ଦେଇ ସୋରିଷ ବଟା ଲଙ୍କାଗୁଣ୍ଡ, ଲୁଣ, ପିଆଜ, ଟମାଟୋ ତେଲ ଦେଇ ଭଲରେ ଗୋଳାନ୍ତୁ । ଗ୍ୟାସ୍ ଲଗାଇ କଡ଼ାଇ ବସାଇ ଗୋଳାଇ ରଖିଥିବା ଏହି ଜହ୍ନିକୁ ଦେଇ ଉପରେ ସାମାନ୍ୟ ରସୁଣ ଛେଚା ପକାଇ ଘୋଡ଼ାଇ ଦିଅନ୍ତୁ । ଏହାପରେ ଢାଙ୍କୁଣି ଖୋଲି ଏପାଖ ସେପାଖ କରନ୍ତୁ । ଜହ୍ନିରୁ ପାଣି ବାହାରି ଫୁଟିଗଲା ପରେ ଗ୍ୟାସ୍‌କୁ ବନ୍ଦ କରି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ଜହ୍ନି ଆଳୁ ତାଟିଆ ବସା' ।

# ଉତ୍ତର-ପୂର୍ବର ପାରମ୍ପରିକ ପରିଧାନ

ପାରମ୍ପରିକ ପରିଧାନ କହିଲେ ଶାଢ଼ି, ଲେହେଙ୍ଗା, ସାଲ୍‌ୱାର୍ କମିଜ୍ କଥା ସମସ୍ତେ ଭାବନ୍ତି । ହେଲେ ଉତ୍ତର-ପୂର୍ବ ଭାରତରେ ଏନେଇ ଭିନ୍ନତା ଦେଖିବାକୁ ମିଳିଥାଏ । ଏଠାର ପାରମ୍ପରିକ ପରିଧାନରେ ଏହାର ସମୃଦ୍ଧ ସଂସ୍କୃତି, ଜନଜାତି ଏବଂ ଅପୂର୍ବ ବୟନକଳା ପ୍ରଦର୍ଶିତ ହୋଇଥାଏ । ଆସାମରୁ ଅରୁଣାଚଳ ପ୍ରଦେଶରେ ପ୍ରଚଳିତ କିଛି ପାରମ୍ପରିକ ପରିଧାନକୁ ନେଇ ଏହି ଉପସ୍ଥାପନା ।



**ଆପଟାନି**

ଅରୁଣାଚଳ ପ୍ରଦେଶର ଜିରୋ ଘାଟିରେ ଥିବା ଆପଟାନି ଜନଜାତିଙ୍କ ପାରମ୍ପରିକ ପରିଧାନ ଭାବେ ଏହା ପରିଚିତ । ଏହି ପାରମ୍ପରିକ ପୋଷାକରେ ସିଧା ଗାର ଏବଂ ଜ୍ୟାମିତିକ ଆକୃତି ଦେଖିବାକୁ ମିଳିଥାଏ । ନାଲି, ନେଳି, ହଳଦିଆ, କଳା, ଧଳା ଭଳି ରଙ୍ଗ ବ୍ୟବହାର କରାଯାଏ । ଆପଟାନି ବୁଣାକାର୍ଯ୍ୟ କେବଳ ଗୋଟିଏ ପ୍ରକାରର କପଡ଼ାରେ ସୀମିତ ନୁହେଁ, ଏହା ଡ୍ରେସ୍, ବ୍ୟାଗ୍ ଏବଂ ଓଢ଼ଣୀରେ ଦେଖିବାକୁ ମିଳିଥାଏ । ଏଥିପାଇଁ ଏହି ଡିଜାଇନ୍‌କୁ ବର୍ତ୍ତମାନ ଫେଶନରେ ଆପଣାଯାଇପାରିବ ।



**ମେଖଳା ଚାଦର**

ଆସାମର ପାରମ୍ପରିକ ପରିଧାନ ଭାବେ ଏହା ବେଶ୍ ପରିଚିତ । ବିଶେଷ କରି ଆସାମ ମହିଳାମାନେ ଏହାକୁ ପରିଧାନ କରିଥାନ୍ତି । ଏହା ଶାଢ଼ି ଭଳି ଦୃଶ୍ୟମାନ ହେଲେ ମଧ୍ୟ ଏହା ଶାଢ଼ିଠୁ ସମ୍ପୂର୍ଣ୍ଣ ଭିନ୍ନ । ଏଥିରେ ମୁଖ୍ୟତଃ ଦୁଇଟି ଅଂଶ ଥାଏ । ଅଣ୍ଟାରୁ ତଳକୁ ପିନ୍ଧା ଯାଉଥିବା ଅଂଶକୁ ମେଖଳା କୁହାଯାଉଥିବାବେଳେ ଶରୀରର ଉପର ଅଂଶରେ ପିନ୍ଧାଯାଉଥିବା ଅଂଶକୁ ଚାଦର କୁହାଯାଏ । ଏହା ଆସାମର ପ୍ରସିଦ୍ଧ ମୁଗା, ଏରି ଏବଂ ପାଟ୍ ସିଲ୍‌କରେ ପ୍ରସ୍ତୁତ କରାଯାଏ । ଏଥିରେ ଆସାମର ପ୍ରକୃତି, ଜୀବଜନ୍ତୁ ଏବଂ ପାରମ୍ପରିକ ଜାପି ସହ ଫୁଲ ଚିତ୍ର ବୁଣାଯାଇଥାଏ ।



**ଜୈନସେମ୍**

ମେଘାଳୟ ଖାସି ଜନଜାତି ମହିଳାଙ୍କ ପାରମ୍ପରିକ ପୋଷାକ ଭାବେ ଏହା ଜଣାଯାଏ । ଏହା ସେମାନଙ୍କ ସାଂସ୍କୃତିକ ପରିଚୟ, ଗୌରବ ଏବଂ ମର୍ଯ୍ୟାଦାର ପ୍ରତୀକ । ବିନା ସିଲେଇରେ ନିର୍ମିତ ଏହା ଦୁଇଟି ପୃଥକ୍ କପଡ଼ାର ସମାହାର । ଏହାକୁ ଶରୀର ଦୁଇପାର୍ଶ୍ୱରୁ ଗଣ୍ଠି ପକାଇ ପିନ୍ଧାଯାଏ । ଏହା କାନ୍ଧରୁ ଆଣ୍ଠୁ ଯାଏ ଢିଲା ହୋଇ ରହିଥାଏ । ଏଥିସହ ଆରାମଦାୟକ ମଧ୍ୟ ଲାଗିଥାଏ । ଏହାକୁ ମେଘାଳୟର ପାରମ୍ପରିକ ମୁଗା, ଏରି, ପ୍ରାକୃତିକ ସୂତାରେ ବୁଣାଯାଏ । ଏହା ଦେଖିବାକୁ ସୁନ୍ଦର ବର୍ଡର ଡିଜାଇନ୍ ପାଇଁ ଆକର୍ଷଣୀୟ ଦିଶିଥାଏ ।





**ରିଗନାଇ, ରିସା**

ତ୍ରିପୁରା ଜନଜାତି ମହିଳାଙ୍କ ପାରମ୍ପରିକ ପରିଧାନ ଭାବେ ରିଗନାଇ ଏବଂ ରିସାର ସ୍ୱତନ୍ତ୍ର ସ୍ଥାନ ରହିଛି । ଏହା ସଂସ୍କୃତି , କଳା ଏବଂ ପରିଚୟର ଗୁରୁତ୍ୱପୂର୍ଣ୍ଣ ଅଂଶ । ଏହା ତିନୋଟି ଭାଗକୁ ନେଇ ନିର୍ମିତ । ରିଗନାଇ ହାତବୁଣା ସ୍କର୍ଟ୍ ଏବଂ ଲୁଙ୍ଗି ଭଳି ହୋଇଥାଏ । ଏହାକୁ ଅଣ୍ଟାରେ ଗୁଡ଼ାଇ ପିନ୍ଧାଯାଏ । ସେହିପରି ରିସା ଶରୀରର ଉପର ଭାଗରେ ପିନ୍ଧା ଯାଉଥିବା ଏକ ଛୋଟ ହାତବୁଣା କପଡ଼ା । ତ୍ରିପୁରା ପରମ୍ପରାରେ ରିସାର ଏକ ଗୁରୁତ୍ୱରୂର୍ଣ୍ଣ ସ୍ଥାନ ରହିଛି । ପାରମ୍ପରିକ ରିସାକୁ ଭୌଗୋଳିକ ମାନ୍ୟତା ମଧ୍ୟ ମିଳିଛି । ଅବଶ୍ୟ ସମ୍ପ୍ରଦାୟ ଅନୁସାରେ ଏହାର ରଙ୍ଗ ଏବଂ ଡିଜାଇନ୍ ଭିନ୍ନ ଥାଏ ।

**ଡକମାଣ୍ଡା**

ମେଘାଳୟ ଗାରୋ ଜନଜାତି ମହିଳାଙ୍କର ପାରମ୍ପରିକ ପୋଷାକ ଭାବେ ଡକମାଣ୍ଡା ପରିଚିତ । ଏହାକୁ ହାତରେ ବୁଣି ପ୍ରସ୍ତୁତ କରାଯାଏ । ଏହାକୁ ଶାଢ଼ି ଭଳି ଅଣ୍ଟାରେ ଗୁଡ଼ାଇ ପିନ୍ଧାଯାଏ । ଏହା ଏକ ପ୍ରକାର ରାପଆରାଉଣ୍ଡ ସ୍କର୍ଟ୍ । ଏହାକୁ କଣ୍ଟ୍ରାଷ୍ଟ ବ୍ଲାଉଜ୍ ଏବଂ ସ୍କର୍ଟ୍ ସହ ପିନ୍ଧାଯାଏ । ଏହାର ଚଉଡ଼ା ଧଡ଼ି ଏବଂ ଡିଜାଇନ ଏହାକୁ ସ୍ୱତନ୍ତ୍ର ଆକର୍ଷଣୀୟ କରିଥାଏ । ଏଥିରେ ବ୍ୟବହୃତ ରଙ୍ଗ ଚମକଯୁକ୍ତ ହୋଇଥାଏ । ଏହାର ଡିଜାଇନ ଗାରୋ ଜନଜାତି ପରମ୍ପରା ଏବଂ ସାଂସ୍କୃତିକ ପରିଚୟ ସହ ମଧ୍ୟ ଜଡ଼ିତ । ଏହାକୁ ୨୦୨୩ ମସିହାରେ ଭୌଗୋଳିକ ମାନ୍ୟତା ମଧ୍ୟ ମିଳିଛି ।

**ଆଇଚି-ନାଗୋୟା ଏସିଆନ ଗେମ୍ସ**

# ତୀରନ୍ଦାଜୀରେ କ୍ଲିନ୍‌ସୁଇପ୍, ନୀରୁଙ୍କୁ ଦ୍ୱିତୀୟ ସ୍ୱର୍ଣ୍ଣ

ଟୋକି. ୩୦।୯ (ଏଜେନ୍ସି):

ଜାପାନର ଆଇଚି-ନାଗୋୟାଠାରେ ଚାଲିଥିବା ଏସିଆନ ଗେମ୍ସର ୨୦ତମ ସଂସ୍କରଣର ଦ୍ୱାଦଶ ଦିବସ ଖେଳ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଭାରତୀୟ କ୍ରୀଡ଼ାବିତ୍‌ମାନେ ଦ୍ୱାଦଶ ଦିବସରେ ମୋଟ୍ ୭ଟି ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଯେଉଁଥିରେ ୪ଟି ସ୍ୱର୍ଣ୍ଣ ଓ ୩ଟି କାଂସ୍ୟ ପଦକ ରହିଛି। ବିଶେଷ କରି ଭାରତୀୟ ତୀରନ୍ଦାଜଙ୍କ ଲାଗି ବୁଧବାର ସ୍ମରଣୀୟ ରହିଥିଲା। କମ୍ପାଉଣ୍ଡର ତିନୋଟିଯାକ ଦଳଗତ ଇଭେଣ୍ଟରେ ଭାରତ ସ୍ୱର୍ଣ୍ଣପଦକ କ୍ଲିନସୁଇପ୍ କରିନେଇଥିଲା। ଭାରତର ପୁରୁଷ, ମହିଳା ଓ ମିକ୍ସଡ କମ୍ପାଉଣ୍ଡ ଟିମ୍ ଉଲ୍ଲେଖନୀୟ ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ହାତେଇ ନେଇଥିଲେ। ଏଥିସହ ଏହି ତିନୋଟି ଦଳ ୨୦୨୮ ଅଲିମ୍ପିକ୍ସକୁ ମଧ୍ୟ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛନ୍ତି। ଦିବସର ଚତୁର୍ଥ ସ୍ୱର୍ଣ୍ଣ ପଦକ ସୁଟିଂରୁ ଆସିଥିଲା। ନୀରୁ ଧଣ୍ଡା ଓ କ୍ୟାନନ ଚେନାଇଙ୍କୁ ନେଇ ଗଠିତ ଭାରତୀୟ ମିକ୍ସଡ ଟ୍ରାପ୍ ଟିମ୍ ୩୪ଟି ସଫଳ ଲକ୍ଷ୍ୟ ସହ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି। ଗତକାଲି ମହିଳା ବ୍ୟକ୍ତିଗତ ଟ୍ରାପ୍ ଇଭେଣ୍ଟରେ ପୋଡିୟମ ଶୀର୍ଷରେ ରହିଥିବା ନୀରୁ ଏଥିସହ ଡବଲ୍ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ବକ୍ସିଂରେ ପ୍ରିୟା ଘଙ୍ଗାସ ଓ କପିଳ ପୋଖରିୟା ଏବଂ ରେସଲିଂରେ ସୁନିଲ କୁମାର କାଂସ୍ୟ ପଦକ ଜିତିଛନ୍ତି। ଫଳରେ ଭାରତର ମୋଟ୍ ପଦକ ସଂଖ୍ୟା ୬୦ ଛୁଇଁଛି। ତାରକା ମହିଳା ବକ୍ସର ଲଭଲିନା ବୋରଗୋହେଁ ଓ ମହିଳା ହକି ଦଳ ଫାଇନାଲରେ ପ୍ରବେଶ କରି ଅତିକମରେ ରୌପ୍ୟ ପଦକ ସୁନିଶ୍ଚିତ କରିଛନ୍ତି। ପୁରୁଷ ଓ ମହିଳା ଦଳଗତ ସ୍କ୍ୱାଶରେ ମଧ୍ୟ ଭାରତର ଉଭୟ ଦଳ ସେମିଫାଇନାଲରେ ପହଞ୍ଚି ପଦକ ପକ୍କା କରିଛନ୍ତି। ସୁମିତ ନାଗାଲ ପୁରୁଷ ସିଙ୍ଗଲ୍ସ ଟେନିସର କ୍ୱାର୍ଟର ଫାଇନାଲରେ ପ୍ରବେଶ କରି ପଦକ ଦୌଡ଼ରେ ରହିଛନ୍ତି।

## ସାହିଲ, ଚିକିତାଙ୍କୁ ଡବଲ୍ ସ୍ୱର୍ଣ୍ଣ



ଏସିଆନ ଗେମ୍ସର ଦ୍ୱାଦଶ ଦିବସ ଖେଳ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଯେଉଁଥିରେ ଭାରତୀୟ ତୀରନ୍ଦାଜମାନେ ହ୍ୟାଟ୍ରିକ ସ୍ୱର୍ଣ୍ଣ ପଦକ ଜିତି ଦେଶ ପାଇଁ ଐତିହାସିକ ସଫଳତା ଆଣିଛନ୍ତି। କମ୍ପାଉଣ୍ଡ ବିଭାଗରେ ପୁରୁଷ ଓ ମହିଳା ଦଳ ସମେତ ମିକ୍ସଡ ଟିମ୍ ସ୍ୱର୍ଣ୍ଣ ପଦକ ଜିତି ୨୦୨୮ ଅଲିମ୍ପିକ୍ସକୁ ଟିକଟ୍ ହାସଲ କରିଛନ୍ତି। ଜ୍ୟୋତି ସୁରେଖା ଭେନ୍ନମ, ତନିପତ୍ରୀ ଚିକିତା ଓ ପ୍ରିତୀକା ପ୍ରଦୀପଙ୍କୁ ନେଇ ଗଠିତ ଭାରତୀୟ ମହିଳା କମ୍ପାଉଣ୍ଡ ଦଳ କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲରେ ୨୩୮-୨୩୪ ସ୍କୋରରେ ଚାଇନାକୁ ପରାସ୍ତ କରି ଦିବସରେ ପ୍ରଥମ ସ୍ୱର୍ଣ୍ଣପଦକ ଜିତିଥିଲା। ଏଥିପୂର୍ବରୁ ମହିଳା ଦଳ ସେମିଫାଇନାଲରେ ଦକ୍ଷିଣ କୋରିଆକୁ ହରାଇ ଫାଇନାଲକୁ ପ୍ରବେଶ କରିଥିଲା। ଏହାପରେ କମ୍ପାଉଣ୍ଡ ମିକ୍ସଡ ଟିମ୍ ଫାଇନାଲରେ ଚିକିତା ଓ ସାହିଲ ରାଜେଶ ଯାଦବ ଯୋଡ଼ି ମାତ୍ର ୧୫୮-୧୫୭ ସ୍କୋରରେ କୋରିଆକୁ ହରାଇ ସ୍ୱର୍ଣ୍ଣ ପଦକ ବାଜିମାତ୍ କରିନେଇଥିଲେ। ତୀରନ୍ଦାଜୀରେ ଅନ୍ତିମ ତଥା ତୃତୀୟ ସ୍ୱର୍ଣ୍ଣ ପଦକ ପୁରୁଷ କମ୍ପାଉଣ୍ଡ ଦଳକୁ ମିଳିଥିଲା। ସାହିଲ, କୁଶାଳ ଦଲାଲ ଓ ଗଣେଶ ମଣିରତ୍ନମ ତିରୁମୁରୁଙ୍କୁ ନେଇ ଗଠିତ ଭାରତୀୟ ପୁରୁଷ ଦଳ ରୋମାଞ୍ଚକର ଫାଇନାଲରେ ୨୩୮-୨୩୭ ସ୍କୋରରେ ଚାଇନାକୁ ହରାଇଥିଲା। ତିନିବର୍ଷ ତଳେ ହାଙ୍ଗଝୋଉ ଏସିଆନ ଗେମ୍ସର କମ୍ପାଉଣ୍ଡରେ ଭାରତ ସମସ୍ତ ୫ଟି ଯାକ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲା।





## ଟ୍ରାପ୍ ମିକ୍ସଡ ଟିମ୍ ସୁଟିଂରେ ନୀରୁ-ଚେନାଇଙ୍କୁ ସ୍ୱର୍ଣ୍ଣ

ଦ୍ୱାଦଶ ଦିବସରେ ଭାରତକୁ ଚତୁର୍ଥ ସ୍ୱର୍ଣ୍ଣ ପଦକ ସୁଟିଂରୁ ମିଳିଥିଲା। ଟ୍ରାପ୍ ମିକ୍ସଡ ଟିମ୍ ଇଭେଣ୍ଟରେ ନୀରୁ ଧଣ୍ଡା ଓ କ୍ୟାନନ ଚେନାଇ ଭାରତ ପାଇଁ ଏହି ସ୍ୱର୍ଣ୍ଣିମ ସଫଳତା ଆଣିଥିଲେ। ଏହି ଭାରତୀୟ ଯୋଡ଼ି ରେକର୍ଡ ୩୪ ସ୍କୋର ସହ ପୋଡିୟମର ଶୀର୍ଷରେ ରହିଥିଲେ। କାତାରର ମହମ୍ମଦ ରୁମାଇ ଓ ରେ ବାସିଲ ଯୋଡ଼ି ୩୨ ସ୍କୋର ସହ ରୌପ୍ୟ ପଦକ ହାସଲ କରିଥିଲେ। ୨୬ ବର୍ଷୀୟା ନୀରୁଙ୍କ ଏହା ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ବିଜୟ। ଏଥିପୂର୍ବରୁ ନୀରୁ ଗତକାଲି ମହିଳା ଟ୍ରାପ୍ ସୁଟିଂର ଇଣ୍ଡିଭିଜୁଆଲ କାଟାଗୋରୀରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

## ମହିଳା ହକି: ସ୍ୱର୍ଣ୍ଣ ପାଇଁ ଚାଇନା ସହ ଲଢ଼ିବ ଭାରତ

ଚଳିତ ଏସିଆନ ଗେମ୍ସର ମହିଳା ହକିରେ ଭାରତ ଫାଇନାଲରେ ପ୍ରବେଶ କରିଛି। ବୁଧବାର ଅନୁଷ୍ଠିତ ସେମିଫାଇନାଲ ମୁକାବିଲାରେ ଭାରତୀୟ ମହିଳା ଦଳ ୨-୦ ଗୋଲରେ ଦକ୍ଷିଣ କୋରିଆକୁ ପରାସ୍ତ କରିଥିଲା। ଇଶିକା ଓ ଅଧିନାୟିକା ସାଲିମା ଟେଟେ ଦଳ ପାଇଁ ଗୋଲ୍‌ସ୍କୋର କରିଥିଲେ। ଅକ୍ଟୋବର ୨ରେ ଚାଇନା ସହ ଭାରତ ଫାଇନାଲ ମ୍ୟାଚ୍ ଖେଳିବ। ଅନ୍ୟ ଏକ ସେମିଫାଇନାଲରେ ଚାଇନା ପେନାଲ୍ଟି ସୁଟ୍‌ଆଉଟ୍‌ରେ ୪-୨ ଗୋଲରେ ଆୟୋଜକ ଜାପାନକୁ ପରାସ୍ତ କରିଥିଲା। ୧୯୮୨ ମସିହାରୁ ଭାରତୀୟ ମହିଳା ଦଳ ଏସିଆଡ୍‌ରେ ସ୍ୱର୍ଣ୍ଣ ପଦକ ଜିତିନାହିଁ। ତେଣୁ ଏଠାରେ ଚାମ୍ପିଅନ ହୋଇ ସାଲିମା ଟେଟେଙ୍କ ସହ ୨୦୨୮ ଅଲିମ୍ପିକ୍ସକୁ ମଧ୍ୟ ସିଧାସଳଖ ଯୋଗ୍ୟତା ଅର୍ଜନ ଲକ୍ଷ୍ୟରେ ରହିଛି। ଅପରପକ୍ଷରେ ଭାରତୀୟ ପୁରୁଷ ଦଳ ଗୁରୁବାର ପାକିସ୍ତାନ ସହ ସେମିଫାଇନାଲ ଖେଳିବାର କାର୍ଯ୍ୟସୂଚୀ ରହିଛି।

## ଫାଇନାଲରେ ଲଭ୍‌ଲିନା; ପ୍ରିୟା, କପିଳଙ୍କୁ କାଂସ୍ୟ

ଭାରତୀୟ ବକ୍ସରଙ୍କ ପାଇଁ ମଧ୍ୟ ବୁଧବାର ସ୍ମରଣୀୟ ରହିଥିଲା। ତାରକା ମହିଳା ବକ୍ସର ଲଭ୍‌ଲିନା ବୋରଗୋହେଁ ୭୫ କିଗ୍ରା ବିଭାଗରେ ଫାଇନାଲରେ ପ୍ରବେଶ କରିଛନ୍ତି। ସେମିଫାଇନାଲରେ ଲଭ୍‌ଲିନା ୩-୨ରେ କାଜାଖସ୍ତାନର ନାଟାଲ୍ୟା ବୋଗଦାନୋଭାଙ୍କୁ ହରାଇ ପଦକ ପକ୍କା କରିଛନ୍ତି। ଫାଇନାଲରେ ଲଭଲିନାଙ୍କ ମୁକାବିଲା ଚାଇନାର ଜିୟି ବାଓ'ଙ୍କ ସହ ହେବ। ସେହିଭଳି ଅନ୍ୟ ଦୁଇ ଭାରତୀୟ ବକ୍ସର ପ୍ରିୟା ଘଙ୍ଗାସ ଓ କପିଳ ପୋଖରିୟା ସେମିଫାଇନାଲରେ ହାରିଯାଇ କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଛନ୍ତି। ମହିଳା ୬୦ କିଗ୍ରା ସେମିଫାଇନାଲରେ ପ୍ରିୟା ୧-୪ରେ ଚାଇନାର ୟାଙ୍ଗ ଚେଙ୍ଗୟୁଙ୍କ ନିକଟରୁ ହାରିଯାଇଥିଲେ। ସେହିଭଳି ପୁରୁଷ ୯୦ କିଗ୍ରାରେ କପିଳ ୧-୪ରେ ଉଜବେକିସ୍ତାନ ବକ୍ସରଙ୍କଠାରୁ ହାରି କାଂସ୍ୟ ପଦକ ଅର୍ଜନ କରିଛନ୍ତି।

## ରେସ୍‌ଲର୍ ସୁନିଲ କୁମାରଙ୍କ କୀର୍ତ୍ତିମାନ



ରେସଲର ସୁନିଲ କୁମାର ପ୍ରଥମ ଭାରତୀୟ ଭାବେ ଏସିଆନ ଗେମ୍ସର ଗ୍ରୀକୋ-ରୋମାନ କୁସ୍ତିରେ ଦୁଇଟି ପଦକ ଜିତିବାର କୀର୍ତ୍ତିମାନ କରିଛନ୍ତି। ବୁଧବାର ଅନୁଷ୍ଠିତ ପୁରୁଷ ୮୭ କିଗ୍ରା ଗ୍ରୀକୋ-ରୋମାନ୍ କୁସ୍ତି ଇଭେଣ୍ଟର କାଂସ୍ୟ ପଦକ ମ୍ୟାଚ୍‌ରେ ସୁନିଲ ୯-୦ରେ ଫିଲିପାଇନ୍ସର ଜନ୍‌ଷ୍ଟନ୍ ରବର୍ଟସ୍‌ଙ୍କୁ ପରାସ୍ତ କରିଥିଲେ। ଫଳରେ ସୁନିଲ ଏସିଆନ ଗେମ୍ସରେ କ୍ରମାଗତ ଦ୍ୱିତୀୟ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଏଥିପୂର୍ବରୁ ସେ ୨୦୨୩ ହାଙ୍ଗଝୋଉ ଏସିଆନ ଗେମ୍ସରେ ମଧ୍ୟ ସମାନ ବର୍ଗରେ କାଂସ୍ୟ ପଦକ ଜିତିଥିଲେ।

# ଓଡ଼ିଶା ଟି-୨୦ ଲିଗ୍: ସମ୍ବଲପୁରକୁ ହରାଇ କେନ୍ଦୁଝର ଚାମ୍ପିଅନ

ଭୁବନେଶ୍ୱର, ୩୦।୯ (ସମିସ): 'ଭାରତ ମସଲା ଓଡ଼ିଶା ଟି-୨୦ ଲିଗ୍'ର ଦ୍ୱିତୀୟ ସଂସ୍କରଣରେ କେନ୍ଦୁଝର ମାଇନର୍ସ ଚାମ୍ପିଅନ ହୋଇଛି। ବୁଧବାର ରାତିରେ ଆଇକନିକ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଗ୍ରାଣ୍ଡ ଫାଇନାଲ ମ୍ୟାଚରେ ଶୁଭ୍ରାଂଶୁ ସେନାପତିଙ୍କ ନେତୃତ୍ୱାଧୀନ କେନ୍ଦୁଝର ୯ ୱିକେଟରେ ସମ୍ବଲପୁର ୱାରିୟର୍ସକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ସମ୍ବଲପୁର ୧୮.୩ ଓଭରରେ ମାତ୍ର ୧୦୨ ରନ କରି ଅଲ୍‌ଆଉଟ୍ ହୋଇଯାଇଛି। ଦଳ ପକ୍ଷରୁ ଓପନର୍ ଶାନ୍ତନୁ ମିଶ୍ର ୪୦ ଓ ସୟଦ ଅହମ୍ମଦ ତୁଫେଲ ୧୮ ବଲରେ ୨୬ ରନ କରିଥିଲେ। ବୋଲିଂରେ କେନ୍ଦୁଝର ପକ୍ଷରୁ ଦେବବ୍ରତ ପ୍ରଧାନ (୪-୧-୨୧-୩) ସବୁଠୁ ପ୍ରଭାବୀ ବୋଲିଂ କରିଥିଲେ। ଜାମଳା ମହାପାତ୍ର (୨/୧୩), ଭଗୀଶ ଶର୍ମା (୨/୧୭) ଓ ଶୁଭମ ବିସ୍ତ (୨/୨୨) ଦୁଇଟି ଲେଖାଏ ୱିକେଟ ନେଇଥିଲେ। ଜବାବରେ କେନ୍ଦୁଝର ଓପନର ମୟଙ୍କ ପଟ୍ଟନାୟକ (୩୪ ବଲରେ ୭୨ ରନ)ଙ୍କ ଅପରାଜିତ ଦ୍ରୁତ ଅର୍ଦ୍ଧଶତକ ବଳରେ ମାତ୍ର ଗୋଟିଏ ୱିକେଟ ହରାଇ ୧୦.୪ ଓଭରରେ ଲକ୍ଷ୍ୟ ହାସଲ କରିନେଇଥିଲା। ଅଧିନାୟକ ସେନାପତି ୩୨ ରନରେ ଅପରାଜିତ ରହିଥିଲେ। ଓଡ଼ିଶା ଟି-୨୦ ଲିଗ୍‌ର ଦ୍ୱିତୀୟ ସଂସ୍କରଣରେ ଚାମ୍ପିଅନ କେନ୍ଦୁଝର ଦଳକୁ ୫୦ ଲକ୍ଷ ଓ ରନର୍ସଅପ୍ ସମ୍ବଲପୁରକୁ ୨୫ ଲକ୍ଷ ଟଙ୍କା ପୁରସ୍କାର ରାଶି ଦିଆଯାଇଥିଲା।

ପୁରସ୍କାର ବିତରଣ ଉତ୍ସବରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଭାରତ ମସଲା ଏମ୍‌ଡି ସୁଶାନ୍ତ କୁମାର ପଣ୍ଡା, ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଦେବବ୍ରତ ପ୍ରଧାନ ଫାଇନାଲ ଓ ଭଗିସ ଶର୍ମା ଲିଗ୍‌ର ଶ୍ରେଷ୍ଠ ଖେଳାଳି ହୋଇଥିଲେ।



## ପ୍ରଜ୍ଞାନ ଅନ୍ତରୀଣ ଚୟନ କମିଟି ମୁଖ୍ୟ

ମୁମ୍ବଇ, ୩୦।୯ (ଏଜେନ୍ସି): ଭାରତୀୟ ସିନିଅର ଚୟନ କମିଟିରୁ ଅଜିତ୍ ଅଗରକର ଓହରି ଯାଇଛନ୍ତି। ୱେଷ୍ଟଇଣ୍ଡିଜ୍ ବିପକ୍ଷ ଚଳିତ ଦିନିକିଆ ସିରିଜ୍ ପାଇଁ ଦଳ ଚୟନ କରିବା ଥିଲା ମୁଖ୍ୟ ଚୟନକର୍ତ୍ତା ଭାବେ ଅଗରକରଙ୍କ ଶେଷ ଦାୟିତ୍ୱ। ରିପୋର୍ଟ ଅନୁଯାୟୀ, ବିସିସିଆଇ ପୂର୍ବତନ ବାମହାତୀ ସ୍ପିନର ତଥା ଓଡ଼ିଆ କ୍ରିକେଟର୍ ପ୍ରଜ୍ଞାନ ଓଝାଙ୍କୁ ବର୍ତ୍ତମାନର ଚାରିଜଣିଆ ଚୟନ କମିଟିର ଅନ୍ତରୀଣ ମୁଖ୍ୟ ଭାବେ ନିଯୁକ୍ତ କରିଛି। ୨୪ଟି ଟେଷ୍ଟ ମ୍ୟାଚ୍ ଖେଳିଥିବା ୪୦ ବର୍ଷୀୟ ଓଝାଙ୍କୁ ଏହି ପଦବୀରେ ସ୍ଥାୟୀ ଭାବେ ନିଯୁକ୍ତ କରାଯିବାର ମଧ୍ୟ ସମ୍ଭାବନା ରହିଛି। ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଦିନିକିଆ ପୂର୍ବରୁ ଗୌହାଟୀର ବର୍ଷାପରା ଷ୍ଟାଡିୟମରେ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଚୟନ କମିଟିର ଚାରିଜଣ ସଦସ୍ୟ-ଶିବସୁନ୍ଦର ଦାସ, ଅଜୟ ରାତ୍ରା, ଆର.ପି. ସିଂହ ଏବଂ ଓଝାଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରୁଥିବାର ଦେଖିବାକୁ ମିଳିଥିଲା। ତେବେ ଏହି ସମୟରେ ଅଗରକର ସେଠାରେ ଉପସ୍ଥିତ ନଥିଲେ। ରିପୋର୍ଟ ଅନୁଯାୟୀ, ଓଝାଙ୍କୁ ଚୟନ କମିଟିର ଅନ୍ତରୀଣ ମୁଖ୍ୟ ଭାବେ ଘୋଷଣା କରାଯାଇଛି। ସେ ପରବର୍ତ୍ତୀ ମୁଖ୍ୟ ଚୟନକର୍ତ୍ତା ହେବାର ଦୌଡ଼ରେ ରହିଛନ୍ତି।



## ଷଷ୍ଠଥର: ଗୋଟିଏ ଦିନିକିଆ ଇନିଂସରେ ୩ ଶତକ

ଗୌହାଟୀ, ୩୦।୯ (ଏଜେନ୍ସି): ଭାରତ ବିପକ୍ଷ ଦ୍ୱିତୀୟ ଦିନିକିଆ ମ୍ୟାଚରେ ୱେଷ୍ଟଇଣ୍ଡିଜ ପ୍ରଥମେ ବ୍ୟାଟିଂ କରି ୭ ୱିକେଟରେ ୪୦୫ ରନର ବିଶାଳ ସ୍କୋର କରିଛି। ଯାହାକି ଦିନିକିଆ କ୍ରିକେଟ୍‌ରେ ୱେଷ୍ଟଇଣ୍ଡିଜର ସର୍ବାଧିକ ଦଳଗତ ସ୍କୋର ହୋଇଛି। ସେହିଭଳି ଏହି ମ୍ୟାଚରେ ୩ଜଣ ଇଣ୍ଡିଜ ବ୍ୟାଟର ଶତକୀୟ ପାଳି ଖେଳିଥିଲେ। ସେମାନଙ୍କ ମଧ୍ୟରେ ଓପନର ଜନ୍ କ୍ୟାମ୍ପବେଲ୍ ୧୦୧, ଅଧିନାୟକ ସାଇ ହୋପ୍ ୧୦୪ ଓ ଆମିର ଜାଙ୍ଗୋ ୧୧୪ ରନ କରିଥିଲେ। ଫଳରେ ଦିନିକିଆ କ୍ରିକେଟ୍ ଇତିହାସରେ ଏହା ୬ଷ୍ଠ ଘଟଣା ହୋଇଛି ଯେତେବେଳେ ଗୋଟିଏ ପାଳିରେ ୩ଜଣ ବ୍ୟାଟର ଶତକ ହାସଲ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ସେହିଭଳି ଭାରତ ବିପକ୍ଷରେ ଗୋଟିଏ ଦିନିକିଆରେ ୩ଜଣ ବ୍ୟାଟର ଶତକ ହାସଲ କରିବାରେ ଏହା ଦ୍ୱିତୀୟ ଘଟଣା। ଏଥିପୂର୍ବରୁ ୨୦୧୫ରେ ୱାଙ୍ଖେଡେ ଷ୍ଟାଡିୟମରେ ଦକ୍ଷିଣ ଆଫ୍ରିକାର ୩ଜଣ ବ୍ୟାଟର ଘରୋଇ ଭାରତ ବିପକ୍ଷରେ ଶତକ ମାରିଥିଲେ। ବିଶ୍ୱର ଏକମାତ୍ର ଦଳ ଭାବେ ଦକ୍ଷିଣ ଆଫ୍ରିକା ୩ଥର ଏହି ରେକର୍ଡ କରିଛି।

### ଆକ୍ୱିବଙ୍କ ପଦାର୍ପଣ

ଜମ୍ମୁ-କାଶ୍ମୀରର ଦ୍ରୁତ ବୋଲର ଆକ୍ୱିବ ନବି ଅନ୍ତର୍ଜାତୀୟ କ୍ରିକେଟ୍ ପଦାର୍ପଣ କରିଛନ୍ତି। ବୁଧବାର ଗୌହାଟୀରେ ଅନୁଷ୍ଠିତ ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଦିନିକିଆ ଖେଳି ନବି ଭାରତ ପକ୍ଷରୁ କ୍ୟାରିୟର ଆରମ୍ଭ କରିଛନ୍ତି। ଫଳରେ ଭାରତ ପାଇଁ ଅନ୍ତର୍ଜାତୀୟ କ୍ରିକେଟ ଖେଳିବାରେ ନବି ଜମ୍ମୁ-କାଶ୍ମୀରର ତୃତୀୟ କ୍ରିକେଟର ହୋଇଛନ୍ତି। ତାଙ୍କ ପୂର୍ବରୁ ୨୦୧୪ରେ ପରଭେଜ ରସୁଲ ଓ ୨୦୨୨ରେ ଦ୍ରୁତ ବୋଲର ଉମରା ମଲିକ ଟିମ୍ ଇଣ୍ଡିଆରୁ ଖେଳିସାରିଛନ୍ତି।

# ଭାରତର ରେକର୍ଡ ରନ ଚେଜ୍ ସହ ସିରିଜ୍ କବ୍‌ଜା

## ଗିଲ୍‌ଙ୍କ ଦ୍ୱିଶତକ ଆଗରେ କ୍ୟାମ୍ପବେଲ୍, ହୋପ୍, ଜାଙ୍ଗୋଙ୍କ ଶତକ ଫିକା



ଗୌହାଟୀ, ୩୦।୯ (ଏଜେନ୍ସି):

ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ବିପକ୍ଷରେ ସ୍ଥାନୀୟ ବର୍ଷାପରା କ୍ରିକେଟ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ଦ୍ୱିତୀୟ ଦିନିକିଆ ମ୍ୟାଚରେ ଭାରତ ଇତିହାସ ରଚିଛି। ଦିନିକିଆ କ୍ରିକେଟ୍ ଇତିହାସରେ ଭାରତ ଏହାର ସର୍ବବୃହତ୍ ରନ ଚେଜ୍ କରିଛି। ୱେଷ୍ଟଇଣ୍ଡିଜ ପକ୍ଷରୁ ଧାର୍ଯ୍ୟ ୪୦୬ ରନର ବିଶାଳ ଲକ୍ଷ୍ୟକୁ ଟିମ୍ ଇଣ୍ଡିଆ ୩୯ଟି ବଲ୍ ବାକି ଥାଇ ମାତ୍ର ୨ ୱିକେଟ ହରାଇ ହାସଲ କରିନେଇଥିଲା। ଅଧିନାୟକ ଶୁବମନ ଗିଲ୍ (୧୩୩ ବଲରେ ଅପରାଜିତ ୨୨୩ ରନ) ବିଶ୍ୱରେକର୍ଡ ଦ୍ରୁତତମ ଦ୍ୱିଶତକୀୟ ପାଳି ଖେଳି ଦଳକୁ ଏହି ସ୍ମରଣୀୟ ବିଜୟ ଭେଟି ଦେଇଥିଲେ। ବିଜୟ ସହ ଭାରତ ତିନି ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜକୁ ୨-୦ରେ ଆଗୁଆ କବଜା କରିନେଇଛି। ଅନ୍ତିମ ତଥା ୩ୟ ଦିନିକିଆ ଶନିବାର ଚଣ୍ଡିଗଡ଼ରେ ଖେଳାଯିବ।

**ଓପନିଂରେ ୨୫୫ ରନ ଭାଗୀଦାରି**

ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୱେଷ୍ଟଇଣ୍ଡିଜ ଓପନର୍ ଜନ କ୍ୟାମ୍ପବେଲ୍ (୬୮ ବଲରେ ୧୦୧ ରନ), ଅଧିନାୟକ ସାଇ ହୋପ୍ (୯୪ ବଲରେ ୧୦୪ ରନ) ଓ ଆମିର ଜାଙ୍ଗୋ (୭୭ ବଲରେ ୧୧୪ ରନ)ଙ୍କ ବିସ୍ଫୋରକ ଶତକ ବଳରେ ୫୦ ଓଭରରେ ୭ ୱିକେଟ ହରାଇ ୪୦୫ ରନର ବିଶାଳ ସ୍କୋର ଠିଆ କରାଇଥିଲା। ଦିନିକିଆ କ୍ରିକେଟରେ ୱେଷ୍ଟଇଣ୍ଡିଜର ଏହା ମଧ୍ୟ ସର୍ବୋଚ୍ଚ ଦଳଗତ ସ୍କୋର ହୋଇଥିଲା। ଭାରତ ପକ୍ଷରୁ କୁଳଦୀପ ଯାଦବ, ରବୀନ୍ଦ୍ର ଜାଡେଜା ଓ ଗୁରନୁର ବ୍ରାର ୨ଟି ଲେଖାଏ ୱିକେଟ ନେଇଥିଲେ।

ବର୍ଷାପରାର ଏହି ଛୋଟିଆ ଗ୍ରାଉଣ୍ଡ ଓ ବ୍ୟାଟିଂ ପିଚରେ ଦୁଇ ଓପନର୍ ଗିଲ୍ ଓ ରୋହିତ୍ ଶର୍ମା ଓପନିଂ ୱିକେଟରେ ୧୫୮ ବଲରେ ୨୫୫ ରନର ଭାଗୀଦାରି ଗଢ଼ି ବିଜୟପଥ ପରିଷ୍କାର କରିଥିଲେ। ୭୫ ବଲରେ ୧୦ ଚୌକା ଓ ୬ ଛକା ବଳରେ ୧୦୧ ରନ କରିଥିବା ରୋହିତଙ୍କୁ ଆଉଟ୍ କରି ଜେଡେନ ସିଲ୍ସ ଏହି ଯୋଡ଼ି ଭାଙ୍ଗିଥିଲେ। ଏହାପରେ ଗିଲ୍ ଗୋଟିଏ ପାଶ୍ୱର୍ରେ ୨୨୩ ରନ (୧୩୩ ବଲ, ୨୬ ଚୌକା ଓ ୮ ଛକା)ର ଅପରାଜିତ ଦ୍ୱିଶତକୀୟ ପାଳି ଖେଳି ଭାରତକୁ ୪୩.୩ ଓଭରରେ ୮ ୱିକେଟ ବଳକା ଥାଇ ବିଜୟୀ କରାଇଥିଲେ। ବିରାଟ କୋହଲି ୨୯ ଓ ଋତୁରାଜ ଗାଏକୱାଡ ଅପରାଜିତ ୩୧ ରନ କରିଥିଲେ।

**ୱେଷ୍ଟଇଣ୍ଡିଜ:** ୪୦୫/୭, ୫୦ ଓଭର (କ୍ୟାମ୍ପବେଲ- ୧୦୧, ହୋପ୍- ୧୦୪, ଜାଙ୍ଗୋ- ୧୧୪, କୁଳଦୀପ୍- ୨/୬୫, ଜାଡେଜା- ୨/୭୫)। **ଭାରତ:** ୪୦୬/୨, ୪୩.୩ ଓଭର (ଗିଲ୍- ୨୨୩*, ରୋହିତ୍- ୧୦୧, କୋହଲି- ୨୯, ଗାଏକୱାଡ- ୩୧*, ସାମରା ଜୋସେଫ- ୧/୫୨)।

**ଦିନିକିଆରେ ଦ୍ରୁତତମ ଦ୍ୱିଶତକ**

| ବଲ୍ | ବ୍ୟାଟର | ପ୍ରତିପକ୍ଷ | ବର୍ଷ |
|---|---|---|---|
| ୧୧୭ | ଶୁବମନ ଗିଲ୍ | ୱେଷ୍ଟଇଣ୍ଡିଜ | ୨୦୨୬ |
| ୧୨୬ | ଇଶାନ କିଶାନ | ବାଂଲାଦେଶ | ୨୦୨୨ |
| ୧୨୮ | ଗ୍ଲେନ ମ୍ୟାକ୍ସୱେଲ | ଆଫଗାନିସ୍ତାନ | ୨୦୨୩ |
| ୧୩୬ | ପାଥୁମ ନିଶାଙ୍କ | ଆଫଗାନିସ୍ତାନ | ୨୦୨୪ |
| ୧୩୮ | କ୍ରିସ ଗେଲ୍ | ଜିମ୍ବାୱେ | ୨୦୧୫ |

**ଦିନିକିଆରେ ସର୍ବୋଚ୍ଚ ରନ ଚେଜ୍**

| ଦଳ | ଟାର୍ଗେଟ | ପ୍ରତିପକ୍ଷ | ବର୍ଷ |
|---|---|---|---|
| ଦ.ଆଫ୍ରିକା | ୪୩୫ | ଅଷ୍ଟ୍ରେଲିଆ | ୨୦୦୬ |
| ଭାରତ | ୪୦୬ | ୱେଷ୍ଟଇଣ୍ଡିଜ | ୨୦୨୬ |
| ନେଦରଲାଣ୍ଡସ | ୩୭୫ | ୱେଷ୍ଟଇଣ୍ଡିଜ | ୨୦୨୩ |
| ଦ.ଆଫ୍ରିକା | ୩୭୨ | ଅଷ୍ଟ୍ରେଲିଆ | ୨୦୧୬ |
| ନେଦରଲାଣ୍ଡସ | ୩୭୦ | ସ୍କଟଲାଣ୍ଡ | ୨୦୨୫ |
| ଭାରତ | ୩୬୦ | ଅଷ୍ଟ୍ରେଲିଆ | ୨୦୧୩ |

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY